# ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୧୭/୨୦୧୯ (୨୦ ପୃଷ୍ଠା) Sambalpur, Thursday, October 17 / 2019 ★★

୧୫ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଶିଳାନନ୍ଦଙ୍କ ଗୋଲରେ ଭାରତ ବିଜୟୀ**

ଶିଳାନନ୍ଦ ଲାକ୍ରାଙ୍କ ଡବଲ୍ ଗୋଲ ବଳରେ ଭାରତ ସୁଲତାନ ଜୋହର କପ୍ ହକି ଫାଇନାଲରେ ପ୍ରବେଶ କରିଛି।

୧୮

୧୬

**ସ୍ପୋର୍ଟି ଲୁକ୍‌ରେ ଜାହ୍ନବୀ କପୁର**

ନଭେମ୍ବର ପ୍ରଥମ ସପ୍ତାହରେ ଶୁଟିଂ ଆରମ୍ଭ ହେବାକୁ ଥିବା ଦୋସ୍ତାନା-୨ରେ ଜହ୍ନବୀଙ୍କୁ ସ୍ପୋର୍ଟି ଲୁକ୍‌ରେ ଦର୍ଶକ ଦେଖିବେ । ଏଥିପାଇଁ ସେ ଭାରି ଖୁସି ଅଛନ୍ତି ।



# ସରିଲା ଅଯୋଧ୍ୟା ବିଚାର

## ୪୦ ଦିନର ଶୁଣାଣି ଶେଷ, ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୬।୧୦(ପି.ଟି./ଆଇଏଏନ୍ଏସ୍)**

ସୁପ୍ରିମକୋର୍ଟରେ ୪୦ ଦିନର ମାରାଥନ୍ ଶୁଣାଣି ପରେ ବୁଧବାର ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ମାମଲାର ବିଚାର ଶେଷ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉଭୟ ହିନ୍ଦୁ ଓ ମୁସ୍‌ଲିମ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ଜଷ୍ଟିସ୍ ଗୋଗୋଇ ନଭେମ୍ବର ୧୭ରେ ଅବସର ନେବାକୁ ଥିବାରୁ ଏହା ପୂର୍ବରୁ ଏହି ସମ୍ବେଦନଶୀଳ ମାମଲାର ରାୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

୭୦ ବର୍ଷ ଧରି ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ଅଯୋଧ୍ୟା ଜମି ବିବାଦ ମାମଲା କୋର୍ଟରେ ଛନ୍ଦି ହୋଇ ରହିଥିଲା। ଆପୋସ ବୁଝାମଣା ଜରିଆରେ ସମାଧାନର ବାଟ ଫିଟାଇବା ପାଇଁ ସର୍ବୋଚ୍ଚ ଅଦାଲତ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏଫ୍ଏମ୍ଆଇ କଲିଫୁଲ୍ଲାଙ୍କ ଅଧକ୍ଷତାରେ ଏକ ୩ ଜଣିଆ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ଏଥିରେ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଙ୍ଗ୍ ପ୍ରତିଷ୍ଠାତା ଶ୍ରୀଶ୍ରୀ ରବିଶଙ୍କର ଓ ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ଥିଲେ। ମଧ୍ୟସ୍ଥ କମିଟି ପ୍ରାୟ ୪ ମାସ ଧରି ଚାଲିଥିବା ମଧ୍ୟସ୍ଥ ପ୍ରକ୍ରିୟା ନେଇ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଚୂଡ଼ାନ୍ତ ବୁଝାମଣାରେ ଏହି କମିଟି ବିଫଳ ହେବା ପରେ ଅଗଷ୍ଟ ୬ରେ ମାମଲାର ଦୈନନ୍ଦିନ ଶୁଣାଣି ସର୍ବୋଚ୍ଚ ଅଦାଲତରେ ଆରମ୍ଭ ହୋଇଥିଲା। ସିଜେଆଇ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ମଧ୍ୟ ରହିଛନ୍ତି। ଏହି ପୀଠ ମାମଲାକୁ ଚୂଡ଼ାନ୍ତ ପର୍ଯ୍ୟାୟକୁ ନେବା ପାଇଁ ସମସ୍ତ ପକ୍ଷଙ୍କୁ ଲିଖିତ ଜବାବ ଦାଖଲ ପାଇଁ ୩ ଦିନ ସମୟ ଦେଇଥିଲେ। ଦଶହରା ଛୁଟି ପରେ ଚୂଡ଼ାନ୍ତ ଶୁଣାଣି ଅକ୍ଟୋବର ୧୪ରେ ପୁଣି ଆରମ୍ଭ ହୋଇଥିଲା। ବୁଧବାର ଶୁଣାଣିର ଶେଷ ଦିନ ଅପରାହ୍ଣ ୪ଟାରେ ମୁସ୍‌ଲିମ ପକ୍ଷଙ୍କ ଓକିଲ ରାଜୀବ ଧୱନ ଯୁକ୍ତି ବାଢୁଥିବାବେଳେ ସିଜେଆଇ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ବିଚାର ଶେଷ ହୋଇଛି ଏବଂ ରାୟ ସଂରକ୍ଷିତ ରହିଲା ବୋଲି ଜଷ୍ଟିସ୍ ଗୋଗୋଇ ଘୋଷଣା କରିଛନ୍ତି। ସିଜେଆଇ ଆସନ୍ତା ମାସ ୧୭ରେ ଅବସର ନେବେ। ତେଣୁ ତା' ପୂର୍ବରୁ ସୁପ୍ରିମକୋର୍ଟରେ ବହୁପ୍ରତୀକ୍ଷିତ ଅଯୋଧ୍ୟା ମାମଲାର ରାୟ ଆସିପାରେ।

ପ୍ରକାଶ ଯେ, ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ୪ଟି ପିଟିଶନର ଶୁଣାଣି କରି ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ୩ ପକ୍ଷ (ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମଲାଲା)ଙ୍କ ମଧ୍ୟରେ ସମାନ ୩ ଭାଗ କରି ଦେଇଥିଲେ। ଏହା ବିରୋଧରେ ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର କରାଯାଇଥିଲା।



**ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ**

- ମାସକ ମଧ୍ୟରେ ଆସିବ ରାୟ

## ଭାଜପାରୁ ମୁହଁ ଫେରାଇଲେ ଦାମ



**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ବିଜେଡିରୁ ଯାଇ ଭାଜପାରେ ସାମିଲ ହୋଇଥିବା ବହୁ ବରିଷ୍ଠ ନେତା ବର୍ତ୍ତମାନ ନିଜ ରାସ୍ତା ବଦଳାଇବା ଆରମ୍ଭ କରିଛନ୍ତି। ଦୁଇଦିନ ତଳେ ଭାଜପାରେ ଅଣଦେଖା କରାଯାଉଥିବା ଅଭିଯୋଗ ଉଠାଇ ବରିଷ୍ଠ ନେତା ଅଶୋକ ପାଣିଗ୍ରାହୀ ଦଳରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ବୁଧବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଚଳିତ ବର୍ଷ ଗତ ମାର୍ଚ୍ଚ ୧୪ତାରିଖରେ ଦାମ ଭାଜପା ଦିଲ୍ଲୀ ମୁଖ୍ୟାଳୟଠାରେ ଦଳରେ ସାମିଲ ହୋଇଥିଲେ। ଏହାର ସମାନ ୭ମାସ ପରେ ଦାମ ଭାଜପାରୁ ମୁହଁ ଫେରାଇ ନେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅପରପକ୍ଷରେ ଦାମ ଭାଜପାରେ ମିଶିବା ଭୁଲ୍ ନିଷ୍ପତ୍ତି ଥିଲା ବୋଲି ପାରାଦୀପ ବିଧାୟକ ସମ୍ବିତ ରାଉତ କହିଛନ୍ତି।

ଦାମ ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ, ଦଳ କିମ୍ବା ନେତୃତ୍ୱ ବିରୋଧରେ ନୁହେଁ କୃଷି, ସମବାୟ ଏବଂ ଉଦ୍ୟାନ କୃଷି ବିଭାଗ ଦାୟିତ୍ୱରେ ଥିବା ସମୟରେ ଲଗାମଛଡା ଦୁର୍ନୀତି, ଭ୍ରଷ୍ଟାଚାର ନଜରକୁ ଆସିଥିଲା। ସେଥିଲାଗି ମନ୍ତ୍ରିମଣ୍ଡଳ ଏବଂ ବିଜେଡିରୁ ବହିଷ୍କୃତ ହୋଇଥିଲେ। ☞ପୃଷ୍ଠା-୪

ବେଆଇନ ମଦ କାରବାରର ଖବର ସଂଗ୍ରହ ବେଳେ ହିଂସା

# ଧରିତ୍ରୀ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ



ଚିକିତ୍ସାଧୀନ ଧରିତ୍ରୀ ଖବରଦାତା ଶ୍ରୀହରି ପ୍ରଧାନ ।

**ପାରଳାଖେମୁଣ୍ଡି/ମୋହନା, ୧୬।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)**

- ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି
- ରାଜସ୍ୱ କାର୍ଯ୍ୟାଳୟ, ସ୍କୁଲ ସମ୍ମୁଖରେ ଚାଲିଥିଲା ମଦ କାରବାର
- ମାମଲା ପରେ ୪ ଗିରଫ

ବେଆଇନ ମଦ କାରବାର ବିରୋଧରେ ଖବର ସଂଗ୍ରହ କରିବା ବେଳେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ଗଜପତି ଜିଲା ଚନ୍ଦ୍ରଗିରିର 'ଧରିତ୍ରୀ' ଖବରଦାତା ଶ୍ରୀହରି ପ୍ରଧାନ। ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ଶ୍ରୀହରିଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଦୁଇଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଆର୍‌ଆଇ କାର୍ଯ୍ୟାଳୟ ଏବଂ ସ୍କୁଲ ସମ୍ମୁଖରେ କୋରା ମହାଙ୍କୁଡ଼ ମଦ ବ୍ୟବସାୟ ଚଳାଇଥିଲେ। ଏ ସମ୍ପର୍କରେ ଦୀର୍ଘଦିନ ଧରି ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଗଣମାଧ୍ୟମ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା। ଶ୍ରୀହରି ମଙ୍ଗଳବାର ସକାଳେ ☞ପୃଷ୍ଠା-୪

# ଭୁବନେଶ୍ୱରରେ ରୋବୋଟିକ୍ ରେଷ୍ଟୁରାଣ୍ଟ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

- ଖାଦ୍ୟ ପରଷୁଛି ରୋବୋ
- 'ଆପଣମାନେ ଖୁସି ତ' କହି ଭଲମନ୍ଦ ପଚାରୁଛି
- ପୂର୍ବ ଭାରତରେ ପ୍ରଥମ

ରେଷ୍ଟୁରାଣ୍ଟରେ ୱେଟର୍‌ଙ୍କ ସ୍ଥାନରେ ରୋବୋ। ଓଡ଼ିଆରେ କଥା ହେବାସହ ରେଷ୍ଟୁରାଣ୍ଟ ମଧ୍ୟକୁ ସ୍ୱାଗତ କରୁଛି। ଅର୍ଡର ନେବା ସହ ଖାଦ୍ୟ ମଧ୍ୟ ପରଷୁଛି। ଗ୍ରାହକଙ୍କ ଭଲମନ୍ଦ କଥା ବି ପଚାରି ବୁଝୁଛି। ଭୁବନେଶ୍ୱରରେ ବୁଧବାର ଖୋଲିଥିବା ପୂର୍ବ ଭାରତର ପ୍ରଥମ ରୋବୋଟିକ୍ ରେଷ୍ଟୁରାଣ୍ଟରେ ଗ୍ରାହକ ଏଭଳି ଅନୁଭୂତି ସାଉଁଟିବାର ସୁଯୋଗ ପାଇଛନ୍ତି। ବିଶ୍ୱାସ ନ ହେଉଥିଲେ ବି ଓଡ଼ିଶାବାସୀଙ୍କୁ ପ୍ରଥମଥର ପାଇଁ ନିଆରା ଅନୁଭବ ଦେବାକୁ ଇନ୍‌ଫୋସିଟି ଅଞ୍ଚଳରେ ଖୋଲିଛି ଏହି ଅତ୍ୟାଧୁନିକ ରେଷ୍ଟୁରାଣ୍ଟ 'ରୋବୋସେଫ୍'। ତାହା ପୁଣି ସମ୍ପୂର୍ଣ୍ଣ 'ମେଡ୍ ଇନ୍ ଇଣ୍ଡିଆ' ☞ପୃଷ୍ଠା-୪



- ଜନ୍ମଦିନରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ଫୁଲବାଣୀରେ ହେବ ସରକାରୀ ମେଡିକାଲ କଲେଜ

- ୨୦୨୦ ମାର୍ଚ୍ଚ ୫ ସୁଦ୍ଧା 'ମୋ ସରକାର'ରେ ସାମିଲ ହେବ ସବୁ ବିଭାଗ
- ଚଳିତ ଡିସେମ୍ବର ସୁଦ୍ଧା ଆହୁରି ୫ ବିଭାଗ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଜନ୍ମଦିନ ଅବସରରେ ନୂଆ ଘୋଷଣା କରିଛନ୍ତି। ଏହି ଘୋଷଣା ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ରାଜ୍ୟର ପ୍ରତ୍ୟେକ ଅବିଭକ୍ତ ଜିଲାରେ ଗୋଟିଏ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ କରିବାକୁ ଗୁରୁତ୍ୱ ଦିଆଯାଇଛି। ସେହିକ୍ରମରେ ମୁଖ୍ୟମନ୍ତ୍ରୀ ଫୁଲବାଣୀରେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ କରିବା ନେଇ ବୁଧବାର ଘୋଷଣା କରିଛନ୍ତି। ମୋ ସରକାର କାର୍ଯ୍ୟକ୍ରମ ଜରିଆରେ ଜନତାଙ୍କଠାରୁ ମିଳିଥିବା ପରାମର୍ଶ ଉପାଦେୟ ହେଉଛି। ତେଣୁ ଏହି କାର୍ଯ୍ୟକ୍ରମରେ ଅନ୍ୟ ବିଭାଗଗୁଡିକ ସାମିଲ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଚଳିତବର୍ଷ ଡିସେମ୍ବର ପହିଲା ସୁଦ୍ଧା ଆହୁରି ୫ଟି ବିଭାଗକୁ ମୋ ସରକାର କାର୍ଯ୍ୟକ୍ରମରେ ସାମିଲ କରାଯିବ। ସର୍ବୋପରି ଆସନ୍ତା ୨୦୨୦ ମାର୍ଚ୍ଚ ୫ ସୁଦ୍ଧା ରାଜ୍ୟ ପ୍ରଶାସନର ସମସ୍ତ ବିଭାଗକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ନବୀନ ପଟ୍ଟନାୟକ କହିଛନ୍ତି। ସେହିପରି ☞ପୃଷ୍ଠା-୪

**ହାଇକୋର୍ଟ ଆଇନଜୀବୀଙ୍କ ଆନ୍ଦୋଳନ ୨୧ ପର୍ଯ୍ୟନ୍ତ ବୃଦ୍ଧି**

........ ୩ .........

**ଆଜିର ସମ୍ପାଦକୀୟ**

**କବକ ସଂକ୍ରମଣ**


Vencobb Fresh Chicken — Taste the difference!

16.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 67 | 115 | 125 |
| DKL | 66 | 114 | 124 |
| BDK | 64 | 111 | 121 |
| BLS | 65 | 113 | 123 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply

Issued in the Interest of Consumers


**ଆଜିର ମନ୍ତବ୍ୟ**

"ନ୍ୟାୟପାଳିକାର ଛବି ମଳିନ କରିବା ପାଇଁ ସୋସିଆଲ ମିଡିଆରେ କେତେଜଣ ବ୍ୟକ୍ତି ଉଦ୍ୟମ କରୁଛନ୍ତି।

-ଜଷ୍ଟିସ୍ ଅରୁଣ ମିଶ୍ର, ସୁପ୍ରିମକୋର୍ଟ ବିଚାରପତି

**କିଛି ତଥ୍ୟ**

୨୦୧୨ ତୁଳନାରେ ପଶୁ ସମ୍ପଦ ସଂଖ୍ୟାରେ ୪.୬% ବୃଦ୍ଧି ଘଟି ୫୩.୮୭ କୋଟି ଛୁଇଁଛି।

—ମତ୍ସ୍ୟ, ପଶୁ ପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ




# ଇତିହାସକୁ ସାହିତ୍ୟ ମାଧ୍ୟମରେ ଲୋକପ୍ରିୟ କରିବାକୁ ଚେଷ୍ଟା କରେ

## ନିଜ କଥା



ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ। ୧୯୫୭ ଫେବୃୟାରୀ ୭ରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ପଟ୍ଟନାୟକ କିସ୍‌ଡିମ୍‌ଡ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍‌ଚାନ୍ସଲର ଭାବେ କାର୍ଯ୍ୟରତ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍‌ଏ, ଏମ୍‌ଫିଲ୍, ପିଏଚ୍‌ଡି, ଡିଲିଟ୍ ସାରିବା ପରେ ଗଜପତି ଜିଲା ପାରଳାଖେମୁଣ୍ଡିରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ଏହାପରେ ରେଭେନ୍ସା କଲେଜରେ ୧୯୯୩ ଜଣେ ଯୁବ ପ୍ରାଧ୍ୟାପକ ଭାବେ ଯୋଗଦେଇ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ପରେ ଗଣଶିକ୍ଷା ବିଭାଗର ସିଏଚ୍‌ସିଇର ଅଧ୍ୟକ୍ଷ, ଟିଚର ଏଜୁକେସନ ଆଣ୍ଡ୍ ଏସ୍‌ସିଆର୍‌ଟିର ନିର୍ଦ୍ଦେଶକ, ଷ୍ଟେଟ୍ ସିଲେକ୍ସନ ବୋର୍ଡର ସଭାପତି ରହିଥିଲେ। ଶେଷରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ଚାକିରୀରୁ ଅବସର ନେଇଥିଲେ। ଲେଖାଲେଖିରେ ମଧ୍ୟ ତାଙ୍କର ରୁଚି ରହିଛି। ଏ ପର୍ଯ୍ୟନ୍ତ ପ୍ରଫେସର ପଟ୍ଟନାୟକଙ୍କର ୪୬ଟି ପୁସ୍ତକ ପ୍ରକାଶ ପାଇଛି। ତାଙ୍କର କିଛି ଅଜଣା କଥା ସମ୍ପର୍କରେ ଏଥର 'ନିଜ କଥା'ରେ ଆସନ୍ତୁ ଜାଣିବା।

**ଲେଖିବାର ସ୍ପୃହା କେଉଁଠୁ ଆସିଥିଲା?**

- ମୋର ବାପା ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଜଣେ ଐତିହାସିକ ଓ ସାହିତ୍ୟିକ। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସେହି ବ୍ୟକ୍ତିତ୍ୱଙ୍କ ଦ୍ୱାରା ମୁଁ ଅନୁପ୍ରାଣିତ ହୋଇଛି। ସେ ମୋ ପ୍ରେରଣା ବୋଲି ମନେ କରେ।

**ଆପଣ ଲେଖା ମାଧ୍ୟମରେ କ'ଣ ବାର୍ତ୍ତା ଦେବାକୁ ଚାହାନ୍ତି?**

- ଯେଉଁମାନେ ପାଠ ପଢୁଛନ୍ତି ସେମାନେ କେବଳ ଇତିହାସ ପଢ଼ିବା ଉଚିତ ଓ ଇତିହାସ କେବଳ ପାଠ୍ୟ ପୁସ୍ତକରେ ଥାଏ ବୋଲି ଅନେକ ମନେ କରନ୍ତି। କିନ୍ତୁ ଇତିହାସରୁ ଅନେକ କିଛି ଶିଖିବାର ଅଛି। ତେଣୁ ଇତିହାସକୁ କିଭଳି ଲୋକପ୍ରିୟ କରାଯାଇପାରିବ ମୁଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଲି। ଇତିହାସକୁ ସାହିତ୍ୟ ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଛି।

**କ'ଣ ଖାଇବାକୁ ପସନ୍ଦ କରନ୍ତି?**

- ଦେଶୀ ମାଛ ମୋର ପ୍ରିୟ ଖାଦ୍ୟ

**ପତ୍ନୀଙ୍କ ହାତ ତିଆରି କେଉଁ ଖାଦ୍ୟ ବେଶୀ ପସନ୍ଦ?**

- ସବୁ ପ୍ରକାର ରୋଷେଇ ଭଲ କରନ୍ତି। ତେବେ ମଟନ ବିରିୟାନୀ ଅଧିକ ଭଲଲାଗେ।

**ବାହାରକୁ ଯିବାକୁ ପସନ୍ଦ କରନ୍ତି?**

- ହଁ। ଦେଶର ବିଭିନ୍ନ ସ୍ଥାନ ବୁଲିବା ସହିତ ପ୍ରାୟ ୧୫ଟି ଦେଶ ପରିଭ୍ରମଣ କରିଛି। ଯେଉଁ ସ୍ଥାନକୁ ବି ଯାଇଛି, ସେଠାରେ ଓଡ଼ିଶା ସଂସ୍କୃତିକୁ କିପରି ବ୍ୟବହାର କରୁଛନ୍ତି ତା' ଉପରେ ଗବେଷଣା କରିଛି।

**ଫିଲ୍ମ ଦେଖିବାକୁ ପସନ୍ଦ କରନ୍ତି?**

- ହଁ। ପୁରୁଣା ଫିଲ୍ମ ଦେଖିବାକୁ ଭଲଲାଗେ। କାରଣ ବର୍ତ୍ତମାନ ଫିଲ୍ମରେ କାହାଣୀ କମ୍, ଏଣ୍ଟରଟେନ୍‌ମେଣ୍ଟ ଅଧିକ। ସେତେବେଳର ଫିଲ୍ମ ମାଧ୍ୟମରେ ସାମାଜିକ ବାର୍ତ୍ତା ଦିଆଯାଉଥିଲା। ଶରତ ପୁଜାରୀ ଓ ଝରଣା ଦାସ ମୋର ପ୍ରିୟ କଳାକାର।

**ସମୟ ମିଳିଲେ କ'ଣ କରନ୍ତି?**

- ସମୟ ମିଳିଲେ ଲେଖାଲେଖି କରିଥାଏ।

**ସ୍ମରଣୀୟ ମୁହୂର୍ତ୍ତ ସମ୍ପର୍କରେ ?**

- ବାପାଙ୍କ ଦେହାନ୍ତ। କୋମାରେ ପଡ଼ିଥିଲେ। କିନ୍ତୁ ତାଙ୍କର କଣ ରୋଗ ହୋଇଛି ଶେଷ ପର୍ଯ୍ୟନ୍ତ କୌଣସି ଡାକ୍ତର ନିରୁପଣ କରିପାରିଲେ ନାହିଁ। ତାଙ୍କୁ ଦିଲ୍ଲୀ ଏମ୍ସରେ ଚିକିତ୍ସା କରିବାକୁ ନେବା ପାଇଁ ଚାହିଁଥିଲୁ। କିନ୍ତୁ ତାଙ୍କର ସ୍ୱାସ୍ଥ୍ୟବସ୍ଥାକୁ ଦେଖି ପାଇଲଟ୍ ଛାଡ଼ିନଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ମୋ ପାଇଁ ସବୁବେଳେ ଦୁଃଖଦାୟକ ସ୍ମୃତି ହୋଇ ରହିବ। ତାଙ୍କ ପାଇଁ କିଛି କରିପାରିଲୁନି ବୋଲି ସବୁବେଳେ ଭାବେ।

**ଖବରକାଗଜରେ କେଉଁ ଅଂଶକୁ ପଢ଼ିବାକୁ ପସନ୍ଦ କରନ୍ତି ?**

- ମୁଁ 'ଧରିତ୍ରୀ' ଖବରକାଗଜ ପଢ଼ିବାକୁ ପସନ୍ଦ କରେ। କାରଣ ଏହା ଗୋଟିଏ ମାତ୍ର କବରକାଗଜ ଯାହା ନିରପେକ୍ଷ ଖବର ପ୍ରକାଶ କରିଥାଏ। ଏହାର ସମ୍ପାଦକୀୟ ଓ ଫିଚର ଷ୍ଟୋରୀ ପଢ଼ିବାକୁ ଭଲଲାଗେ।

– ଅସମାପିକା ସାହୁ

## ଖାଦ୍ୟରୁଚି

# ତାୱା ଫ୍ରାଏଡଖଇଙ୍ଗା

ସୁଆଦିଆ ଖାଦ୍ୟ ଖାଇବାକୁ ସମସ୍ତେ ଇଚ୍ଛା ରଖିଥାନ୍ତି। ସେଥିପାଇଁ ଯେଉଁ ହୋଟେଲ ବା ରେଷ୍ଟୁରାଣ୍ଟରେ ସୁସ୍ୱାଦୁ ଖାଦ୍ୟ ମିଳେ ସେଠାରେ ଗ୍ରାହକଙ୍କ ବେଶ୍ ଭିଡ଼ ଜମେ। ପର୍ଯ୍ୟଟକଙ୍କ ସହର ପୁରୀରେ ଶହଶହ ହୋଟେଲ ଓ ରେଷ୍ଟୁରାଣ୍ଟରେ ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ। ପୁରୀ ସି ବିଚ୍ ରୋଡ୍‌ରେ ରହିଛି ହୋଟେଲ ମହୋଦଧି ପ୍ୟାଲେସ। ଏଠାରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଏ। ତେବେ ହୋଟେଲର ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ତାୱା ଫ୍ରାଏଡ୍ ଖଇଙ୍ଗା। ଏହି ଇଣ୍ଡିଆନ୍ ଡିସ୍ ପ୍ଲେଟ୍ ଦାମ୍ ୪୦୦ ଟଙ୍କା ରହିଥିବାବେଳେ ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ହରେକୃଷ୍ଣ ମହାନ୍ତି କୁହନ୍ତି...

### ଆବଶ୍ୟକ ସାମଗ୍ରୀ

- ଖଇଙ୍ଗା ମାଛ : ୧ଟି (୪୦୦ ଗ୍ରାମ୍)
- ସୋରିଷ ତେଲ: ୩୦ ମିଲିଗ୍ରାମ୍
- ବଟା ସୋରିଷ: ୨୦ ଗ୍ରାମ୍
- ଅଦା ଓ ରସୁଣ ପେଷ୍ଟ: ୨୦ ଗ୍ରାମ୍
- ନାଲି ଲଙ୍କା ଗୁଣ୍ଡ: ୫ ଗ୍ରାମ୍
- ଧନିଆପତ୍ର: ୫ ଗ୍ରାମ୍
- ଜିରା ଗୁଣ୍ଡ: ୫ ଗ୍ରାମ୍
- ହଳଦୀ ଗୁଣ୍ଡ: ୫ ଗ୍ରାମ୍
- ଲେମ୍ବୁ: ୧ଟି
- ପିଆଜ ରିଙ୍ଗ ସାଇଜ୍: ୧ଟି
- ଧନିଆପତ୍ର ଚପ୍: ୬ ପାଖୁଡ଼ା
- ସ୍ୱାଦ ଅନୁଯାୟୀ ଲୁଣ



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗୋଟା ମାଛକୁ ଭଲ ଭାବେ କାତି ଛଡାଇ ଦିଅନ୍ତୁ। ଏହାକୁ ଧୋଇ ଛୁରିରେ କଟା ଦାଗ ଦିଅନ୍ତୁ, ଯେପରି ମ୍ୟାରିନେଟ କଲାବେଳେ ମସଲା ମାଛ ମଧ୍ୟକୁ ଭଲ ଭାବେ ଯାଇପାରିବ। ଏହାପରେ ଏକ ପାତ୍ରରେ ଅଦାରସୁଣ ପେଷ୍ଟ, ଜିରାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ସୋରିଷ ପେଷ୍ଟ, ଚପ୍ ଧନିଆପତ୍ର, ଅଧା ଲେମ୍ବୁ ଏବଂ ୧୦ ମିଲିଗ୍ରାମ୍ ସୋରିଷ ତେଲ ଦେଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏଥିରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଭଲ ଭାବେ ମିଶ୍ରଣ ହେବା ପରେ ଏହାକୁ ଗୋଟା ଖଇଙ୍ଗା ମାଛ ଉପରେ ଲେପ ଦିଅନ୍ତୁ। ଏହାପରେ ଗରମ ତାୱାରେ ଅବଶିଷ୍ଟ ତେଲ ପକାଇ ଗରମ କରନ୍ତୁ। ମ୍ୟାରିନେଟ ହୋଇଥିବା ମାଛକୁ ତେଲରେ ପକାନ୍ତୁ ଏବଂ ପ୍ରତି ଦୁଇ ତିନି ମିନିଟ୍‌ରେ ଓଲଟ ପାଲଟ କରନ୍ତୁ। ମାଛଟି ସମ୍ପୂର୍ଣ୍ଣ ଭାବେ ଫ୍ରାଏଡ୍ ହୋଇଗଲା ପରେ ଏହାକୁ ଏକ ପ୍ଲେଟ୍‌ରେ ବାହାର କରି ରଖନ୍ତୁ। ରିଙ୍ଗ୍ ଓନିଅନ୍ ଓ ଲେମନ୍ ସ୍ଲାଇସ ସହିତ ପରଷି ଦିଅନ୍ତୁ।



ମାଷ୍ଟର ସେଫ
ହରେକୃଷ୍ଣ ମହାନ୍ତି

ରିପୋର୍ଟ: ହେମନ୍ତ ନାୟକ

# ନୃତ୍ୟ ନାୟିକା ମଧୁଲିତା





କଳାହାଣ୍ଡିର ଝିଅ ମଧୁଲିତା। ଜନ୍ମ ୧୯୭୮। ପିଲାଟି ଦିନୁ ନୃତ୍ୟ ପ୍ରତି ତାଙ୍କର ବେଶ୍ ଆଗ୍ରହ ଥିଲା। ନୃତ୍ୟ ଶିଖିବା ପାଇଁ ସେ ବାପାଙ୍କ ପାଖରେ ଅଳି କରୁଥିଲେ। ମାତ୍ର ସେତେବେଳେ ସେମିତି କୌଣସି ସୁବିଧା ସୁଯୋଗ ନ ଥିଲା। ସେଥିପାଇଁ ତାଙ୍କୁ ବହୁ ଦିନ ଅପେକ୍ଷା କରିବାକୁ ପଡିଥିଲା। ପ୍ରଥମେ ସେ ସମ୍ବଲପୁରୀ ଲୋକନୃତ୍ୟରେ ତାଲିମ ନେବା ଆରମ୍ଭ କରିଥିଲେ। ତାଙ୍କ ପ୍ରଥମ ଗୁରୁ ଥିଲେ ଭୀମସେନ ସାହୁ। ଧୀରେ ଧୀରେ ସେ ଗୋଟିଏ ପରେ ଗୋଟିଏ ମଞ୍ଚରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବହୁ ପ୍ରଶଂସା ସାଉଁଟିବା ପରେ ମଧୁଲିତାଙ୍କ ଆଶା ପୂରଣ ହୋଇଥିଲା। ତାଙ୍କୁ ଯେତେବେଳେ ୧୯ ବର୍ଷ ବୟସ ସେ ଭବାନୀପାଟଣାର କଳାକେନ୍ଦ୍ରରେ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲେ। ତାଙ୍କ ଗୁରୁ ଥିଲେ କୃଷ୍ଣ ଚନ୍ଦ୍ର ସାହୁ। ସେଦିନଠାରୁ ମଧୁଲିତା ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଜଣେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ସେ ନିଜର ଆସନକୁ ମଜଭୁତ କରିଚାଲିଛନ୍ତି। ସେଥିପାଇଁ ଚଳିତବର୍ଷ ତାଙ୍କୁ ସମ୍ମାନଜନକ ଓସ୍ତାଦ୍ ବିସ୍‌ମିଲ୍ଲା ଖାଁ ଯୁବ ପୁରସ୍କାରରେ ସମ୍ମାନିତ କରାଯାଇଛି। ୨୦୧୯ ଅଗଷ୍ଟ ୧୯ ରେ ମଣିପୁରର ଇମ୍ଫାଲ ଜେଏନ୍‌ଏମ୍‌ଡିଏ ଅଡିଟୋରିୟମ୍‌ରେ ତାଙ୍କୁ ମଣିପୁରର ରାଜ୍ୟପାଳ ଡ. ନଜମା ହେପତୁଲ୍ଲା ଏହି ଯୁବ ପୁରସ୍କାର ପ୍ରଦାନ କରିଥିଲେ। ସେହି ଉତ୍ସବରେ କେନ୍ଦ୍ରୀୟ ସଂଗୀତ ନାଟକ ଏକାଡେମୀର ଅଧ୍ୟକ୍ଷ ଶେଖର ସେନ ମଧ୍ୟ ଉପସ୍ଥିତ ଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ଓଡ଼ିଶୀ ନୃତ୍ୟ ତାଙ୍କୁ ଏ ଦିଗରେ ଅନୁପ୍ରାଣିତ କରିଥିବା କଥା କୁହନ୍ତି ମଧୁଲିତା। ୩ ବର୍ଷ ଭବାନୀପାଟଣାରେ ଓଡ଼ିଶୀ ଶିଖିବା ପରେ ସେ ଭୁବନେଶ୍ୱର ଚାଲି ଆସିଥିଲେ। ନିଜ ପାଠପଢା ସହିତ ଭୁବନେଶ୍ୱରରେ ଓଡିଶା ଡ୍ୟାନ୍ସ ଏକାଡେମିରେ ଗୁରୁ ଗଙ୍ଗାଧର ପ୍ରଧାନ, ଗୁରୁ ଅରୁଣା ମହାନ୍ତି ଓ ପବିତ୍ର କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ସେ ତାଙ୍କ ଓଡିଶୀ ନୃତ୍ୟ ଶିକ୍ଷା ଜାରି ରଖିଲେ। ନୃତ୍ୟ ପ୍ରତି ତାଙ୍କର ନିଷ୍ଠା ଓ ଆଗ୍ରହ ତାଙ୍କୁ ଦେଶ ବିଦେଶରେ ପରିଚିତ କରାଇପାରିଛି। ସେ ଆମେରିକା, ଲଣ୍ଡନ, ମାଲେସିଆ ଓ ସିଙ୍ଗାପୁର ଆଦି ବିଭିନ୍ନ ସ୍ଥାନରେ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ଅନେକ ପ୍ରଶଂସା ପାଇଛନ୍ତି। ସେ ଜଣେ ନୃତ୍ୟଶିଳ୍ପୀ ସହିତ କୋରିଓଗ୍ରାଫର ମଧ୍ୟ। ଓଡ଼ିଶୀ ଶିଖିବାର ଆଗ୍ରହ, ଗୁରୁଙ୍କ ଭଲପାଇବା ଓ ଈଶ୍ୱରଙ୍କ ଆଶୀର୍ବାଦ ହିଁ ତାଙ୍କୁ ଏ ଦିଗରେ ପ୍ରେରଣା ଦେଇଛି ବୋଲି ମଧୁଲିତା କୁହନ୍ତି। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନୃତ୍ୟ ଜାରି ରଖିବା ଓ ନୃତ୍ୟଶୈଳୀରେ କିଛି ନୂଆ ନୂଆ ଶୈଳୀର ନିବେଶ ହିଁ ତାଙ୍କର ସ୍ୱପ୍ନ ବୋଲି ସେ କୁହନ୍ତି।

ରିପୋର୍ଟ– ସଞ୍ଜୀବ କୁମାର ଯୋଷୀ

### ସମ୍ମାନ ଓ ସ୍ୱୀକୃତି

ବିଶ୍ୱର ବିଭିନ୍ନ ସ୍ଥାନରେ ଓଡିଶୀ ନୃତ୍ୟ ପରିବେଷଣ କରି ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେଥିମଧ୍ୟରୁ ଆର୍ଯ୍ୟ ଆୱାର୍ଡ (୨୦୧୯), ଜିଟିଏଫ୍ ଓମେନ୍ ଏକ୍ସଲେନ୍ସ ଆୱାର୍ଡ, ଆରତୀ କଳା ସମ୍ମାନ, ରତ୍ନ ଇନ୍ ଫୋନିକ୍ସ ଆରିଜୋନା, ୟୁଏସ୍‌ଏ ଇନ୍ ୨୦୧୮, ଗୁରୁ ସୁରେନ୍ଦ୍ର ନାଥ ଜେନା ଆୱାର୍ଡ (୨୦୧୮) ଅନ୍ୟତମ।

### ନୃତ୍ୟାନ୍ତର ଏକାଡେମୀ

୨୦୦୯ରେ ମଧୁଲିତାଙ୍କ ବିବାହ ହୋଇଥିଲା। ସେଦିନଠାରୁ ସେ ବେଙ୍ଗାଲୁରୁରେ ରହି ଆସୁଛନ୍ତି। ଓଡ଼ିଶାଠାରୁ ଦୂରରେ ରହିଲେ ମଧ୍ୟ ଓଡ଼ିଶୀକୁ ସେ ଛାଡ଼ି ପାରିନାହାନ୍ତି। ସେଠାରେ ସେ ଖୋଲିଛନ୍ତି ନୃତ୍ୟାନ୍ତର ଏକାଡେମି ନାମରେ ଏକ ଓଡିଶୀ ନୃତ୍ୟାନୁଷ୍ଠାନ। ଏବେ ଏହି ଅନୁଷ୍ଠାନରେ ୨ଶହରୁ ଅଧିକ ଛାତ୍ରୀଛାତ୍ର ଓଡ଼ିଶୀ ଶିଖୁଛନ୍ତି। ଏହି କଳାକେନ୍ଦ୍ରର ପରିଚାଳନା ସହିତ ବେଙ୍ଗାଲୁରୁରେ ଥିବା କେତେକ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସେ ଓଡ଼ିଶୀ ନୃତ୍ୟ ତାଲିମ ଦେଉଛନ୍ତି।

# ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ବିଶ୍ୱରଞ୍ଜନ



ଅସପାଙ୍ଗ



ଦୁଲେମଣି



ପ୍ରଦୀପ



ଟିଙ୍କୁନୁ



ପ୍ରତୀକ୍ଷା



ଶ୍ରୀପାନ




■ ଦାଉ ସାଧୁଛି ପ୍ରାକୃତିକ ବିପତ୍ତି

# ୫ବର୍ଷରେ ଗଲାଣି ୯ ହଜାର ଜୀବନ

■ ରୋକି ହେଉନି ଡଙ୍ଗାବୁଡ଼ି
■ ସଂଶୋଧନ ହେବ ଓଡ଼ିଶା ବୋଟ୍ ରୁଲ୍-୨୦୧୯

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ରାଜ୍ୟକୁ ବନ୍ୟା, ବାତ୍ୟା, ମରୁଡ଼ି, ଅଂଶୁଘାତ ଭଳି ପ୍ରାକୃତିକ ବିପତ୍ତି ଘେରି ରହିଛି। ଏଥିଯୋଗୁ କେବଳ ଧନସମ୍ପତ୍ତି ନଷ୍ଟ ହେଉଛି ତାହା ନୁହେଁ, ବହୁମୂଲ୍ୟ ଜୀବନ ମଧ ହରାଇବାକୁ ପଡୁଛି। ଗତ ୫ ବର୍ଷ ମଧରେ ରାଜ୍ୟରେ ଅଂଶୁଘାତ, ସାପ କାମୁଡା, ପାଣିରେ ବୁଡି, ବନ୍ୟା ପାଣିରେ ଭାସିଯାଇ, ବଜ୍ରପାତ, ପୋଡ଼ିହୋଇ, ଘୂର୍ଣ୍ଣିଝଡ଼ , ମାଟି ଅତଡ଼ା ଧସି ଏବଂ ଡଙ୍ଗାବୁଡ଼ି ଘଟଣାରେ ୮ ହଜାର ୮୩୬ ଜଣଙ୍କ ପ୍ରାଣହାନି ହୋଇଛି। ଏହାଛଡ଼ା ଡଙ୍ଗାବୁଡ଼ି ଭଳି ଘଟଣା ଯୋଗୁ ମଧ ବହୁ ଜୀବନ ଅକାଳରେ ଚାଲିଯାଉଛି।

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସାପ କାମୁଡ଼ାରେ ସର୍ବାଧିକ ୩୨୦୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପାଣିରେ ବୁଡ଼ି ୨୯୯୧, ଅଂଶୁଘାତରେ ୨୦୦, ବନ୍ୟାରେ ଭାସିଯାଇ ୫୬, ବଜ୍ରପାତରେ ୧୮୨୦, ନିଆଁରେ ପୋଡ଼ିହୋଇ ୩୭୨, ଝଡ଼ବର୍ଷା ଯୋଗୁ ୩୫, ମାଟି ଅତଡା ଧସି ୯ ଜଣ ଏବଂ ଡଙ୍ଗାବୁଡ଼ି ୧୪୬ ଜଣଙ୍କ ଜୀବନ ଯାଇଛି।

ଅଂଶୁଘାତରେ ଗଞ୍ଜାମ ଜିଲାରେ ସର୍ବାଧିକ ୨୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବାଲେଶ୍ୱର ଜିଲାରେ ପାଣିରେ ବୁଡି ୨୫୪ ଜଣଙ୍କ ମୃତ୍ୟୁ ହୋଇଛି। ସାପ କାମୁଡ଼ା ଘଟଣା ରାଜ୍ୟରେ ଏକ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଅନ୍ଧ ବିଶ୍ୱାସ ଏବଂ ଉପଯୁକ୍ତ ସମୟରେ ଚିକିତ୍ସା ଅଭାବ ଯୋଗୁ ରାଜ୍ୟରେ ବହୁ ଲୋକ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁମୁଖରେ ପଡୁଛନ୍ତି। ଗତ ୫ ବର୍ଷ ମଧରେ ୩ ହଜାର ୨୦୭ ଜଣଙ୍କ ସର୍ପ ଦଂଶନରେ ମୃତ୍ୟୁ ହୋଇଛି। ତେବେ ଏହା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଇ ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୫-୧୬ରେ ସାପ କାମୁଡ଼ାରେ ରାଜ୍ୟରେ ୪୮୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୬-୧୭ରେ ୬୦୮, ୨୦୧୭-୧୮ରେ ୮୩୪, ୨୦୧୮-୧୯ରେ ୮୬୩ ଏବଂ ୨୦୧୯ ଅକ୍ଟୋବର ୧୬ ମଧରେ ୪୨୦ ଜଣଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୮୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମ ୨୭୮, ବାଲେଶ୍ୱର ୨୫୭, ଭଦ୍ରକ ୧୮୨, କଟକ ୧୪୯, ଢେଙ୍କାନାଳ ୧୩୬, ଯାଜପୁର ୧୭୫, କେନ୍ଦ୍ରାପଡ଼ା ୧୨୫, କେନ୍ଦୁଝର ୨୩୨, ନବରଙ୍ଗପୁର ୧୩୧, ପୁରୀ ୧୧୬, ସମ୍ବଲପୁର ୧୪୧ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୧୪୮ ଜଣଙ୍କ ମୃତ୍ୟୁ ହୋଇଛି। ଡାକ୍ତରଖାନାରେ ଇଞ୍ଜେକ୍ସନ ଅଭାବ ଯୋଗୁ ଅନେକ ସମୟରେ ରୋଗୀ ମୃତ୍ୟୁ ମୁଖରେ ପଡୁଥିବା ନେଇ ଅଭିଯୋଗ ହୋଉଛି।

ବଜ୍ରପାତ ମଧ ଅନ୍ୟ ଏକ ଭୟଙ୍କର ବିପତ୍ତି ଭାବେ ଉଭା ହେଲାଣି। ଏହି ମୃତ୍ୟୁହାର ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି। ସୂଚନା ମୁତାବକ ୨୦୧୫-୧୬ରେ ୪୦୨ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବାବେଳେ ୨୦୧୬-୧୭ରେ ୪୦୧, ୨୦୧୭-୧୮ରେ ୪୬୭, ୨୦୧୮-୧୯ରେ ୩୩୧ ଏବଂ ୨୦୧୯ ଅକ୍ଟୋବର ୧୬ ଯାଏ ୨୧୯ ଜଣଙ୍କ ମୃତ୍ୟୁ ହୋଇଛି।

ଡଙ୍ଗାବୁଡ଼ି ଘଟଣା ଏକ ପ୍ରାକୃତିକ ବିପତ୍ତି ହୋଇ ନ ଥିଲେ ମଧ ରାଜ୍ୟରେ ଏଥିଯୋଗୁ ଘଟୁଥିବା ମୃତ୍ୟୁହାର ମଧ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ୨୦୧୧-୧୨ରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୪୬ ଜଣଙ୍କର ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ହେଲାଣି। ସମ୍ବଲପୁରରେ ସର୍ବାଧିକ ୩୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଢେଙ୍କାନାଳ ୧୧, କେନ୍ଦ୍ରାପଡା ୧୨, କୋରାପୁଟ ୨୦, ମାଲକାନଗିରିରେ ସର୍ବାଧିକ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ଜିଲା ପ୍ରଶାସନ ବେଆଇନ ଡଙ୍ଗା ଉପରେ କଟକଣା ଲଗାଇବାରେ ବିଫଳ ହେଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଛି।

ଏହାକୁ ଦୃଷ୍ଟିରେ ରଖି ବେଆଇନ ଡଙ୍ଗା ଚଳାଚଳକୁ ରୋକିବାକୁ ରାଜ୍ୟ ସରକାର ଚଳିତ ବର୍ଷ ଓଡ଼ିଶା ବୋଟ୍ ରୁଲ୍-୨୦୦୪କୁ ସଂଶୋଧନ କରି ଓଡ଼ିଶା ବୋଟ୍(ସଂଶୋଧିତ) ରୁଲ୍-୨୦୧୯ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପ୍ରସ୍ତୁତି ଶେଷ ହୋଇଛି। ଏହି ସଂଶୋଧିତ ରୁଲରେ ଡଙ୍ଗା ଓ ଏହାର ଚାଳକଙ୍କ ପାଇଁ କେତେକ ଗାଇଡ ଲାଇନ ପ୍ରସ୍ତୁତ କରାଯାଇଛି। ଡଙ୍ଗାଗୁଡ଼ିକୁ ପଞ୍ଜୀକରଣ କରାଯିବା ସହ ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଅକ୍ଷରରେ ପଞ୍ଜୀକରଣ ନମ୍ବର ଲେଖିବାକୁ ପଡ଼ିବ। ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେବା ସହ ବେଆଇନ ଡଙ୍ଗା ବିରୋଧରେ କଠୋର ପଦକ୍ଷେପ ନେବାକୁ ମଧ ରୁଲରେ ବ୍ୟବସ୍ଥା କରାଯାଇଛି।

# ଆଜି ବିଜେପୁର ଆସୁଛନ୍ତି ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ,୧୬।୧୦**



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ ।

**୪୩ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେବେ**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉ ମାତ୍ର ୫ଦିନ ବାକି ରହିଲା। ନିର୍ବାଚନ ଯେଭଳି ପାଖେଇ ଆସୁଛି, ଅନୁରୂପ ଭାବେ ପ୍ରଚାର ମଧ୍ୟ ଜୋର୍ ଧରିଛି। ଏହି କ୍ରମରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପ୍ରଚାର ପାଇଁ ୨ଦିନିଆ ବରଗଡ଼ରେ ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଏହି ଗସ୍ତରେ ବିଜେପୁର ନିର୍ବାଚନ ମଣ୍ଡଳୀ ଅଧୀନ ବିଜେପୁର, ବରପାଲି ଓ ଗାଇସିଲେଟ୍ ଅଞ୍ଚଳରେ ରୋଡ୍ ଶୋ କରିବା ସହିତ ୪୩ଟି ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ବୁଧବାର ବରଗଡ଼ର ଏକ ହୋଟେଲ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡ଼ି ରାଜ୍ୟ ଉପସଭାପତି ତଥା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ବିଜେପୁର ବ୍ଲକ ଲାଉମୁଣ୍ଡାର ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇବେ ଏବଂ ସେଠାରୁ ପ୍ରଚାରରେ ବାହାରିବେ । ଗୁରୁବାର ପ୍ରାୟ ସାଢ଼େ ୭ଘଣ୍ଟାର ପ୍ରଚାର ସାରିବା ପରେ ମୁଖ୍ୟମନ୍ତ୍ରୀ ବରଗଡ଼ ସହରସ୍ଥିତ ପିଡବ୍ଲୁଡ଼ି ଡାକବଙ୍ଗଳାରେ ରାତ୍ରିଯାପନ କରିବେ । ସେହିପରି ଶୁକ୍ରବାର ଗାଇସିଲେଟ୍ ବ୍ଲକରେ ୪ ଘଣ୍ଟାର ପ୍ରଚାର ସାରିବା ପରେ ଗୁଦେରପାଲିର ଅସ୍ଥାୟୀ ହେଲିପ୍ୟାଡ଼ରୁ ହେଲିକପ୍ଟର ଯୋଗେ ନବୀନ ନିବାସ ଫେରିବା କାର୍ଯ୍ୟକ୍ରମ ରହିଥିବା ଆଚାର୍ଯ୍ୟ ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା ଏବଂ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

## ୧୮ରେ ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ

**ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)**

ବିଜେପୁର ଉପନିର୍ବାଚନ ଆସନ୍ତା ୨୧ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏନେଇ ପ୍ରଚାର ଜୋର୍‌ଦାର ହୋଇଛି। ଭାଜପା ଷ୍ଟାର କ୍ୟାମ୍ପେନ ତାଲିକାର ସର୍ବାଗ୍ରେ କେତେଜଣ କେନ୍ଦ୍ରୀୟ ନେତାଙ୍କ ନାମ ଥିବାସତ୍ତ୍ୱେ ସେମାନେ ପ୍ରଚାର ପାଇଁ ଆସୁନାହାନ୍ତି। କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୧୧ତାରିଖରେ ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କ ଲାଗି ପ୍ରଚାର କରିବାକୁ ବିଜେପୁର ଯାଇଥିଲେ। ଆସନ୍ତା ୧୮ତାରିଖରେ ଧର୍ମେନ୍ଦ୍ର ପୁଣିଥରେ ବିଜେପୁର ଯିବେ। ସେ ସକାଳ ୧୦ଟାରେ ବିଜେପୁର ଏନ୍‌ଏସି ଏବଂ ଅପରାହ୍ନ ୨ଟାରେ ବରପାଲିର ବନ୍ଧପାଲିଠାରେ ରୋଡ ଶୋ'ରେ ସାମିଲ ହେବେ । ଅପରାହ୍ନ ୨.୩୦ରେ ଗୋପେଇପାଲିରେ ରୋଡ ଶୋ' କରିବେ । ଶେଷରେ ଅପରାହ୍ନ ୪ଟାରେ ବରପାଲି ଏନଏସିଠାରେ ରୋଡ ଶୋ'ରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

# ଓପନ୍ ଲର୍ନିଂ ସିଷ୍ଟମରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ



ଓପନ୍ ଲର୍ନିଂ ସିଷ୍ଟମରେ କେକ୍ କାଟି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଉଛି।

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତି ଓପନ୍ ଲର୍ନିଂ ସିଷ୍ଟମରେ ଛୋଟ ପିଲାମାନଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ବୁଧବାର ପାଳନ କରାଯାଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପୃଷ୍ଠପୋଷକତାରେ ଭିନ୍ନକ୍ଷମ ଏବଂ ମାନସିକ ଅନଗ୍ରସର ପିଲାମାନଙ୍କ ସର୍ବାଙ୍ଗୀନ ଅଭିବୃଦ୍ଧି ପାଇଁ ଏହାର ପରିକଳ୍ପନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ନବନିଯୁକ୍ତ ଅଧ୍ୟକ୍ଷ ଏବଂ ଉପଦେଷ୍ଟାମାନେ ସେମାନଙ୍କ ଗହଣରେ ଜନ୍ମଦିନ ପାଳନ କରୁଥିବାରୁ ପିଲାମାନେ ଖୁସି ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ଓଡ଼ିଶା ରିଭ୍ୟୁ' ଓ 'ଉତ୍କଳ ପ୍ରସଙ୍ଗ' ସମ୍ପାଦକ ଡ. ଲେନିନ୍ ମହାନ୍ତି, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ବିଜୟ ନାୟକ, ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ମହିଳା ଓ ଶିଶୁ ବିକାଶ ଉପଦେଷ୍ଟା ସୁଲତା ଦେଓ ଏବଂ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ହାଇକୋର୍ଟ ଆଇନଜୀବୀଙ୍କ ଆନ୍ଦୋଳନ ୨୧ପର୍ଯ୍ୟନ୍ତ ବୃଦ୍ଧି



■ ରାଜ୍ୟ ଆଇନ ମନ୍ତ୍ରୀଙ୍କ ସହ ସଂଘ କର୍ମକର୍ତ୍ତାଙ୍କ ସାକ୍ଷାତ ଆଜି
■ ଶୁକ୍ରବାର ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ପାଇଁ ଆହ୍ୱାନ

**କଟକ ଅଫିସ, ୧୬।୧୦:** ଓଡ଼ିଶା ହାଇକୋର୍ଟଙ୍କ ପୂର୍ଣ୍ଣ ଖଣ୍ଡପୀଠ ମଙ୍ଗଳବାର ନିଜଆଡୁ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ୍‌ଙ୍କ ପକ୍ଷରୁ ଆଗତ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସହ ରାଜ୍ୟର ୬୮ଟି ବାର୍ ଆସୋସିଏଶନକୁ ନୋଟିସ୍ ଜାରି କରିଛନ୍ତି। ଏହି ମାମଲାରେ ହାଇକୋର୍ଟ ରାଜ୍ୟ ସରକାର, ରାଜ୍ୟ ମୁଖ୍ୟ ଶାସନ ସଚିବ, ଆଇନ ସଚିବ ପ୍ରମୁଖଙ୍କ ସହ ୧୩୬ ପ୍ରତିପକ୍ଷଙ୍କୁ ନୋଟିସ ମଧ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୧ ତାରିଖକୁ ଧାର୍ଯ୍ୟ ହୋଇଥିବାବେଳେ ବୁଧବାର ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋର୍ଟ ବର୍ଜନ ଆନ୍ଦୋଳନକୁ ୨୧ପର୍ଯ୍ୟନ୍ତ ମଧ ବୃଦ୍ଧି କରାଯାଇଛି। ତେବେ ଆସନ୍ତା ୧୮ତାରିଖରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ରାଜ୍ୟର ସମସ୍ତ ୧୪୬ଟି ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ସ୍ଥିର କରାଯାଇଛି। ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ବୈଠକରେ ହାଇକୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ନୋଟିସର ଜବାବ ଦେବା ସମ୍ପର୍କରେ ଆଲୋଚନା କରାଯିବ। ସେହିପରି ଏହି ଦିନ ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ଅଦାଲତ କାର୍ଯ୍ୟରେ ଯୋଗ ନ ଦେବାକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ଗୁରୁବାର ରାଜ୍ୟ ଆଇନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏପରି କି ଆଗାମୀ ଦିନରେ ବାର୍ ଆସୋସିଏଶନର ଏକ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଭେଟିବା ପାଇଁ ପ୍ରସ୍ତୁତି ଚଳାଇଥିବା କୁହାଯାଇଛି। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ଦାସ ଉପସ୍ଥିତ ରହି ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ହାଇକୋର୍ଟରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ବାର୍ ଆସୋସିଏଶନ ପକ୍ଷରୁ ଆନ୍ଦୋଳନର କାର୍ଯ୍ୟପନ୍ଥା ଓ ଏସମ୍ପର୍କରେ ପରାମର୍ଶ ପାଇଁ ଏକ ଆକ୍ସନ କମିଟି ଗଠନ କରାଯାଇଥିଲା। ମଙ୍ଗଳବାର ଏହି କମିଟି ବସି ଏକାଧିକ କାର୍ଯ୍ୟପନ୍ଥା ସମ୍ପର୍କରେ ହାଇକୋର୍ଟ ବାର୍ ଆସୋସିଏଶନକୁ ପରାମର୍ଶ ଦେଇଥିଲା। ବୁଧବାର ଅପରାହ୍ନରେ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବା ସହ ଆକ୍ସନ କମିଟିର ସୁପାରିସ ଉପରେ ତର୍ଜମା କରାଯାଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ଆର୍ମି ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନରେ ଚାଲିଥିବା ଟେରିଟୋରିଆଲ ଆର୍ମି ପରୀକ୍ଷା ଦେବାକୁ ଆସୁଥିବା ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଛି। ଗୁରୁବାର ଉତ୍ତରାଖଣ୍ଡରୁ ପ୍ରାୟ ୩ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏମାନେ ଫେରିବା ସମୟରେ ଅନ୍ୟ ସଂରକ୍ଷିତ ଟ୍ରେନ୍‌ରେ ଚଢ଼ିପାରନ୍ତି। ଏଥିଯୋଗୁ ସେଥିରେ ଯାତ୍ରା କରୁଥିବା ଲୋକେ ହଇରାଣ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ପରୀକ୍ଷାର୍ଥୀଙ୍କ ପାଇଁ ଭୁବନେଶ୍ୱରରୁ ଖଡ଼ଗପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଅନ୍ୟପକ୍ଷରେ ବୁଧବାର ଓଡ଼ିଶା ପରୀକ୍ଷାର୍ଥୀଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଟ୍ରେନ ସହ ଗୋଟିଏ ଟ୍ରେନର ସମୟ ସୂଚୀ ପରିବର୍ତ୍ତନ କରାଯାଇଥିଲା। ସେହିଭଳି ୨୦ ଯାଏ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ଆଗାମୀ ଦିନରେ ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ମଧ ପରୀକ୍ଷାର୍ଥୀ ଆସିବେ। ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଫେରନ୍ତା ଟ୍ରେନ୍‌ର ବ୍ୟବସ୍ଥା କରାଯିବ କି ନାହିଁ ଚିନ୍ତା କରାଯିବ ବୋଲି ରେଲ୍‌ୱେ ପକ୍ଷରୁ କୁହାଯାଇଛି।

■ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହିତ ରାଜ୍ୟପାଳଙ୍କ ଭାବବିନିମୟ

# ଆତ୍ମବିଶ୍ୱାସକୁ ଆପଣେଇବା ଆବଶ୍ୟକ

**କୁଆଁରମୁଣ୍ଡା/ ଲହୁଣୀପଡ଼ା, ୧୬।୧୦ (ଡି.ଏନ୍.ଏ.)**



ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ମଞ୍ଚାସୀନ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ଓ ଅନ୍ୟମାନେ ।

ଦୁନିଆରେ ଅସମ୍ଭବ କିଛି ନାହିଁ। ସଂକଳ୍ପ ଏବଂ କଠିନ ପରିଶ୍ରମ ଆବଶ୍ୟକ। ଯେତେ ଅସୁବିଧା ଆସିଲେ ମଧ୍ୟ ଲକ୍ଷ୍ୟ ହାସଲ କରିବାକୁ ଏକ ଜିଦ୍ ଦରକାର। ଏଥିପାଇଁ ସମଭାବାପନ୍ନ ବିଚାରଧାରା, ଆତ୍ମବିଶ୍ୱାସ ଏବଂ ନିରହଂକାର ଭାବନାକୁ ଆପଣେଇବା ନିତାନ୍ତ ଆବଶ୍ୟକ ବୋଲି ବୁଧବାର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଓ ଲହୁଣୀପଡ଼ାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରି ସେମାନଙ୍କ ମନରେ ଯଦି କିଛି ପ୍ରଶ୍ନ ଉଙ୍କି ମାରୁଛି, ତାହେଲେ ସେମାନେ ପ୍ରଶ୍ନ କରିବା ପାଇଁ ଆହ୍ୱାନ କରିଥିଲେ। କେତେଜଣ ଛାତ୍ରୀ ପ୍ରଶ୍ନ କରିଥିଲେ। ତାହାକୁ ରାଜ୍ୟପାଳ ଏପରି ଭାବରେ ବର୍ଣ୍ଣନା କରିଥିଲେ ଯେ, ତାହା ଛାତ୍ରୀଛାତ୍ରଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଏହି ସମାରୋହରେ ସୁନ୍ଦରଗଡ଼ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇଥିଲେ। ସେ କହିଲେ, ଏହି ବିଦ୍ୟାଳୟ ସ୍ଥାପିତ ହେବା ଦ୍ୱାରା ସ୍ଥାନୀୟ ଛାତ୍ରୀଛାତ୍ର ମାନଙ୍କର ଶିକ୍ଷା କ୍ଷେତ୍ରରେ ଓ ପ୍ରଗତିରେ ସହାୟକ ହୋଇପାରିଛି। ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢ଼ୀ, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ। ଲହୁଣୀପଡ଼ାରେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର ପରିଚୟ ପ୍ରଦାନ କରିଥିଲେ। କୁଆଁରମୁଣ୍ଡାରେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଇତିଶ୍ରୀ ରାଉତ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଉଭୟ ସ୍ଥାନରେ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ପାଠାଗାର ଆଦି ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବୃକ୍ଷରୋପଣ କରିଥିଲେ।






ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ବର୍ଷାରାଣୀ
ପରିବାରବର୍ଗ


ଟିଟନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ପ୍ରିୟମ୍ବଦା ପରିଡ଼ା


ବିଶ୍ୱଜିତ୍ ପ୍ରଧାନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ ସନ୍ଦେହଜନକ ମୃତ୍ୟୁ



- ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦିଆଯାଉଥିବା ନେଇ ଆଲୋଚନା
- ତଦନ୍ତ ଦାବି କଲେ ପରିବାର
- ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ:ପୋଲିସ

**ଧର୍ମଶାଳା,୧୬।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକର ଗ୍ରାମସେବିକା ତଥା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ବୁଧବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସ୍ଥାନୀୟ ସରପଞ୍ଚଙ୍କ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସ୍ମିତାରାଣୀ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ତାଙ୍କୁ ହତ୍ୟା କରାଯାଇ ଘଟଣାକୁ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରାଯାଉଛି ବୋଲି ଆଲୋଚନା ହେଉଛି। ଖବର ପାଇ ପୋଲିସ ଧର୍ମଶାଳା ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବଡ଼ଚଣା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା(୧୬/୨୦୧୯) ରୁଜୁ କରାଯାଇଛି। ଅପରପକ୍ଷରେ ଝିଅ ଆତ୍ମହତ୍ୟା କରିଛି କି ତାଙ୍କୁ ହତ୍ୟା କରାଯାଇଛି ସେନେଇ ବିହିତ ତଦନ୍ତ ପାଇଁ ସ୍ମିତାରାଣୀଙ୍କ ବାପା ସଦାନନ୍ଦ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ପିଇଓ ସ୍ମିତାରାଣୀ ମଙ୍ଗଳବାର ୧୫ତାରିଖ ଥିବାରୁ ଭତ୍ତା ବାଣ୍ଟିଥିଲେ। ବୁଧବାର ଅବଶିଷ୍ଟ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିବାକୁ ଚାରିବାଟିଆ ଓ ଶୁଭଦ୍ରାପୁର ଗ୍ରାମକୁ ଯାଇଥିଲେ। ତାଙ୍କ ହରିଦାସପୁର ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ଭଦ୍ର ମଧ ଯାଇଥିଲେ। ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଫେରି ମଧ୍ୟାହ୍ନ ଭୋଜନ ନିମନ୍ତେ ନିକଟରେ ଥିବା ସରପଞ୍ଚଙ୍କ ନିଜସ୍ୱ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଖାଇବା ପୂର୍ବରୁ ବାଥ୍‌ରୁମକୁ ଯାଉଛି କହି ସେ ଉପର ମହଲାର ଏକ କୋଠରିକୁ ଯାଇଥିଲେ। ସେଠାରୁ ଫେରିବାରେ ବିଳମ୍ବ ହେବାରୁ ତଳେ ଅପେକ୍ଷାରତ ସରପଞ୍ଚଙ୍କ ସ୍ୱାମୀ ଓ ସହଯୋଗୀମାନେ ତାଙ୍କୁ ଡାକିବାକୁ ଯାଇଥିଲେ। ତେବେ ଭିତରପଟୁ କବାଟ ବନ୍ଦଥିବାରୁ ସେମାନେ ଡାକ ମାରିଥିଲେ । ରୁମ୍ ଭିତରୁ କିଛି ଜବାବ ନ ଆସିବାରୁ ସେମାନେ କବାଟଭାଙ୍ଗି ଭିତରେ ପ୍ରବେଶ କରିବା ବେଳକୁ ସ୍ମୀତାରାଣୀ ବେକରେ ଓଢ଼ଣି ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ ବୋଲି ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ର କହିଛନ୍ତି। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇ ଧର୍ମଶାଳା ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଜଣେ ମହିଳା ପିଇଓ ଅଫିସ କାର୍ଯ୍ୟରେ ଥିବାବେଳେ ଖାଇବାକୁ ଯାଇ କୋଠରି ମଧରେ ଆତ୍ମହତ୍ୟା କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି। ମୃତା ସ୍ମୀତାରାଣୀଙ୍କ ବାପାଘର ଚୋରମୁହାଁ ଗ୍ରାମ ହୋଇଥିବାବେଳେ ସେ ଜେନାପୁର ଥାନା ଭୁବନପୁର ଗ୍ରାମର ସୁଶୀଲ କୁମାର ବିଶ୍ୱାଳଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ସାତ ବର୍ଷର ଏକ ଝିଅ ରହିଛି। ସ୍ୱାମୀ ସୁଶୀଲ ତାଳଚେରସ୍ଥିତ ଏନ୍‌ଟିପିସିରେ କାର୍ଯ୍ୟ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚ ରାଶିରେ ଚନ୍ଦ୍ର ରହିଥିବାରୁ ଯାତ୍ରା, ବନ୍ଧୁ ମିଳନ ଓ ମନୋରଞ୍ଜନ ପାଇଁ ବହୁତ ଭଲ । ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସଭାସମିତି, ମାଲିମକଦ୍ଦମା କଥାରେ ଅଗ୍ରଗତି ଘଟିବ। ପ୍ରତିଶ୍ରୁତିରୁ ଓହରିବା କାରଣରୁ ଶେଷ ସମୟରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇପାରନ୍ତି।

**ବୃଷ** ଦ୍ୱିତୀୟ ରାହୁ ଓ ଅଷ୍ଟମ ଶନି ପ୍ରଭାବରୁ ପରିସ୍ଥିତିର ତାଡନାରେ ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଜି ଆକସ୍ମିକ ଭାବରେ ଘରେ ବନ୍ଧୁ ମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ କିଛି ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ** ରବି ଚତୁର୍ଥଭାବରେ ଥିବାରୁ ଆକସ୍ମିକ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଜମା ଭଲ ପଡୁ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ ।

**କର୍କଟ** ଆଜି କର୍ମକ୍ଷେତ୍ରରେ ସାମାନ୍ୟ ଟିକିଏ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ, ତାହା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ହେବନାହିଁ। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର ସମ୍ପର୍କିତ କାମଟି ହଠାତ୍ ହୋଇଯିବାର ପୂର୍ଣ୍ଣ ସମ୍ଭାବନା ରହିଛି।

**ସିଂହ** ମୁଖ ଭାବରେ ମଙ୍ଗଳ ଆପଣଙ୍କ ମାନସିକ ସ୍ତରରେ ବିରକ୍ତି ଭାବକୁ ରୁକ୍ଷ ବ୍ୟବହାରରେ ପରିଣତ କରିବ। ଅବଶ୍ୟ ବନ୍ଧୁଙ୍କ ପ୍ରରୋଚନାରେ ବାରମ୍ବାର ସ୍ଥଗିତ ରହିଯାଉଥିବା କାର୍ଯ୍ୟ କୌଶଳ ଖଟାଇ ହାସଲ ପାଇଁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରରୁ ଫେରିବା ବାଟରେ ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ମଙ୍ଗଳଙ୍କ ପ୍ରଭାବରେ ପ୍ରତାରିତ ହୋଇ ଅଭିଳଷିତ ଜିନିଷ ନ ପାଇବା କାରଣରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ । ଜଣେ ବନ୍ଧୁଙ୍କ ସହଯୋଗରୁ ନିର୍ମାଣାଧୀନ କାମଟି ସମ୍ପନ୍ନ କରିପାରିବେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ।

**ତୁଳା** ରାଶିରେ ବୁଧ ଓ ଶୁକ୍ର ରହିଥିବାରୁ ଆଜିର କର୍ମକ୍ଷେତ୍ରରେ ଯେକୌଣସି ପରିସ୍ଥିତି ଆସୁନା କାହିଁକି, ଆପଣ ସମସ୍ୟାକୁ ସୁଧାରି ନେଇ ପାରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ଫଳରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ପାଇଁ ଲବି କରିପାରନ୍ତି।

**ବିଛା** ଦେବଗୁରୁଙ୍କ ସୁପ୍ରଭାବରେ ନିଜେ ଚାହୁଁଥିବା କାମ ସକାଶେ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ପରିବାରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। କ୍ରୀଡ଼ା,ଚଳଚ୍ଚିତ୍ର ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବାରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ।

**ଧନୁ** ପାପଗ୍ରହମାନେ ରାଶିରେ ରହିଥିବାରୁ ପାରିବାରିକ କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। କଠୋର ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ତଥାପି କେତେକ ନୂତନ କାମର ପରିକଳ୍ପନା କରି ସଫଳ ହେବେ।

**ମକର** ଚନ୍ଦ୍ରଙ୍କ ଶୁଭ ସମ୍ପର୍କରୁ ବନ୍ଧୁମାନଙ୍କ ସହ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପରିବାରରେ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ** ନିଜରାଶିକୁ ରାଶ୍ୟାଧିପତିଙ୍କ ଦୃଷ୍ଟିଜନିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରି ନିଅନ୍ତୁ ନଚେତ୍ ପରେ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଭାବୁଥିବା କାମଟି ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କୁ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଗୃହ, ଭୂମି, ଗାଡ଼ିମୋଟର,ପ୍ରେସ୍, ପବ୍ଲିକେଶନ ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ମୀନ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ଆଜି ଅଧିକାଂଶ ସମୟ କଟାଇବେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ମାସାନ୍ତ, କାର୍ତ୍ତିକ କୃଷ୍ଣ ଚତୁର୍ଥୀ ଗୁରୁବାର, ଅକ୍ଟୋବର ୧୭ ତାରିଖ, ରାଶି ନକ୍ଷତ୍ର-କୃତିକା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ବିଛା ରାଶିର ଘାତଚନ୍ଦ୍ର, ଦିବା ଘ୭।୧୭ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୬ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୧୨ମି. ମଧ୍ୟେ, ଘ୧୧।୫୩ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୨।୫୮ମି. ଗତେ ଘ୨।୨୫ମି. ମଧ୍ୟେ ରାହୁକାଳ ।

## ଧରିତ୍ରୀ ଖବରଦାତାଙ୍କୁ ...


ଗିରଫ ୪ ଅଭିଯୁକ୍ତ ।

ଏ ସମ୍ପର୍କରେ ଖବର ସଂଗ୍ରହ ପାଇଁ ବନ୍ଧୁ ବିଶ୍ୱନାଥ ଭୂୟାଁଙ୍କ ସହ ଉକ୍ତ ଗ୍ରାମକୁ ଯାଇଥିଲେ। ସେଠାରେ ମଦ କାରବାର ସମ୍ପର୍କରେ ଭିଡିଓ ଏବଂ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିବାବେଳେ ଗ୍ରାମର ଜିତେନ୍ଦ୍ର ମହାଙ୍କୁଡ଼ ଏବଂ ପ୍ରଶାନ୍ତ ପ୍ରଧାନ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ସେଦିନ ଶ୍ରୀହରି ଜଣେ ବନ୍ଧୁଙ୍କ ଘରକୁ ଯାଇ ରାତି ପ୍ରାୟ ୧୧ଟା ସମୟରେ ଘରକୁ ଫେରିବା ବେଳେ ମଦ ବ୍ୟବସାୟୀ କୋରା, ପୁଅ ଅରୁଣ ଏବଂ ବରୁଣଙ୍କ ସମେତ ଜିତେନ୍ଦ୍ର ଓ ପ୍ରଶାନ୍ତ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଥାନାରେ ଏତଲା ହୋଇଥିବାବେଳେ ପୋଲିସ କେସ୍ ନଂ ୧୮୪/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଏଥିରେ ୪ ଅଭିଯୁକ୍ତ କୋରା, ଅରୁଣ, ବରୁଣ, ଜିତେନ୍ଦ୍ର ଓ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବୁଧବାର ଖବରଦାତା ସମ୍ମିଳନୀରେ ଆଇଆଇସି ସଜିତ୍ କୁମାର ନାୟକ ସୂଚନା ଦେଇଛନ୍ତି। ଖବରଦାତାଙ୍କୁ ଏଭଳି ଆକ୍ରମଣର ତୀବ୍ର ନିନ୍ଦା କରାଯାଇଛି।

## ଭୁବନେଶ୍ୱରରେ ରୋବୋଟିକ୍ ...

କନ୍‌ସେପ୍ଟରେ। କୌଣସି ବିଦେଶୀ କିମ୍ବା ଚାଇନିଜ୍ ରୋବୋ ନୁହେଁ, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ରୋବୋ 'ଚମ୍ପା' ଓ 'ଚମେଲି' ଏହି ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ରନ୍ଧା ଖାଦ୍ୟ ପରସୁଛନ୍ତି। ୨୦୧୭ରେ ଚେନ୍ନାଇରେ ଭାରତର ପ୍ରଥମ ରୋବୋଟିକ୍ ରେଷ୍ଟୁରାଣ୍ଟ ଖୋଲିଥିଲା। ଏହାପରେ ବାଙ୍ଗାଲୋର ଏବଂ କେରଳର କନ୍ନୁର୍‌ରେ ଆଉ ଦୁଇଟି ରୋବୋଟିକ୍ ରେଷ୍ଟୁରାଣ୍ଟ ଖୋଲିବା ପରେ ଗ୍ରାହକମାନେ ୱେଟର୍ ପରିବର୍ତ୍ତେ ରୋବୋ ଦ୍ୱାରା ଖାଦ୍ୟ ଏବଂ ପାନୀୟ ଗ୍ରହଣ କରିଥିଲେ। ଏହୁ ପ୍ରମୁଖ ସହରଗୁଡ଼ିକ ପରେ ଭୁବନେଶ୍ୱରରେ ରୋବୋଟିକ୍ ରେଷ୍ଟୁରାଣ୍ଟ ଖୋଲିବା ସହରବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଓଡ଼ିଶା ଜନ୍ମିତ ସିଭିଲ୍ ଇଞ୍ଜିନିୟର ଜିତ୍ ବାସାଙ୍କ ପ୍ରଚେଷ୍ଟାରେ ଇନ୍‌ଫୋସିଟି ଅଞ୍ଚଳରେ ଥିବା ଡିଏଲ୍‌ଏଫ୍ ଟାୱାରରେ ଏହି ରୋବୋଟିକ୍ ରେଷ୍ଟୁରାଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରୋବୋ ଚମ୍ପା ଓ ଚମେଲି ରାଜସ୍ଥାନ ଜୟପୁରସ୍ଥିତ ଏକ କମ୍ପାନୀ ଦ୍ୱାରା ନିର୍ମିତ ହୋଇଛି। ଭଏସ୍ ଅପରେଟେଡ୍ ସିଷ୍ଟମ ଦ୍ୱାରା ପରିଚାଳିତ ଏହି ରୋବୋ ଇଂଲିଶ ସହ ଓଡ଼ିଆରେ ଗ୍ରାହକଙ୍କ ସହ କଥାବାର୍ତ୍ତା ହୋଇପାରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ଡାଏଲଗ୍ 'ଆପଣମାନେ ଖୁସି ତ' କହି ଗ୍ରାହକଙ୍କୁ ସେମାନଙ୍କ ଭଲମନ୍ଦ ପଚାରୁଛନ୍ତି। ଭୁବନେଶ୍ୱରରେ ରେଷ୍ଟୁରାଣ୍ଟ ଏବଂ ଇଟିଂ ଆଉଟ୍ କଲ୍‌ଚର ଧୀରେ ଧୀରେ ଲୋକପ୍ରିୟ ହେଉଥିବା ବେଳେ ଏଭଳି ଏକ ଅଭିନବ ରେଷ୍ଟୁରାଣ୍ଟ ନିଶ୍ଚିତ ଭାବେ ସବୁବର୍ଗର ଲୋକଙ୍କୁ ଆକୃଷ୍ଟ କରିବ। ଖାଦ୍ୟ ଏବଂ ଟେକ୍ନୋଲୋଜିରେ ଆଗ୍ରହ ରଖିଥିବା ଜିତ୍ କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରୁ ସିଭିଲ୍ ଇଞ୍ଜିନିୟରିଂରେ ପୋଷ୍ଟ ଗ୍ରାଜୁଏଟ୍ କରିଛନ୍ତି। ଏହାପରେ ସେଠାରେ ସେ ଚାକିରି କରିଥିଲେ ମଧ ନିଜ ପ୍ୟାଶନକୁ ଅନୁସରଣ କରି ଭାରତ ଫେରିବା ସହ ଭୁବନେଶ୍ୱରରେ ନିଜସ୍ୱ ରେଷ୍ଟୁରାଣ୍ଟ ଖୋଲିଛନ୍ତି।

## ଭାଜପାରୁ ମୁହଁ ...

ଏହି ସମୟରେ ଭାଜପା ରାଜ୍ୟ ନେତାମାନେ ଜନସ୍ୱାର୍ଥ ସାଧନରେ ମିଳିତଭାବେ କାର୍ଯ୍ୟ କରିବା ଲାଗି ତାଙ୍କୁ ପ୍ରରୋଚିତ କରିଥିଲେ। ସାଧାରଣ ନିର୍ବାଚନରେ ଭାଜପା ସପକ୍ଷରେ ଜନମତ ସୃଷ୍ଟି ଲାଗି ତାଙ୍କୁ ନିୟୋଜିତ କରାଯାଇଥିଲା। ଗତ ସାଧାରଣ ନିର୍ବାଚନ ପରେ ଭାଜପା ଦଳୀୟ କାର୍ଯ୍ୟକ୍ରମ କିମ୍ବା ନୀତି ନିଷ୍ପତ୍ତି ପ୍ରକ୍ରିୟାରେ ତାଙ୍କର ଆବଶ୍ୟକତା ପଡୁ ନ ଥିବା ସେ ଅନୁଭବ କରିଛନ୍ତି। ୩୫ବର୍ଷ ବିଧାୟକ ଓ ୬ଥର ମନ୍ତ୍ରୀଭାବେ କାର୍ଯ୍ୟ କରିବା ପରେ ଏବେ ତାଙ୍କର ଅଲୋଡ଼ା ଓ ଅନାବଶ୍ୟକସ୍ଥିତି ସକ୍ରିୟ ରାଜନୀତିରେ ତାଙ୍କୁ ଅବ୍ୟାହତି ନେବାକୁ ବାଧ୍ୟ କରୁଥିବା ତାଙ୍କର ଅନୁଭବ ହେଉଥିବା ସେ କହିଛନ୍ତି। ଆଗକୁ କୌଣସି ଦଳରେ ସାମିଲ ନ ହୋଇ ବିଜୁ ପଟ୍ଟନାୟକଙ୍କ ଉତ୍ସର୍ଗୀକୃତ ଅନୁଗତଭାବେ ରାଜ୍ୟବାସୀ ସ୍ୱାର୍ଥ ପାଇଁ ଜୀବନ ଅତିବାହିତ କରିବେ ବୋଲି ଦାମ ପତ୍ରରେ ଉଲ୍ଲେଖ କରିଛନ୍ତି। ଦାମଙ୍କ ଇସ୍ତଫା ନେଇ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଛନ୍ତି, ବହୁଥର ସେ ଦଳୀୟ ବୈଠକରେ ଯୋଗଦେଇଛନ୍ତି। ଅନେକ ଥର ବୈଠକ ସମୟରେ ତାଙ୍କ ସହ ଭେଟ ହୋଇଛି। ଦଳର ସମସ୍ତ କାର୍ଯ୍ୟକର୍ତ୍ତା ବୈଠକରେ ସାମିଲ ହେବା ଦରକାର। କାହାକୁ ଡକା ଗଲା କି ନାହିଁ ସେକଥା କହିବା ଠିକ୍‌ନୁହେଁ। ଦଳ ସବୁ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ତିଆରି ହୁଏ। ରାଜନୀତିରୁ ସନ୍ନ୍ୟାସ ନେଲେ କଷ୍ଟ ହୋଇଥାଏ। ମାତ୍ର ଦଳକୁ ଲୋକ ଆସିବେ ଯିବେ, କିଏ ଗଲେ କିଛି ଫରକ ପଡେନାହିଁ। ଭାଜପା ବିଶ୍ୱର ଏକ ବଡ଼ ଦଳ, ତେଣୁ ଏଥିରେ ଦଳକୁ

## ପ୍ରଥମ ପୃଷ୍ଠାରୁ...

କିଛି ପ୍ରଭାବ ପଡିବାର ନାହିଁ ବୋଲି ଅରୁଣ କହିଛନ୍ତି।

ଦାମଙ୍କ ପୁଅ ସମ୍ବିତ କହିଛନ୍ତି, ଏମିତି ହୁଏ, ସେତେବେଳର ପାଣିପାଗ ଦେଖି ସେ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଭିନ୍ନ ପରିସ୍ଥିତି ସୃଷ୍ଟି ହେବାପରେ ଆଉ ଏକ ନିଷ୍ପତ୍ତି ନେଇଛନ୍ତି। ରାଜନୀତିରେ ଏମିତି ହୁଏ। ଅମିତ ଶାହଙ୍କ ପାଖରେ ମିଶିବାବେଳେ ବାପା ତାଙ୍କ ପାଖକୁ ଯାଇ ନ ଥିଲେ। ସେମାନେ ବାରମ୍ବାର ଆସି ଦଳରେ ମିଶାଇବାକୁ ନେଇଥିଲେ। ଭାଜପା ଦଳକୁ ଯେଉଁମାନେ ଯାଉଛନ୍ତି ସେମାନେ ଅଣନିଃଶ୍ୱାସି ହୋଇପଡୁଛନ୍ତି। ଏବେ ବିଜେଡିକୁ ସେ ଯିବେ ନା ନାହିଁ ସେ ବିଷୟରେ ଦଳର ସୁପ୍ରିମୋ ନିଷ୍ପତ୍ତି ନେବେ ବୋଲି ସମ୍ବିତ କହିଛନ୍ତି। ଝିଅ ପ୍ରୀତିନନ୍ଦା ରାଉତରାୟ କହିଛନ୍ତି, ତାଙ୍କୁ ଆମେ ସବୁବେଳେ ତାଙ୍କ ନିଷ୍ପତ୍ତି ଉପରେ ଛାଡିଛୁ। ସେ ତାଙ୍କ ନିଜସ୍ୱ ନିଷ୍ପତ୍ତି ନେଇଛନ୍ତି। ଭାଜପା ଲୋକମାନେ ସେତେବେଳେ ଆସି ବାଧ୍ୟ କରି ବାପାଙ୍କୁ ଦଳରେ ମିଶାଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜକୁ ସେଠାରେ ଅଣନିଃଶ୍ୱାସୀ ଅନୁଭବ କରି ଅଣଦେଖା କରାଯାଉଥିବା କହିଥିଲେ। ଶେଷରେ ସେ ଦଳ ଛାଡିଦେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରୀତିନନ୍ଦା କହିଛନ୍ତି।

## ଫୁଲବାଣୀରେ ହେବ ...

ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ସହାୟକଙ୍କ ନିମନ୍ତେ ବିଶ୍ରାମସ୍ଥଳୀ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି(ସିଏମ୍‌ଆରଏଫ୍) ପକ୍ଷରୁ ପ୍ରତି ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ଅନୁରୂପ ଭାବେ ନୂଆପଡ଼ା, ରାୟଗଡା, କଳାହାଣ୍ଡି, କନ୍ଧମାଳ ଏବଂ ବୌଦ୍ଧ ଜିଲାରେ ରକ୍ତଦାନ ସଚେତନତା ବୃଦ୍ଧି କରିବା ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସେହିପରି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନୟନ ନେଇ ବିଭିନ୍ନ ଘୋଷଣା କରାଯାଇଛି। ସେଠାକାର ଜେଲ ମାଲିକାନାରେ ଥିବା ଜମିକୁ ମାସକ ମଧ୍ୟରେ ଚିକିତ୍ସାଳୟକୁ ହସ୍ତାନ୍ତର କରାଯିବ। ଏହି ଜମିରେ ନୂତନଭାବେ ଅତିରିକ୍ତ ୨୦୦ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ କରାଯିବ। ହରଭଙ୍ଗା ବ୍ଲକରେ କ୍ରୋନିକ୍ କିଡ୍‌ନୀ ସମ୍ପର୍କିତ ରୋଗ ବିଷୟରେ ଅନୁଧ୍ୟାନ ପାଇଁ ଏକ ଦଳ ସ୍ଥାନୀୟ ଅଞ୍ଚଳକୁ ଗସ୍ତ କରିବ। ନିକଟରେ ରାଜ୍ୟ ପ୍ରଶାସନର 'ମୋ ସରକାର' ଟିମ୍ ଦ୍ୱିତୀୟ ଦଫାରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହିସବୁ ପଦକ୍ଷେପ ନେଉଥିବା ଜଣାପଡିଛି। ଘୋଷଣାରେ ୬ଟି ଜିଲା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଶଯ୍ୟା ସଂଖ୍ୟା ୨୫୦କୁ ବୃଦ୍ଧି ପାଇଛି। ନୂତନ ଭାବେ ନିର୍ମିତ ହେଉଥିବା କୋଠାରେ ୧୦୦ ଶର୍ଯ୍ୟା ରହିବ ବୋଲି ଜଣାପଡିଛି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୨ଟି ଆମ୍ବୁଲାନ୍ସ ଏବଂ ଗୋଟିଏ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା କରାଯାଇଛି। କଳାହାଣ୍ଡି ଜିଲାରେ ଥିବା ଚିକିତ୍ସାଳୟ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଏକ ନୂତନ ବିଲ୍ଡିଂ, ୩ଟି ଆମ୍ବୁଲାନ୍ସ ଏବଂ ୨ ମହାପ୍ରୟାଣ ଗାଡ଼ିର ଘୋଷଣା କରାଯାଇଛି। ରାୟଗଡା ଜିଲା କାଶୀପୁରସ୍ଥିତ ସିଏଚ୍‌ସିରେ ଥିବା କର୍ମଚାରୀ କ୍ୱାର୍ଟର୍ସକୁ ପାଣି ଯୋଗାଇବାକୁ ନିଷ୍ପତ୍ତି କରାଯାଇଛି। ଏହି ଜିଲା ପାଇଁ ଆଉ ୪ଟି ଆମ୍ବୁଲାନ୍ସ ଏବଂ ଗୋଟିଏ ମହାପ୍ରୟାଣ ଗାଡ଼ିର ମଧ ବ୍ୟବସ୍ଥା କରାଯିବ। ଅନୁରୂପଭାବେ ନୂଆପଡ଼ା ଜିଲା ଚିକିତ୍ସାଳୟ ପାଇଁ ଗୋଟିଏ ଲେଖାଏ ଆମ୍ବୁଲାନ୍ସ ଏବଂ ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା କରାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା, ୫-ଟି ବିଭାଗ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଏନ୍‌ଏଚ୍‌ଏମ୍ ଅଧକ୍ଷା ଶାଳିନୀ ପଣ୍ଡିତ ବିଭିନ୍ନ ଜିଲା ଚିକିତ୍ସାଳୟ ଗସ୍ତ କରି ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୁବିଧା ଅସୁବିଧା ଜନତାଙ୍କଠାରୁ ପଚାରି ବୁଝିଥିଲେ। ଏହା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକରେ sqft.600/- ୧ବର୍ଷ installmentରେ plot ମିଳୁଅଛି। 9937605788. D-68401

ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829. D-66795

Gharabari plot for sale at Kolathia, near AMRI Hospital, no broker, Please contact: 9861096613. D-14780

ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312. D-66788

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135. D-68402

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

3BHK bunglow for sale at Bhubaneswar, Keshura Chhaka, Puri bypass, amount 2.8crore. Ph: 9938805705, 8249652436. D-14797

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Newly open full body massage by ladies, gents therapist. 8018656899 D-60842

Refresh your mind and soul with best therapy at Orchid Salon/ Spa. 9937287222. D-66977

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Summer special mesmerizing offer expert therapeutic refreshing massage appointment. 9668374480. D-68131

Ayurvedic full body massage ladies/gents smart experts therapist-8480939300 D-66979

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କବକ ସଂକ୍ରମଣ

କବକ ଦ୍ୱାରା ବ୍ୟାପୁଥିବା ସଂକ୍ରମଣ କ୍ୟାଣ୍ଡିଡା ଏରିସ୍ ପ୍ରଥମେ ୨୦୦୯ରେ ଜାପାନରେ ଦେଖାଯାଇଥିଲା। ଏହାପରେ ଏବେ ସାରା ବିଶ୍ୱରେ ଏହା ବ୍ୟାପିଲାଣି। ମୁଖ୍ୟତଃ ହସ୍ପିଟାଲ୍‌ଗୁଡ଼ିକରେ ଏହାର ପ୍ରଭାବ ବେଶି ପରିଲକ୍ଷିତ ହେଉଛି। ଏହା ଏକ ପ୍ରକାର ସୁପରବଗ୍ ଯାହା ଔଷଧକୁ ପ୍ରତିରୋଧ କରେ। ଏହାର ଚିକିତ୍ସା କରାଯାଇପାରେନା। ଏହା ମଧ୍ୟରେ ଅନେକ ଆଣ୍ଟିଫଙ୍ଗାଲ୍ ରହିଛି। ଫ୍ଲୁକୋନାଜୋଲ୍ (ଡିଫ୍ଲୁକାନ) ଅନେକ ଦେଶରେ ଆଣ୍ଟିଫଙ୍ଗାଲ୍ ଔଷଧ ଭାବେ ବ୍ୟବହୃତ ଏବଂ ନିକଟରେଏକିନୋକ୍ୟାଣ୍ଡିଟସ୍‌କୁ ବି ଏଥିରେ ସାମିଲ କରାଯାଇଛି। ୨୦୦୯ରେ କ୍ୟାଣ୍ଡିଡା ଏରିସ୍ ଜାପାନର ଏକ ହସ୍ପିଟାଲରେ ଜଣେ ରୋଗୀର କାନରୁ ଅଲଗା କରାଯାଇଥିଲା। ଏହା ଶୀଘ୍ର ବୃଦ୍ଧି ପାଇ ପୂରା ହସ୍ପିଟାଲକୁ କବ୍‌ଜା କରିପାରେ, ଭୟଙ୍କର ସଂକ୍ରମଣ ସାରା ବିଶ୍ୱରେ ବି ଖେଳାଇଦେଇପାରେ। ଏହା ଇଣ୍ଟେନ୍‌ସିଭ କେୟାର ୟୁନିଟ୍ ଲାଗି ବଡ଼ ବିପଦ, କାରଣ ଏହା କ୍ଲୋରୋହେକ୍ସାଇଡାଇନ ଏବଂ ବ୍ଲିଚ୍ ଭଳି ଅଣଦୂଷିତ ପଦାର୍ଥରେ ସହଜରେ ରହିପାରେ। କେତେକ ହସ୍ପିଟାଲ କ୍ୟାଣ୍ଡିଡା ଏରିସ୍‌ରୁ ମୁକ୍ତି ପାଇବା ପାଇଁ ଚଟାଣ ତଥା ଛାତରୁ ଟାଇଲକୁ ହଟାଇ ଦେଉଛନ୍ତି। କିନ୍ତୁ ଏହା ଯଦି ରକ୍ତରେ ମିଶେ ତେବେ ଜୀବନ ପ୍ରତି ଘାତକ ହୋଇଥାଏ। ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ସେମାନଙ୍କ ପାଇଁ ଏହା ବିପଜ୍ଜନକ। ନବଜାତକ, ବୃଦ୍ଧାବୃଦ୍ଧ, ଯେଉଁମାନଙ୍କର ଅନ୍ୟ ସଂକ୍ରମଣ ରହିଛି କିମ୍ବା ଯେଉଁମାନେ ଆଣ୍ଟିବାୟୋଟିକ୍ ବା ଆଣ୍ଟିଫଙ୍ଗାଲ୍ ଥେରାପିରେ ରହିଛନ୍ତି ସେମାନଙ୍କ ପାଇଁ ଏହା ଘାତକ ହୋଇପାରେ।

କ୍ୟାଣ୍ଡିଡା ଏରିସ୍‌ର ପ୍ରସାର ଉପରେ କମ୍ ପ୍ରଚାର କରାଯାଇଛି ଓ ଲୋକମାନେ ଏହା ସମ୍ବନ୍ଧରେ ବି କମ୍ ଜାଣିଛନ୍ତି। କାରଣ ଏହା ଏକ ପ୍ରକାର ନୂଆ ସଂକ୍ରମଣ। ଏହା ସମ୍ବନ୍ଧରେ ପ୍ରଚାର କଲେ କାଳେ ଲୋକମାନେ ଚିକିତ୍ସା କରିବା ପାଇଁ ଯିବେ ନାହିଁ ସେଥିପାଇଁ ଏହା ବିଷୟରେ ହସ୍ପିଟାଲ, ଡାକ୍ତର ଏପରିକି ସରକାର ଗୁପ୍ତ ରଖିଥାନ୍ତି। ଆମେରିକାରେ ଏହି ସଂକ୍ରମଣ ଯେଉଁ ହସ୍ପିଟାଲରେ ଦେଖାଯାଏ ତା' ନାମ ପ୍ରକାଶ କରିବାକୁ 'ଦି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ'କୁ ମନା କରାଯାଇଛି। ଜ୍ୱର, ବିନ୍ଧା, ଦୁର୍ବଳ ଲାଗିବା ଆଦି କ୍ୟାଣ୍ଡିଡା ଏରିସ୍‌ର ସାଧାରଣ ଲକ୍ଷଣ ହେଲେ ବି ବିନା ପରୀକ୍ଷାରେ ଏହାକୁ ନିରୂପଣ କରିବା କଷ୍ଟକର। ବହୁ ସମୟରେ ଏହାକୁ ନିରୂପଣ କରିବାରେ ଭୁଲ ହୋଇଯାଏ। ଗୋଟିଏ ଲକ୍ଷଣ ହେଉଛି ଜ୍ୱର ଏବଂ ଥଣ୍ଡା ଆଣ୍ଟିବାୟୋଟିକ୍ସ ଦ୍ୱାରା ଚିକିତ୍ସା କରାଗଲେ ମଧ୍ୟ ତାହା କମେ ନାହିଁ। ଯଦି ଠିକ୍ ଭାବେ ଚିକିତ୍ସା କରାଯିବନି ତେବେ ସଂକ୍ରମିତ ବ୍ୟକ୍ତି କୋମାକୁ ଚାଲିଯାନ୍ତି, ଅଙ୍ଗ ଅଚଳ ହୋଇଥାଏ କିମ୍ବା ମୃତ୍ୟୁର ଆଶଙ୍କା ରହିଥାଏ। କ୍ୟାଣ୍ଡିଡା ଏରିସ୍‌ରେ ସଂକ୍ରମିତ ୩୦ରୁ ୫୦ ପ୍ରତିଶତ ରୋଗୀଙ୍କର ମୃତ୍ୟୁ ହୋଇଥାଏ। ଏହି କବକ ରୋଗୀର ଚର୍ମ ଓ ଚିକିତ୍ସାରେ ବ୍ୟବହୃତ ସମସ୍ତ ଉପକରଣରେ ଦୀର୍ଘସମୟ ରହି ଅନ୍ୟଙ୍କୁ ସଂକ୍ରମିତ କରିଥାଏ।

ଏହା ଶୀଘ୍ର ବ୍ୟାପିବାର ଅନେକ କାରଣ ରହିଛି। ଚିକିତ୍ସା କ୍ଷେତ୍ରରେ ଜଡ଼ିତ ସବୁ ସଂସ୍ଥା ଆଣ୍ଟିବାୟୋଟିକ୍ସ ଓ ଆଣ୍ଟିଫଙ୍ଗାଲ୍ ମେଡିସିନ ଦେବାରେ ଅବହେଳା କରୁଛନ୍ତି। ବିନା ଆଣ୍ଟିମାଇକ୍ରୋବାଲ୍ସରେ ଅଣ୍ଟା ଅସ୍ତ୍ରୋପଚାର, କେମୋଥେରାପି ଜଟିଳ ହୋଇଯାଏ। ଅଙ୍ଗ ପ୍ରତିରୋପଣ ଓ କେମୋଥେରାପି ଅସମ୍ଭବ ହୋଇପଡେ। ଗନେରିଆ କି ଯକ୍ଷ୍ମା ଚିକିତ୍ସାରେ କୌଣସି ଔଷଧ ବି କାମ କରେନାହିଁ।

ଦ୍ୱିତୀୟତଃ ବିଶ୍ୱର ପ୍ରତ୍ୟେକ ଦେଶରେ ଏକା ପ୍ରକାର ଔଷଧ ଖାଦ୍ୟ ପାଇଁ ପାଳନ କରାଯାଉଥିବା ପ୍ରାଣୀଙ୍କୁ ଦିଆଯାଉଛି। ଭାରତରେ କୁକୁଡ଼ା, ଘୁଷୁରିଙ୍କୁ ଟନ୍ ଟନ୍ ଆଣ୍ଟିବାୟୋଟିକ୍ସ ଓ ଆଣ୍ଟିଫଙ୍ଗାଲ୍ ଦିଆଯାଉଛି। କୁକୁଡାଚାଷରେ ବହୁଳଭାବେ ପ୍ରୟୋଗ କରାଯାଉଛି। ସେମାନଙ୍କୁ ଏହି ଔଷଧ ମାଧ୍ୟମରେ ବଞ୍ଚାଇ ରଖାଯାଉଛି। ଅସ୍ୱାସ୍ଥ୍ୟକର ପରିବେଶରେ ପିଞ୍ଜରା ଭିତରେ କ୍ଷମତାଠାରୁ ବେଶି କୁକୁଡ଼ା ରଖାଯାଉଛି। ସେମାନଙ୍କ ଥଣ୍ଟ ଓ ପାଦ କାଟିଦିଆଯାଉଛି। ସେମାନଙ୍କୁ ଠିକ୍‌ଭାବେ ଖାଇବାକୁ ଦିଆଯାଉ ନାହିଁ। ଏସବୁର ଫଳସ୍ୱରୂପ ଆଣ୍ଟିଫଙ୍ଗାଲ୍ ଓ ଆଣ୍ଟିବାୟୋଟିକ୍ସ ମିଶା ମଳ ମାଟି ଓ ପାଣିରେ ମିଶୁଛି। ଏହାଦ୍ୱାରା ଆମେ ଦୂଷିତ ଖାଦ୍ୟ ଖାଉଛେ ଓ ଦୂଷିତ ପାଣି ପିଉଛେ। ପଶୁ ଓ କୁକୁଡ଼ାକୁ ବଢାଇବା ଲାଗି ଭାରତରେ ଉତ୍ପାଦିତ ୮୦ ଭାଗ ଆଣ୍ଟିବାୟୋଟିକ୍ସ ବ୍ୟବହାର କରାଯାଉଛି। ଆମେରିକାରେ ବର୍ଷକୁ ୩୪ ମିଲିୟନ ପାଉଣ୍ଡ ଆଣ୍ଟିବାୟୋଟିକ୍ସ ଏଥିପାଇଁ ବ୍ୟବହାର କରାଯାଉଛି। ଭାରତରେ ଏହାର ପରିମାଣ ଆହୁରି ବେଶି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଭାରତରେ ବିଶ୍ୱର ସର୍ବାଧିକ ଆଣ୍ଟିବାୟୋଟିକ୍ସ ଓ ଫଙ୍ଗିସାଇଡସ୍ ବ୍ୟବହାର କରାଯାଉଛି। ଏହାଦ୍ୱାରା ଭାରତ ଯେଉଁ ସୁପରବଗ୍ ସୃଷ୍ଟି କରିଛି ତାହା ଔଷଧ ପ୍ରତିରୋଧୀ ଭାବେ ଉଭା ହୋଇଛି।

ତୃତୀୟରେ ଏବେ ଆଧୁନିକ କୃଷି ମଧ୍ୟ ଏହି ମେଡିସିନ୍ ଉପରେ ନିର୍ଭର କରୁଛି। ମାତ୍ରାଧିକ ଫଙ୍ଗିସାଇଡ୍ସ ବା କବକନାଶୀ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ଫସଲରେ କ୍ୟାଣ୍ଡିଡା ଏରିସ୍‌କୁ ଠାବ କରାଯାଇପାରିବ। ମାଥ୍ୟୁ ସି. ଫିଶର ଓ ତାଙ୍କ ସାଥୀ ବୈଜ୍ଞାନିକମାନେ ୨୦୦୮ରେ ପ୍ରକାଶ କରିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱସ୍ତରରେ ଏହା ଆଣ୍ଟିଫଙ୍ଗାଲ୍ ପ୍ରତିରୋଧୀ ଭାବେ ଉଭା ହେବା ମଣିଷଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସୁରକ୍ଷା ପ୍ରତି ଏକ ଚ୍ୟାଲେଞ୍ଜ।

ଅନେକ ଔଷଧର ପ୍ରତିରୋଧୀ ଭାବେ କେବଳ କ୍ୟାଣ୍ଡିଡା ଏରିସ୍ ନୁହେଁ, ବରଂ ଆସ୍ପରିଜିଲୁସ୍ ଫୁମିଗାଟସ୍ କବକ ପ୍ରତିବର୍ଷ ୨ ଲକ୍ଷ ଲୋକଙ୍କ ଜୀବନ ନେଉଛି। ଆଜୋଲେ ଆଣ୍ଟିଫଙ୍ଗାଲସ୍ ଇଣ୍ଟ୍ରାକୋନାଜୋଲ୍, ଭୋରକୋନାଜୋଲ୍ ଏବଂ ପୋଷାକୋନାଜୋଲ୍ ଦୀର୍ଘବର୍ଷ ଧରି ପଲ୍‌ମୋନାରୀ ଆସ୍ପରିଲୋଜୋସିସ୍ ଚିକିତ୍ସାରେ ବ୍ୟବହାର କରାଯାଉଛି। ଏହି ସଂକ୍ରମଣ ଏ. ଫୁମିଗାଟ୍‌ସ ଦ୍ୱାରା ହେଉଛି। କିନ୍ତୁ ଗତ ୧୦ ବର୍ଷହେବ ଏହା ଆଣ୍ଟିଫଙ୍ଗାଲ୍ ଔଷଧ ପ୍ରତିରୋଧୀ ଗୁଣ ପ୍ରକାଶ କରିଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଏ. ଫୁମିଗାଟ୍‌ସର ଏହି ପ୍ରତିରୋଧୀ ଗୁଣ କୌଣସି ଔଷଧରୁ ନୁହେଁ ବରଂ ସିଧାସଳଖ ଖାଦ୍ୟରୁ ହିଁ ଆସିଛି। କେବଳ ଏତିକି ନୁହେଁ ଆସ୍ପରିଜିଲୁସ୍ ବି କୃଷିକ୍ଷେତରୁ ହସ୍ପିଟାଲରେ ପ୍ରବେଶ କରିଛି। ଏହାର ସଂକ୍ରମଣକୁ ରୋକିବା ପାଇଁ ଆଣ୍ଟିଫଙ୍ଗାଲ୍‌ର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି।

ଏବେ କ୍ୟାଣ୍ଡିଡା ଅଲବିକାନସ୍, କ୍ୟାଣ୍ଡିଡା ଗ୍ଲାବ୍ରାଟା ଏବଂ କ୍ରିପ୍ଟୋକୋକୋସ୍ ନେଓଫର୍ମାନ୍ସର ଔଷଧ ପ୍ରତିରୋଧୀ ଗୁଣ ରହିଥିବା ଜଣାପଡ଼ିଛି। କ୍ୟାଣ୍ଡିଡା ଗ୍ଲାବ୍ରାଟାକୁ ମୁଖ୍ୟ ବ୍ଲଡ୍‌ଷ୍ଟ୍ରିମ୍ ପାଥୋଜେନ୍ ଭାବେ ରୋଗୀଙ୍କଠାରୁ ସଂଗ୍ରହ କରାଯାଇଛି। ଏହାବାଦ୍ ଆସ୍ପରିଜିଲୁସ ଟେରେୟୁସ୍, ଫୁସାରୟମ୍ ଏସପିପି, ସ୍କେଡୋସ୍ପୋରିୟମ୍ ଏସ୍‌ପିପି ଆଦି କେତେକ ରୋଗକାରକ କବକ ସଂକ୍ରମଣର ଆଶଙ୍କା ବି ରହିଛି।

କୃଷିରେ ଆଜୋଲେ ଫଙ୍ଗିସାଇଡ୍ସ ବନ୍ଦ ହେବା ଦରକାର। ୨୫ ପ୍ରକାର ଆଜୋଲେ କୃଷିରେ ବ୍ୟବହାର କରାଯାଉଛି। କିନ୍ତୁ ମେଡିକାଲରେ ମାତ୍ର ତିନିପ୍ରକାର ବ୍ୟବହାର କରାଯାଉଛି। ମେଡିକାଲରେ ବ୍ୟବହାର କରାଯାଉଥିବା ଆଜୋଲେ ବେସ୍‌ଡ ଆଣ୍ଟିଫଙ୍ଗାଲର ପ୍ରଭାବ କିଛି ରହୁନାହିଁ। ଏଣୁ ଆଗଧାଡିର ଚିକିତ୍ସାରୁ ଏହା ଶୀଘ୍ର ଦୂରେଇଯାଉଛି ଯାହାଦ୍ୱାରା ମୃତ୍ୟୁହାର ୧୦୦ ପ୍ରତିଶତ ହେଉଛି। ଫଙ୍ଗିସାଇଡ୍ ଯେଉଁ ହାରରେ ଆବିଷ୍କୃତ ହେଉଛି ତା'ଠାରୁ ବେଶି ଫଙ୍ଗିସାଇଡ୍ ରେଜିଷ୍ଟାନ୍ସ ପ୍ରକାଶ ପାଉଛି। ଆଣ୍ଟିବାୟୋଟିକ୍ସ କ୍ଷେତ୍ରରେ ବି ସମାନ ଅବସ୍ଥା। କିନ୍ତୁ ଆଜୋଲେକୁ ସୀମିତ କରିବା ବଦଳରେ ସରକାର କିଛିବର୍ଷ ହେବ ଏହାର ବ୍ୟବହାରକୁ ବୃଦ୍ଧି କରିଛନ୍ତି। ୨୦୦୫ରୁ ବିଶ୍ୱରେ ଏହାର ବିକ୍ରି ତିନିଗୁଣ ବୃଦ୍ଧିପାଇଛି। ମଣିଷ ଓ ପ୍ରାଣୀଙ୍କ ଚିକିତ୍ସା ତଥା କୃଷିର ସୁରକ୍ଷା ପାଇଁ ଏହା ଯେ ବ୍ୟବହାର କରାଯାଉଛି ତାହାନୁହେଁ, ଏହାକୁ ବି କାଠଗଣ୍ଡିକୁ ସୁରକ୍ଷିତ ରଖିବା ଓ ଆଣ୍ଟିଫ୍ଲୋରିଂ କୋଟିଂ ଭାବେ ବ୍ୟବହାର କରାଯାଉଛି। ସେଲସ୍ ଓ ଭୌଗୋଳିକ ବିତରଣରେ ଫଙ୍ଗିସାଇଡସ୍ ବୃଦ୍ଧିପାଇଛି। ୨୦୧୨ରେ ବୈଜ୍ଞାନିକମାନେ ଆଳୁ ଉତ୍ପାଦନରେ ବ୍ୟବହାର କରାଯାଉଥିବା ୩୩ ପ୍ରକାର ଫଙ୍ଗିସାଇଡ୍ ଉପରେ ଅଧ୍ୟୟନ କରିଛନ୍ତି ଏବଂ ୭୫ ପ୍ରତିଶତ ଭୂପୃଷ୍ଠ ଜଳ ଓ ୫୮ ପ୍ରତିଶତ ଭୂତଳ ଜଳ ନମୁନାରେ ଅତି କମ୍‌ରେ ଗୋଟିଏ ଫଙ୍ଗିସାଇଡ୍ ପାଇଛନ୍ତି।

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ କବକ ଦ୍ରୁତଗତିରେ ବ୍ୟାପିଚାଲିଛି। ଆମେ ବେଶି କବକନାଶୀ ବ୍ୟବହାର କରିବା ଦ୍ୱାରା ଅତ୍ୟଧିକ ରୋଗସୃଷ୍ଟିକାରୀ ଓ ଔଷଧ ପ୍ରତିରୋଧୀ କବକ ସୃଷ୍ଟି କରିଚାଲିଛୁ। ବିଶ୍ୱରେ ମ୍ୟାଲେରିଆ କିମ୍ବା ସ୍ତନକର୍କଟରେ ଯେତିକି ଲୋକ ମୃତ୍ୟୁବରଣ କରୁଛନ୍ତି କବକଜନିତ ରୋଗରେ ତା'ଠାରୁ ବେଶି ମୃତ୍ୟୁମୁଖରେ ପଡୁଛନ୍ତି। ଏହି ମୃତ୍ୟୁସଂଖ୍ୟାକୁ ଏଚ୍‌ଆଇଭି ଓ ଯକ୍ଷ୍ମା ସହ ବି ତୁଳନା କରାଯାଇପାରେ। କିନ୍ତୁ ଏଯାବତ ଭାରତ ସରକାର ଏହି ସମସ୍ୟା ଉପରେ ମୁଣ୍ଡ ଖେଳାଇନାହାନ୍ତି।

Email: gandhim@nic.in

## ଉଠରେ ପୁତ ଉଠ

ଶକୁନ୍ତଳା ପଣ୍ଡା

ସମୟ ତା'ର ଚକ୍ରରେ ଘୂରି ଘୂରି ଛଅଟି ଋତୁ ଦିଏ ପୃଥିବୀକୁ। ସମସ୍ତେ ଜାଣିଛନ୍ତି ଛଅ ଋତୁରୁ ଆମେ ତିନୋଟି ଉପଭୋଗ କରୁଛେ, ଯଥା–ଗ୍ରୀଷ୍ମ, ବର୍ଷା ଓ ଶୀତ। ଶରତ, ହେମନ୍ତ ଓ ବସନ୍ତ ଯାହା ପାଠ୍ୟକ୍ରମରେ ପଢ଼ା ହେଉଛି।

ଆଉ ଗୋଟିଏ ଋତୁ ହେଲା ସ୍କୁଲରେ ନାଁ ଲେଖା ଋତୁ, ପିଲାଙ୍କର ପରୀକ୍ଷା ନ ସରୁଣୁ ବାପା ଓ ମା' ବ୍ୟତିବ୍ୟସ୍ତ ପିଲାର କେଉଁ ସ୍କୁଲରେ ନାଁ ଲେଖାହେବ। ରାତିରେ ଆଖିରୁ ନିଦ ହଜିଯାଉଛି। ଇଂଲିଶମାଧ୍ୟମ ବେସରକାରୀ ସ୍କୁଲ ସବୁ ଗାଁଠୁ ସହରଯାଏ ଛତୁ ଫୁଟିଲାଣି। ଯାହାର ଟିକେ ଅଧିକ ରୋଜଗାର ଅଛି ସେ ଯେମିତି ହେଉ ତା' ପିଲାକୁ ଇଂଲିଶମାଧ୍ୟମ ସ୍କୁଲକୁ ପଠାଇବ। ସରକାରୀ ସ୍କୁଲ ଉପରୁ ଆମମାନଙ୍କର ଆସ୍ଥା ତୁଟିଗଲାଣି। ଆଗ ଅପେକ୍ଷା ସରକାରୀ ବିଦ୍ୟାଳୟରେ ବହୁତ ସୁବିଧା ହେଲାଣି। ହେଲେ ସ୍କୁଲକୁ ଦେଖି ଅଭିଭାବକ ପିଲା ପଠାଇବାକୁ ନାରାଜ। ପୋଷାକ, ବହିପତ୍ର, ବ୍ୟାଗ୍, ଜୋତା, ସାଇକେଲ, ଖାଇବା ଦେଲେ ବି ପିଲା ହେଉନାହାନ୍ତି। କେଉଁ ସ୍କୁଲରେ ଶିକ୍ଷକ ଅଛନ୍ତି ପିଲା ନାହାନ୍ତି, କେଉଁଠି ପିଲା ଅଛନ୍ତି ତ ଶିକ୍ଷକ ନାହାନ୍ତି। ଛାଇ ଆଲୁଅ ଖେଳ ହେଉଛି। ବେସରକାରୀ ସ୍କୁଲରେ ଅଧିକ ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି।

ଦେଶରେ କ'ଣ ପାଇଁ ଏ ପରିସ୍ଥିତି? ପିଲାଟିକୁ ପାଠ ପଢାଇବେ ଭବିଷ୍ୟତ ଗଢିବେ। ଗାଁ ଘର ଭିଟାମାଟି ଛାଡି ଇଂଲିଶମାଧ୍ୟମ ସ୍କୁଲରେ ଆମ ପିଲା ପଢିଲେ ଭଲ ମଣିଷ ହେବ, ବଡ ଚାକିରି କରିବ ଓ ବହୁତ ଟଙ୍କା ରୋଜଗାର କରିବ। ଏ ସବୁ ପ୍ରତିଦ୍ୱନ୍ଦ୍ୱିତା ଦେଖି ପିଲାବେଳେ ବୁଢୀମା'ଠାରୁ ଶୁଣିଥିବା କାହାଣୀ ମନେପଡୁଛି–

''ତରୁ ଡାଳେ ବସି ବାହୁନି ବାହୁନି
କାନ୍ଦଇ କପୋତ ମାତ,
ସେରକ ପୂରିଲା ମାଣକ ପୂରିଲା
ଉଠରେ ଉଠରେ ପୁତ।''

ଏହାର ଅର୍ଥ ଗୋଟିଏ ଗଛରେ କୁଆ ଓ କପୋତ ସାଥିହୋଇ ରହୁଥିଲେ। କୁଆ ଗୋଟିଏ ଡାଳରେ ବସା ବାନ୍ଧି ତା'ର ଦୁଇଟି ପିଲାଙ୍କୁ ଧରି ଖୁସିରେ ରହେ। ଦୁଇ ବନ୍ଧୁ ଖୁସିରେ ରହନ୍ତି। ଏମିତି ହସଖୁସିରେ ସମୟ ବିତିଯାଏ। ଦିନକର କଥା– ଏମାନଙ୍କ ପିଲାମାନେ ବଡ଼ ହୋଇଗଲେଣି। ମା'ମାନେ ଭାବିଲେ ଆମ ପିଲା କେଡ଼େ ପାରିବାର ହେଲେଣି ପରୀକ୍ଷା କରିବା। ଦିନେ କୁଆ ମାଣରେ ମାଣେ ଧାନ ଦେଇ କହିଲା ପିଲାଏ, ଏହି ଧାନ ନେଇ କୁଟି ଚାଉଳ କରି ଆଣ ରୋଷେଇ ହେବ। କପୋତ ମଧ୍ୟ ସେହି କଥା ତା' ପିଲାଙ୍କୁ କହିଲା ଏବଂ ଧାନ ଦେଇ ପଠାଇଲା।

କୁଆ ଓ କପୋତର ପିଲାମାନେ ଧାନ ନେଇ ଅଲଗା ଅଲଗା ଦିଗକୁ ଗଲେ କୁଟି ଚାଉଳ ଧରି ଫେରିବେ। ଯଥା ସମୟରେ ପିଲାମାନେ ବସାକୁ ଫେରିଲେ। କୁଆର ପିଲା ଧାନକୁ କୁଟି ତଳେ କୁଣ୍ଡା ଓ ଉପରେ ଚାଉଳ ରଖି ନେଇ ଆସିଛନ୍ତି। କପୋତର ପିଲାମାନେ ଚାଉଳ ଅଲଗା ଓ କୁଣ୍ଡା ଅଲଗା ଆଣିଛନ୍ତି।

କୁଆ ଭାରି ଚାଲାକ୍। ସେ କହିଲା, ଦେଖ ମିତ, ମୋ ପିଲା ବେଶି ଆଣିଛି। ତୋ ପିଲାର କମ୍ ଦିଶୁଛି। କପୋତର ଟିକେ ବୁଦ୍ଧି କମ୍। ସେ କିଛି ନ ବୁଝି ତା'ର ପିଲାଙ୍କୁ ପିଟିଲା, ଏତେ ପିଟିଲା ଯେ ସେମାନେ ବେହୋସ ହୋଇଗଲେ। ଆଉ ଜଣେ ସାଥୀ ଆସି କହିଲା, ତୁ ପିଲାକୁ ପିଟିଲୁ କାହିଁକି? କୁଣ୍ଡା ଚାଉଳ ମିଶାଇ ଦେଖ ତୋର ସେତିକି ହେଉଛି କି ନାହିଁ। କପୋତ ସଙ୍ଗେ ସଙ୍ଗେ ମିଶାଇ ଦେଲା। କୁଆର ଯେତିକି ତା'ର ମଧ୍ୟ ସେତିକି ହେଲା। ପିଲାମାନଙ୍କୁ ଖୁସିରେ ଡାକିଲା। ପିଲାଏ ଉଠ, ମୋର ମାଣ ପୂରିଲା ଉଠ, ହେଲେ ପିଲାଏ ଆଉ ଉଠିଲେ ନାହିଁ। ସବୁଦିନ ପାଇଁ ଆଖି ବୁଜିଦେଇଥିଲେ। ସେବେଠାରୁ ଗଛଡାଳରେ ବସି କପୋତୀ ଗୁମୁରି ଗୁମୁରି କାନ୍ଦେ। ପିଲାମାନଙ୍କର କଥା ମନେପକାଏ। କୁଆର ପିଲାଙ୍କୁ ଦେଖି ସେ ମନେ ମନେ ଅନୁତାପ କରେ।

ବର୍ତ୍ତମାନ ସମାଜରେ ପିଲା କ'ଣ ଚାହୁଁଛି, ତା'ର କେଉଁ ପାଠରେ ଲକ୍ଷ୍ୟ ଅଛି ନ ବୁଝି ଅଭିଭାବକମାନେ କୁଆ ଓ କପୋତ ପରି ଲଢେଇ କରୁଛନ୍ତି। ପାଠ ବୋଝରେ ପେଷି ହେଉଛନ୍ତି ପିଲାଏ। ସ୍କୁଲ, ଟ୍ୟୁଶନ୍ ଓ ବିଭିନ୍ନ କମ୍ପିଟିଶନ୍ ପରୀକ୍ଷା ଦେଇ ଦେଇ ଥକି ପଡୁଛନ୍ତି। ଟିକେ ଖେଳକୁଦ କରିବାକୁ ସମୟ ପାଉନାହାନ୍ତି। ସେମାନେ ପୁସ୍ତକକୀଟ ପାଲଟି ଯାଉଛନ୍ତି। ଶୈଶବ କେତେ ସୁନ୍ଦର। ଅଢେଇବର୍ଷ ହେଉ ହେଉ ଖେଳ ସ୍କୁଲ ଯାଅ। ଘରେ ନିଦ ଭାଙ୍ଗି ନ ଥିବ, ଏଣେ ସ୍କୁଲ ଭ୍ୟାନ୍ ଆସି ପେଁ ପେଁ କରି ହର୍ନ ମାରିବ। ଖାଅ ନ ଖାଅ ଡ୍ରେସ୍ ଜୋତା ପିନ୍ଧି ରେଡି ହୋଇଯାଅ।

ଯେଉଁ ବୟସରେ ମା' ଓ ଜେଜେମା' ପଣତରେ ମୁହଁ ପୋଛୁଥିବେ, ନିଦ ଭାଙ୍ଗିବା ପାଇଁ କାହାଣୀ ଶୁଣିବା କଥା, ସେହି ବୟସରେ ବହିବସ୍ତାନି ମୁଣ୍ଡେଇ ଗାଡି ପାଖକୁ ଧାଇଁବାକୁ ବାଧ୍ୟ। ଏହା ହେଉଛି ଆଧୁନିକ ଶିକ୍ଷା ବ୍ୟବସ୍ଥା। ଆଜିକାଲି ଯୁଗରେ କେହି ଅଜଣା ନୁହନ୍ତି। ଦୂରଦର୍ଶନ ଓ ମୋବାଇଲ ଫୋନ ମାଧ୍ୟମରେ ସମସ୍ତେ ସବୁ ଜାଣି ପାରୁଛନ୍ତି। ବିଜ୍ଞାନ ବହୁତ ଆଗେଇଯାଇଛି। ହେଲେ ପୁରାତନ ଯେତେ ପୁରୁଣା ହେଲେ ବି ସେ ସ୍ମୃତି ମଧୁର। ସବୁ ଶିକ୍ଷା ଓ ସଂସ୍କୃତିକୁ ସମ୍ମାନ ଦିଅ। କାରଣ ଜୀବନ ବଡ଼।

ଓଷକା, ଭାଗବତପୁର, କେନ୍ଦ୍ରାପଡ଼ା,
ମୋ–୯୪୩୭୪୯୩୯୦୭

## ଏଇ ଭାରତରେ

ହ୍ୱିଲ୍ ଚେୟାରର ସାହାରା ନେଇଥିବା ଜଣେ ମହିଳା ହଜାର ହଜାର ଦିବ୍ୟାଙ୍ଗଙ୍କୁ ନିଜ ଗୋଡ଼ରେ ଠିଆ କରାଉଥିବା ଭଳି ପ୍ରେରଣାଦାୟକ ଘଟଣା ସାମ୍ନାକୁ ଆସିଛି ମହାରାଷ୍ଟ୍ରରେ। ମହିଳାଙ୍କ ନାମ ନସୀମା ମହମ୍ମଦ ଅସୀନ ହୁର୍ଜୁକ। ବୟସ ୬୯। କୋହ୍ଲାପୁର ସହର ନିବାସୀ ନସୀମା ଦିବ୍ୟାଙ୍ଗଙ୍କ ପାଇଁ ଆଶାବାଡ଼ି ପାଲଟିଯାଇଛନ୍ତି। ସେ ନସୀମା ଦିଦି ନାମରେ ଜଣାଶୁଣା। ପିଲାଦିନେ ନସୀମା ଖେଳାଳି ହେବାକୁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାଙ୍କ ସ୍ୱପ୍ନ ସାକାର ହୋଇପାରି ନ ଥିଲା। ୧୭ ବର୍ଷ ବୟସ ପରେ ସେ ପାରାପ୍ଲେଜିୟା ରୋଗ(ଯେଉଁଥିରେ ଶରୀରର ନିମ୍ନାଙ୍ଗ ଓ ଉଭୟ ପାଦ ଅଚଳ ହୋଇଯାଏ)ରେ ପୀଡ଼ିତ ହୋଇ ଚାଲିବାକୁ ଅକ୍ଷମ ହୋଇଗଲେ। ତଥାପି ସେ ଭାଙ୍ଗି ନ ପଡି ଜୀବନ ସଂଗ୍ରାମରେ ଆଗକୁ ବଢିଥିଲେ। ସେହି ସମୟରେ ସ୍ଥାନୀୟ ଜଣେ ବ୍ୟବସାୟୀଙ୍କ ପ୍ରେରଣାରେ ପଢ଼ା ଜାରି ରଖିଥିଲେ। ପରେ କେନ୍ଦ୍ରୀୟ ଉତ୍ପାଦ ଓ ସୀମା ଶୁଳ୍କ ବିଭାଗରେ ଚାକିରି କରିଥିଲେ। କିନ୍ତୁ ତାଙ୍କ ଭଳି ଦିବ୍ୟାଙ୍ଗମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ଚାକିରି ଛାଡ଼ିଦେଇ କୋହ୍ଲାପୁରରେ 'ଦିବ୍ୟାଙ୍ଗ ପୁନର୍ବାସ ସଂସ୍ଥାନ' ଗଠନ କରିଥିଲେ। ଏହି ସଂସ୍ଥା ମାଧ୍ୟମରେ ସେ ପାରାପ୍ଲେଜିୟା ପୀଡିତଙ୍କ ମାନସିକ ଓ ଭାବନାତ୍ମକ ସମସ୍ୟାର ସମାଧାନ କରିବା ଆରମ୍ଭ କରିଥିଲେ। ଏହାପରେ ୧୯୮୪ରେ ତାଙ୍କର କେତେଜଣ ସାଙ୍ଗଙ୍କ ସହ ମିଶି 'ହେଲ୍ପର୍ସ ଅଫ୍ ଦି ହ୍ୟାଣ୍ଡିକ୍ୟାପ୍‌ଡ କୋହ୍ଲାପୁର' ସଂସ୍ଥା ଆରମ୍ଭ କରିଥିଲେ। ଏହି ସଂସ୍ଥା ମାଧ୍ୟମରେ ସେ ୩୫ ବର୍ଷ ମଧ୍ୟରେ ପାରାପ୍ଲେଜିୟାରେ ପୀଡିତ ୧୩,୦୦୦ରୁ ଊର୍ଦ୍ଧ୍ୱ ଝିଅପୁଅଙ୍କୁ ଥଇଥାନ କରିପାରିଛନ୍ତି। ଏହା ସହ ହଜାର ହଜାର ଦିବ୍ୟାଙ୍ଗଙ୍କ ସେବା କରିବାରେ ସକ୍ଷମ ହୋଇଛନ୍ତି।

### ଚିରନ୍ତନୀ

ଆଶାର ଆଲୋକେ ତେଣୁ
ଜୀବନର ମହାଦୀପ ଜାଳି
ସହଜ ସମ୍ମୁଖ ପଥେ
ପଦ ଦୁଇ ନିଅ ବେଗେ ଚାଳି।

(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | C | | 6 | | D | 1 | | | | | | |
| | E | 1 | | | | | | | | 2 | | | | |
| | | | 3 | | 7 | C | | | | 8 | | | A | |
| | 0 | | | 4 | 5 | B | | | 9 | | | | 3 | |
| | 7 | | | B | | | | | A | | 5 | | 4 | |
| C | | | | A | 4 | | 0 | | E | | 9 | | 2 | |
| | 8 | 4 | | 2 | | 7 | | | 1 | | | | | |
| 9 | | A | B | | | | E | | | 7 | | | | |
| | | 3 | E | | | 8 | 5 | D | 2 | B | | | 0 | |
| | B | | 5 | D | C | 4 | 2 | | | | | | | 7 |
| | D | | | | B | 2 | 9 | | | | | | C | 8 |
| B | 9 | | | | 2 | 3 | | | | 1 | | | | 0 |
| | | | | 3 | | | 8 | | 7 | D | | | | E |
| | | | D | | | 5 | | A | 3 | | | | | |
| | | | | 1 | | | | | 0 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 4 | 0 | A | 9 | 7 | 5 | B | 3 | D | C | E | 2 | 8 |
| 0 | E | 8 | B | D | 3 | 1 | 9 | 2 | 6 | 4 | A | 5 | C | 7 |
| 3 | B | 5 | 7 | C | 1 | D | 4 | 8 | 2 | E | 0 | 6 | 9 | A |
| D | 9 | 2 | 6 | 8 | 4 | E | A | C | 5 | B | 7 | 3 | 0 | 1 |
| C | A | 7 | 2 | E | 5 | 0 | 6 | 3 | 1 | 9 | 8 | B | 4 | D |
| 7 | D | 6 | 1 | 2 | B | A | C | 4 | 0 | 3 | E | 8 | 5 | 9 |
| 4 | C | 1 | D | 3 | E | 8 | 0 | 5 | 9 | A | 6 | 2 | 7 | B |
| B | 3 | 9 | 8 | 6 | 0 | 2 | D | E | C | 7 | 5 | A | 1 | 4 |
| 8 | 5 | A | C | 4 | 7 | 3 | B | 9 | D | 2 | 1 | 0 | 6 | E |
| 2 | 0 | E | 9 | 5 | A | 6 | 7 | 1 | B | 8 | 4 | D | 3 | C |
| 1 | 6 | B | 3 | 7 | D | 9 | E | 0 | 8 | C | 2 | 4 | A | 5 |
| E | 8 | 3 | 5 | 0 | C | 4 | 2 | A | 7 | 1 | B | 9 | D | 6 |
| 5 | 4 | 0 | A | 1 | 8 | C | 3 | D | E | 6 | 9 | 7 | B | 2 |
| 9 | 2 | C | 4 | B | 6 | 5 | 8 | 7 | A | 0 | D | 1 | E | 3 |
| A | 7 | D | E | 9 | 2 | B | 1 | 6 | 4 | 5 | 3 | C | 8 | 0 |

ଗତକାଲିର ଉତ୍ତର

# ବିଶେଷଜ୍ଞ ଆମଦାନି



ଡ. ସୁବାସ ଚନ୍ଦ୍ର ପାତ୍ର

କିଛି ବର୍ଷ ତଳେ ସଚିବାଳୟସ୍ଥ (ଏବର ଲୋକସେବା ଭବନ) ସାଧାରଣ ପ୍ରଶାସନ ବିଭାଗକୁ କୌଣସି ଏକ କାମରେ ଯାଇଥିଲି। ବିଭାଗକୁ ପ୍ରବେଶ ଅଳିନ୍ଦର କାନ୍ଥରେ କଳା ଲାମିନେଟ୍ ଉପରେ ପିତ୍ତଳ ଅକ୍ଷରରେ ଲେଖାଥିଲା, 'ଚୁପ୍! ମହାଜ୍ଞାନୀ କାର୍ଯ୍ୟରତ!' (ସାଇଲେନ୍‌ସ, ଜେନିୟସ୍ ଆଟ୍ ୱାର୍କ)। ମନରେ ଦ୍ୱନ୍ଦ୍ୱ ଜନ୍ମିଲା। ସଚିବାଳୟର ସବୁ ବିଭାଗରେ ମହାଜ୍ଞାନୀ ହାକିମମାନେ କାମ କରନ୍ତି। ଖାଲି ସାଧାରଣ ପ୍ରଶାସନ ବିଭାଗ କାନ୍ଥରେ ଏ ସତର୍କବାଣୀ କାହିଁକି? ଅବଶ୍ୟ ସେ ଲେଖାଟି ଏବେ ଅଛି କି ନାହିଁ ଜାଣେ ନାହିଁ।

ଏ ପ୍ରସଙ୍ଗ ଅବତାରଣାର କାରଣ ଆମ ପ୍ରଦେଶରେ ଏତେ ମହାଜ୍ଞାନୀ ଥିଲାବେଳେ ସବୁକଥାରେ ବିଶେଷଜ୍ଞ ଆମଦାନି କାହିଁକି କରାଯାଉଛି? ନନ୍ଦନକାନନର ହାତୀକୁ ହରପିସ୍ ହେଲା। କୁହାଗଲା, ଏହା ଏକ ବିରଳ ରୋଗ। ଏ ବିଷୟରେ ଆମର ବିଶେଷ ଧାରଣା ନାହିଁ। କେରଳରୁ ବିଶେଷଜ୍ଞ ଆସିଲେ ଚିକିତ୍ସା ହେବ। ଶ୍ରୀମନ୍ଦିରରୁ ପଥର ଖସିଲା, ନାଟ ମନ୍ଦିର କାନ୍ଥ ଫାଟିଲା। କୁହାଗଲା ରୁର୍‌କିରୁ, ଆଇଆଇଟି ଚେନ୍ନାଇରୁ ବିଶେଷଜ୍ଞ ଆସି ପରୀକ୍ଷା କରି ରିପୋର୍ଟ ଦେଲେ କାର୍ଯ୍ୟାନୁଷ୍ଠାନ ହେବ। କୋଣାର୍କ ପ୍ରସଙ୍ଗରେ ସେହି ଏକା କଥା କୁହାଗଲା। ଜଗା–କାଳିଆ ଚିକିତ୍ସିତ ହୋଇ କଟକ ଫେରିଲା ପରେ ମଧ୍ୟ ଏହି ବିଶେଷଜ୍ଞ ଭୂତ ସେ ଯାଆଁଳା ପିଲାଦ୍ୱୟକୁ ଛାଡୁନାହିଁ। କଥା କଥାକେ କୁହାଯାଉଛି, 'ଆମେ ଏମ୍ସର ବିଶେଷଜ୍ଞଙ୍କ ସହ କଥାବାର୍ତ୍ତା ଜାରି ରଖିଛୁ।'

ମାନବିକ ସ୍ୱାସ୍ଥ୍ୟ, ପଶୁ ଚିକିତ୍ସା, କୋଠାବାଡ଼ି ରକ୍ଷଣାବେକ୍ଷଣ ଆଦି ବିଶେଷ କ୍ଷେତ୍ର ଛାଡ଼ି ଓଡ଼ିଶାରେ ଯଦି ଗୋଟିଏ ଜନ ଆନ୍ଦୋଳନ କରାଯାଏ ତାହା ପାଇଁ ମଧ୍ୟ 'ବିଶେଷଜ୍ଞ' ଖୋଜା ପଡୁଛି। ଅର୍ଥାତ୍ ପୋସ୍କୋ ବିରୋଧରେ ପାରାଦୀପରେ ଲଢ଼େଇ ହେବ କିନ୍ତୁ ଖୋଜାପଡୁଛି ଅରୁନ୍ଧତୀ ରାୟ ବା ଆନ୍ନା ହାଜାରେଙ୍କ ଭଳି ସଂଗ୍ରାମୀମାନଙ୍କୁ, କାରଣ ସେମାନେ ନ ଆସିଲେ ସଂଗ୍ରାମର ଉଚ୍ଚତା ବଢ଼ିବନି!

ଏବେ ସୁପର ସ୍ପେଶାଲାଇଜେଶନର ଯୁଗ। ସମସ୍ତଙ୍କୁ ସୁପର ସ୍ପେଶାଲିଷ୍ଟଙ୍କ ପରାମର୍ଶ ଦରକାର। ଠିକ୍ ଅଛି। ତେବେ କେତେଜଣ ଓଡ଼ିଆ ଡାକ୍ତର, ଇଞ୍ଜିନିୟର, ଶିକ୍ଷାବିତ୍, ପ୍ରାଣୀ ଚିକିତ୍ସକଙ୍କୁ ଅନ୍ୟ ରାଜ୍ୟ ସରକାର ବା କେନ୍ଦ୍ର ସରକାର ଲୋଡୁଛନ୍ତି? ଖାଲି ଓଡ଼ିଆ ସ୍ୱାଭିମାନ ଭୂଲୁଣ୍ଠିତ ହେଉନାହିଁ, ଆମ ପ୍ରଦେଶର ମାନବସମ୍ବଳ ଏହି ମନୋଭାବର ଶିକାର ହେଉଛି। ନିଜର ବୌଦ୍ଧିକ ସ୍ଥିତିକୁ ନେଇ ଆମେ ଏତେ ସନ୍ଦିହାନ ଯେ, ଆମ ଅବସ୍ଥା ଏତେ ବିକଳ ଯେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ବା ରିଜର୍ଭ ବ୍ୟାଙ୍କର ଗଭର୍ନର ତ ଦୂରର କଥା ଭାରତ ସରକାରଙ୍କ କୌଣସି ସାଧାରଣ ବିଭାଗର ମୁଖ୍ୟ ପଦରେ ବା କୌଣସି ଏକ ବ୍ୟାଙ୍କ ବା କମ୍ପାନୀର ପ୍ରମୁଖ ପଦବୀରେ ଜଣେ ଓଡ଼ିଆ ଅଧିଷ୍ଠିତ ହେଲେ ତାହା ଗଣମାଧ୍ୟମରେ ଏକ ବିଶାଳ ଖବର ହୋଇ ବାହାରୁଛି। ସତେଯେମିତି ଏ ସଫଳତା ଓଡ଼ିଆ ଜାତିର ଭାଗ୍ୟର କଥା। ବୋଧହୁଏ ଏଇଠି ଆରମ୍ଭ, ଏଇଠି ଶେଷ! ବରଂ ଏହା ଆମର ପ୍ରାପ୍ୟ ଏବଂ ଏହା ଏକ ସାଧାରଣ ପ୍ରକ୍ରିୟା ବୋଲି ଆମେ ଭାବିବା ଉଚିତ।

ମେଧା ନ ଚିହ୍ନିବା ବା ଚିହ୍ନି ନ ପାରିବାର ଛଳନା କରିବାରେ ଓଡ଼ିଶାର ବେଶ୍ ସୁନାମ ଅଛି। ତା' ନ ହୋଇଥିଲେ ପ୍ରଖ୍ୟାତ କବି, ସମାଲୋଚକ ତଥା ମୌଳିକ ଚିନ୍ତାନାୟକ ଡ. ମାୟାଧର ମାନସିଂହ ଲଣ୍ଡନରୁ ଡକ୍ଟରେଟ୍ କରିଥିବା ସତ୍ତ୍ୱେ ଓଡ଼ିଶା ସରକାରୀ କଲେଜର ଅଧ୍ୟାପକ ଚୟନ ଅବକାଶରେ ପ୍ରଥମ ଥର ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ତାଙ୍କୁ ଅଯୋଗ୍ୟ ଘୋଷିତ କରି ନ ଥାନ୍ତେ, ଯେଉଁଥିପାଇଁ ସେ କିଛିଦିନ ସ୍କୁଲରେ ଶିକ୍ଷକତା କରି କିଛି ବର୍ଷ ପରେ ଦ୍ୱିତୀୟ ଥର ପରୀକ୍ଷାରେ ସଫଳ ହୋଇ କଲେଜ ଶିକ୍ଷାରେ ପ୍ରବେଶ କଲେ। ବିଜୁ ପଟ୍ଟନାୟକ ଏ କ୍ଷେତ୍ରରେ ଟିକେ ବ୍ୟତିକ୍ରମ ଥିଲେ। ଆବଶ୍ୟକତା ଅନୁଯାୟୀ ସେ ଭିନ୍ନ ଭାବରେ ପ୍ରତିଭା ଖୋଜି ଆଣୁଥିଲେ, ଯାହାର ଉଦାହରଣ ପ୍ରଖ୍ୟାତ ବ୍ରିଟିଶ ଜୀବବିଜ୍ଞାନୀ ଜେ.ବି.ଏସ୍. ହାଲଡେନ୍‌ଙ୍କୁ ଆଣି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପଦବୀ ସୃଷ୍ଟି କରି ନିଯୁକ୍ତି ଦେବା। ଏହା ଷାଠିଏ ଦଶକର କଥା, ଯେତେବେଳେ ବିଶେଷ ଜ୍ଞାନ କ୍ଷେତ୍ରରେ ଓଡ଼ିଶା ପଛୁଆ ଥିଲା।

ତେବେ ବୁଦ୍ଧିକୈନ୍ଦ୍ରିକ ସେବା ଯଥା– ଶିକ୍ଷା, ସ୍ୱାସ୍ଥ୍ୟ, ଇଞ୍ଜିନିୟରିଂ, କୃଷି, ଜଳସମ୍ପଦ, ପ୍ରାଣୀ ଚିକିତ୍ସା, ଖଣି ତଥା ଜଙ୍ଗଲ ପରିଚାଳନା ଆଦି କ୍ଷେତ୍ରରେ ଓଡ଼ିଶାର ଦୁର୍ଦ୍ଦଶାର କାରଣ କ'ଣ? ପ୍ରମୁଖ କାରଣ ହେଲା ସବୁ ବିଭାଗର ଭୟଙ୍କର ଅମଲାତନ୍ତ୍ରୀକରଣ, ଅର୍ଥାତ୍ ଉଚ୍ଚତମ ଅମଲାମାନେ ଅଜ୍ଞତା ବା ଈର୍ଷା ବା ଗୁରୁତ୍ୱହ୍ରାସ ଆଶଙ୍କାର ଶିକାର ହୋଇ ଏ ସମସ୍ତ ଦକ୍ଷତାକୈନ୍ଦ୍ରିକ ବିଭାଗରେ ନିୟୋଜିତ କର୍ମଚାରୀମାନଙ୍କ ବିକାଶର ଦ୍ୱାର ଉନ୍ମୁକ୍ତ କରିବା କ୍ଷେତ୍ରରେ ଅନ୍ତରାୟ ସାଜୁଛନ୍ତି। ସେ ଡାକ୍ତର ଅବା ଇଞ୍ଜିନିୟର ଅବା ଶିକ୍ଷକ ଅବା କୃଷିବିଜ୍ଞାନୀ ହୁଅନ୍ତୁ– ଚାକିରିରେ ଯୋଗଦାନ ଦିନ ସେମାନଙ୍କ ଯେତିକି ଜ୍ଞାନ ଓ ବୌଦ୍ଧିକତା ଥିଲା ସେହି ଅବସ୍ଥାରେ ତାହା ରହି ଯାଉଛି। ସେମାନଙ୍କ ଜ୍ଞାନର ନବୀକରଣ ଘଟୁନାହିଁ। ଜ୍ଞାନଭିତ୍ତିକ ବିଭାଗର ଏହି ଅଫିସରମାନଙ୍କ ନିୟମିତ ବୌଦ୍ଧିକ ଅଗ୍ରଗତି ତଥା ଜ୍ଞାନ ରାଇଜରେ ଘଟୁଥିବା ସଦ୍ୟତମ ଘଟଣା ସହ ପରିଚିତି ପାଇଁ ସରକାରୀ ସ୍ତରରେ କିଛି ପଦକ୍ଷେପ ନିଆଯାଉନାହିଁ। ଫଳରେ ବହୁତ ସମ୍ଭାବନା ଓ ପ୍ରଚଣ୍ଡ ପ୍ରତିଭା ନେଇ ବୃତ୍ତିରେ ପ୍ରବେଶ କରିଥିବା ଏହି କର୍ମଚାରୀମାନେ ଟେବୁଲକୈନ୍ଦ୍ରିକ ଜୀବନଯାପନ କରି ପରବର୍ତ୍ତୀ ସମୟରେ ଜୀବନ୍ତ ଜୀବାଶ୍ମରେ ପରିଣତ ହେଉଛନ୍ତି, ଯେଉଁଥିପାଇଁ ସେମାନଙ୍କୁ ହିଁ ପ୍ରତି କଥାରେ ବିଶେଷଜ୍ଞ ବା ପରାମର୍ଶଦାତାମାନଙ୍କ ପାଖକୁ ଦୌଡ଼ିବାକୁ ପଡୁଛି। ଅଥଚ ପରାମର୍ଶଦାତା ଯୋଗାଡ଼ ଓ ନିଯୁକ୍ତିରେ ଯେତିକି ଖର୍ଚ୍ଚ କରାଯାଉଛି ସେହି ପଇସାରେ ପ୍ରତି ବିଭାଗରେ ସମସ୍ତେ ନ ହେଲେ ବି କିଛି ଦକ୍ଷ ଅଫିସରଙ୍କୁ ସଦ୍ୟତମ ଜ୍ଞାନ ଲାଭର ସୁବିଧା ଦେଇ ଏକ ବିଭାଗୀୟ ମେଧାଭଣ୍ଡାର ଗଢ଼ି ତୋଳି ହୁଅନ୍ତା, ଯେଉଁମାନେ ସେ ବିଭାଗ ସମ୍ବନ୍ଧରେ ଆଧୁନିକତମ ନିର୍ଭରଯୋଗ୍ୟ ପରାମର୍ଶ ଦେବାର କ୍ଷମତା ରଖନ୍ତେ।

ହାଲୁକା ସାନ୍ତ୍ୱନାର ବିଷୟ ଯେ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ ତୃଣମୂଳସ୍ତରରେ ମେଧା ବିକାଶ ନିମନ୍ତେ ଛୋଟ ପଦକ୍ଷେପଟିଏ ନେଉଛନ୍ତି। ସଚିବାଳୟରେ ନିଯୁକ୍ତ ଏଏସ୍‌ଓମାନଙ୍କର ଜ୍ଞାନ, ଦକ୍ଷତା ଓ ସୃଜନଶୀଳତାର ଉପଯୋଗ ପାଇଁ ସେମାନଙ୍କ ପରାମର୍ଶ ସମ୍ବଳିତ କିଛି ଫାଇଲ ଏସ୍‌ଓ ବା ଡିଓଙ୍କୁ ନ ଦେଇ ଉପରିସ୍ଥ ଅଫିସରଙ୍କୁ ପଠାଇପାରିବାର ବ୍ୟବସ୍ଥା କରି ଏକ ନୂତନ ମାର୍ଗ ଖୋଲିଛନ୍ତି। ସରକାର ଖାଲି ଯୋଗ୍ୟ ପୋଲିସ ବା ଡାକ୍ତରଙ୍କୁ ପୁରସ୍କୃତ ନ କରି ସମସ୍ତ ବିଭାଗକୁ ଏହା ସମ୍ପ୍ରସାରିତ କରନ୍ତୁ ଏବଂ ବ୍ୟବସ୍ଥାର ପରିବର୍ତ୍ତନ କରି ଦକ୍ଷତାଭିତ୍ତିକ ବିଭାଗର ଅତି ଯୋଗ୍ୟ କର୍ମଚାରୀମାନଙ୍କୁ ବିଶେଷଜ୍ଞ କରି ଗଢ଼ିତୋଳନ୍ତୁ, ଯେଉଁମାନଙ୍କୁ ଅନ୍ୟ ପ୍ରଦେଶ ଖୋଜିବ, କେନ୍ଦ୍ର ସରକାର ଖୋଜିବେ ଏବଂ ଏହାଦ୍ୱାରା ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତା ଅଧିକ ପ୍ରସ୍ଫୁଟିତ ହେବ।

ମୋ–୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ସେବାନିବୃତ୍ତ କର୍ମଚାରୀଙ୍କୁ ଶୀଘ୍ର ପାଉଣା ମିଳୁ

ମହାଶୟ,

ଆମ ରାଜ୍ୟର କେତେକ ସରକାରୀ ଉଦ୍ୟୋଗରେ ବିଭିନ୍ନ ବର୍ଗର (ଏନ୍.ଏମ୍.ଆର୍., ୱାର୍କ ଚାର୍ଜ ଓ ରେଗୁଲାର) କର୍ମଚାରୀ ସେବାନିବୃତ୍ତ ହେଲାବେଳେ ଅବସରକାଳୀନ ପାଉଣା ପାଇବାରେ ଅହେତୁକ ବିଳମ୍ବ ହେଉଛି। ସମଗ୍ର ଚାକିରି କାଳର ଏକକାଳୀନ ଗ୍ରାଚୁଇଟି, ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଥରାଶି ଏବଂ ସଞ୍ଚିତ ଛୁଟି ବାବଦ ବେତନ ହିଁ ପେନସନ ପ୍ରାପ୍ତିରୁ ବଞ୍ଚିତ ଏହି କର୍ମଚାରୀଙ୍କ ଆଗାମୀ ଜୀବନର ସମ୍ବଳ। ଚାକିରିରୁ ଅବସର ଗ୍ରହଣ ପରେ ହଠାତ୍ ମାସିକ ଆୟ ବନ୍ଦ ହୋଇଗଲା ବେଳେ ପରିବାର ପ୍ରତିପୋଷଣ ତଥା ନିଜ ଖର୍ଚ୍ଚ ମେଣ୍ଟାଇବା ପାଇଁ ଏହି ବର୍ଗର କର୍ମଚାରୀଙ୍କ ନିକଟରେ ବିକଳ୍ପ ପନ୍ଥା ନ ଥାଏ। ସରକାରୀ କର୍ମଚାରୀଙ୍କ ପରି ଏମାନଙ୍କ ଚାକିରି ସର୍ତ୍ତାବଳୀ ସ୍ଥିରୀକୃତ ହୋଇଥାଏ, କିନ୍ତୁ ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ପାଉଣା ଦେଲାବେଳେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିଚାରଧାରା ବଦଳିଯାଏ। ଫଳରେ, କେତେକ ସରକାରୀ ଉଦ୍ୟୋଗରେ ସେବା ନିବୃତ୍ତ କର୍ମଚାରୀ ଗ୍ରାଚୁଇଟି ବାବଦ ନ୍ୟାଯ୍ୟ ପାଉଣା ପାଇପାରୁନାହାନ୍ତି। କର୍ତ୍ତୃପକ୍ଷ ସେମାନଙ୍କ ପ୍ରାପ୍ୟ ଯଥାଶୀଘ୍ର ଦେବାର ବ୍ୟବସ୍ଥା କରିବା ଉଚିତ।

ପୁଷ୍ପଲତା ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

### ଯୋଗାଣ ବିଭାଗର ପୋର୍ଟାଲ ବନ୍ଦ

ଯୋଗାଣ ବିଭାଗର ପୋର୍ଟାଲ ଦୀର୍ଘଦିନ ହେଲା ବନ୍ଦ ଥିବାରୁ ଯୋଗ୍ୟ ହିତାଧିକାରୀମାନେ ସେମାନଙ୍କ ନାମ ଖାଦ୍ୟ ନିରାପତ୍ତା ତାଲିକାରେ ସଂଯୋଗ କରି ପାରୁନାହାନ୍ତି। ଫଳରେ ହିତାଧିକାରୀମାନେ ରାଶନ କାର୍ଡ ପାଇ ପାରୁନାହାନ୍ତି ଏବଂ ଚାଉଳ, ଗହମ, କିରାସିନ ତଥା ଅନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ପୋର୍ଟାଲ ଖୋଲିବା ପାଇଁ ବ୍ୟବସ୍ଥା କରନ୍ତୁ।

ଚିନ୍ତାମଣି ମହାପାତ୍ର, ଅଭୟମୁଖୀ, ବାଲିପାଟଣା, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ୨୫ ବର୍ଷ ତଳର ଧରିତ୍ରୀ

୧୭ ଅକ୍ଟୋବର ୧୯୯୪

- ଦୀର୍ଘ ୩ ବର୍ଷ କାଳ ନିର୍ବାସନରେ ରହିବା ପରେ ହାଇଟିର ପୂର୍ବତନ କ୍ଷମତାଚ୍ୟୁତ ରାଷ୍ଟ୍ରପତି ଜେନ୍–ବର୍ଟାଣ୍ଡ ଆରିଷ୍ଟାଇଡ ସ୍ୱଦେଶ ଫେରି ଆସିଛନ୍ତି।
- ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଲେଷ୍ଟାଇନ ମୁକ୍ତି ସଂଗଠନର ନେତା ୟାସେର ଆରାଫତ୍, ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିତ୍‌ଝାକ୍ ରାବିନ ଏବଂ ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ସିମନ ପେରେଜଙ୍କୁ ପ୍ରଦାନ।
- ଦେଶର ଦ୍ୱିତୀୟ ବିକାଶମୁଖୀ ଧ୍ରୁବୀୟ ଉପଗ୍ରହ ଉତ୍କ୍ଷେପଣ ଯାନ ପି.ଏସ.ଏଲ.ଭି. ଡି–୨ର ସଫଳ ଉତ୍କ୍ଷେପଣ।

## ସଂକ୍ଷେପରେ

ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ତାଲା ପକାଇବା ଘଟଣା

### ଏପିଡିଙ୍କ ହସ୍ତକ୍ଷେପ, ଖୋଲିଲା ତାଲା

**ରିଆମାଳ,୧୫।୧୦(ଡି.ଏନ୍.ଏ.)** ଦେବଗଡ଼ ଜିଲା ରିଆମାଳ ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦାବି ନେଇ ମଙ୍ଗଳବାର ରିଆମାଳ ବ୍ଲକ ଓ ତହସିଲ ଅଫିସ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଦେବଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଟେଲ ବୁଧବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏପରି କି ୭ଦିନ ମଧ୍ୟରେ ସ୍ଥାୟୀ ବିଡିଓ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳୀ ହାତୀ ତାଲା ଖୋଲିଥିଲେ। ସୂଚନାଯୋଗ, ମଙ୍ଗଳବାର ରିଆମାଳ ବ୍ଲକଅଧ୍ୟକ୍ଷା ହାତୀ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ରିଆମାଳ ବ୍ଲକ ଓ ତହସିଲ ଅଫିସରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ରିଆମାଳ ବ୍ଲକ ଅଧ୍ୟକ୍ଷା ହାତୀ ଚେତାବନୀ ଦେଇଛନ୍ତି।

# ବାପୁଜୀ ୟୁଥ୍ କ୍ଲବ ଗଜଲକ୍ଷ୍ମୀ ପୂଜା

**ଦେବଗଡ଼,୧୬।୧୦(ଡ଼ି.ଏନ.ଏ.)**

ଦେବଗଡ଼ ପୌରାଞ୍ଚଳ ୫ ନମ୍ବର ୱାର୍ଡ଼ ବାପୁଜୀ ୟୁଥ୍ କ୍ଲବ ଜଗତିପାଳି ସାହି ଆନୁକୂଲ୍ୟରେ ମା' ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଅଙ୍କୁର ସ୍ୱାଇଁ ପ୍ରଥମ, ଦଶମୀ ମୁଖୀ ଦ୍ୱିତୀୟ ଓ ପଦ୍ମା ପ୍ରିୟଂଶୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଇଂ. ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଇଂ.ପ୍ରଦୀପ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଆଇନଜୀବୀ ପ୍ରଦୀପ ଅମାତ, ଉପେନ୍ଦ୍ର ଭଞ୍ଜ, ଟଙ୍କଧର ନାୟକ ଯୋଗ ଦେଇଥିଲେ। ସେହିପରି ମା' ଗଜଲକ୍ଷ୍ମୀଙ୍କ ପ୍ରସାଦ ଲଡ୍ଡୁ, ସୁନା ଲକେଟ୍ ଲଟେରି ଉଠାଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାଗ୍ୟଶାଳୀ ବିଜେତା ଦେବରାଜ ଦ୍ୱିବେଦୀଙ୍କୁ ଲଡୁ ଓ ସୁନା ଲକେଟ୍ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ କୁମୁଦ ଚନ୍ଦ୍ର ଶତପଥୀ, ଚନ୍ଦନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ଅଜୟ କୁମାର ନାୟକ, ସମ୍ପାଦକ ହୃଦୟନାଥ ବେହେରା କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



ଭାଗ୍ୟଶାଳୀ ବିଜେତା ଦେବରାଜ ଦ୍ୱିବେଦୀଙ୍କୁ ଲଡ୍ଡୁ, ସୁନା ଲକେଟ୍ ପ୍ରଦାନ କରାଯାଉଛି।

- ନୃତ୍ୟ ପ୍ରତିଯୋଗିତାରେ ଅଙ୍କୁର ଚାମ୍ପିୟନ
- ଭାଗ୍ୟଶାଳୀ ବିଜେତା ଦେବରାଜ

## ରକ୍ତଦାନ ଶିବିର: ୭୫ ୟୁନିଟ୍ ରକ୍ତ ସଂଗ୍ରହ

**ଦେବଗଡ଼,୧୬।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ଅବସରରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଦେବଗଡ ଜିଲା ବିଜେଡି ପକ୍ଷରୁ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଇଂ. ଚିତ୍ତରଞ୍ଜନ ପ୍ରଧାନ ଓ ଇଂ.ସୁଜିତ କୁମାର ପ୍ରଧାନ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସତ୍ୟବ୍ରତ ପଟେଲ, ରକ୍ତଭଣ୍ଡାର କର୍ମଚାରୀ ଗୋପାଳକୃଷ୍ଣ ସାହୁ, ପିଆର୍‌ଓ ମଳୟ ବେହେରା, ଅମ୍ବିକା ଦାଶ, ଆଲୋକ ମହାପାତ୍ର, ମଦନ ମୋହନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିବିରରେ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରୁ ୭୫ଜଣ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଦେବଗଡ଼ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଅନିତା ପାତ୍ର, ବିଷ୍ଣୁ ପ୍ରସାଦ ଅମାତ୍ୟ, ଶୁକଦେବ ଭଞ୍ଜ, ଆଲୋକ କୁମାର ଆମାନ୍ତ, ବିକାଶ କୁମାର ମିଶ୍ର, ପପୁନ ଦେବ ଓ ଲଳିତ ପାଲ ପ୍ରମୁଖ ସହଯୋଗ କରିଥିଲେ।



ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଖେଳାଳିମାନଙ୍କ ନାମ ପଞ୍ଜୀକରଣ କରାଯାଉଛି।

## ଆଜି ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

**ଦେବଗଡ଼,୧୬।୧୦(ଡ଼ି.ଏନ୍.ଏ.)**

ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ଏବଂ ଜିଲା ଶିକ୍ଷା ଅଧିକାରୀ ଦେବଗଡ଼ଙ୍କ ମିଳିତ ସହଯୋଗରେ ୧୪ରୁ ୧୭ବର୍ଷର କମ୍ ବାଳିକା ବାଳକମାନଙ୍କୁ ନେଇ ୬୫ତମ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଗୁରୁବାର ଆରମ୍ଭ ହେବ। ଏହା ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ଖେଳାଳିଙ୍କ ନାମ ପଞ୍ଜୀକରଣ ହୋଇଥିଲା। ପ୍ରତିଯୋଗିତାରେ ବୁଧବାର ସୁଦ୍ଧା ୨୮ଟି ଜିଲାର କବାଡ଼ି ଖେଳାଳି ଯୋଗଦେଇଛନ୍ତି। ଗୁରୁବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଜିଲାର ୬୫ଜଣ ଖେଳ ଶିକ୍ଷକ ଓ ଜିଲା ଆୟୋଜକ କମିଟି ସହଯୋଗ କରୁଛନ୍ତି।

## ରିଆମାଳରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଯାତ୍ରା



**ରିଆମାଳ,୧୬।୧୦(ଡି.ଏନ୍.ଏ.):**

ରିଆମାଳ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରିଆମାଳ ବସ୍‌ଷ୍ଟାଣ୍ଡଠାରେ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ମା' ଗଜଲକ୍ଷ୍ମୀଙ୍କ ଭସାଣୀ ଯାତ୍ରା ହୋଇଥିଲା। ମା'ଗଜଲକ୍ଷ୍ମୀଙ୍କୁ ଘଣ୍ଟ, ଶଙ୍ଖ, ହୁଳହୁଳି, ସଂକୀର୍ତ୍ତନ, ଘୋଡାନାଚ, ଡିଜେ ସାଉଣ୍ଡ ଏବଂ ଆତସବାଜିରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ମହିଳାମାନେ ମା'ଗଜଲକ୍ଷ୍ମୀଙ୍କୁ ବନ୍ଦାପନା କରିଥିଲେ। ପରେ ସ୍ଥାନୀୟ ରଜାବନ୍ଧରେ ମା'ଗଜଲକ୍ଷ୍ମୀଙ୍କୁ ବିସର୍ଜନ କରାଯାଇଥିଲା। କମିଟି ସଭାପତି ଡ. ଟଙ୍କଧର ନାୟକ, ସମ୍ପାଦକ ତ୍ରିନାଥ ବିଶ୍ୱାଳ, କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ତ୍ରିଲୋଚନ ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ମଦନ ମୋହନ ବେହେରା, ଅଜୟ କୁମାର ନାଥ, ଯଶକେତନ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ସେହିପରି କୁଣ୍ଢେଇଗୋଲା, ଟିଙ୍କବୀର, ସୁନାରିପଡା, ଡିମୁର, ବାବରାକୋଟ, ମଳେହିପଡ଼ା, ରେଙ୍ଗାଲବାହାଲ, କଖାରୁମାଳ, ଗୁଡୁରିମୁଣ୍ଡା ଗ୍ରାମରେ ମା'ଗଜଲକ୍ଷ୍ମୀ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### କୋଇଲା ଲୋଡିଂରେ ଅବ୍ୟବସ୍ଥା

# କ୍ଷତି ସହୁଛନ୍ତି ପରିବହନକାରୀ ସଂସ୍ଥା

**ବ୍ରଜରାଜନଗର, ୧୬।୧୦(ଡି.ଏନ୍.ଏ.)**

**ଆଠ ଦିନର ପରିବହନ ସାରଣୀ**

| ତାରିଖ | ଦୈନିକ କୋଟା | ପ୍ରେରଣା | ନିଅଣ୍ଟ |
|---|---|---|---|
| ୧।୧୦।୧୯ | ୯୮୮୨.୫୦ ଟନ | ୬୬୧.୦୨ ଟନ | ୭୯୦୧.୪୮ ଟନ |
| ୨।୧୦।୧୯ | ୯୩୩୯.୦୦ | ୩୩୩୪.୧୦ | ୬୦୦୪.୯୦ |
| ୩।୧୦।୧୯ | ୧୦,୧୩୧.୦୦ | ୩୮୭୯-୫୫ | ୬୨୩୩,୪୫ |
| ୪।୧୦।୧୯ | ୧୦,୮୦୭.୫୦ | ୪୯୬୨.୪୧ | ୬୧୧୫.୦୯ |
| ୫।୧୦।୧୯ | ୧୧,୫୬୬.୫୦ | ୬୭୫୪.୬୩ | ୬୮୦୧.୮୭ |
| ୬।୧୦।୧୯ | ୧୧,୦୮୮.୦୦ | ୫୦୫୬.୯୩ | ୬୦୩୧୬୭ |
| ୭।୧୦।୧୯ | ୧୦,୫୬୦.୦୦ | ୪୧୮୭.୩୭ | ୬୭୩୨.୬୩ |
| ୮।୧୦।୧୯ | ୧୩,୧୭୬.୦୦ | ୫୬୬୨.୭୪ | ୭୫୦୪.୨୬ |

ବ୍ରଜରାଜନଗର ଓ ଲଖନପୁର ଅଞ୍ଚଳରେ ମହାନଦୀ କୋଇଲା କମ୍ପାନୀର ବିଭିନ୍ନ ଖଣିରେ ନିୟୋଜିତ ଥିବା କୋଇଲା ଲୋଡିଂ କମ୍ପାନୀର ମନମୁଖି ନୀତି ଯୋଗୁଁ କୋଇଲା ଲୋଡିଂ ଠିକ୍ ଭାବରେ ହୋଇପାରୁ ନାହିଁ। ଫଳରେ କୋଇଲା ପରିବହନକାରୀ ସଂସ୍ଥାମାନେ କ୍ଷତିରେ ଚାଲିଛନ୍ତି। ଏନେଇ ବ୍ରଜରାଜନଗର କୋଲ୍ ମୁଭରସ୍ ଆସୋସିଏଶନ୍‌ର ସଭାପତି ଅଜିତ ଧଳ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ପ୍ରକାଶ କରିଛନ୍ତି। କୋଲ୍ ମୁଭରସ୍ ଆସୋସିଏଶନର ଅଭିଯୋଗ ଅନୁଯାୟୀ ଲଖନପୁର ଖଣିରେ ଦୈନନ୍ଦିନ କୋଇଲା ଉତ୍ପାଦନ ଅନୁଯାୟୀ କୋଇଲା ଉତ୍ପାଦନ ଠିକ୍ ରହିଛି। ମହାନଦୀ କୋଇଲା କମ୍ପାନୀ ତରଫରୁ ଉତ୍ପାଦିତ କୋଇଲାକୁ ରୋଡସେଲରେ ନିୟୋଜିତ ଥିବା ଟ୍ରକ ଗୁଡ଼ିକୁ ଲୋଡର ମାଧ୍ୟମରେ ଲୋଡ କରିବା କଥା। ଏହି ଲୋଡିଂ ପାଇଁ ମହାନଦୀ କୋଇଲା କମ୍ପାନୀ ତରଫରୁ ଟେଣ୍ଡର ମାଧ୍ୟମରେ କାମ ଦିଆଯାଇ ଥାଏ। ହେଲେ ଲୋଡିଂ ପାଇଁ ଟେଣ୍ଡର ନେଇଥିବା କମ୍ପାନୀ ଜାଣିଶୁଣି ଖଣିରେ ଲୋଡର ମେଶିନ ନ ଦେବାରୁ ରୋଡସେଲ ମାଧ୍ୟମରେ ଯେତିକି ପରିମାଣର କୋଇଲା ବିଭିନ୍ନ କମ୍ପାନୀକୁ ଯିବା କଥା ତାହା ଯାଇପାରୁ ନାହିଁ। ଫଳରେ କମ୍ପାନୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋଇଲା ନ ପାଇ କାମ ବନ୍ଦ କରି ଦେଉଛନ୍ତି। ଏହା ଦ୍ୱାରା ପରିବହନକାରୀ ସଂସ୍ଥାଠାରୁ କମ୍ପାନୀମାନେ ଅର୍ଥକାଟ କରୁଛନ୍ତି। ଫଳରେ ଲାଭ ଆଶାରେ ଡିଓ ଭରି ଠିକ୍ ସମୟରେ କୋଇଲା ନ ଉଠାଇ ପାରିବାରୁ ପରିବହନକାରୀ ସଂସ୍ଥା ଏମ୍‌ସିଏଲ୍ ପଟୁ କ୍ଷତି ସହୁଥିବା ବେଳେ କମ୍ପାନୀ ପଟୁ ମଧ୍ୟ କ୍ଷତି ସହିବାକୁ ପଡୁଛି। ଏ ନେଇ ପରିବହନକାରୀ ସଂସ୍ଥା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ଏମସିଏଲ କର୍ତ୍ତୃପକ୍ଷ ଲୋଡିଂ ସଂସ୍ଥାକୁ କେବଳ ଚିଠି ଲେଖି ଚୁପ୍‌ଚୁପ୍ ବସୁଛି।

୮ ଦିନ ମଧ୍ୟରେ ମୋଟ ୮୬୬୯୯ ଟନ କୋଇଲା କମ୍ପାନୀକୁ ଯୋଗାଇବା କଥା, କିନ୍ତୁ ଲୋଡିଂ ଅବ୍ୟବସ୍ଥା ଯୋଗୁ ୩୪୯୬୯ ଟନ୍ କୋଇଲା ଯୋଗାଯାଇ ପାରିଲା। ବଳକା ୫୩୭୫୬ ଟନ୍ କୋଇଲା ଯୋଗାଇ ଦିଆଯାଇ ପାରିଲା ନାହିଁ। ଫଳରେ ଏମସିଏଲ ଏହି ନିଅଣ୍ଟ ୫୩୭୫୬ ଟନ୍ କୋଇଲା ପର ଟନ୍ ୨ ଶହ ହିସାବରେ କମ୍ପାନୀଠାରୁ କାଟିବେ। କମ୍ପାନୀ କର୍ତ୍ତୃପକ୍ଷ ସମ ପରିମାଣର ରେଟ ପରିବହନକାରୀଠାରୁ କାଟିବେ। ଫଳରେ ଏଠାରେ ପରିବହନକାରୀ ସଂସ୍ଥାକୁ ଲାଭ ବଦଳରେ କ୍ଷତି ସହିବାକୁ ପଡୁଛି। ପରିବହନକାରୀ ସଂସ୍ଥା ଅଭିଯୋଗ ଅନୁଯାୟୀ ୧୫।୧୦।୨୦୧୯ରେ ୪ ଗୋଟି ପରିବହନକାରୀଙ୍କ ଡିଓ ଶେଷ ତାରିଖ ଥିଲା। ହେଲେ ଲୋଡିଂ କମ୍ପାନୀ କୋଇଲା ଲାଡିଂ ପାଇଁ ଗୋଟିଏ ହେଲେ ଲୋଡର ଖଣି ସାଇଡ୍‌କୁ ପଠାଇ ପାରିଲା ନାହିଁ। ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପରିବହନକାରୀ ସଂସ୍ଥା କିପରି କୋଇଲା ଯୋଗାଇ ପାରିବ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ଘଟଣା ସମ୍ବନ୍ଧରେ ଲଖନପୁର ପିଆରଓ ବିନାୟକ ଜାମୱାଲଙ୍କୁ ପଚାରିବାରେ ଘଟଣାକୁ ସ୍ୱୀକାର କରିବା ସହ ତଦନ୍ତ କରି ଲୋଡିଂ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୫ ଗିରଫ

**ଲଖନପୁର,୧୬।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ତିଲିଆ ଅଞ୍ଚଳରୁ ମଙ୍ଗଳବାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ବୋଝେଇ କରି ସୁନ୍ଦରଗଡ଼କୁ ବେଆଇନ୍‌ଭାବେ ଚାଲାଣ କରାଯାଉଥିଲା। ଏହି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ସନ୍ଧ୍ୟାରେ ଫଟାପାଲି ଛକରେ ସ୍ଥାନୀୟ ଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଏନେଇ ଘଟଣାସ୍ଥଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବନହରପାଲି ଥାନା ଓ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ଥାନାକୁ ନେଇଥିଲା। ଏ ନେଇ ଫଟାପାଲି ଗ୍ରାମର ଆକାଶ କୁମାର ଗୁପ୍ତାଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ପୋଲିସ କେସ୍ ନଂ୧୩୦/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ୫ଜଣଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତେଲେନପାଲି ବଜାରପଡ଼ାର ମନ୍‌ସୁର୍ ଅହମ୍ମଦ (୫୨), ସୋନୁ ଅହମ୍ମଦ(୨୫), ରେମଣ୍ଡା ଗ୍ରାମର ମକରଧ୍ୱଜ ପେରେ(୩୯), ସୁନ୍ଦରଗଡ଼ ରାଇବାହାଲର ସୁଜିତ ବରୁଆ(୨୩), ଖତକୁରବାହାଲର ଜଗନ୍ନାଥ ଡୁରୁବାର(୨୨) ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୋଲିସ୍ ଓଡି୧୪ ସି ୫୯୬୬ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଭ୍ୟାନ୍‌ରେ ସମୁଦାୟ ୭ ଗୋଟି ବଳଦ ବୋଝେଇ ହୋଇଥିବାବେଳେ ଉତ୍ୟକ୍ତ ଲୋକେ ୩ ଗୋଟି ବଳଦକୁ ଖୋଲି ମୁକ୍ତ କରିଦେଇଥିଲେ। ଅବଶିଷ୍ଟ ୪ ବଳଦକୁ ପୋଲିସ ଥାନାରେ ଅଟକ ରଖିଛି। ଏହି ବଳଦ ସବୁକୁ ଗୋଶାଳାରେ ଛଡ଼ାଯିବ ବୋଲି ପୋଲିସ୍ କହିଛି।



ପୋଲିସ୍ ଜବତ କରିଥିବା ପିକ୍‌ଅପ୍ ଭ୍ୟାନ୍ ସହ ବଳଦ।

## ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

**ଲଇକେରା, ୧୬।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନରେ ଜଣେ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ସାଙ୍କୋବାହାଲ ଗ୍ରାମର ମନୋଜ ଭଗରା (୩୦) କିଛି ଦିନ ତଳେ ଅପହରଣ କରି ନେଇଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରି ବୁଧବାର ଡାକ୍ତରୀମାଇନା ପରେ ଅପହରଣକାରୀ ମନୋଜକୁ ପୋଲିସ ଗିରଫ କରି କୋର୍ଟ ଚଲାଣ କରିଥିବା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଗୁଣସାଗର ଦାସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ୨ ଗିରଫ, ହତ୍ୟାରେ ବ୍ୟବହୃତ ଛୁରି ଜବତ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୬।୧୦(ଡି.ଏନ୍.ଏ.)**

ଗତ ୭ତାରିଖ ପୁଡ଼ାମାଲ ଗ୍ରାମ ରାସ୍ତାପାର୍ଶ୍ୱସ୍ଥ ଏକ ବୁଦାମୂଳରୁ ଜଣେ ଯୁବକଙ୍କ ମୃତଦେହ ଝାରସୁଗୁଡ଼ା ପୋଲିସ ଜବତ କରିଥିଲା। ପରେ ଏହି ମୃତଦେହ ତିହାଡ଼ିପାଲି ଗ୍ରାମର ଗୁଣସାଗର ଦାସ (୪୮)ଙ୍କର ବୋଲି ଜଣାପଡିଥିଲା। ଦୁର୍ବୃତ୍ତମାନେ ତାଙ୍କ ପେଟକୁ କାଚ ବୋତଲରେ ଭୁସିବା ସହିତ ଏକ ଧାରୁଆଅସ୍ତ୍ରରେ ଗଳାକାଟି ହତ୍ୟା କରିଥିଲେ। ଏନେଇ ଗୁଣସାଗରଙ୍କ ସାନଭାଇ ବିଭୀଷଣ ଦାସଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ୧୦ଦିନ ପରେ ପୋଲିସ ଗୁଣସାଗର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରି ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କନ୍ହେଇଯୋର ଖମାନଡ଼ିପା ଗ୍ରାମର ଜଗନ୍ନାଥ ଧରୁଆ (୩୫) ଓ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଚକ୍ରଧରପୁରର ଚନ୍ଦ୍ର ମୋହନ କୁଜୁର (୩୬)ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଦ୍ୱୟ ଜଣେ କଣ୍ଟ୍ରାକ୍ଟରଙ୍କ ନିକଟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ଗୁଣସାଗରଙ୍କ ସହିତ ଜଗନ୍ନାଥଙ୍କ ପୂର୍ବଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ରକରି ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ପ୍ରତିଶୋଧ ପରାୟଣ ହୋଇ ଜଗନ୍ନାଥ ଓ ସାଥୀ ସୁରକ୍ଷାକର୍ମୀ ଚନ୍ଦ୍ର ମୋହନ ମିଶି ଗୁଣସାଗରଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଗୁଣସାଗର ଗତ ୬ ତାରିଖ ନିକଟସ୍ଥ ସାରସମାଲ ଗ୍ରାମକୁ କରମାନାଚ ଦେଖିବା ପାଇଁ ଯାଇଥିଲେ। ଏହି ସମୟରେ ୨ଜଣ ସାଥୀ ଗୁଣସାଗରଙ୍କୁ ରାସ୍ତାରେ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟ ଗୁଣସାଗରଙ୍କୁ ଛୁରୀ ଓ ଭଙ୍ଗା ବିଅର ବୋତଲରେ ହତ୍ୟାକରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରେ ଏକ ଛୁରି, ଭଙ୍ଗା ବିଅର ବୋତଲ ଓ ଚପଲ ଛାଡ଼ି ଯାଇଥିଲେ। ଏହାକୁ ଆଧାରକରି ସାଇଣ୍ଟିଫିକ୍ ଟିମ୍ ଜରିଆରେ ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ଶେଷରେ ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇଛି। ଏନେଇ ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ୨ଅଭିଯୁକ୍ତ।


**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
*(AN AUTONOMOUS INSTITUTE OF GOVERNMENT OF ODISHA)*
SIRIPUR, BHUBANESWAR-751003, ODISHA
Ph. (0674) 2562151, Fax-2561879, E-mail:imagebbsr@rediffmail.com
Letter No. 4062 Dated: 16.10.2019
**CORRIGENDUM to Advt. dated 04.10.2019**
With reference to the Advertisement dated **04.10.2019** for **"PRI Lines and support Services"**, the last date for submission of the EOI has been extended to **25.10.2019.** All other activities scheduled on **18.10.2019** in the EOI document has been rescheduled to **25.10.2019** without any change of time. The rest of the terms & conditions remain unchanged.
**DIRECTOR, IMAGE**

**ODISHA UNIVERSITY OF AGRICULTURE AND TECHNOLOGY**
Department of Agricultural Biotechnology, College of Agriculture, Bhubaneswar
Advertisement No. 748/ ABT, Dated 15/10/2019
Applications are invited from young interested candidates to work under R & D research project entitled "An integrated genomics/ genetics approach for development of mungbean varieties with improved disease resistance" funded by DBT, Govt. of India. Candidates with minimum qualification 60% in M.Sc. Biotechnology/M.Sc (Ag). Agricultural Biotechnology from recognized institutes/University with minimum two years research experience in genomics / proteomics / molecular pathology. The consolidated remuneration of Rs.25,000/- per month + 20% HRA. The post is purely temporary, co-terminus with the project. Preference will be given the candidate having DBT-NET/CSIR-NET qualified. Submit the bio-data along with attested copy of all testimonials and experience certificate with one pass-port size photograph by speed post to Prof. & Head, Department of Agril. Biotechnology, College of Agriculture, Bhubaneswar-3, Odisha within 15 days of advertisements. Authority has right to cancel the advertisement at any stage.
Sd/-
(Prof. & Head)
ABT, CA

**The Odisha State Co-operative Milk Producers' Federation Limited**
omfed
D-2, Sahid Nagar, Bhubaneswar, Phone : 0674-2546030, 2540273, 2540417, Fax No.: 0674-2540974, Website:www.omfed.com
www.omfed.com
Bid Identification No. PROJ/DKL/18
**TENDER FOR BOUNDARY WALL WORK AT DHENKANAL DAIRY**
OMFED invites sealed Tenders from experienced civil contractors ("C" and above class of contractor) for execution of the **"CIVIL, STRUCTURAL & ELECTRICAL WORK FOR CONSTRUCTION OF BOUNDARY WALL WITH SECURITY CABIN AT-DHENKANAL DAIRY, DIST-DHENKANAL, ODISHA".** Tender Document along with all other information may be downloaded from the OMFED website : **www.omfed.com.** Addendum, Corrigendum if any shall only be published in OMFED website. Management reserves the right to accept or reject any or all the bid documents or part thereof without assigning any reason.
**Managing Director**

**ICAR-AINP ON MARICULTURE PROJECT**
**College of Fisheries (OUAT), Rangailunda, Berhampur-7, Ganjam**
**WALK-IN-INTERVIEW**
Candidates interested to contractual engagement in the ICAR-AINP funded project operating in the College of Fisheries, OUAT, Rangailunda, Berhampur-7, Ganjam may avail the opportunity through the walk-in-interview. The activities of the post relates to the fish cage fabrication, cage maintenance, water quality analysis, feeding, disease management etc. The essential qualification, remuneration and time of interview are specified below. The post is purely temporary and co-terminus with completion of the project period. Notwithstanding the duration of the scheme, engagement of SRF can be discontinued owing to administrative reasons at any time. The SRF may also leave the assignment on his own violation by giving one month notice. At the end of the contract period, the SRF will have no right to claim any employment or engagement in the OUAT. No TA and DA will be provided for appearing the interview. Candidates appearing interview are requested to produce a set of attested photocopies of the original certificates indicating educational qualification and experience along with Bio-data at the time of interview which will be held in the Conference Room of the Dean of Research, Odisha University of Agriculture and Technology, Bhubaneswar-751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of the post | No. of the post | Essential educational qualification | Age limit on date of interview | Remuneration / month | Duration on the project | Place of posting | Date & time of interview |
|---|---|---|---|---|---|---|---|---|
| 1. | SRF | 01 | Master degree in Fisheries science/ Marine Biology/ Zoology/ Environmental science | 35 years for men and 40 years for women (relaxation as per rules) | SRF @ 31,000/- per month + HRA for 1st year & 2nd year and @ 35,000/- per month + HRA for 3rd year (As per ICAR rule) | March 2020 | College of Fisheries, OUAT, Rangailunda, Berhampur-7, Ganjam | Dt.13-11-19 at 11:00 A.M Committee Room of the Dean of Research, OUAT, Bhubaneswar. For details visit OUAT website **ouat.ac.in** |

**Principal Investigator**
**AINP-Mariculture**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଅଭିନବ ବିଡାନାସୀ , କଟକ ( ମର୍କତ ନଗର ) ସେକ୍ଟର – ୫ ରେ ପ୍ଲଟ ନଂ – 8-3B/700 ଟିକୁ ଶ୍ରୀ ସୁନୀଲ ମହାନ୍ତି, ପିତା – ସମରେନ୍ଦ୍ର ନାଥ ମହାନ୍ତି, ସା – ହାଉସ ନଂ – ୩, ରବୀନ୍ଦ୍ର ନିବାସ, ଭବାନୀ ଏନକ୍ଲେଭ – II, ସେକ୍ଟର – ୮, ସି.ଡି.ଏ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନୀଲ ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜଷ୍ଟିସ ଯତୀନ୍ଦ୍ର ପ୍ରସାଦ ଦାସ, ପିତା – ୰ ଜାନକୀ ପ୍ରସାଦ ଦାସ, ସା/ପୋ – ଗଡିଜଙ୍ଗ, ଥା – ନେମାଳୋ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
**ସଚିବ**

■ଚିକିତ୍ସା ଲାଗି ଟଙ୍କା ଅଭାବ୍

# ଦାଦନ୍ ଯାଇ ହାତ୍ ହରାଲେ ନାଗେସ

**ବିନିକା,୧୬।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁର ନାଗେସ ସ୍ୱାମୀ(୩୭)। ସେ ଝନେ ନିହାତି ଗରିବ୍ ଆର ପେସାରେ ପଥର ଫଟାଲି ଶ୍ରମିକ। କାମ୍ଧଁଦା ଅଭାବୁ ସେ ଆଏଜ୍‌କେ ୭ ମାସ ତଲେ କର୍ଣ୍ଣାଟକ ରାଏଜର ମାଙ୍ଗାଲୁରକେ ଦାଦନ ଖଟିଯାଇଥିଲେ। ସେଠାନେ ଗୁଟେ ପଥର ଖାଦାନରେ କାମକଲାବେଲେ ଦୁରଘଟନାର ଶିକାର ହେଇ ଡେବରିହାତ୍ ହରାବାର ସଂଗେ ଡେବ୍‌ରି ଗୋଡ଼ ଅଚଲ ହେଇଯାଇଛେ। ହେଲେ ଟଁକା ପଏସା ଅଭାବୁ ସେ ଉଚ ଚିକିଛାରୁ ବଁଚିତ ହେଇ ଘରେ ଅକରମା ହେଇ ବସି ରହିଛନ୍।

ସୂଚନା ଅନ୍‌ସାରେ ସିଂଘିଯୁବା ଗାଁର ନାଗେସ ସ୍ୱାମୀକଁର ପରିବାର କହେଲେ ମାଏକିନା ସଙ୍ଗିତା, ଗୁଟେ ଝିଁ ଆର ଦୁଇ ପୁଓକେ ନେଇ ତାକର ସଁସାର। ନାଗେସ ଝନେ ଗରିବ୍ ଲୋକ ଆର ପେସାରେ ଝନେ ପଥର ଫଟାଲି। ସେ ବିନିକା ଅଂଚଲରେ ଭିନେ ଭିନେ ପଥର ଖାଦାନରେ ପଥର ଫଟେଇ ଯାହା କମଉଥିଲେ ସେଥିରେ ତାକର ପରିବାର ଖୁସିରେ ଚଲିଯାଉଥିଲା। ହେଲେ ଅଂଚଲରେ କାମ୍ଧଁଦା ଅଭାବୁ ସେ କୁଟୁମବସିଆ ସୁଦୂର କର୍ଣ୍ଣାଟକ ରାଏଜର ମାଙ୍ଗାଲୋରକେ ଦାଦନ୍ ଖଟି ଯାଇଥିଲେ। ସେଠାନେ ଝନେ ଠିକାଦର ଅଧୀନରେ ପଥର ଖୁଦାନରେ ପଥର ଫଟାବାର କାମ୍ କଲେ। ଦିନେ ଖାଦାନରେ ନାଗେସ କମ୍ପ୍ରେସର ମେଶିନ ଚଲଉଥିଲେ। ହେଲେ କମ୍ପ୍ରେସର ମେଶିନଟା କେହେନ୍‌ସି କାରନ୍‌ରୁ ତାକର ହାତୁ ପିଛଲି ଗଲା। ଚଲତି ମେଶିନ ଡେବ୍‌ରିହାତେ ବାଜଲାରୁ ତାକର ହାତ୍ କହନିରୁ ଛିଡ଼ିଗଲା। ସେଠାନୁ ଖସ୍‌ରି ଡେବ୍‌ରି ଗୁଡେ ବାଜ୍‌ଲାରୁ ଗୋଡ଼ ବି ଖଁଡ଼ିଆଡ଼ଁଡ଼ିଆ ହେଲା। ସେଠାନେ କମ୍ କରୁଥିବାର ଉନିଆ ଶ୍ରମିକମାନେ ନାଗେସକୁଁ ଉଧାର କରି ମାଙ୍ଗାଲୋର ଡାକ୍ତରଖାନାରେ ଭରତି କଲେ। ନାଗେସ ମାଙ୍ଗାଲୋର ଡାକ୍ତରଖାନାରେ ମାସେ ତକ୍ ଚିକିଛିତ ହେଲେ। ମାଏକିନା ସଙ୍ଗିତା ଯାହା ଗହନାଗାଁଠି ରଖିଥିଲେ ସେଥିରେ ଖରଚ୍ କରି ସରବ୍‌ସୁଆଁତ୍ ହେଲେ। ଶେଷେ ଡାକ୍ତର ନାଗେସକେ ପୂରା ଭଲ କରବାକେ ହେଲେ ଲକ୍ଷାଧିକ୍ ଟଁକା ଦରକାର ବଲି କହେଲାରୁ ଦମ୍ପତିକଁର ମୁଡେ ଚଡ଼କ ପଡ଼ିଥିଲା। ଦୁଇ ମାଏଝି ମୁନୁଷ ମୁହୁଁକାନ୍ ଶୁଖେଇ କୁଟୁମବସିଆ ତାମିଲନାଡୁ ଇରୋଡ୍ ଜିଲା ସେଙ୍ଗାଲମ୍ ଗାଁରେ ରହୁଥିବାର ନିଜର ଲାଗେଲେସର ଘରେ ଆସି ଆଶ୍ରେ ନେଲେ। ସେଠାନେ ସଙ୍ଗିତା ଗୁଟେ କପଡ଼ା ଦୁକାନେ କାମ୍ କରି ଏହେଦେ କୁଟୁମ୍ ପୁଷୁଛନ୍। ଏନ୍ତାଥି ନାଗେସ ଚିକିଛା ଲାଗି ଟଁକା ପଏସା ଯୁଗାଡ଼ କରବାକେ ୧୫ ଦିନ୍ ହେଲା ସିଂଘିଯୁବା ଗାଁକେ ଆସିଛନ୍। ନାଗେସ ରାଏଜ୍ ସରକାରକଁର ଶ୍ରମିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱର ରେଜିଷ୍ଟ୍ରେଶନ ନଂ.–ଓଡିଏସ୍ଏନ୍‌ପି୦୦୧୦୩୯୬୪୮ରେ ତା.୭।୧୨।୧୭ରେ ଝନେ ଶ୍ରମିକ ହିସାବେ ତାଲିକାଭୁକ୍ତ ହେଇଛନ୍। ଇତାର ବାହାରେ ସିଂଘିଯୁବା ଗାଁରେ ତାକର ନାଁରେ ରାଶନ କାର୍ଡ ବି ରହିଛେ। ନାଗେସକଁର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ଚିକିଛା ସାହାଯ୍ ସଂଗେ ତାକର ପରିବାରକେ ଉନିଆ ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାକୁଁ ପଚରାଲାରୁ ନାଗେସ କେନ୍ ଯାଗାରେ, କାହାର ଅଧୀନରେ କାମ୍ କରୁଥିଲେ ତାର ଠିକ୍‌ନା ଦେଲେ ଆମେ ମାଲିକ ନାଁରେ ଗୁଟେ କମ୍ପେନ୍‌ସେଶନ କେସ୍ ଫାଇଲ୍ କରମୁ। ନାଗେସ ଜିଲାର ଝନେ ପଂଜିକୃତ ଶ୍ରମିକ, ତାକର ଚିକିଛା ବାବ୍‌ଦେ ଯାହା ଖରଚ୍ ହେଇଛେ ସେ ବିଲ୍ ଦେଲେ ତାହାକୁ ଟଁକା ଫିରାବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଦାଦନ ଯାଇ ହାତ୍ ହରେଇଥିବାର ନାଗେସ ସ୍ୱାମୀ।

ମା'ଙ୍କ ରୋଗ ଉପଶମ କରିବାକୁ ଯାଇ

# ପୁଅ ତିଆରି କଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର

**ଲୋକନାଥ ମିଶ୍ର**
**ଖୋର୍ଦ୍ଧା ଅଫିସ,୧୬।୧୦**

ମା'ଙ୍କ ରୋଗ ଉପଶମର ପଥ ଦେଖାଇଲା ନୂଆ ଉପାୟ। ପୁଅ ତିଆରି କରି ପକାଇଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ତାହା କୁକୁଡ଼ା ଅଣ୍ଡାରୁ ଚିଆଁ ଫୁଟାଇବାରେ ସହାୟକ ହୋଇପାରୁଛି। ମା'ଙ୍କ ରୋଗ ଉପଶମ ହେଲା। ପୁଅ କିନ୍ତୁ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଗଲେ। ଯନ୍ତ୍ରକୁ ଦେଖିବାକୁ ଭିଡ ଜମୁଛି ବେଗୁନିଆ ବ୍ଲକର ଚଣ୍ଡିଆପଲ୍ଲୀ ଗାଁରେ। ଚଣ୍ଡିଆପଲ୍ଲୀ ଗାଁରେ ରାକେଶ କୁମାର ସ୍ୱାଇଁ ଓରଫ ପପୁ ଏହି ଯନ୍ତ୍ର ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଛନ୍ତି।

ମା'ଙ୍କର ଡାଇବେଟିସ୍ ରୋଗ କମାଇବାକୁ ଦରକାର ପଡିଥିଲା ଝାଡ଼ଖଣ୍ଡ କୁକୁଡ଼ା କଡ଼କନାଥର ଅଣ୍ଡା। ବହୁ ଖୋଜାଖୋଜି ପରେ ଏହି ପ୍ରଜାତିର କୁକୁଡ଼ାର ଅଣ୍ଡା ପପୁ ପାଇ ନ ଥିଲେ। ନିଜ ଗାଁକୁ ଖୋର୍ଦ୍ଧାରୁ ଗଲାବେଳେ ଶରଧାପୁରର ମୁନା ଭାଇଙ୍କ ଗ୍ୟାରେଜରେ କିଛିଦିନ ତଳେ କଡ଼କନାଥ କୁକୁଡ଼ା ଦେଖିବାକୁ ପାଇଥିଲେ। ସେହି କୁକୁଡ଼ାର ଅଣ୍ଡା ମାଗି ମାତ୍ର ଗୋଟିଏ ପାଇଥିଲେ। ଗୋଟିଏ ଅଣ୍ଡା ମା'ଙ୍କୁ ଖାଇବାକୁ ଦେବେ ନାଁ ଏଥିରୁ ଚିଆଁ ଜନ୍ମ କରି ଏହି ପ୍ରଜାତିର କୁକୁଡ଼ାର ବଂଶ ବଢ଼ାଇବେ, ରାତିତମାମ ଚିନ୍ତା କରିଥିଲେ। ଶେଷରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ନିର୍ମାଣ ଉପାୟ ତାଙ୍କୁ ଜୁଟିଥିଲା। ଅଣ୍ଡାଟିକୁ ମା'ଙ୍କୁ ଖାଇବାକୁ ନ ଦେଇ କୁକୁଡ଼ାର ବଂଶ ବଢ଼ାଇବାକୁ ଯନ୍ତ୍ର ପ୍ରସ୍ତୁତିରେ ଲାଗି ପଡ଼ିଲେ। ବଜାରରୁ କିଛି ସରଞ୍ଜାମ ଯୋଗାଡ଼ କରି ତିଆରି କଲେ ଦେଶୀୟ କୌଶଳରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ଏହି ଯନ୍ତ୍ରରେ ଏକାଧିକ ଅଣ୍ଡା ଫୁଟାଇ ସାରିଲେଣି। ଏ ନେଇ ପପୁ କୁହନ୍ତି, ଯନ୍ତ୍ର ସହାୟତାରେ ୮୫ରୁ ୯୦ ପ୍ରତିଶତ ଅଣ୍ଡାରୁ ଚିଆଁ ଫୁଟିପାରୁଛି। ୨୦ଦିନ ଅଣ୍ଡା ଯନ୍ତ୍ରରେ ରହିବା ପରେ ଚିଆଁ ଜନ୍ମ ହେଉଛି। ପ୍ରଥମେ ଗୋଟିଏ ଚିଆଁ ବାହାରିଥିଲା। ୨ୟ ଥର ୨୦ଟି ଅଣ୍ଡାରୁ ୧୬ଟି ବାହାରିଛି। ତୃତୀୟ ଥର ପାଇଁ ମଙ୍ଗଳବାର ୪୦ ଅଣ୍ଡାରୁ ଗୋଟିଏ ଚିଆଁ ବାହାରିଛି। ପର୍ଯ୍ୟାୟକ୍ରମେ ଅଣ୍ଡାରୁ ଚିଆଁ ବାହାରିବ ବୋଲି ପପୁ କହିଛନ୍ତି। ପ୍ରଥମ ଚିଆଁ ୫୦ ଦିନର ହୋଇ ସାରିଲାଣି। ଅନ୍ୟଗୁଡିକ ୨୦ଦିନର। ଘରେ ଏବେ କଡ଼କନାଥ, ଆନ୍ଧ୍ର ଦେଶୀ ହାଜରା, ଆନ୍ଧ୍ରର ପ୍ୟାରେଡନୋଜ୍ କୁକୁଡ଼ା ରହିଛନ୍ତି। ପ୍ରଥମ ଯନ୍ତ୍ର କାଗଜ କାର୍ଟୁନରେ ତିଆରି ହୋଇଥିଲା। ପ୍ରଥମ ଯନ୍ତ୍ରର ସଫଳତା ପରେ ୨ୟ ଯନ୍ତ୍ର ପ୍ଲାଏରେ ନିର୍ମାଣ କରିଥିଲି। ଏବେ ୨୫୦ ଅଣ୍ଡାରୁ ଚିଆଁ ଫୁଟିଲା ପରି ଯନ୍ତ୍ର ନିର୍ମାଣ ଚାଲିଛି। ଏଥିରେ ୧୨ ଭୋଲ୍‌ଟ୍‌ର ଡିସି ଫ୍ୟାନ୍, ୪୦ ପାୱାର ବଲ ଦୁଇଟା, ହିମୋନିଟ ତାପମାତ୍ରାର ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ପାଇଁ ରିଲେ ମେଶିନ୍, ଅଧା ଲିଟର ପାଣିପାତ୍ର ରହୁଛି। ପ୍ରଥମ ଯନ୍ତ୍ରରେ ୮୦୦ ଟଙ୍କା ଓ ୨ୟ ମେଶିନ୍‌ରେ ୩୫ ଶହ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷେ ଏକ ଅଟୋମେଟିକ୍ ଅଣ୍ଡା ରୋଟେଡ୍ ମେଶିନ ନିର୍ମାଣ ଚାଲିଛି। ବିଦ୍ୟୁତ୍ ବ୍ୟାକ ଅପ୍ ଏଥିରେ ୩ ଘଣ୍ଟା ରହିବ। ୨୫୦ ଗୋଟି ଚିଆଁ ବାହାରିବ।



ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ସହ ରାକେଶ।

### ଆବର୍ଜନାରେ ଫୁଟିବ ଛତୁ

ମାଟି, କାଠିକୁଟା, କଦଳୀପତ୍ର ପରି ଆବର୍ଜନାରୁ ଛତୁ ଫୁଟିବ। ଦଶମ ଶ୍ରେଣୀ ପାଠ ପଢ଼ିଥିବା ପପୁ ଏ ଦିଗରେ ୮୫ ପ୍ରତିଶତ ସଫଳ ହୋଇ ସାରିଲେଣି। ଖୁବ୍‌ଶୀଘ୍ର ଏ ଦିଗରେ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି। ପପୁ ପ୍ରଥମେ ନଡା ଯୋଗେ ଛତୁ ପ୍ରସ୍ତୁତ କରୁଥିଲେ। ତେବେ ନଡା ଅଭାବ ପରେ ଆବର୍ଜନାରୁ ଛତୁ ଫୁଟାଇବାକୁ ଲାଗି ପଡିଛନ୍ତି।

# ନାବାଳିକାଙ୍କୁ ଦୁର୍ବ୍ୟବହାର କରି ୨ ଯୁବକ ଗିରଫ

**ରେଢାଖୋଲ,୧୬।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକା ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ସେହି ଗ୍ରାମର ୨ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁଦାମ ସେଠୀ (୨୨) ଓ ଟିକନୁ ସେଠୀ (୨୦) । ନାବାଳିକାଙ୍କ ବାପା ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ କରବା ପରେ ପୋଲିସ ଏକ ମାମଲା (ନଂ.୨୨୯/୧୯) ରୁଜୁ କରିଛି। ସମ୍ବଲପୁର ସ୍ୱତନ୍ତ୍ର ଅଦାଲତରେ ଏମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲେ ନ ଖାଆନ୍ତି ଦୁଧ ଗଇଁଠା,**
**ମାଗି ବୁଲୁଥାଆନ୍ତି ପର ଅଇଁଠା**
**ପର ଘରେ ଯାଇ ପତର ଚଟା ।**

ଆମ ସମାଜରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲଭାବେ ଆଦର ଅଭ୍ୟର୍ଥନା ଦେଖାଇଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତିଛଡ଼ା ବ୍ୟକ୍ତିଙ୍କ ଏପରି ରଙ୍ଗଢ଼ଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଉ ଶାୟକ,**
**ରହୁ ନାୟକ ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ଏଥିପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନକଲି ବିଡି କାରଖାନା ଠାବ, ଜଣେ ଗିରଫ



ଜବତ ବିଡି ସାମଗ୍ରୀ ଓ ଗିରଫ ଅଭିଯୁକ୍ତ ।

**ପଦ୍ମପୁର, ୧୬।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ସିଂହନପୁର ଗ୍ରାମରେ ନକଲି ବିଡି କାରଖାନା ଠାବ ହୋଇଛି । ଖବର ପାଇ ପୋଲିସ ମଙ୍ଗଳବାର ଚଢାଉ କରି ୪୦୯ ପ୍ୟାକେଟ ଖୋଲା ବିଡି କାଠ, ୧୪୮ ପ୍ୟାକେଟ ବିଭିନ୍ନ କମ୍ପାନୀ ମାର୍କର ବିଡି ଏବଂ ୧୬୫ ବଣ୍ଡଲ ଟ୍ରେଡମାର୍କ ପେପର ଜବତ କରିଛି । ଏହି ଘଟଣାରେ ରୁଦ୍ର ମେହେର(୪୫)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୨୨୨/୧୯) ରୁଜୁ ହୋଇଛି । ପଦ୍ମପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଥିଲେ, ରୁଦ୍ର ଅନେକ ଦିନ ହେଲା ଏହି ଚୋରା ବିଡି କାରବାର କରି ଆସୁଥିଲେ। ସେ ସମ୍ବଲପୁର ଅଞ୍ଚଳରୁ ଶ୍ରମିକ ଆଣି ସେମାନଙ୍କ ଦ୍ୱାରା ବିଡି ପ୍ରସ୍ତୁତ କରି ଆସୁଥିଲେ। ଏପରିକି ବିଭିନ୍ନ କମ୍ପାନୀର ଜାଲ୍ ଟ୍ରେଡ ମାର୍କ କାଗଜକୁ ବିଡି କଠାରେ ବ୍ୟବହାର କରୁଥିଲେ । ଏ ନେଇ ଅଭିଯୋଗ ମିଳିବା ପରେ ବରଗଡ ଏସପି ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶରେ ଏହି ଚଢାଉ କରାଯାଇଥିଲା ।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

BUSINESS

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**Tower Vision Network Company**
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

**Indus Tower**
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/–।
----- CALL NOW -----
8287944524
8287944770

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**GTL Telecom Network Company**
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍ + 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
**MAHINDRA FINANCE**
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ|40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

**ଦୀପାବଳି ଧମାକା**
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

**Hi-Tech Tower Company**
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
**CITY FINANCE**
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

FINANCE

**FINANCE**
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

**BARSA FINANCE**
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 9853098836, 9853098829
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
**SHREERAM FINANCE**
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



**ସଂକ୍ଷେପରେ**

## ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର, ୧୬।୧୦ (ବ୍ୟୁରୋ) ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ସୁପରଲିଗ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ମ୍ୟାଚ ଇନ୍ଦିରା କ୍ଲବ ଓ ଆମାଜିଂ ଏକାଦଶ ମଧ୍ୟରେ ମ୍ୟାଚ ଡ୍ର ରହିଥିଲା । ତେଣୁ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଖୁଲିଆ ଇନ୍ଦିରା କ୍ଲବ ବନାମ ଆମାଜିଂ ଏକାଦଶ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ସ୍କୋର କରିଥିଲେ । ଶେର ଅଲ୍ଲି ଖାନ୍, ଇଦ୍ରିଶ ମଲ୍ଲିକ, ମହମ୍ମଦ ହମିତ, ଅଜଗର ଅଲ୍ଲି, ସୟଦ ଜିନ୍ଦା, ସୁବାଷ ରାଉତ, ସୁନ୍ଦରମଣୀ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଶାନ୍ତ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା ।

### ଜରାବଗା ପଞ୍ଚାୟତ ଅଫିସ ଗେଟ୍ ବନ୍ଦ କରି ଧାରଣା

# ଗ୍ରାମସଭା ବନ୍ଦ କରିଦେଲେ ଚାଷୀ



ଜରାବଗା ପଞ୍ଚାୟତ ଅଫିସ ଆଗରେ ଲୋକେ ଧାରଣାରେ ବସିରହିଛନ୍ତି ।

**ବାମରା, ୧୬।୧୦ (ଡି.ଏନ.ଏ.)**

ଅକ୍ଟୋବର ୧୬ ତାରିଖ ସାରା ରାଜ୍ୟରେ ସ୍ୱତନ୍ତ୍ର ଗ୍ରାମସଭା ପାଇଁ ସରକାରୀ ଆଦେଶ ରହିଥିଲା। ହେଲେ ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗା ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ସ୍ଥାନୀୟ କୃଷକ ସଂଗଠନ ଗତ ୨୦୧୮-୧୯ ଫସଲ ବୀମା ଦାବି ପ୍ରଦାନ ନେଇ ମୁଖ୍ୟ ଫାଟକ ବନ୍ଦ କରି ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସ୍ୱତନ୍ତ୍ର ଗ୍ରାମସଭାକୁ ସଂପୂର୍ଣ୍ଣ ରୂପେ ବର୍ଜନ କରିଥିଲେ।

ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସ୍ୱତନ୍ତ୍ର ଗ୍ରାମସଭା ହେବାର ଥିଲା ।ଏହି ସମୟରେ ସ୍ଥାନୀୟ ଜରାବଗା ପଞ୍ଚାୟତସ୍ଥିତ ଗଡପାଟି କୃଷକ ସୁରକ୍ଷା ସଂଗଠନର କର୍ମକର୍ତ୍ତା ଓ ଚାଷୀମାନେ ପହଞ୍ଚି ପଞ୍ଚାୟତ ଅଫିସର ମୁଖ୍ୟ ଫାଟକ ସଂପୂର୍ଣ୍ଣ ବନ୍ଦ କରି ଅବରୋଧ କରିଥିଲେ। ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର କିଛି ସମୟ ପରେ ଗ୍ରାମସଭା କରିବା ପାଇଁ ବାମରାରୁ ଜରାବଗା ପଞ୍ଚାୟତ ନୋଡାଲ ଅଫିସର ତ୍ରିଲୋଚନ ସାହୁ, ପିଇଓ ରଞ୍ଜିତ ପ୍ରଧାନ, ଏଓ ବଳରାମ ବିଶି, ସରପଞ୍ଚ ଛବିନା ଓରାମ, ଜିଆରଏସ ସମୀର ପଟେଲ, ଯୋଗାଣ ସହାୟକ ଅମୀତା ପୃଷେଠ ପଞ୍ଚାୟତ ଅଫିସକୁ ପହଞ୍ଚିଥିଲେ । ଗ୍ରାମସଭା ପାଇଁ ବନ୍ଦ କରାଯାଇଥିବା ମୁଖ୍ୟ ଫାଟକ ଖୋଲିବାକୁ ଅନୁରୋଧ କରିଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ବଚସା ଓ ପାଟିତୁଣ୍ଡ ହୋଇଥିଲା। ୨ ଘଣ୍ଟା ପରେ ଅର୍ଥାତ ଦିନ ୧୨ଟାରେ ଗ୍ରାମସଭା ବର୍ଜନ ପାଇଁ ଉପସ୍ଥିତ ଚାଷୀମାନେ ଜିଦ ଧରିଥିଲେ। କର୍ମଚାରୀମାନେ ବାଧ ହୋଇ ଗ୍ରାମସଭା ସ୍ଥଗିତ ରଖାଗଲା ବୋଲି ଘୋଷଣା କଲା ପରେ ଗେଟ ଖୋଲା ଯାଇଥିଲା। କୃଷକ ସଂଗଠନ ପକ୍ଷରୁ ଚାଷୀନେତା ସୁଦୀପ୍ତ ପଟେଲ, ପ୍ରକାଶ ଚନ୍ଦ୍ର ପଟେଲ, ସଞ୍ଜୟ ନାୟକ, ସୁରେଶ ଘୋଷ, ଅଙ୍କଲ ପଟେଲ, ଲବଣୀ ଭଇଁଷା, ପଦ୍ମଲୋଚନ ବାଘ, ଜଗତ ଜୀବନ ପଟେଲ, ଦେବେନ୍ଦ୍ର ପଟ୍ଟା ଓ ରମେଶ ନାଏକ ପ୍ରମୁଖ ସାମିଲ ହୋଇଥିଲେ ।

### ତହସିଲଦାରଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ



ବାମରା ତହସିଲ ଅଫିସ ଆଗରେ ଲୋକେ ବସିରହିଛନ୍ତି ।

**ବାମରା, ୧୬।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକର କେତେକ ଗ୍ରାମରେ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଇନପୁଟ ସବସିଡି ମିଳିନି। ଏ ନେଇ ଅଭିଯୋଗ କରିବାକୁ ତହସିଲ କାର୍ଯ୍ୟାଳୟକୁ ଆସିଥିବା ଚାଷୀ ତହସିଲଦାରଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୧୮-୧୯ ଖରିଫ ଋତୁରେ ବାମରା ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଥିଲା। ଗତ ମାସ ୧୧ ତାରିଖ ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକର ଚାଷୀମାନେ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହେଲେ କୁଚିଣ୍ଡା ଉପଖଣ୍ଡର ସମସ୍ତ ତହସିଲଦାରଙ୍କୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସବସିଡି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ମାସେ ବିତିଯାଇଥିଲେ ମଧ୍ୟ କେତେକ କ୍ଷତିଗ୍ରସ୍ତ ଚାଷୀଙ୍କ ଆକାଉଣ୍ଟରେ ଏ ପର୍ଯ୍ୟନ୍ତ ଟଙ୍କା ଆସିନି। ସପ୍ତାହର ପ୍ରତି ବୁଧବାର ବାମରା ତହସିଲଦାରଙ୍କ କାର୍ଯ୍ୟାଳୟରେ ଜନଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଏଣୁ ବୁଧବାର ବାମରା ବ୍ଲକ ତୁରେଇ ପଞ୍ଚାୟତ ଅଁଲାଢ଼ିପା, ମାଣ୍ଡିଆପଡା ଓ ମହୁଲପାଲି ପଞ୍ଚାୟତ ବଡଜଟିଆପାଲି ଗ୍ରାମର କେତେକ ଚାଷୀ ଇନପୁଟ ସବସିଡି ଅନିୟମିତତା ଅଭିଯୋଗ ନେଇ ପହଞ୍ଚିଥିବା ବେଳେ ତହସିଲଦାର ଅନୁପସ୍ଥିତ ରହିଥିଲେ। ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏ ତହସଲଦାର ଅନୁପସ୍ଥିତି ରହିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ୪ଟା ପରେ ତହସିଲଦାର ଆସି ଚାଷୀଙ୍କ ସମସ୍ୟା ଶୁଣିଥିଲେ । ହେଲେ ବାମରା ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୫୦ କିଲୋମିଟର ଦୂର ତୁରେଇ ପଞ୍ଚାୟତରୁ ବିଭିନ୍ନ ପ୍ରକାର ଅଭିଯୋଗ ନେଇ ଆସିଥିବା ଚାଷୀ ଧାର୍ଯ୍ୟ ଦିନରେ ତହସିଲଦାର ଅନୁପସ୍ଥିତି ନେଇ ପାଟିତୁଣ୍ଡ କରିବା ସହ ତହସିଲ କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ମଧ୍ୟ ଅଭିଯୋଗ କରିଥିଲେ । ପିତବାସ ପଟେଲ, ସନତ ନାଏକ, ଟିକେଶ୍ୱର ସାହୁ, ସାବିତ୍ରୀ ପୃଷେଠ, ବ୍ରହ୍ମା ସାହୁ, ଟିକେଶ୍ୱରୀ ନାଏକ, ସୁଲୋଚନା ପୃଷେଠ, ଆଦିତ୍ୟ ଦାସ, ମୁରଲୀଧର ମହାକୁଲ, ସନ୍ତୋଷ ନାଏକ ଓ ବିନୋଦ ନାଏକ ପ୍ରମୁଖ ନିଜ ନିଜ ଅଭିଯୋଗ ନେଇ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ତହସିଲଦାର ଅନୀଲ କୁଲୁଙ୍କୁ ପଚାରିବାରୁ ଇନପୁଟ ସବସିଡି ପ୍ରଦାନ ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ବିଳମ୍ବ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କାରଣ ପଚାରି ବୁଝିବା ପରେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି । ସେହିପରି ବୁଧବାର ଜନଶୁଣାଣି ଥିବା ବେଳେ ତାଙ୍କ ଅନୁପସ୍ଥିତି ନେଇ ପ୍ରଶ୍ନ ପଚାରିବାରୁ ସେ ଅନ୍ୟ ସରକାରୀ କାମ ପାଇଁ ବାହାରକୁ ଯାଇଥିଲେ ବୋଲି କହିଚନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ରକ୍ତଦାନ

**ସମ୍ବଲପୁର, ୧୬।୧୦(ବ୍ୟୁରୋ)**

ରେଢାଖୋଲ ବିଧାନସଭା ଅଧୀନ ଯୁଯୁମୁରାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିତା ପୁରୋହିତ ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ସମିତି ସଭ୍ୟା ମମତା ପ୍ରଧାନ, କୟାକୁଦ ସରପଞ୍ଚ ରାମ ପ୍ରଧାନ, ସମିତି ସଭ୍ୟା କ୍ଷମାନିଧି ପ୍ରଧାନ, ପ୍ରହଲାଦ ପ୍ରଧାନ, ହେମନ୍ତ ବେହେରା, ଅବନୀ କୁମାର, ସଞ୍ଜୟ ବିଶ୍ୱାଳ, ପ୍ରଫୁଲ ମିର୍ଦ୍ଧା, ଦେହୁରୀ, ପୂର୍ଣ୍ଣେନ୍ଦ୍ର ଗଡନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୁଯୁମୁରା ମେଡିକାଲ କର୍ମଚାରୀ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଯୁଯୁମୁରାରେ ଜଣେ ବ୍ୟକ୍ତି ରକ୍ତ ଦାନ କରୁଛନ୍ତି।

# ବୁର୍ଲାରେ ୧୩୧ ୟୁନିଟ ରକ୍ତ ସଂଗ୍ରହ



ବୁର୍ଲାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ନଳିନୀକାନ୍ତ ପ୍ରଧାନ ଓ ଅନ୍ୟମାନେ ।

**ସମ୍ବଲପୁର, ୧୬।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୪ ତମ ଜନ୍ମ ଦିବସ ଅବସରରେ ସମ୍ବଲପୁର ଜିଲାରେ ବିଭିନ୍ନ ସ୍ଥାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସକାଳ ୭ଟାରେ ଦଳୀୟ ନେତା ଓ କର୍ମକର୍ତ୍ତା ସମଲେଇ ମନ୍ଦିରରେ ୭୪ଟି ଦୀପ ଜାଳି ତାଙ୍କ ଦୀର୍ଘାୟୁ କାମନା କରିଥିଲେ । ଏହି ଅବସରରେ ବୁର୍ଲାଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନିକାନ୍ତ ପ୍ରଧାନ, ପୂର୍ବତନ ଜିଲା ସଭାପତି ପ୍ରମୋଦ କୁମାର ରଥ, ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ୨୦୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ବିଜେଡି କୃଷକ ମୋର୍ଚ୍ଚା ସଭାପତି ଆନନ୍ଦ କୁମାର ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଗୋକୁଳ ମେହେର, ରାଜଲକ୍ଷ୍ମୀ ପ୍ରଧାନ, ପ୍ରଫୁଲ ଦାସ, ଆର୍ତ୍ତତ୍ରାଣ ମିଶ୍ର, ରାଜକିଶୋର ଦାସ, ସୈରୀ ନାରାୟଣ ପାଣିଗ୍ରାହୀ, ସୁନନ୍ଦା ଚୟନୀ, ସୁଧାଶଂ ଶେଖର ମହାରଣା, ଡାକ୍ତର ସୁମିତ୍ରା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ କୁଚିଣ୍ଡାରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି।

# ବୃଦ୍ଧାଶ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ ବିଜେଡି କର୍ମୀ

**ବାମରା, ୧୬।୧୦ (ଡି.ଏନ.ଏ.)**

ବାମରା ବ୍ଲକ ବିଜେଡି ପକ୍ଷରୁ ରାବଣଡିହି ବୃଦ୍ଧାଶ୍ରମରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଆଶ୍ରମ ଅନ୍ତେବାସୀଙ୍କୁ ଫଳମୂଳ ସହ ଖାଦ୍ୟପେୟ ବଣ୍ଟନ କରା ଯାଇଛି। ଏଥିରେ ବାମରା ବ୍ଲକ ବିଜେଡି ନେତା କ୍ୟାପଟନ ଶଶିଭୂଷଣ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଅରବିନ୍ଦ ସାହୁ, ସୁରେଶ ବିସଞ୍ଜି, ସୁବାଷ ଚୌଧୁରୀ, ପ୍ରମୋଦ ସାହୁ, ବୃନ୍ଦାବନ ନାଏକ, ଅରକ୍ଷିତ ସାହୁ, ରାଜେଶ ମେହେର ଓ ଶ୍ୟାମ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।



ରାବଣଡିହି ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ବିଜେଡି କର୍ମକର୍ତ୍ତା ।

# ସାହାଯ୍ୟ ପ୍ରତିଶ୍ରୁତି ଦେଲେ ବିଡିଓ

**ସମ୍ବଲପୁର/ରେଙ୍ଗାଲି, ୧୬।୧୦ (ବ୍ୟୁରୋ/ଡି.ଏନ.ଏ.)**

ସନ୍ତାନ ପାଇବା ପାଇଁ ମଣିଷ କେତେ ଯେ ପୂଜା ଅର୍ଚ୍ଚନା କରିଥାଏ । କିନ୍ତୁ ଏପରି ବି ଦୁଃଖି ପରିବାର ଅଛନ୍ତି ଯେଉଁଠି ତିନୋଟି ସନ୍ତାନ ଥିଲେ ମଧ୍ୟ ପରିବାରରେ ସୁଖ ନାହିଁ। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବ୍ରାହ୍ମଣୀପାଲି ହାଡଗୁଡିଆ ପଡାର ଶେଷଦେବ ରୋହିଦାସ ଏବଂ ସୈରେନ୍ଦ୍ରୀ ରୋହିଦାସଙ୍କ ଏଭଳି ଦୁଃଖ। ଏହି ଦମ୍ପତିଙ୍କ ତିନୋଟି ସନ୍ତାନ ଅଛନ୍ତି। ହେଲେ ତିନୋଟି ସନ୍ତାନ ଥିଲେ ମଧ୍ୟ ବାପା ମାଆ ଖୁସି ନାହାନ୍ତି। କାରଣ ତିନି ସନ୍ତାନ ମାନସିକ ଏବଂ ଶାରୀରିକ ଭାବେ ଅକ୍ଷମ। ଧରିତ୍ରୀରେ ଏ ନେଇ ଖବର ପ୍ରକଶିତ ହେବା ପରେ ଏହା ପ୍ରଶାସନର ଦୃଷ୍ଟିକୁ ଆସିଛି। ରେଙ୍ଗାଲି ବିଡିଓ ଶିବଶଙ୍କର ପ୍ରସାଦ ସାହୁ ଏହି ପରିବାରର ଦୁଃଖ ବୁଝିବା ପାଇଁ ଶେଷଦେବଙ୍କ ଘରକୁ ପରିଦର୍ଶନରେ ଯାଇଥିଲେ । ଶେଷଦେବଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏହି ପରିବାରକୁ ଅନ୍ତୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରି କିପରି ୩୫ କେଜି ଚାଉଳ ମିଳିବ ସେଥିପାଇଁ ବିଡିଓ କଥା ଦେଇଛନ୍ତି। ଅନ୍ୟପକ୍ଷେ ଏହି ପରିବାରକୁ କିପରି ଜିଲା ରେଡକ୍ରସ ପକ୍ଷରୁ କିଭଳି ଆର୍ଥିକ ସହାୟତା ମିଳିବ ତାହା ମଧ୍ୟ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତ ଦେଇଛନ୍ତି। ଯଦି ଶେଷଦେବ ଚାହିଁବେ ତେବେ ତାଙ୍କ ତିନି ଅକ୍ଷମ ସନ୍ତାନଙ୍କ ପାଇଁ ଜିଲା ଭିନ୍ନକ୍ଷମ ଆଶ୍ରୟ ସ୍ଥଳରେ ରହିବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି। ସୂଚନାଯୋଗ୍ୟ, ଶେଷଦେବଙ୍କ ତିନି ସନ୍ତାନ ଭିନ୍ନକ୍ଷମ ହୋଇଥିବାରୁ ସେ ଅନ୍ୟ ଗୋଟିଏ ଶିଶୁକୁ ପୌଷ୍ୟ ସନ୍ତାନ ଭାବରେ ରଖିଛନ୍ତି । ସ୍ତ୍ରୀ, ବାପା ଏବଂ ପୌଷ୍ୟ ସନ୍ତାନ ସହିତ ତିନି ଭିନ୍ନକ୍ଷମ ସନ୍ତାନଙ୍କୁ ମିଶାଇ ମୋଟ ୭ଜଣଙ୍କୁ ନେଇ ଶେଷଦବଙ୍କ ପରିବାର। ଘର ଚଳାଇବାକୁ ବହୁତ କଷ୍ଟ ହେଉଛି ବୋଲି ଶେଷଦେବ ପ୍ରକାଶ କରଛନ୍ତି। ସରକାରୀ ସହାୟତା କହିଲେ ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ୫ କେଜି ଚାଉଳ ମିଳୁଛି। ସେହିଭଳି ତିନି ଭିନ୍ନକ୍ଷମ ପିଲା ଭତ୍ତା ପାଉଛନ୍ତି।

### ଜମନକିରା ବ୍ଲକ୍ ବିକାଶ ପରିଷଦ, ବରିଷ୍ଠ ନାଗରିକଙ୍କ ମିଳିତ ବୈଠକ

# ରାଜନୀତିରୁ ଉର୍ଦ୍ଧ୍ୱରେ ରହିଲେ ବିକାଶ ସମ୍ଭବ

**ଜମନକିରା, ୧୬।୧୦ (ଡି.ଏନ୍.ଏ)**

ଜମନକିରା ବ୍ଲକ୍ ନାଗରିକ କମିଟି ଏବଂ ବ୍ଲକ୍ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ସାଂଗଠନିକ ସଭା ବୁଧବାର ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ କମିଟିର ସଭାପତି ସନ୍ତୋଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ବିକାଶ ପରିଷଦର ସଭାପତି ଗୋକୁଳାନନ୍ଦ ଦାନୀ ସଭା ପରିଚାଳନା କରିଥିଲେ। ଅତିଥିଭାବେ ଥାନା ଅଧିକାରୀ ବାଳକୃଷ୍ଣ କଅଁର, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ଛୁରିଆ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଶୋକ କୁମାର ରାଉତ ଯୋଗ ଦେଇଥିଲେ।

ନାଗରିକ କମିଟିର ସମ୍ପାଦକ ସାଲେକରାମ ପଧାନ ପୂର୍ବ ବୈଠକର ବିବରଣୀ ପଠନ ସହ ଯାହାସବୁ ପୂର୍ବରୁ ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା ସେ ନେଇ ବିବୃତି ପ୍ରଦାନ କରିଥିଲେ। ନାଗରିକ କମିଟିରେ ଅଧିକରୁ ଅଧିକ ସଂଖ୍ୟକ ବରିଷ୍ଠ ନାଗରିକ ସାମିଲ କରାଯିବା ପାଇଁ ସଭାପତି ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଦସ୍ୟ ସରୋଜ ପଟ୍ଟନାୟକ ଦଳୀୟ ରାଜନୀତିରୁ ସମସ୍ତେ ଉର୍ଦ୍ଧ୍ୱରେ ରହି ବ୍ଲକ୍ ଅଞ୍ଚଳର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ସହଯୋଗ କାମନା କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ରାଉତ ବରିଷ୍ଠ ନାଗରିକଙ୍କ ପାଇଁ ଶାଖାରେ ସ୍ୱତନ୍ତ୍ର ଭାବେ ସହଯୋଗ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିକାଶ ପରିଷଦର ସଭାପତି ଦାନୀ ଜମନକିରା ମୁଖ୍ୟଛକରେ ଏକ ନୂତନ ବସଷ୍ଟାଣ୍ଡ, ନୂତନ ବ୍ୟବସାୟିକ ପ୍ରତିଷ୍ଠାନ, ଶୌଚାଳୟ ଆଦି ବିଭିନ୍ନ ଉନ୍ନୟନ ମୂଳକ କାମ କରିବା ଦିଗରେ ମତପୋଷଣ କରିଥିଲେ। ଉଭୟ କମିଟିକୁ ଶୀଘ୍ର ପଞ୍ଜିକୃତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତା ବୈଠକ ଡିସେମ୍ବର ୧ ତାରିଖ ଫାଶିମାଲ ପଞ୍ଚାୟତ ପୁକୁଡ଼ା ଠାରେ ହେବା ପାଇଁ ସ୍ଥିର କରାଯାଇଥିଲା। ସୁରେଶ ନାୟକ, ନିକୁଞ୍ଜ ନାୟକ, ଦିଲୀପ ପଟେଲ, କିଶୋର ମହାପାତ୍ର, ଚକାନନ୍ଦ ସା, ବିରେନ୍ଦ୍ର କାରୱାର, ମାୟାଧର କାଲୋ, ହରିଶଙ୍କର ନାୟକ, କୃଷ୍ଣ ସାହୁ, ଅମରେଶ୍ୱର ସ୍ୱାଇଁ, ଅକ୍ଷୟ ଦାସ, ସୁରେଶ ନାଏକ, ଆନନ୍ଦ ନାଏକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର













ସମ୍ବଲପୁର ରେଳୱେ କମ୍ୟୁନିଟି ସେଣ୍ଟରଠାରେ ବାଳିକାମାନେ ଆଧୁନିକ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ପରିବେଶ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ (ମଝି)। ଜିଲାପାଳଙ୍କ ଅଫିସରେ ଅବ୍ୟବହୃତ ଜିନିଷ ଏଣେତେଣେ ପଡିଛି ।



"ଭାରତୀୟ ଗଣତନ୍ତ୍ର ପାଇଁ ମାତ୍ର ୫ଟି ରାଜନୈତିକ ଦଳ ଯୋଗ୍ୟ।
-ଜେ.ପି. ନଡ୍ଡା,
ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ



ଦୀପାବଳି ପାଇଁ ଅହମଦାବାଦର ଏକ ବାଣ କାରଖାନାରେ ବାଣ ପ୍ରସ୍ତୁତିରେ ବ୍ୟସ୍ତ ଦୁଇ ଶ୍ରମିକ।




ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋ-ଅପରେଟିଭ୍ ବ୍ୟାଙ୍କ (ପିଏମ୍‌ସି)ରେ ସଙ୍କଟ ଲାଗିରହିଥିବାବେଳେ ଏହାର ଗ୍ରାହକମାନେ ନୂଆଦିଲ୍ଲୀସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟାଳୟ ବାହାରେ ବିକ୍ଷୋଭ କରୁଛନ୍ତି।



କରୱା ଚଉଥ୍ ଉତ୍ସବ ପୂର୍ବରୁ ନିଜ ହାତରେ ମେହେନ୍ଦି ଲଗାଇଛନ୍ତି ଜମ୍ମୁର ଜଣେ ମହିଳା।

# ସୁପ୍ରିମକୋର୍ଟରେ ଶୁଣାଣି ବେଳେ ହାଇଡ୍ରାମା

ନୂଆଦିଲ୍ଲୀ,୧୬।୧୦ (ପି.ଟି./ଆଇଏଏନ୍‌ଏସ୍)

ରାଜନୈତିକ ଦୃଷ୍ଟିରୁ ଦେଶର ସର୍ବାଧିକ ସମ୍ବେଦନଶୀଳ ଅଯୋଧ୍ୟା ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଶେଷ ହୋଇ ରାୟ ସଂରକ୍ଷିତ ରଖାଯାଇଛି। ୫ ବିଚାରପତିଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠରେ ବୁଧବାର ଏହାର ଚୂଡ଼ାନ୍ତ ବିଚାର ବେଳେ କୋର୍ଟରୁମ୍‌ରେ ହାଇଡ୍ରାମା ଦେଖିବାକୁ ମିଳିଛି। ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ଶୁଣାଣି ପାଇଁ କୋର୍ଟରୁମ୍‌ରେ ଗହଳି ଲାଗି ରହିଥିଲା। ବିଚାର ଶେଷ ହେବାକୁ ଥିବାବେଳେ ହିନ୍ଦୁ ଓ ମୁସ୍‌ଲିମ୍ ପକ୍ଷ ଓକିଲଙ୍କ ମଧ୍ୟରେ ଖୁବ୍ କଥା କଟାକଟି ହୋଇଥିଲା। ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ରାମଙ୍କ ଜନ୍ମସ୍ଥାନ ଚିହ୍ନିତ ଏକ ମାନଚିତ୍ର ଅଦାଲତରେ ଦାଖଲ କରିଥିଲେ। ମୁସ୍‌ଲିମ ପକ୍ଷ ଓକିଲ ରାଜୀବ ଧଓ୍ବନ ଉକ୍ତ ମ୍ୟାପ୍‌କୁ ଚିରି ଦେଇଥିଲେ। ତାଙ୍କର ଏଭଳି ଆଚରଣକୁ ନେଇ ସମସ୍ତେ ଚକିତ ହୋଇଯାଇଥିଲେ। ଏପରି କାର୍ଯ୍ୟ ଚଳିବ ନାହିଁ ବୋଲି ସିଜେଆଇ ରଞ୍ଜନ ଗୋଗୋଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଥମାର୍ଦ୍ଧରେ ଶୁଣାଣି ବେଳେ ହିନ୍ଦୁ ପକ୍ଷମାନେ ଯୁକ୍ତି ବାଢ଼ିଥିଲେ, ଯେଉଁ ସ୍ଥାନରେ ମସ୍‌ଜିଦ ଛିଡ଼ା ହୋଇଛି ତାକୁ ହିନ୍ଦୁମାନେ ପବିତ୍ରସ୍ଥଳ ବୋଲି ବିବେଚନା କରନ୍ତି। ତେଣୁ ଐତିହାସିକ ଭୁଲକୁ ସୁଧାରିବା ପାଇଁ ସେମାନେ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଏହାକୁ ନେଇ ଧଓ୍ବନ୍ କହିଥିଲେ, ୧୯୯୨ ଡିସେମ୍ବର ୫ ପୂର୍ବରୁ ଯେଉଁଠି ମସ୍‌ଜିଦ ରହିଥିଲା ସେଠାରେ ପୁଣି ମସ୍‌ଜିଦ ଗଢ଼ାଯାଉ ବୋଲି ମୁସ୍‌ଲିମ ପକ୍ଷ ଚାହାନ୍ତି। ଭଙ୍ଗାଯାଇଥିବା ବିଲ୍ଡିଂ ଆମର। ଏହାର ପୁନଃ ନିର୍ମାଣ ଅଧିକାର ମଧ୍ୟ ଆମର। ଏଥିରେ ଅନ୍ୟ କାହାର ଅଧିକାର ନାହିଁ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଏପରି କି ସେ ଜଣେ ହିନ୍ଦୁ ପକ୍ଷ ଓକିଲଙ୍କ ବିରୋଧରେ (ଯିଏକି ବାବ୍ରି ମସ୍‌ଜିଦ ଏକ ଇସ୍‌ଲାମିକ୍ ଢାଞ୍ଚା ନ ଥିଲା ବୋଲି ଯୁକ୍ତି ବାଢ଼ିଥିଲେ) ଅପ୍ରୀତିକର ଭାଷା ମଧ୍ୟ ପ୍ରୟୋଗ କରିଥିଲେ। ସଲତନେଟ୍ ୧୨୦୬ରେ ଆରମ୍ଭ ହୋଇଥିଲା। ଇସ୍‌ଲାମ ହେଉଛି ଜାତି ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ଲୋକଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ଆସ୍ଥା ବୋଲି ଧଓ୍ବନ କହିଥିଲେ।

## ସାମ୍ବିଧାନିକ ପୀଠରେ ୫ ବିଚାରପତି



ଜଷ୍ଟିସ୍ ଅଶୋକ ଭୂଷଣ, ଡି.ୱାଇ. ଚନ୍ଦ୍ରଚୂଡ଼, ରଞ୍ଜନ ଗୋଗୋଇ, ଏସ୍.ଏ. ବୋବ୍‌ଡେ, ଏସ୍.ଏ. ନାଜିର

## ମ୍ୟାପ୍ ଚିରିଦେଲେ ମୁସ୍‌ଲିମ ପକ୍ଷ ଓକିଲ



ରାଜୀବ ଧଓ୍ବନ

## ଅଯୋଧ୍ୟା ମାମଲା

## ଦ୍ୱିତୀୟ ଦୀର୍ଘତମ ଶୁଣାଣି

ଅଯୋଧ୍ୟା ମାମଲାର ଶୁଣାଣି ହେଉଛି ସୁପ୍ରିମକୋର୍ଟ ଇତିହାସରେ ଦ୍ୱିତୀୟ ଦୀର୍ଘତମ ଶୁଣାଣି। କେଶବାନନ୍ଦ ଭାରତୀଙ୍କ ଶୁଣାଣି ୬୮ ଦିନ ଧରି ଚାଲିଥିବାବେଳେ ଆଧାର ମାମଲାର ବିଚାର ୩୮ ଦିନ ଚାଲିଥିଲା। ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚ୍ୟାଲେଞ୍ଜ କରି ୧୪ଟି ପିଟିଶନ ସର୍ବୋଚ୍ଚ ଅଦାଲତରେ ଦାଏର କରାଯାଇଥିଲା। ରାମ ଲାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କେ. ପରାଶରନ୍ ଏବଂ ସି.ଏସ୍. ବିଦ୍ୟାନାଥନ୍ ଲଢୁଥିବାବେଳେ ନିର୍ମୋହୀ ଆଖଡ଼ା ପକ୍ଷରୁ ଏସ୍.କେ. ଜୈନ୍ ମାମଲା ପରିଚାଳନା କରୁଥିଲେ। ସେହିପରି ରାଜୀବ ଧଓ୍ବନଙ୍କ ସହ ମୀନାକ୍ଷୀ ଆରୋରା ଓ ଶେଖର ନାଫାଡେ ସୁନ୍ନି ୱାକଫ୍ ବୋର୍ଡ୍ ଏବଂ ମୁସ୍‌ଲିମ୍ ପକ୍ଷମାନଙ୍କ ପ୍ରତିନିଧିତ୍ୱ କରୁଥିଲେ। ଏହି ପକ୍ଷମାନେ ଶୁଣାଣି ବେଳେ ଐତିହାସିକ, ପରିବ୍ରାଜକ ଭୌଗୋଳିକ ସୂଚୀପତ୍ର ଓ ବ୍ରିଟିଶ ଶାସନ ଅମଳରେ ପ୍ରସ୍ତୁତ ଦସ୍ତାବିଜ ଆଧାରରେ ପ୍ରସ୍ତୁତ ରିପୋର୍ଟ ବିବରଣୀ ନିଜ ନିଜ ଦାବି ସପକ୍ଷରେ ଅଦାଲତରେ ଉପସ୍ଥାପନ କରିଥିଲେ। ସେହିପରି ଭାରତର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ରିପୋର୍ଟର ମଧ୍ୟ ଅବତାରଣା କରିଥିଲେ।

# ବିରୋଧୀଙ୍କୁ ମୋଦି କହିଲେ ବୁଡ଼ି ମର

## ୩୭୦ ଉଚ୍ଛେଦ ପ୍ରସଙ୍ଗ

ମୁମ୍ବାଇ,୧୬।୧୦(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ମହାରାଷ୍ଟ୍ର ନିର୍ବାଚନ ପ୍ରଚାରରେ ଯାଇ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରୁଥିବା ବିପକ୍ଷ ନେତାମାନଙ୍କ ଉପରେ କଟୁ ମନ୍ତବ୍ୟ ଦେଇଛନ୍ତି। ନିର୍ବାଚନ ସହ ଏହି ପଦକ୍ଷେପକୁ ଯୋଡୁଥିବାରୁ ତାଙ୍କୁ ସମାଲୋଚନା କରୁଥିବା ନେତାମାନେ ବୁଡ଼ି ମରନ୍ତୁ ବୋଲି ମୋଦି କହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ଆଉ ୫ ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ବୁଧବାର ବିଦର୍ଭ ଅଞ୍ଚଳର ଅକୋଲା ଜିଲାରେ ଭାଜପାର ଏକ ସଭାକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଏକ ଲଜ୍ଜାହୀନ ବିରୋଧୀ ପ୍ରଶ୍ନ କରୁଛି ଅନୁଚ୍ଛେଦ ୩୭୦ ଓ ମହାରାଷ୍ଟ୍ର ମଧ୍ୟରେ ସମ୍ପର୍କ କ'ଣ। ଜମ୍ମୁ-କଶ୍ମୀର ସହିତ ମହାରାଷ୍ଟ୍ରର କିଛି ସମ୍ପର୍କ ନାହିଁ ସେମାନେ କିପରି କହୁଛନ୍ତି। ସେମାନେ ଏଭଳି ଚିନ୍ତାଧାରାକୁ ନେଇ ଲଜ୍ଜିତ ହେବା ଉଚିତ। ସେମାନେ ବୁଡ଼ି ମରନ୍ତୁ। ଜମ୍ମୁ-କଶ୍ମୀର ପାଇଁ ସବୁକିଛି ତ୍ୟାଗ କରିଥିବା ମହାରାଷ୍ଟ୍ରର ପିଲାଙ୍କ ପାଇଁ ଆମେ ଗର୍ବିତ ବୋଲି ସେ କହିଛନ୍ତି। ମୋଦି ସରକାର ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ୩୭୦ ଉଚ୍ଛେଦ ପ୍ରସଙ୍ଗ ଉଠାଉଛନ୍ତି ବୋଲି କଂଗ୍ରେସ ଏବଂ ଜାତୀୟବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ସମାଲୋଚନା କରୁଥିବାବେଳେ ମୋଦି ଏପରି ମନ୍ତବ୍ୟ ଦେଇଛନ୍ତି। ସେହିପରି ଶିବାଜୀ ମହାରାଜଙ୍କ ଭୂମିରେ ରାଜନୈତିକ ସ୍ୱାର୍ଥ ପାଇଁ ଉଠୁଥିବା ସ୍ୱରକୁ ନେଇ ସେ ଚକିତ ବୋଲି କହିଛନ୍ତି।

# କଂଗ୍ରେସ ନେତାଙ୍କୁ ଗୁଳିକରି ହତ୍ୟା

ଆଲିଗଡ଼, ୧୬।୧୦(ପି.ଟି.) : ଉତ୍ତରପ୍ରଦେଶର ଆଲିଗଡ଼ ଜିଲାରେ ଜଣେ ସ୍ଥାନୀୟ କଂଗ୍ରେସ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଜମି ବିବାଦକୁ ନେଇ ଏଭଳି ଗୁଳିମାଡ଼ କରାଯାଇଥିବା ଜଣାପଡ଼ିଛି। ତାଙ୍କ ନାମ ମହମ୍ମଦ ଫାରୁକ୍। ସମ୍‌ସାଦ୍ ମାର୍କେଟ ନିକଟ ଅଫିସରେ ସେ ଥଇବାବେଳେ ମୋଟର ସାଇକେଲରେ ଦୁଇ ଅପରାଧୀ ଆସି ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରି ଚାଲିଯାଇଥିଲେ। ସେଠାରେ ଥିବା ଲୋକମାନେ ଗୁଳିମାଡ଼ ଶୁଣି ରୁଣ୍ଡ ହୋଇଯିବା ସହ ଜଣକୁ କାବୁ କରିଥିଲେ ହେଁ ଅନ୍ୟ ଅପରାଧୀ ଗୁଳିଫୁଟାଇ ତାଙ୍କୁ ଉଦ୍ଧାର କରି ନେଇଥିଲେ। ପରେ ଫାରୁକଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚିଦାମ୍ବରମଙ୍କୁ ଗିରଫ କଲା ଇଡି

ନୂଆଦିଲ୍ଲୀ, ୧୬।୧୦(ପି.ଟି.) : ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ତିହାର ଜେଲରୁ ଗିରଫ କରାଯାଇଛି। ତାଙ୍କୁ ମନିଲଣ୍ଡରିଂ ମାମଲାରେ ଅଧିକ ଜେରା କରାଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ତାଙ୍କୁ ସିବିଆଇ ଗିରଫ କରିବା ପରେ ସେ ତିହାର ଜେଲ୍‌ରେ ଥିଲେ। ମଙ୍ଗଳବାର ସକାଳେ ଇଡିର ତିନିଜଣିଆ ତଦନ୍ତ ଅଧିକାରୀ ସେଠାରେ ପହଞ୍ଚି ଚିଦାମ୍ବରମଙ୍କୁ ପଚରାଉଚରା କରିଥିଲେ। ଏଥିସହ ଜେରା ଲାଗି ଇଡି ୧୪ ଦିନ ପାଇଁ ଚିଦାମ୍ବରମଙ୍କୁ ବିଚାର ବିଭାଗୀୟ ହାଜତକୁ ନେବା ଲାଗି ଆବେଦନ କରିଛି। ପୂର୍ବରୁ ଏନେଇ ବହୁବାର ଇଡି ତାଙ୍କୁ ଜେରା କରିଥିଲେ ସୁଦ୍ଧା ଗିରଫ କରି ନ ଥିଲା। ବିଦେଶରେ ଥିବା ଚିଦାମ୍ବରମଙ୍କ ସମ୍ପତ୍ତି ଓ ମନିଲଣ୍ଡରିଂ ମାମଲାକୁ ନେଇ ଇଡି ଅଧିକ ଜେରା କରିବ ବୋଲି ଜଣାପଡ଼ିଛି।

# ୩ ଲଶ୍କର ଆତଙ୍କବାଦୀ ନିହତ

ଶ୍ରୀନଗର, ୧୬।୧୦(ପି.ଟି.)

## ଅନନ୍ତନାଗ ଏନ୍‌କାଉଣ୍ଟର



ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀ ଗୋଷ୍ଠୀ ସହ ସାମିଲ ହୋଇଥିବା ଏହି ୩ ସ୍ଥାନୀୟ ଯୁବକଙ୍କୁ ସୁରକ୍ଷାକର୍ମୀମାନେ ଏନ୍‌କାଉଣ୍ଟର କରିଛନ୍ତି। ଅନନ୍ତନାଗର ପାଜାଲପୋରା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଗୋଇନ୍ଦା ରିପୋର୍ଟକୁ ଆଧାର କରି ସୁରକ୍ଷା ବାହିନୀ ପକ୍ଷରୁ ମଙ୍ଗଳବାର ରାତିରେ ଚଢାଉ କରାଯାଇଥିଲା। ସ୍ଥାନୀୟ ପୋଲିସ ଓ ସୁରକ୍ଷାକର୍ମୀ ଏଥିରେ ସାମିଲ ହୋଇଥିଲେ। ପ୍ରଥମେ ଉକ୍ତ ଜାଗାକୁ କର୍ଡନ କରାଯାଇ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏକ ଘରେ ଲୁଚିଥିବା ଏହି ଆତଙ୍କବାଦୀମାନେ ପ୍ରଥମେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରିବା ପରେ ଏହାର ଦୃଢ଼ ଜବାବ୍ ଦିଆଯାଇଥିଲା। ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହେବା ପରେ ସେମାନଙ୍କ ମରଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏମାନେ ଲଶ୍କର-ଇ-ତୋଇବା ଗୋଷ୍ଠୀର ବୋଲି ଜଣାପଡ଼ିଛି। ସେମାନେ ହେଲେ ନାସିର୍ ଗୁଲ୍‌ଜାର, ଜାହିଦ୍ ଅହମ୍ମଦ ଲୋନ୍ ଓ ଆକିମ୍ ଅହମ୍ମଦ ହାଜମ୍। ଗତବର୍ଷ ସେପ୍ଟେମ୍ବରରେ ଏମାନେ ଏହି ଆତଙ୍କବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ ବୋଲି ଜଣାପଡ଼ିଛି।

## ଶ୍ରମିକଙ୍କୁ ହତ୍ୟାକଲେ ଆତଙ୍କବାଦୀ

ଶ୍ରୀନଗର, ୧୬।୧୦(ପି.ଟି.)

କଶ୍ମୀର ପରିସ୍ଥିତି କ୍ରମଶଃ ସୁଧୁରୁଥିବାବେଳେ ଆତଙ୍କବାଦୀଙ୍କ ନରସଂହାର ବଢ଼ିବାରେ ଲାଗିଛି। ବୁଧବାର ପୁଲୱାମାରେ ଛତିଶଗଡ଼ର ଜଣେ ଶ୍ରମିକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଛନ୍ତି। ଏକ ଇଟାଭାଟିରେ କାମ କରୁଥିବା ଏହି ଶ୍ରମିକଙ୍କ ନାମ ସେଠୀକୁମାର ସାଗର ଓ ଘର ବେସୋଲିରେ ବୋଲି ଜଣାପଡ଼ିଛି। ଦୁଇଦିନ ତଳେ ଆତଙ୍କବାଦୀମାନେ ସୋପିଆନ୍‌ରେ ଏକ ଟ୍ରକ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟାକରିବା ପରେ ଏଭଳି ଘଟଣା ଘଟିଛି। ବାହାର ରାଜ୍ୟରୁ ଜମ୍ମୁ-କଶ୍ମୀରକୁ ଆସୁଥିବା ଲୋକଙ୍କୁ ଏବେ ଆତଙ୍କବାଦୀମାନେ ଟାର୍ଗେଟ କରୁଥିବା ଜଣାପଡ଼ିଛି। ହତ୍ୟା କରିଥିବା ଆତଙ୍କବାଦୀଙ୍କୁ ଧରିବା ଲାଗି ଅଭିଯାନ ଜୋର୍‌ଦାର କରାଯାଇଥିବା ଡିଜିପି ଦିଲ୍‌ବାଗ ସିଂ ପ୍ରକାଶ କରିଛନ୍ତି।

# ହସ୍ପିଟାଲରେ ମୃତକଙ୍କ ଆଖି ଖାଇଗଲେ ପିମ୍ପୁଡ଼ି

## ୪ ଡାକ୍ତର ନିଲମ୍ବିତ

ଭୋପାଳ,୧୬।୧୦

ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସରକାରରେ ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଶିବପୁରୀର ଜିଲା ହସ୍ପିଟାଲରେ ୫୦ ବର୍ଷ ବୟସ୍କ ଯକ୍ଷ୍ମାରୋଗୀ ବାଲଚନ୍ଦ୍ର ଲୋଧୀଙ୍କ ମୃତଦେହ ୫ ଘଣ୍ଟା ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା। ମୃତକଙ୍କ ଆଖିକୁ ପିମ୍ପୁଡ଼ି ଖାଇଦେଇଥିବା ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେବା ସହିତ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣାରେ ଜଣେ ସର୍ଜନଙ୍କ ସହିତ ୪ ଡାକ୍ତରଙ୍କୁ ନିଲମ୍ବିତ କରାଯାଇଛି। ମଙ୍ଗଳବାର ଏହାର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଅପଲୋଡ୍ କରାଯିବା ପରେ ଏହା ଭାଇରାଲ ହେବାରେ ଲାଗିଥିଲା। ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି।

# ଭୂକମ୍ପରେ ଥରିଲା ଫିଲିପାଇନ୍ସ

ମାନିଲା, ୧୬।୧୦(ପି.ଟି.) : ଦକ୍ଷିଣ ଫିଲିପାଇନ୍ସରେ ଭୂକମ୍ପ ଅନୁଭୂତ ହେବାରୁ ଜଣେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏକ ଘର ଭାଙ୍ଗିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରକାଶ। କେତେକ ଆହତ ମଧ୍ୟ ହୋଇଛନ୍ତି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୪ ଥିବା ଜଣାପଡ଼ିଛି। ମିଣ୍ଡାନାଓରେ ଏହାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଥିବାବେଳେ ସୁନାମି ସତର୍କତା ଜାରି କରାଯାଇ ନ ଥିବା ପ୍ରକାଶ। ତେବେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଘର ଭାଙ୍ଗିଯାଇଥିବାବେଳେ କରେଣ୍ଟ ଚାଲିଯିବାରୁ ଅନ୍ଧକାର ପରିବେଶ ସୃଷ୍ଟିହୋଇଛି। ଏବେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

# ଫେବୃୟାରୀ ଯାଏ ଗ୍ରେ ଲିଷ୍ଟରେ ରହିବ ପାକ୍

ଇସ୍‌ଲାମାବାଦ, ୧୬।୧୦(ପି.ଟି.)




## ଝୁଲିଲା ଏଫ୍‌ଏଟିଏଫ୍ ଖଣ୍ଡା

ଆତଙ୍କବାଦକୁ ନେଇ ପାକିସ୍ତାନ ଏକଘରକିଆ ହୋଇପଡ଼ିଥିବାବେଳେ ଏହାକୁ ପୁଣି ଏକ ଝଟକା ଲାଗିଛି। ପାକିସ୍ତାନକୁ ଆସନ୍ତା ୨୦୨୦ ଫେବୃୟାରୀ ମାସ ପର୍ଯ୍ୟନ୍ତ ଗ୍ରେ ଲିଷ୍ଟରେ ରଖିବା ଲାଗି ଏଫ୍‌ଏଟିଏଫ୍(ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ) ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମିଡିଆ ରିପୋର୍ଟରୁ ଜଣାପଡ଼ିଛି। ଏଥିସହ ଏହି ସମୟ ମଧ୍ୟରେ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସେମାନଙ୍କୁ ଆର୍ଥିକ ସହଯୋଗ ଦେବା ବନ୍ଦକରିବା, ମନିଲଣ୍ଡରିଂରୁ ଦୂରେଇ ରହିବା ଲାଗି ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୯୮୯ରେ ଗଠିତ ଏଫ୍‌ଏଟିଏଫ୍ ନାମକ ଆନ୍ତଃ ସରକାରୀ ସଂସ୍ଥା ଆତଙ୍କବାଦୀଙ୍କୁ ଅର୍ଥ ସହଯୋଗ ଦେବା, ମନିଲଣ୍ଡରିଂ ରୋକିବା ଉପରେ କାର୍ଯ୍ୟ କରିଥାଏ। ପ୍ୟାରିସ୍‌ରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ପାକିସ୍ତାନ ଆଚରଣ ଉପରେ ସମୀକ୍ଷା କରାଯାଇଥିଲା। ଆତଙ୍କବାଦୀଙ୍କୁ ଅର୍ଥଯୋଗାଣ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ଲାଗି ପାକିସ୍ତାନକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ୨୦୨୦ ଫେବୃୟାରୀରେ ଏନେଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଶୁକ୍ରବାର ଏନେଇ ଘୋଷଣା ହେବାକୁ ଥିବାବେଳେ ଏଭଳି ରିପୋର୍ଟକୁ ପାକ୍ ଅର୍ଥମନ୍ତ୍ରଣାଳୟର ମୁଖପାତ୍ର ଓମାର ହମିଦ ଖାନ୍ ପ୍ରତ୍ୟାଖ୍ୟାନ କରିଛନ୍ତି।

## [ଇତିହାସର ଆଇନାରେ]

### ଅକ୍ଟୋବର ୧୬ର ପ୍ରମୁଖ ଘଟଣା

### କାଲିଫର୍ନିଆରେ ଭୂକମ୍ପ

୧୯୮୯ ଅକ୍ଟୋବର ୧୭ରେ କାଲିଫର୍ନିଆର କେନ୍ଦ୍ରୀୟ ଉପକୂଳରେ ଭୂକମ୍ପ ଅନୁଭୂତ ହେବାରୁ ପ୍ରାୟ ୬୩ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୯ ଥିଲା। ସାନ୍ ଫ୍ରାନ୍ସିସ୍କୋ ଉପକୂଳ ମଧ୍ୟ ବହୁଳ କ୍ଷତି ସହିଥିଲା। ଅନେକ ଘର ଭାଙ୍ଗିଯାଇଥିଲା।

### ଇସ୍ରାଏଲ୍ ମନ୍ତ୍ରୀଙ୍କୁ ହତ୍ୟା

୨୦୦୧ ଅକ୍ଟୋବର ୧୭ରେ ଇସ୍ରାଏଲର ପର୍ଯ୍ୟଟନ ମନ୍ତ୍ରୀ ରେହାଭମ୍ ଜିବିଙ୍କୁ ଆତଙ୍କବାଦୀମାନେ ସାଇଲେନ୍ସ ବନ୍ଧୁକରୁ ଗୁଳିକରି ହତ୍ୟା କରିଥିଲେ। ପାଲେଷ୍ଟାଇନ ଆତଙ୍କବାଦୀମାନେ ଜେରୁଜେଲମ୍‌ଠାରେ ତାଙ୍କୁ ହତ୍ୟାକରିବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା।

# ୧୦ ବର୍ଷୀୟା ଆଦିବାସୀଙ୍କୁ ୫୦ ହଜାରରେ ବିକ୍ରି

ଅହମଦାବାଦ,୧୬।୧୦

- ବିବାହ ପୂର୍ବରୁ ବାପା ଛିଣ୍ଡାଇଥିଲେ ଦେଢ଼ଲକ୍ଷ
- ଭିଡିଓ ଭାଇରାଲ ପରେ ମିଳିଲାନି ଲକ୍ଷେ ଟଙ୍କା



ଗୁଜରାଟର ବନାସକାଣ୍ଠାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ବାପା ବିବାହ ପାଇଁ ତାଙ୍କ ୧୦ ବର୍ଷୀୟା ଝିଅଙ୍କୁ ୫୦ ହଜାର ଟଙ୍କାରେ ବିକ୍ରି କରିଦେଇଛନ୍ତି। ଉକ୍ତ ଆଦିବାସୀ ନାବାଳିକାଙ୍କୁ କିଣିଥିବା ଅସ୍‌ୱାରାର ୩୫ ବର୍ଷୀୟ ଗୋବିନ୍ଦ ଠାକୁର ତାଙ୍କୁ ବିବାହ କରିଛନ୍ତି। ସବୁଠୁ ଲଜ୍ଜାକର କଥା ହେଉଛି ନାବାଳିକାଙ୍କ ସ୍ୱାମୀ ତାଙ୍କ ବାପାଙ୍କଠାରୁ ବୟସରେ ବଡ଼। ବିବାହ ବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଝିଅକୁ ଉଦ୍ଧାର କରିଛି।

ଦୁଇମାସ ତଳେ ଝିଅଟି ଏକ ଯାତ୍ରା ଦେଖିବାକୁ ଯାଇଥିଲା। ଗୋବିନ୍ଦ ମଧ୍ୟ ସେଠାକୁ ଯାଇଥିଲେ। ଜଗମଲ ଗମାର ନାମକ ଜଣେ ଏଜେଣ୍ଟଙ୍କ ଜରିଆରେ ଝିଅଙ୍କ ବାପା ଗୋବିନ୍ଦ ସହ ତାଙ୍କର ଭେଟ କରାଇଥିଲେ। ଗୋବିନ୍ଦ ତାଙ୍କୁ ଦେଖିବା ପରେ ୫୦,୦୦୦ ଟଙ୍କାରେ କିଣିବା ପାଇଁ ରାଜି ହୋଇଥିଲେ। ଅଗଷ୍ଟରେ ପରିବାର ଲୋକେ ଝିଅଙ୍କ ବିବାହ ଗୋବିନ୍ଦଙ୍କ ସହ କରାଇଥିଲେ। ବିବାହ ପରେ ବାପା ଝିଅଙ୍କୁ ନିଜ ଘରକୁ ଆଣିବାକୁ ଗୋବିନ୍ଦଙ୍କ ଘରକୁ ଯାଇଥିଲେ। କିନ୍ତୁ ଗୋବିନ୍ଦ ଝିଅଙ୍କୁ ଛାଡ଼ିବାକୁ ମନାକରିଦେଇଥିଲେ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ବିକ୍ରି ପାଇଁ ଦେଢ଼ଲକ୍ଷ ଟଙ୍କା ଛିଣ୍ଡିଥିଲା। ସେଥିରୁ ଗୋବିନ୍ଦ ୫୦ ହଜାର ଦେଇଥିଲେ ଓ ଅବଶିଷ୍ଟ ୧ ଲକ୍ଷ ଟଙ୍କା ବିବାହ ପରେ ଦେବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଗୋବିନ୍ଦଙ୍କୁ ହଇରାଣ କରିବା ପାଇଁ ଏଜେଣ୍ଟ ଜଗମଲ ବିବାହ ବେଳର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଦେଇଥିଲେ। ଫଳରେ ଗୋବିନ୍ଦ ବାକି ଲକ୍ଷେ ଟଙ୍କା କନ୍ୟାପିତାଙ୍କୁ ଦେଇନାହାନ୍ତି। ବନାସକାଣ୍ଠା ଜିଲା ହଡାଡ୍ ଥାନାର ସାମାଜିକ ନ୍ୟାୟ ବିଭାଗ ସୁରକ୍ଷା ଅଧିକାରୀ ଶିଶୁ ବିବାହ ନିରୋଧୀ ଆଇନ ବଳରେ କନ୍ୟାପିତା, ଗୋବିନ୍ଦ ଓ ଏଜେଣ୍ଟଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଝିଅଟିକୁ ମଙ୍ଗଳବାର କୁବେରନଗର ଅଞ୍ଚଳରେ ରହୁଥିବା ସ୍ୱାମୀଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରି ମହିଳା ସୁରକ୍ଷା ଗୃହ 'ଓଢ଼ାବ'କୁ ପଠାଇ ଦିଆଯାଇଛି ବୋଲି ମହିଳା ଅପରାଧ ଶାଖାର ଏସିପି କେ.ଏମ୍. ଜୋସେଫ୍ କହିଛନ୍ତି। ଏହି ଘଟଣା କେନ୍ଦ୍ର ସରକାରଙ୍କ 'ବେଟୀ ବଚାଓ ବେଟୀ ପଢ଼ାଓ' ଯୋଜନା ପ୍ରତି ଉପହାସ ବୋଲି କୁହାଯାଉଛି।

## ଯାତ୍ରୀଙ୍କୁ ଧକ୍କାଦେଲେ ମାସକୁ ୨ ଲକ୍ଷ

ଧକ୍କା ମାରିବା ଲାଗି ମାସକୁ ୨ ଲକ୍ଷ ଟଙ୍କା ଦରମା ପାଇବା କଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ତେବେ ଜାପାନରେ ଏଭଳି ଚାକିରି ପାଇଁ ନିଯୁକ୍ତି ମିଳିଥାଏ। ଲୋକଙ୍କୁ ଟ୍ରେନ ଭିତରକୁ ଧକ୍କାଦେବା ଲାଗି ଜାପାନ ମେଟ୍ରୋରେ ବହୁ କର୍ମଚାରୀ ରହିଛନ୍ତି। ସେମାନେ ଟ୍ରେନକୁ ଚଢୁଥିବା ଯାତ୍ରୀମାନଙ୍କୁ ଧକ୍କା ଦେଇ ଭିତରକୁ ପଠାନ୍ତି। ଏଠାରେ ଚାଲୁଥିବା ଟ୍ରେନଗୁଡ଼ିକରେ ପ୍ରବଳ ଭିଡ଼ ହୋଇଥାଏ। ଟ୍ରେନ୍ ଷ୍ଟେଶନରେ ପହଞ୍ଚିବା ପରେ ଏହି କର୍ମଚାରୀମାନେ ଯାତ୍ରୀମାନଙ୍କୁ ଧକ୍କା ଦେଇଥାନ୍ତି।

# ବିକାଶ ପାଇଁ ଦାରିଦ୍ର୍ୟ ଦୂରୀକରଣ ଜରୁରୀ

ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ

ଦାରିଦ୍ର୍ୟର ଅନେକ ସଂଜ୍ଞା ରହିଛି , କିନ୍ତୁ ଯେଉଁମାନେ ଜୀବନର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ନୁହନ୍ତି ସେହି ଅବସ୍ଥାକୁ ଦାରିଦ୍ର୍ୟ ବୋଲି ବୁଝିବାକୁ ପଡିବ । ଏହି ଅବସ୍ଥାରେ ଲୋକମାନେ ବିଶ୍ୱରେ ରହିଲେ ତାହା ବିଶ୍ୱର ସାମଗ୍ରିକ ବିକାଶରେ ବାଧା ଆସିବ। ସ୍ୱାସ୍ଥ୍ୟ ଓ ଶିକ୍ଷାରେ ବିକାଶ ଆଣିବା ପାଇଁ ଦାରିଦ୍ର୍ୟର ଦୂରୀକରଣ ଜରୁରୀ। ଏଣୁ ବିଶ୍ୱରୁ ଦାରିଦ୍ର୍ୟ ଲୋପ କରିବା ଉଦ୍ଦେଶ୍ୟରେ 'ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ' ପ୍ରତିବର୍ଷ ଅକ୍ଟୋବର ୧୭ରେ ପାଳନ କରାଯାଉଛି। ମୁଖ୍ୟତଃ ବିକାଶଶୀଳ ଦେଶଗୁଡିକରେ ଏହି ଦିବସ ପାଳନ କରାଯିବାର ଗୁରୁତ୍ୱ ରହିଛି। ଏହି ଦିବସରେ ଦାରିଦ୍ର୍ୟ ଓ ଅଭାବ ଦୂର କରିବାର ଆବଶ୍ୟକତା ସମ୍ୱନ୍ଧରେ ଲୋକମାନଙ୍କୁ ସଚେତନ କରାଯାଏ । ଅନେକ ବେସରକାରୀ ସଂଗଠନ ଓ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ରାରିଦ୍ର୍ୟ ଦୂରୀକରଣ ଲାଗି ଏହି ଦିବସକୁ ସମର୍ଥନ କରନ୍ତି। ଦାରିଦ୍ର୍ୟ ବିରୋଧରେ ଲଢେଇ କରିବା ପାଇଁ ଏହିସବୁ ସଂଗଠନଗୁଡିକ ସରକାରଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ସଂକଳ୍ପ ମଧ୍ୟ ନେଇଥାନ୍ତି। ୧୯୪୮ରେ ସର୍ବରାଷ୍ଟ୍ରୀୟ ମାନବ ଅଧିକାର ଘୋଷଣାପତ୍ର ଭୋକିଲା, ଦାରିଦ୍ର୍ୟ ଓ ହଂସା ପୀଡିତଙ୍କ ଉଦ୍ଦେଶ୍ୟରେ ପ୍ୟାରିସର ଟ୍ରୋକାଡେରୋରେ ସ୍ୱାକ୍ଷର କରାଯାଇଥିଲା। ଦାରିଦ୍ର୍ୟକୁ ମାନବାଧିକାର ଉଲ୍ଲଂଘନ ବୋଲି ବିଚାର କରାଯାଇଥିଲା। ତା'ପରଠାରୁ ଏହାକୁ ହଟାଇବା ଲାଗି ସଚେତନ ହେବାକୁ ଯତ୍ନବାନ ହେବା ଦେଖାଯାଇଥିଲା। ୧୯୮୭ ଅକ୍ଟୋବର ୧୭ରେ ଫ୍ରାନ୍ସର ପ୍ୟାରିସରେ ୧ ଲକ୍ଷ ଲୋକ ଭୋକିଲା ଓ ଦାରିଦ୍ର୍ୟର ଶିକାର ହୋଉଥିବା ଲୋକମାନଙ୍କ ସମ୍ମାନାର୍ଥେ ଏକାଠି ହୋଇଥିଲେ। ସେହି ଦିନଠାରୁ ବ୍ୟକ୍ତିଗତ ତଥା ସାଂଗଠନିକ ସ୍ତରରେ ବିଶ୍ୱରେ ଅକ୍ଟୋବର ୧୭ରେ ସେହି ପ୍ରତିବଦ୍ଧତାକୁ ସ୍ମରଣ କରିବା ପାଇଁ ପାଳନ କରାଯାଉଛି। କିନ୍ତୁ ୧୯୯୨ରେ ଜାତିସଂଘ ସାଧାରଣ ପରିଷଦ ଆଧିକାରିକ ସ୍ତରରେ ଅକ୍ଟୋବର ୧୭କୁ ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯିବା ଲାଗି ଘୋଷଣା କରିଥିଲା। ୧୯୯୫ରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜାତିସଂଘ ସାଧାରଣ ପରିଷଦ ପ୍ରଥମ ଜାତିସଂଘ ଦଶକ (୧୯୯୭-୨୦୦୬) ପାଳନ କରିବା ଲାଗି ଘୋଷଣା କରିଥିଲା। ୨୦୦୨ରେ ମିଲେନିୟମ୍ ସମିଟ୍‌ରେ ବିଶ୍ୱର ନେତାମାନେ ଏକାଠି ହୋଇ ୨୦୧୫ ସୁଦ୍ଧା ବିଶ୍ୱରେ ଅତି ଗରିବ ଲୋକମାନଙ୍କ ସଂଖ୍ୟା ଅଧା କମାଇବା ପାଇଁ ସଂକଳ୍ପ ନେଇଥିଲେ।୨୦୧୯ରେ -ଦାରିଦ୍ର୍ୟ ଲୋପ କରିବା ପାଇଁ ଶିଶୁ ,ତାଙ୍କ ପରିବାର ଓ ସମାଜକୁ ମିଳିମିଶି ସଶକ୍ତ କରିବା' ବୋଲି ଏହି ଦିବସର ସ୍ଲୋଗାନ ରଖାଯାଇଛି।



# 'ବେଲା ହେଡିଡ୍' ବିଶ୍ୱର ସବୁଠୁ ସୁନ୍ଦରୀ



**ନୂଆଦିଲ୍ଲୀ:** ଗ୍ରୀକ୍ ଗଣନା ଅନୁସାରେ ୨୩ ବର୍ଷୀୟା ସୁପର୍ ମଡେଲ୍ ବେଲା ହେଡିଡ୍ ହେଉଛନ୍ତି ବିଶ୍ୱର ସବୁଠାରୁ ସୁନ୍ଦରୀ ମହିଳା। 'ଗୋଲ୍‌ଡେନ୍ ରେସିଓ ଅଫ୍ ବିଉଟି ଫି' ଷ୍ଟାଣ୍ଡାର୍ଡ' ଅନୁଯାୟୀ ବୈଜ୍ଞାନିକମାନେ ବେଲାଙ୍କୁ ପୃଥିବୀର ସବୁଠାରୁ ସୁନ୍ଦରୀ ମହିଳା ବୋଲି ଘୋଷଣା କରିଛନ୍ତି। କ୍ଲାସିକ୍ ଗ୍ରୀକ୍ ଗଣନା ସାହାଯ୍ୟରେ ଗୋଲ୍‌ଡେନ୍ ରେସିଓ ଅଫ୍ ବିଉଟି ଫି' ସୌନ୍ଦର୍ଯ୍ୟର ମାନଦଣ୍ଡ ନିର୍ଦ୍ଧାରଣ କରିଛି। ସୌନ୍ଦର୍ଯ୍ୟକୁ ବୈଜ୍ଞାନିକ ଉପାୟରେ ଆକଳନ କରିବା ସମୟରେ ଗ୍ରୀକ୍ ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ମୁଖମଣ୍ଡଳର ବିଭିନ୍ନ ଭାଗର ଅନୁପାତକୁ ନିର୍ଦ୍ଧାରିତ ମାପ ସହ ମେଳ କରାଇଥାନ୍ତି। ଏହି କ୍ରମରେ 'ଗୋଲ୍‌ଡେନ୍ ରେସିଓ' ମାପ ସହ ବେଲା ହେଡିଡ୍‌ଙ୍କ ଚେହେରା ୯୪.୩୫% ମେଳ ଖାଉଥିବା ଜଣାପଡ଼ିଛି। ଏଣୁ ବିଶ୍ୱର ସର୍ବୋତ୍କୃଷ୍ଟ ଚେହେରାର ଅଧିକାରିଣୀ ହେଉଛନ୍ତି ଏହି ଆମେରିକୀୟ ମେଡେଲ ବେଲା ହେଡିଡ୍। ଏକ ସମ୍ପୂର୍ଣ୍ଣ ସୁନ୍ଦର ଚେହେରାର ମାନଦଣ୍ଡ ଅନୁସାରେ ସବୁଠାରୁ ଅଧିକ ବେଲାଙ୍କ ମୁଖମଣ୍ଡଳର ଆକୃତି ମେଳ ଖାଉଥିବା ବୈଜ୍ଞାନିକମାନେ କହିଛନ୍ତି। ବେଲାଙ୍କ ପରେ ପପ୍ ଡିଭା ବେୟୋନ୍ସେଙ୍କ ଚେହେରା ୯୨.୪୪% ମେଳ ଖାଉଥିବାବେଳେ ଅଭିନେତ୍ରୀ ଅମ୍ବର ହର୍ଡଙ୍କ ଚେହେରା ୯୧.୮୫% ମେଳ ଖାଉଥିବା ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ପାକିସ୍ତାନକୁ ପ୍ରିନ୍ସ ୱିଲିୟମ୍ ଓ କେଟ୍ ମିଡିଲଟନ୍‌ଙ୍କ ରାଜକୀୟ ଯାତ୍ରା



**ଇସ୍‌ଲମାବାଦ :** ପାକିସ୍ତାନକୁ ୫ ଦିନିଆ ଗସ୍ତ କରିଛନ୍ତି ବ୍ରିଟେନର ପ୍ରିନ୍ସ ୱିଲିୟମ ଓ ସ୍ତ୍ରୀ କାଟେ ମିଡିଲଟନ୍। ସେଠାରେ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ରାଷ୍ଟ୍ରପତି ଆରିଫ୍ ଆଲ୍‌ଭିଙ୍କୁ ସାକ୍ଷାତ କରିଛନ୍ତି। ଏହି ରାଜକୀୟ ଯାତ୍ରା ଲାଗି ପାକିସ୍ତାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବାବେଳେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଛି। ଭାରତ ପାକିସ୍ତାନ ସମ୍ପର୍କରେ ତିକ୍ତତା ଲାଗି ରହିଥିବାବେଳେ ବ୍ରିଟେନର ଏକ ରାଜକୀୟ ଯୋଡ଼ିଙ୍କ ଯାତ୍ରା ଭିନ୍ନ ପରିବେଶ ସୃଷ୍ଟିକରିଛି। ସେମାନଙ୍କ ସୁରକ୍ଷା ଲାଗି ହଜାରେରୁ ଊର୍ଦ୍ଧ୍ୱ ପୋଲିସ ଓ ପାରାମିଲିଟାରୀ ଫୋର୍ସଙ୍କୁ ମଧ୍ୟ ମୁତୟନ କରାଯାଇଛି। ପ୍ରଥମେ ସେମାନେ ଇସ୍‌ଲାମାବାଦରେ ବାଳିକାଙ୍କ ଲାଗି ଉଦ୍ଦିଷ୍ଟ ଏକ ସ୍କୁଲ ଗସ୍ତକରିବା ପରେ ମାର୍ଗାଲା ହିଲ୍‌ସ୍ଥିତ ନ୍ୟାଶନାଲ ପାର୍କ ବୁଲି ଦେଖିଛନ୍ତି। ପାକିସ୍ତାନରେ ପ୍ରାଥମିକ ଶିକ୍ଷା ଲାଭ ପରେ ଅନେକ ଝିଅ ପାଠପଢା ଛାଡୁଥିବା ନଜିର ରହିଛି। ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଆସୁଥିବା ଏହି ରୟାଲ ଯୋଡ଼ିଙ୍କ ଏଠାକୁ ଗସ୍ତ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇବ ବୋଲି କୁହାଯାଉଛି। ବ୍ରିଟେନ ସହ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ସମ୍ପର୍କକୁ ନେଇ ଇସ୍‌ଲାମାବାଦରେ ଉତ୍ସବ ପାଳନ କରାଯାଇଥିବାବେଳେ ଏହି ରୟାଲ ଯୋଡ଼ିଙ୍କ ଫ୍ୟାଶନେବଲ୍ ଡ୍ରେସ ଓ ଅଟୋ ଯାତ୍ରା ନିଆରା ଦୃଶ୍ୟ ସୃଷ୍ଟି କରିଥିଲା।

# ପୂରଣ ହେଲା ଆଲିଆଙ୍କ ସ୍ୱପ୍ନ

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିରେ କାମ କରିବାର ୭ ବର୍ଷ ପରେ ମହେଶ ତନୟା ଆଲିୟା ଭଟ୍ଟଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଭଂସାଲି ପ୍ରଡକ୍ସନ ସହ କାମ କରିବାକୁ ଆଲିଆ ଦୀର୍ଘଦିନ ଧରି ଆଶା ବାନ୍ଧି ଥିଲେ। କିନ୍ତୁ ସଞ୍ଜୟଲୀଲା ଭଂସାଲିଙ୍କ ଫିଲ୍ମ 'ଇନସ୍‌ଆଲ୍ଲା' ବନ୍ଦ ହୋଇଯିବା ପରେ ଆଲିୟାଙ୍କ ସ୍ୱପ୍ନ ଭାଙ୍ଗି ଯାଇଥିଲା। ହେଲେ ଭଂସାଲିଙ୍କ ଆଗାମୀ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'ରେ ଆଲିୟାଙ୍କୁ ଲିଡ୍ ରୋଲ୍ ମିଳିଛି। ଏଥିରେ ସେ ଗଙ୍ଗୁବାଇ ଭୂମିକାରେ ଅଭିନୟ କରିବେ। ଆଗାମୀ ବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ। ଗଙ୍ଗୁବାଇ 'ଦ ମ୍ୟାଡାମ ଅଫ୍ କମାଠୀପୁରା' ନାମରେ ମଧ୍ୟ ପରିଚିତ। ସେ କମ୍ ବୟସରେ ବେଶ୍ୟାବୃତ୍ତିକୁ ପେସା ଭାବେ ଗ୍ରହଣ କରିନେଇଥିଲେ। ଏବେ ଆଲିୟାଙ୍କୁ ଏହି ରୋଲ ପାଇଁ ଭଂସାଲୀ ସାଇନ୍ କରିଥିବା ବେଳେ ପୂର୍ବରୁ ଏହି ରୋଲ ପାଇଁ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ନାଁ ଚର୍ଚ୍ଚାରେ ଥିଲା। ସୂଚନାଯୋଗ୍ୟ ଯେ, ସଞ୍ଜୟଲୀଲା ଭଂସାଲିଙ୍କ ଫିଲ୍ମ 'ଇନସ୍‌ଆଲ୍ଲା'ରେ ସଲ୍‌ମାନ୍ ଖାନ୍ ଲିଡ୍ ରୋଲରେ ଥିଲେ। ଏହାର କିଛି ଗୀତ ଶୁଟିଂ ସରିଥିବା ବେଳେ ଗତ ଅଗଷ୍ଟରେ ଫିଲ୍ମକୁ ବନ୍ଦ କରିଦିଆଯାଇଥିଲା। ଏ ନେଇ ସଲ୍‌ମାନ ନିଜେ ସୂଚନା ଦେଇଥିଲେ ବି କେଉଁ କାରଣରୁ ଫିଲ୍ମ ବନ୍ଦ ହେଲା ସେ ନେଇ ଜଣାପଡ଼ିନାହିଁ। ଏହି ଫିଲ୍ମରେ ସଲ୍‌ମାନଙ୍କ ସହ ଆଲିୟା ଭଟ୍ଟ ମଧ୍ୟ କାମ କରୁଥିଲେ। ଫିଲ୍ମଟି ବନ୍ଦ କରିଦିଆଯିବା ଜଣାପଡ଼ିବା ପରେ ଆଲିୟାଙ୍କ ମନ ବହୁତ ଦୁଃଖ ହୋଇଥିଲା ବୋଲି ଶୁଣିବାକୁ ମିଳିଥିଲା।





# ମେନ୍ୟୁ କାର୍ଡ ମେଶିନ୍ କହିଥାଏ ଗ୍ରାହକଙ୍କ ପସନ୍ଦ



**ବେଜିଂ:** ସାଧାରଣତଃ ମନ ପସନ୍ଦର ଖାଦ୍ୟ ଖାଇବା ପାଇଁ ହୋଟେଲ ବା ରେଷ୍ଟୁରାଣ୍ଟରେ ମେନ୍ୟୁ କାର୍ଡ ଦେଖି ଅର୍ଡର ଦିଆଯାଇଥାଏ। ମାତ୍ର ଏହି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକାରୀ ନା ନାହିଁ ସେ ନେଇ ଗ୍ରାହକ ଅଜଣା ରହିଥାନ୍ତି। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଚାଇନାର ବେଜିଂରେ ଏକ ହୋଟେଲରେ ଗ୍ରାହକଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଦିଆଯାଏ। ଏଠାରେ ଏକ ଉନ୍ନତ ଧରଣର ଟେକ୍ନୋଲୋଜି ବ୍ୟବହାର ହୋଇଛି। ଏଠି ଟେବୁଲ ଉପରେ ମେନ୍ୟୁ କାର୍ଡ ରଖାଯାଏନି। ହୋଟେଲରେ ଥିବା ମେନ୍ୟୁ କାର୍ଡ ମେଶିନ ସମ୍ମୁଖରେ ଗ୍ରାହକ ଛିଡା ହେଲେ ସେ କ'ଣ ଖାଇଲେ ତାଙ୍କର ସ୍ୱାସ୍ଥ୍ୟ ପାଇଁ ଭଲ ହେବ, ସେହି ଅନୁସାରେ ଖାଦ୍ୟ ଅର୍ଡର ଦିଆଯାଇଥାଏ। ଏହା ଏକ ରୋବଟ୍ ଭଳି କାମ କରେ। ଏହା ସାମ୍ନାରେ ଗ୍ରାହକ ଛିଡା ହେଲେ ଏହା ବୟସ ଓ ଲିଙ୍ଗକୁ ଚିହ୍ନଟ କରି ସେହି ଆଧାରରେ ଖାଦ୍ୟ ଅର୍ଡର ଦିଏ। ଯଦି କୌଣସି ଶିଶୁ ଏହି ମେଶିନ ସମ୍ମୁଖରେ ଛିଡା ହୁଏ, ତେବେ ସେ ଶିଶୁ ପାଇଁ ହର୍ଲିକ୍ସ ବା ବୋର୍ନଭିଟା କିମ୍ବା ବୟସ ଅନୁସାରେ ଖାଦ୍ୟ ମେନ୍ୟୁ ମେଶିନ୍ ଅର୍ଡର କରିଥାଏ।

# 'ପେଟ୍ ବ୍ଲଡ୍ ବ୍ୟାଙ୍କ'

**ନ୍ୟୁୟର୍କ:** ପାଳିତ ପ୍ରାଣୀଙ୍କ ପାଇଁ ବ୍ଲଡ୍ ବ୍ୟାଙ୍କ ଏବଂ ପ୍ଲାଜମା ସେଣ୍ଟର। ଏଠାରେ ସେମାନେ ରକ୍ତ ଦାନ କରିପାରିବେ। ଆବଶ୍ୟକସ୍ଥଳେ ରକ୍ତ ମଧ୍ୟ ନେଇପାରିବେ। ଗୃହପାଳିତ ପ୍ରାଣୀଙ୍କ ପ୍ରତି ବଢୁଥିବା ଦୁର୍ବଳତାକୁ ନଜରରେ ରଖି ଏପରି ଅଭିନବ ବ୍ୟବସ୍ଥା ଆରମ୍ଭ କଲେଣି ଅନେକ ପାଶ୍ଚାତ୍ୟ ଦେଶ। ଏହି କ୍ଷେତ୍ରରେ ଆଗରେ ରହିଛନ୍ତି ବ୍ରିଟେନ, ଆମେରିକା। ଉତ୍ତର ଆମେରିକାର ପ୍ରାଣୀ ଚିକିତ୍ସା ବ୍ଲଡ୍ ବ୍ୟାଙ୍କ ମୁଖ୍ୟ ଡା. କେସି ମିଲ୍ସଙ୍କ କହିବା କଥା, ମଣିଷ ଭଳି କୁକୁର ଏବଂ ବିଲେଇ ମଧ୍ୟ ପୃଥକ୍ ବ୍ଲଡ୍ ଗ୍ରୁପ୍‌ର ଅଧିକାରୀ। କୁକୁରଙ୍କ ୧୨ଟି ଏବଂ ବିଲେଇଙ୍କ କ୍ଷେତ୍ରରେ ଅଦ୍ୟାବଧି ୩ ପ୍ରକାର ବ୍ଲଡ୍ ଗ୍ରୁପ୍ ଅଦ୍ୟାବଧି ଠାବ କରାଯାଇଛି। ରୋଗଗ୍ରସ୍ତ କିମ୍ବା ଦୁର୍ଘଟଣାର ଶିକାର ହେଉଥିବା ପ୍ରାଣୀଙ୍କୁ ରକ୍ତର ଆବଶ୍ୟକତା ଅନେକ। ଏହାକୁ ଦୃଷ୍ଟିରେ ରଖି କାଲିଫର୍ନିଆ, ବ୍ରିଷ୍ଟୋ, ଭର୍ଜିନିଆ, ସ୍କଟ୍‌ବ୍ରିଜ୍, ମିଶିଗନ, ଡିକ୍ସନ, ଗାର୍ଡେନ ଗ୍ରୋବ ଭଳି ସହରରେ ବ୍ଲଡ ବ୍ୟାଙ୍କ ଖୋଲାଯାଇଛି। ଏଠାରେ ବିଧିବଦ୍ଧ ଭାବେ ରକ୍ତ ଦାନ ଏବଂ ଗ୍ରହଣ କରାଯାଉଛି। ଏହି ପ୍ରକ୍ରୟା ଅତି ସହଜ। ମାତ୍ର ୩୦ ମିନିଟ୍‌ରେ ବିନା ଆନାସ୍ଥେସିଆରେ ଏହା କରାଯାଇପାରିବ। ତାଲିମପ୍ରାପ୍ତ ପ୍ରାଣୀଙ୍କ ମାଲିକଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହାପରେ ବ୍ରିଟେନ ଏବଂ ଆମେରିକାରେ ପ୍ରାଣୀ ରକ୍ତଦାନ ପ୍ରତି ଲୋକେ ବେଶି ସଚେତନ ହେଲେଣି।



# ପାକିସ୍ତାନଠାରୁ ଅଧିକ ଭୋକିଲା ଭାରତରେ

ବିଶ୍ୱ କ୍ଷୁଧା ତାଲିକା ପ୍ରକାଶିତ

**ନୂଆଦିଲ୍ଲୀ:** ୨୦୧୯ ବିଶ୍ୱ କ୍ଷୁଧା ତାଲିକାରେ ଭାରତର ସ୍ଥାନ ୧୦୨ ରହିଛି। ମୋଟ ୧୧୭ ଦେଶକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଥିବାବେଳେ ଭାରତର ସ୍ଥାନ ଯେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି, ଏଥିରୁ ସହଜେ ଅନୁମେୟ। ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ନେପାଳଠାରୁ ଭାରତ ପଛରେ ପଡ଼ିଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ନେପାଳ ୭୩ମ ସ୍ଥାନରେ ରହିଥିବାବେଳେ ଶ୍ରୀଲଙ୍କା ୬୬, ବାଂଲାଦେଶ ୮୮, ମ୍ୟାନମାର ୬୯, ପାକିସ୍ତାନ ୯୪ତମ ସ୍ଥାନରେ ରହିଛନ୍ତି। ପଡ଼ୋଶୀ ଚାଇନା ୨୫ତମ ସ୍ଥାନରେ ରହିଛି। ବେଲାରୁସ୍, ୟୁକ୍ରେନ୍, ତୁର୍କୀ, କ୍ୟୁବା, କୁଏଟ୍ ଭଳି ୧୭ ଦେଶ ବିଶ୍ୱ କ୍ଷୁଧା ତାଲିକାର ଶୀର୍ଷରେ ରହିଛନ୍ତି। ଆୟରର୍ଲାଣ୍ଡ ଓ ଜର୍ମାନୀ ସଂସ୍ଥା ପକ୍ଷରୁ ମିଳିତ ଭାବେ କରାଯାଇଥିବା ସର୍ଭେରେ ଭାରତର ସ୍ଥିତି ଭୟଙ୍କର ବୋଲି ଦର୍ଶାଯାଇଛି। ୨୦୦୦ରେ ୮୩ ଓ ୨୦୧୮ରେ ଭାରତର ସ୍ଥାନ ୧୦୩ ରହିଥିଲା। ୫ ବର୍ଷରୁ କମ ବୟସର ପିଲାଙ୍କ ଓଜନ, ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା, ଶାରୀରିକ ବୃଦ୍ଧି, ଶିଶୁ ମୃତ୍ୟୁହାର ଆଦିକୁ ଏଥିରେ ବିଚାରକୁ ନିଆଯାଇଥାଏ। ଶିଶୁମାନେ କୁପୋଷଣର ଶିକାର ହେବା ଓ ଖାଇବାକୁ ନ ପାଇ ମୃତ୍ୟୁବରଣ କରିବା ଚିନ୍ତାର କାରଣ ହୋଇଛି। ଭାରତରେ ଶିଶୁ ମୃତ୍ୟୁହାର ସର୍ବାଧିକ(୨୦%) ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏମିତିକି ବିବାଦ ଲାଗି ରହିଥିବା ଦେଶ ୟେମେନ୍ ଓ ଜିବୁଟିଠାରୁ ଭାରତର ସ୍ଥିତି ଦୟନୀୟ ବୋଲି ଜଣାପଡ଼ିଛି। ଭାରତରେ ଦୂଷିତ ପରିବେଶ, ସ୍ୱଚ୍ଛତାର ଅଭାବକୁ ଦାୟୀ କରାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ସେଭଳି ସଫଳତା ପାଇ ନ ଥିବା ଏଥିରୁ ସ୍ପଷ୍ଟ। ଲୋକଙ୍କୁ ଉପଯୁକ୍ତ ଆହାର, ଚିକିତ୍ସା ସେବା ନ ମିଳିବା, ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶକୁ ଅଣଦେଖା କରାଯିବା, ମାତୃ ଶିଶୁ ମୃତ୍ୟୁହାର କମା ନ ଯିବା ଓ ସର୍ବୋପରି ସଚେତନତା ସୃଷ୍ଟିକୁ ଗୁରୁତ୍ୱ ଦିଆ ନ ଯିବା ଏହାର ମୁଖ୍ୟ କାରଣ ପାଲଟିଛି।





# ପ୍ରତିଶୋଧ ପାଇଁ ୧୫୯ ସାଇକେଲ ସିଟ୍ ଚୋରି

୬୧ ବର୍ଷୀୟ ବ୍ୟକ୍ତି ଗିରଫ

**ଜାପାନ:** ୧୫୯ ସାଇକେଲର ସିଟ୍ ଚୋରି କରିବା ଅଭିଯୋଗରେ ଜାପାନ ଟୋକିଓ ସହରର ଜଣେ ୬୧ ବର୍ଷୀୟ ବୃଦ୍ଧଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାମ ଆକିୟୋ ହାତୋଡ଼ି। ତେବେ କେବଳ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସେ ୧୫୯ଟି ସାଇକେଲ୍‌ର ସିଟ୍ ଚୋରି କରିଥିବା ଜଣାପଡ଼ିଛି। ସହରରେ ସାଇକେଲ ସିଟ୍ ଚୋରି ହେବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ପୋଲିସ ଚୋରକୁ ଧରିବା ପାଇଁ ତଦନ୍ତ ଚଳାଇଥିଲା। ଗତ ଅଗଷ୍ଟ ମାସରେ ଆକିୟୋ ଏକ ସାଇକେଲରୁ ସିଟ୍ ଚୋରି କରିଥିଲେ। ସେହି ସାଇକେଲର ମାଲିକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଯାଞ୍ଚ କରିଥିଲା, ଯେଉଁଥିରେ ଆକିୟୋ ସିଟ୍ ଚୋରି କରିଥିବା ସ୍ପଷ୍ଟ ଜଣାପଡୁଥିଲା। ଏହାପରଠୁ ପୋଲିସ ଆକିୟୋଙ୍କ ଉପରେ ନଜର ରଖିବା ଆରମ୍ଭ କରିଥିଲା। ଚଢ଼ାଉ ବେଳେ ପୋଲିସ ତାଙ୍କ ଘରୁ ୧୫୯ଟି ସାଇକେଲ ସିଟ୍ ଜବତ କରିଛି। କିନ୍ତୁ ସାଇକେଲ ସିଟ୍ ଚୋରି କରିବା ନେଇ ଆକିୟୋ ପୋଲିସକୁ ଆଶ୍ଚର୍ଯ୍ୟଜନକ ବୟାନ ଦେଇଛନ୍ତି। ସେ କହିଛନ୍ତି, ୨୦୧୮ରେ ତାଙ୍କ ସାଇକେଲର ସିଟ୍ ଚୋରି ହୋଇଯାଇଥିଲା, ଯେଉଁଥିପାଇଁ ତାଙ୍କୁ ବହୁତ କଷ୍ଟ ସହିବାକୁ ପଡ଼ିଥିଲା। ତାଙ୍କୁ ଯେଉଁ କଷ୍ଟ ହୋଇଛି, ଅନ୍ୟମାନଙ୍କୁ ସେହି କଷ୍ଟ ଦେବା ଉଦ୍ଦେଶ୍ୟରେ ସେ ଏତେଗୁଡ଼େ ସାଇକେଲ ସିଟ୍ ଚୋରି କରିଥିଲେ ବୋଲି ଆକିୟୋ କହିଛନ୍ତି।



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ

### ଶାଗୁଆନ କାଠ ଚୋରା ଚାଲାଣ: ଜଣେ ଗିରଫ

**କଣ୍ଟାବାଞ୍ଜି,୧୬।୧୦(ଡି.ଏନ୍.ଏ.):** ଶାଗୁଆନ କାଠ ଚୋରା ଚାଲାଣ ଅଭିଯୋଗରେ କଣ୍ଟାବାଞ୍ଜି ବନ ବିଭାଗ ପକ୍ଷରୁ ବୁଧବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କଣ୍ଟାବାଞ୍ଜିର ପ୍ରଦୀପ ଶର୍ମା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କଣ୍ଟାବାଞ୍ଜି ସବ୍ ଜେଲକୁ ପଠାଇ ଦିଆଯାଇଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି। ଫରେଷ୍ଟ ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଲି ଦେଇଥିବା ସୂଚନା ମୁତାବକ, ପ୍ରଦୀପ ଏକ ସ୍କୁଟିରେ ଶାଗୁଆନ କାଠ ଗଣ୍ଡି ଚୋରା ଚାଲାଣ କରୁଥିଲେ। ବୁଧବାର ସକାଳେ ବନ ବିଭାଗ କର୍ମଚାରୀ ଚଢାଉ କରି ଶାଗୁଆନ କାଠ ଗଣ୍ଡି ଜବତ କରିବା ସହ ପ୍ରଦୀପଙ୍କୁ ଧରିବାରେ ସଫଳ ହୋଇଥିଲେ।

# ପ୍ରଚାରରେ ମାତିଛନ୍ତି ସବୁ ଦଳର ନେତା

**ବରଗଡ଼ ଅଫିସ/ ବିଜେପୁର/ ଗାଇସିଲେଟ୍,୧୬।୧୦**

ବିଜେପୁର ଉପନିର୍ବାଚନ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ମତଦାନ ଦିବସ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳରେ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସେଭଳି ମସଗୁଲ୍ ଥିବା ପରିଲକ୍ଷିତ ହେଉଛି । ବୁଧବାର ଗାଇସିଲେଟ ବ୍ଲକର ଜେନକେଡ଼ାଠାରେ ବିଜେଡ଼ିର ଆଦିବାସୀ ସମାବେଶ ହୋଇଥିଲା । ଏଠାରେ ମନ୍ତ୍ରୀ ନବକିଶୋର ଦାଶ, ପ୍ରଫୁଲ୍ଲ ମଲ୍ଲିକ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ନାରଦ ବରିହା, ଗୋବର୍ଦ୍ଧନ ବରିହା ପ୍ରମୁଖ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ପ୍ରଚାର କରିଥିଲେ । ସେହିପରି ବିଜେପୁର ବ୍ଲକ ବୁଢ଼ାପାଲିରେ ବିଜେଡ଼ିର ମହିଳା ସମାବେଶ ହୋଇଥିଲା । ପର୍ଯ୍ୟବେକ୍ଷକ ତଥା ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମନ୍ତ୍ରୀ ଅରୁଣ ସାହୁ, ସୁଶାନ୍ତ ସିଂ, ସିନେ ତାରକା ଅରିନ୍ଦମ ରାୟ, ଭୀଷ୍ମଦେବ ସରାଫ, ଜନାର୍ଦ୍ଦନ ପାଣିଗ୍ରାହୀ ପ୍ରମୁଖ ରୀତାଙ୍କ ପାଇଁ ପ୍ରଚାର କରିଥିଲେ। ବରପାଲି କୁଷ୍ଟାପଡ଼ାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମହେନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିଲେ । ଏଠାରେ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରୋଜ ମେହେର, ଅନନ୍ତ ନାରାୟଣ ଜେନା, ଲାଲ ବିକ୍ରମ ସିଂ, ବିଜନ ଦାଶ ପ୍ରମୁଖ ଉପସ୍ଥିତ ରହି ରୀତାଙ୍କ ସପକ୍ଷରେ ମତଦାନ ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡାଙ୍କ ପାଇଁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀ ପତି, ଏମ୍‌ପି ସପ୍ତଗିରି ଉଲାକା ପ୍ରମୁଖ ବିଜେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ । ଗାଇସିଲେଟ୍‌ରେ ନିରଞ୍ଜନଙ୍କ ସମେତ ଯଜ୍ଞେଶ୍ୱର ବାବୁ, ସତ୍ୟଭୂଷଣ ସାହୁ, ତାରା ପ୍ରସାଦ ବାହିନୀ ପତି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭାଜପା ନେତୃବୃନ୍ଦ ବରପାଲି, ଗାଇସିଲେଟ ଓ ବିଜେପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସନତ କୁମାର ଗଡ଼ତିଆଙ୍କ ପାଇଁ ପ୍ରଚାର କରିଥିଲେ । ଦଳର ରାଷ୍ଟ୍ରୀୟ ସମ୍ପାଦକ ଅରୁଣ ସିଂ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଲୋକସଭା ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, କେ. ଭି ସିଂଦେଓ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ପ୍ରମୁଖ ପ୍ରଚାରରେ ଯୋଗଦାନ କରିଥିଲେ ।

# ସମୁଦ୍ରରେ ନିଖୋଜ ୨ ଯୁବକଙ୍କ ମୃତଦେହ ମିଳିଲା

## ବୁଡ଼ିଯାଉଥିବାବେଳେ ମା, ପୁଅଙ୍କ ସମେତ ୪ ଉଦ୍ଧାର

**ପୁରୀ ଅଫିସ, ୧୬।୧୦**

ଅସୁରକ୍ଷିତ ହୋଇପଡ଼ିଛି ସମୁଦ୍ର ସ୍ନାନ। ସଚେତନତା ଅଭାବରୁ କେବେ ଲହଡ଼ି ମାଡ଼ରେ ପର୍ଯ୍ୟଟକ ଆହତ ହେଉଛନ୍ତି ତ ଆଉ କେବେ ଗଭୀରକୁ ଭାସିଯାଇ ମୃତ୍ୟୁମୁଖରେ ପଡୁଛନ୍ତି। ଗତ ୭ଦିନରେ ସମୁଦ୍ରରେ ୩ଟି ବଡ଼ଧରଣର ଦୁର୍ଘଟଣା ଘଟିଲାଣି। ଏଥିରେ ୨ଜଣଙ୍କ ଜୀବନ ଯାଇଥିବାବେଳେ ଲହଡ଼ି ମାଡ଼ରେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସମୁଦ୍ରରେ ବୁଡ଼ିଯାଇ ନିଖୋଜ ଥିବା ୨ଜଣଙ୍କ ମୃତଦେହ ବୁଧବାର ମିଳିଛି। ସେହିପରି ବୁଡ଼ିଯାଉଥିବାବେଳେ ୪ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ଦ୍ୱୟ ହେଲେ ଉତ୍ତରପ୍ରଦେଶ ଖରଗୋନର ଅନିଲ ଶିଖରୱାଲା (୨୧) ଏବଂ ଆଗ୍ରାର ବିଜୟ ପାଲ୍ (୨୧)। ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ସରସ୍ୱତୀ ବାନାର୍ଜୀ (୬୦) ଓ ତାଙ୍କ ପୁଅ ଦେବଦୂତି (୨୮), ପ୍ରବାହ ଚକଳଦାର (୧୨) ଏବଂ ଶ୍ରୀକ୍ରିଷ୍ଟା କର୍ମକାର (୩୯)।

# ଜମିବାଡ଼ି ବିବାଦକୁ ନେଇ ଯୁବକଙ୍କୁ ହତ୍ୟା

- ଥାନାରେ ବାପା,ପୁଅଙ୍କ ଆତ୍ମସମର୍ପଣ
- ପୋଲିସ ତଦନ୍ତ ଜାରି

**ଖପ୍ରାଖୋଲ,୧୬।୧୦(ଡି.ଏନ.ଏ.)**

ଜମିବାଡି ବିବାଦକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କଟାପାଲି ଗାଁରେ ବୁଧବାର ସକାଳେ ଜଣେ ଯୁବକଙ୍କୁ ସଂଘବଦ୍ଧଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଗାଁର ନିତ୍ୟାନନ୍ଦ ପୁଟେଲ (୩୬)। ହତ୍ୟାକାଣ୍ଡ ପରେ ଗାଁର କ୍ଷମାନିଧି ପୁଟେଲ(୪୦) ଏବଂ ତାଙ୍କ ନାବାଳକ ପୁଅ ଖପ୍ରାଖୋଲ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଜମିବାଡି ବିବାଦ କାରଣରୁ ନିତ୍ୟାନନ୍ଦଙ୍କୁ ଜୀବନରେ ମାରି ଦେବାକୁ ସେମାନେ ଯୋଜନା କରିଥିଲେ। ବୁଧବାର ସକାଳେ ନିତ୍ୟକର୍ମ ପାଇଁ ଗାଁ ପାଖ ସୁରମା ଖାଦାନ ପୋଖରୀକୁ ନିତ୍ୟାନନ୍ଦ ଯାଇଥିଲେ। ଏହି ସମୟରେ ତାଙ୍କୁ ସେଠାରେ ଏକୁଟିଆ ପାଇ ସେମାନେ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପାଟଣାଗଡ ଏସ୍‌ଡିପିଓ ସୁରେଶ କୁମାର ନାଏକ, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଆକ୍ରମଣରେ ମୃତକଙ୍କ ମୁହଁରେ ଗଭୀର କ୍ଷତ ଲାଗିଛି। ହତ୍ୟାକାଣ୍ଡରେ ବ୍ୟବହୃତ ବାଡିକୁ ପୋଲିସ ଜବତ କରିଛି। ମୃତକଙ୍କ ଭାଇ ସଦାନନ୍ଦ ପୁଟେଲଙ୍କ ଏତଲାକୁ ଭିତ୍ତି କରି ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୧୯୧/୧୯) ରୁଜୁ ହୋଇଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ହତ୍ୟା ଘଟଣାର ବାପ ଓ ପୁଅଙ୍କ ସହ ଆଉ କାହାର ସମ୍ପୃକ୍ତ ରହିଛି ତାହାର ତଦନ୍ତ ଚାଲିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଏସଆଇ ପଞ୍ଚାନନ ନେଗୀ ପ୍ରକାଶ କରିଛନ୍ତି।

## ୭ ସପ୍ତାହ ଧରି ନାଲ୍‌କୋରେ କୋଇଲା ସଙ୍କଟ

# ସିପିପିର ୩ ୟୁନିଟ୍ ସହ ୮୦ ପଟ୍ ବନ୍ଦ

**ବଅଁରପାଳ, ୧୬।୧୦ (ଡି.ଏନ୍.ଏ.)**



- ଆଲୁମିନିୟମ ଉତ୍ପାଦନ ପ୍ରଭାବିତ
- ଗ୍ରୀଡ୍‌ରୁ କିଣାଯାଉଛି ବିଦ୍ୟୁତ୍ ଶକ୍ତି
- ସ୍ଥିତି ସୁଧାରିବାକୁ ପ୍ଲାଣ୍ଟ ପକ୍ଷରୁ ନିବେଦନ

ଅନୁଗୋଳ ଜିଲାରେ ଥିବା ନବରତ୍ନ ପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ବିଦ୍ୟୁତ୍ ପ୍ରକଳ୍ପରେ କୋଇଲା ସଙ୍କଟ ଲାଗି ରହିଛି। ଗତ ୭ ସପ୍ତାହ ହେଲା ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ୍ (ଏମ୍‌ସିଏଲ୍)ରୁ ଆବଶ୍ୟକ ପରିମାଣର କୋଇଲା ଯୋଗାଣ ହୋଇପାରୁ ନ ଥିବାରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଫଳରେ ପ୍ଲାଣ୍ଟ ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ର (ସିପିପି)ର ୩ ୟୁନିଟ୍ ସହ ୮୦ଟି ପଟ୍‌କୁ ବନ୍ଦ ରଖାଯାଇଛି। ତେବେ ପ୍ଲାଣ୍ଟ ଚଳାଇବା ପାଇଁ ରାଜ୍ୟ ଗ୍ରୀଡ୍‌ରୁ ଚଢ଼ା ଦରରେ ବିଦ୍ୟୁତ୍ ଶକ୍ତି କିଣାଯାଉଥିବା ନାଲ୍‌କୋ ପକ୍ଷରୁ ବୁଧବାର ପ୍ରେସ୍ ବିବୃତିରେ କୁହାଯାଇଛି।

ନାଲ୍‌କୋ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ସ୍ଥିତ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର (ସିପିପି) ଏବଂ ଦାମନଯୋଡ଼ିର ଷ୍ଟିମ୍ ଓ ପାୱାର ପ୍ଲାଣ୍ଟ କାର୍ଯ୍ୟ ପାଇଁ ନାଲ୍‌କୋ ସମ୍ପୂର୍ଣ୍ଣ ଭାବେ ଏମ୍‌ସିଏଲ୍ ଉପରେ ନିର୍ଭରଶୀଳ। ଅନୁଗୋଳର ସିପିପି ପାଇଁ ଦୈନିକ ୧୭ ହଜାର ଟନ୍ କୋଇଲା ଆବଶ୍ୟକ। ହେଲେ ବର୍ତ୍ତମାନ ୮ରୁ ୯ ହଜାର ଟନ୍ କୋଇଲା ଏମ୍‌ସିଏଲ୍‌ରୁ ମିଳୁଛି। ୭ ସପ୍ତାହ ଧରି ଏହି ନିଅଣ୍ଟିଆ ସ୍ଥିତି ଯୋଗୁ ଗଚ୍ଛିତ କୋଇଲା ଶେଷ ହୋଇଗଲାଣି। ଏବେ ପ୍ଲାଣ୍ଟ ଚଳାଇବା ପାଇଁ ନାଲ୍‌କୋକୁ ରାଜ୍ୟ ଗ୍ରୀଡ୍‌ରୁ ୧୯୦ ମେଗାୱାଟ ବିଦ୍ୟୁତ କିଣିବାକୁ ପଡୁଛି। ଏହି ସମସ୍ୟା ପାଇଁ ବୁଧବାର ସୁଦ୍ଧା ସ୍ମେଲଟର ପ୍ରକଳ୍ପର ୮୦ଟି ଇଲେକ୍ଟ୍ରୋଲିକ୍ସ ପଟ୍ ବନ୍ଦ କରିବାକୁ ପଡ଼ିଛି। କୋଇଲା ଯୋଗାଣରେ ସୁଧାର ନ ଆସିଲେ ପର୍ଯ୍ୟାୟ କ୍ରମେ ୨୨୭ଟି ପଟ୍ ବନ୍ଦ କରିବାକୁ ପଡ଼ିପାରେ। ସେହିପରି ୧୨୦ ମେଗାୱାଟ୍ ଲେଖାଏ ବିଦ୍ୟୁତ୍ ଉତ୍ପାଦନ କରୁଥିବା ସିପିପିର ମୋଟ୍ ୧୦ଟି ୟୁନିଟ୍ ମଧ୍ୟରୁ ୩ଟିରେ କାର୍ଯ୍ୟ ବନ୍ଦ ରଖାଯାଇଛି। ଆଉ ଏକ ୟୁନିଟ୍‌କୁ ମଧ୍ୟ ବନ୍ଦ କରାଯିବା ଆଶଙ୍କା ପ୍ରକାଶ ପାଇଛି। କୋଇଲା ଯୋଗାଣ ଓ ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଯୋଗୁ ଆଲୁମିନିୟମ ଉତ୍ପାଦନ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିର ମୁକାବିଲା ପାଇଁ କୋଇଲା ଯୋଗାଣ ବୃଦ୍ଧି କରିବାକୁ ନାଲ୍‌କୋ ୟୁନିୟନ ଓ ଆସୋସିଏଶନ ପକ୍ଷରୁ ଏମ୍‌ସିଏଲ୍, କୋଲ ଇଣ୍ଡିଆ ଲିମିଟେଡ ଓ କୋଇଲା ମନ୍ତ୍ରାଳୟକୁ ନିବେଦନ କରାଯାଇଛି।

### ସ୍ୱଧାରଗୃହ ଅନ୍ତେବାସିନୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ଅମରପାଲି, ୧୬।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜୟନ୍ତୀ ଅବସରରେ ବୀରମହାରାଜପୁର ବିଜୁଜନତା ଦଳ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ସ୍ଥାନୀୟ ସ୍ୱଧାର ଗୃହରେ ଥିବା ଅନ୍ତେବାସିନୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ନିର୍ବାଚନୀ ମଣ୍ଡଳ ବିଜେଡି ସଭାପତି ବିହାରୀଲାଲ ମିଶ୍ର, ପୂର୍ବତନ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷ ଝସକେତନ ବଘାର ପ୍ରମୁଖ ଉପସ୍ଥିତ ରହି ସ୍ୱଧାର ଗୃହରେ ରହୁଥିବା ୨୦ ଜଣଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ ।


## Directorate of Mines
## Steel & Mines Department
## Government of Odisha

Email: directormines1@orissaminerals.gov.in

Date: October 14, 2019

**Notice Inviting Tender**

**"Invitation of bids for grant of Mining Lease for Iron Ore and Manganese Minerals"**

**No.16-G:-** In exercise of the powers conferred by Section 10 (B) of the Mines and Minerals (Development and Regulation) Act, I957 and in accordance with the Mineral (Auction) Rules, 2015 as amended from time to time notified thereunder, the Government of Odisha has identified 10 (ten) Minerals Blocks [5 (Five) blocks of Iron Ore, 3 (Three) blocks of Iron Ore and Manganese and 2 (Two) blocks of Manganese] for electronic auction and hereby invites tenders for the purposes of grant of Mining Lease.

Accordingly, financial bids are invited in digital format only and technical bids are invited both in digital and physical format from eligible bidders.

Eligibility conditions, date and time for participating in the electronic auction are provided in the Tender Document. Detailed Tender Documents alongwith timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Last date for purchase of Tender Document after payment of a tender fee on website of e-auction platform provider is Friday, November 22, 2019 and the last date for submission of the bid is Thursday, November 28, 2019 on or before 12.00 Noon (IST).

**List of Mineral Blocks for Auction**

| Sl. No. | Block Name | Mineral | Type of Concession | Tender Fee (In. Rs) |
|---|---|---|---|---|
| 1 | Gorumahisani Iron Ore Block | Iron Ore | Mining Lease | 5,00,000 |
| 2 | Badampahar Iron Ore Block | Iron Ore | Mining Lease | 5,00,000 |
| 3 | Jajang Iron Ore Block | Iron Ore | Mining Lease | 5,00,000 |
| 4 | Nadidih Iron Ore Block (BICO) | Iron Ore | Mining Lease | 5,00,000 |
| 5 | Balda Iron Ore Block | Iron Ore | Mining Lease | 5,00,000 |
| 6 | Katasahi Manganese Block | Manganese | Mining Lease | 5,00,000 |
| 7 | Kanther-Koira Manganese Block | Manganese | Mining Lease | 5,00,000 |
| 8 | Nadidih Iron Ore & Manganese Block (FEEGRADE) | Iron Ore & Manganese | Mining Lease | 5,00,000 |
| 9 | Teherai Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 10 | Kolmong Iron Ore and Manganese Block | Iron Ore | Mining Lease | 5,00,000 |

**Sd./-Director of Mines, Odisha, Bhubaneswar**

**30004/11/0008/1920**


### ନାଗବାଚା ପୂଜା ମହୋତ୍ସବ ଉଦଯାପିତ

**ବରଗଡ଼ ଅଫିସ,୧୬।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମରେ ନାଗବାଚା ପୂଜା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ କଂଗ୍ରେସ ନେତା ରବିନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଦୀର୍ଘ ୪ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଏବଂ ମହିଷାସୁର ଜନ୍ମରୁ ବଧ ପର୍ଯ୍ୟନ୍ତ ଦୃଶ୍ୟ ଅଭିନୀତ ହୋଇଥିଲା । ଅଶ୍ୱିନୀ ସାହୁ, ପ୍ୟାରୀ ସାହୁ, ଉମା ସାହୁ, ବାଦଲ ଖମାରୀ, ଜେଜେରାମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଡେବ୍ରିଗଡ଼ ଅଭୟାରଣ୍ୟ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ,୧୬।୧୦**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ହାଇସ୍କୁଲ ଇକୋ କ୍ଲବ ଆନୁକୂଲ୍ୟରେ ବୁଧବାର ଡେବ୍ରିଗଡ଼ ଅଭୟାରଣ୍ୟ ସଂରକ୍ଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀ ମୁଖ୍ୟଅତିଥିଭବେ ଯୋଗ ଦେଇଥିଲେ। ବାରପାହାଡ଼ ଅଞ୍ଚଳରେ ବିଲୁପ୍ତ ହେଉଥିବା ବନ୍ୟପ୍ରାଣୀ ଓ ଡେବ୍ରିଗଡ଼ ଅଭୟାରଣ୍ୟର ଜଙ୍ଗଲ ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଥିବା ସେ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଦାନନ୍ଦ ଜାଲ, ରାଜେଶ ବାଗିକି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ଛାତ୍ରୀଛାତ୍ର ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ ।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No RDM-LAA-MBJ-0015-2019/ 15249** **R&DM, dated 28 MAY 2019**

**No.XXI-48:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାଟୁଣୀ ମାଇନର ଓ ଶଶା ସବ-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଶଶା,** ଥାନା- ମୋରଡ଼ା ନଂ.୧୪୦, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୯.୬୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)**ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧– **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ–** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାଟୁଣୀ ମାଇନର ଓ ଶଶା ସବ-ମାଇନର ନିର୍ମାଣ ନିମନ୍ତେ।
୨– **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ–** ନିର୍ବାହୀ ଯନ୍ତ୍ରୀ, ଜମ୍ବିରା କେନାଲ ଡିଭିଜନ, ମୋରଡ଼ା, **ମୟୂରଭଞ୍ଜ।**
୩– **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ–** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪– **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ–** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫– **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ–** ଉପଜିଲ୍ଲାପାଳ, ବାରିପଦା।
୬– **ଜମିର ବିବରଣୀ–**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଶଶା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୧.୫୭ | ଏ. ୯.୬୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ, ଅଧିକାରୀ ନଂ-୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୪୮/୨୦୧୮**
**ଏ.୯.୬୭ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାଟୁଣି ମାଇନର ଓ ଶଶା ସବ-ମାଇନର ନିମନ୍ତେ**
**ମୌଜା-ଶଶା, ଥାନା-ମୋରଡ଼ା, ନଂ-୧୪୦, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯ | ୮୬୪ | ୦.୩୩ | ୦.୨୩ | ଡାହି ଦୁଇ | କନ୍ଦା ମାଝୀ, ମକରା ମାଝୀ, ପି: ଟୁପା ମାଝୀ, ନିମାଇଁ ମାଝୀ, ପି: କେଶର ମାଝୀ, ସୁକୁଲ ମାଝୀ, ସିଦ ମାଝୀ, ଟୁପା ମାଝୀ, ପି: ନିମାଇଁ ମାଝୀ, ଠୁମ୍ପୁ ମାଝୀ, ପି: ହିନ୍ଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୬୮ | ୦.୫୭ | ୦.୧୨ | ଡାହି ଦୁଇ | |
| | ୮୭୦ | ୦.୭୫ | ୦.୦୯ | ଡାହି ଦୁଇ | |
| ୧୧ | ୬୯୯ | ୨.୨୨ | ୧.୦୮ | ଡାହି ଦୁଇ | କାରୁ ମାଝୀ, ପି: ଛୋଟରାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୫ | ୭୭୯ | ୦.୮୭ | ୦.୪୪ | ଡାହି ଦୁଇ | ଚାନ୍ଦରାଏ ମାଝୀ, କିଶୁନ ମାଝୀ, ପି: ଭାଗୀରଥି ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୬ | ୮୩୦ | ୨.୪୯ | ୦.୦୩ | ଡାହି ଏକ | ଚାନ୍ଦରାୟ ମାଝୀ, ଲୁଷ୍ଟୁକୁ ମାଝୀ, ପି: ମାଟିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୮ | ୧.୨୭ | ୦.୨୪ | ଡାହି ଦୁଇ | |
| ୨୭ | ୮୨୮ | ୦.୭୨ | ୦.୩୨ | ଡାହି ଦୁଇ | ଚାନ୍ଦା ମାଝୀ, ପି: କାନ୍ଦା ମାଝୀ, ଲସ ମାଝୀ, ପି: ପାରାଉ ମାଝୀ, ଲୁସକୁ ମାଝୀ, ପି: ଢୁମୁକା ମାଝୀ, ମଙ୍ଗଲା ମାଝୀ, କାରୁ ମାଝୀ, ପି: ପ୍ରଧାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୭୮୦ | ୦.୫୯ | ୦.୪୦ | ଡାହି ଦୁଇ | |
| ୩୦ | ୬୮୧ | ୧.୪୦ | ୦.୨୦ | ଡାହି ଦୁଇ | ଛୋଟା ମାଝୀ, ଠୁମ୍ପୁ ମାଝୀ, ପି: ଚନ୍ଦ୍ରାଏ ମାଝୀ, ନେଢା ମାଝୀ, ମନୁଆ ମାଝୀ, ପି: ଛୋଟରାଏ ମାଝୀ, କଙ୍କା ମାଝୀ, ଟେର ମାଝୀ, ପି: ରାମ ମାଝୀ, କୁଆଁର ମାଝୀ, ପି: ଉଦୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୩ | ୮୭୧ | ୦.୩୬ | ୦.୦୯ | ଘରବାରୀ ବାରୀ | ଟୁକୁରୁ ମାଝୀ, ଗୁଜା ମାଝୀ, ପି: ଝର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୭୩ | ୦.୬୨ | ୦.୨୦ | ଡାହି ଦୁଇ | |
| | ୮୭୪ | ୦.୭୨ | ୦.୦୭ | ଡାହି ଦୁଇ | |
| ୩୬ | ୮୭୨ | ୦.୫୪ | ୦.୨୪ | ଘରବାରୀ ଘର | ଠୁମ୍ପୁ ମାଝୀ, ପି: ହିନ୍ଦୁ ମା ଝୀ, କନ୍ଦା ମାଝୀ, ଲବ ମାଝୀ, ପି: ଟୁପା ମାଝୀ, ନିମାଇଁ ମାଝୀ, ପି: କେଶର ମାଝୀ, ସୁକୁଲ ମାଝୀ, ବଡ଼ା ମାଝୀ, ଟୁପା ମାଝୀ, ପି: ନିମାଇଁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୯ | ୭୦୧ | ୨.୫୯ | ୦.୫୦ | ଡାହି ଏକ | ଡମାନ ମାଝୀ, ପି: ଅନନ୍ତ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୪ | ୮୬୭ | ୧.୬୮ | ୦.୩୪ | ଡାହି ଦୁଇ | ଥୁବୁଡୁ ମାଝୀ, ପି: ବଳିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୫ | ୬୮୯ | ୦.୮୫ | ୦.୧୮ | ଡାହି ଦୁଇ | ଥୁବୁଡୁ ମାଝୀ, ପି: ବଳିଆ ମାଝୀ, ଦରଗା ଚରଣ ମାଝୀ, ପି: ଭାଇଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୬ | ୬୮୬ | ୦.୪୮ | ୦.୦୮ | ଡାହି ଦୁଇ | ଥେଣ୍ଡା ମାଝୀ, ପି: ରାଗୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୭ | ୬୮୧ | ୦.୫୭ | ୦.୦୬ | ଡାହି ଦୁଇ | ଦରଗା ମାଝୀ, ପି: ବୁଧୁରାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୨୭ | ୦.୯୩ | ୦.୨୯ | ଡାହି ଦୁଇ | |
| ୫୮ | ୮୧୨ | ୦.୭୨ | ୦.୨୦ | ଶାରଦ ଦୁଇ | ଦୁଲା ମାଝୀ, ଦାସ ମାଝୀ, ପି: ପିରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୨୫ | ୧.୧୫ | ୦.୧୬ | ଶାରଦ ଦୁଇ | |
| | ୮୦୯ | ୦.୭୫ | ୦.୩୦ | ଘରବାରୀ ଘର | |
| | ୮୧୧ | ୦.୧୯ | ୦.୦୮ | ମାହାରା | |
| ୫୯ | ୮୨୬ | ୧.୦୦ | ୦.୨୦ | ଶାରଦ ଦୁଇ | ଦୁଲା ମାଝୀ, ଦାସ ମାଝୀ, ପି: ପିରୁ ମାଝୀ, ପିରୁ ମାଝୀ, କାଲା ମାଝୀ, ପି: ଲେଟୁକୁ ମାଝୀ, ଭୁଟା ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୩ | ୬୯୮ | ୩.୮୪ | ୦.୫୩ | ଘରବାରୀ ଘର ଓ ବାରୀ | ଦୁଲା ମାଝୀ, ପି: ବଡାଣ ମାଝୀ, ବସେନ ମାଝୀ, ସାନ ବୁଢ଼ାଣ ମାଝୀ, ପି: ଭଞ୍ଜ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୧ | ୭୭୮ | ୧.୪୩ | ୦.୦୫ | ଡାହି ଦୁଇ | ନାରଣ ମାଝୀ, ପି: ବାରଷା ମାଝୀ, ଜା: ସାନ୍ତାଳ, ବା: ବାହାଗଡ଼ିଆ |
| ୯୦ | ୬୮୭ | ୦.୬୭ | ୦.୦୨ | ଘରବାରୀ ଘର ଓ ବାରୀ | ବିରା ମୁର୍ମୁ, ଶଂରାୟ ମୁର୍ମୁ, ସୁଗଦା ମୁର୍ମୁ, ନାଛି ମୁର୍ମୁ, ପି: ବୁଢ଼ା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୫ | ୧.୦୩ | ୦.୬୦ | ଡାହି ଦୁଇ | |
| ୯୧ | ୮୩୨ | ୧.୮୧ | ୦.୪୬ | ଡାହି ଏକ | ଭରତ ମାଝୀ, ପି: ଖାଣ୍ଡ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୫ | ୮୩୧ | ୧.୫୩ | ୦.୨୫ | ଡାହି ଏକ | ମାଧୁ ମାଝୀ, ପି: ମହନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨୬ | ୫୪୩ | ୦.୪୫ | ୦.୧୪ | ଶାରଦ ଦୁଇ | ସୟାରୀ ମାଝୀ, ପି: ବାଲିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୪ | ୫୪୭ | ୦.୪୪ | ୦.୨୮ | ଘରବାରୀ ବାରୀ | ଶାଙ୍କ ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୩ | ୮୭୫ | ୦.୪୯ | ୦.୧୩ | ଡାହି ଦୁଇ | ବାଘରାଏ ମାଣ୍ଡି, ପି: ମେଘରାଏ ମାଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୭ | ୫୫୧ | ୧.୧୬ | ୦.୩୬ | ଘରବାରୀ ଘର | ସୁରାଏ ମାଝୀ, ସାନ ଗୋପି ମାଝୀ, ପି: ମେଘରାଏ ମାଝୀ, ଗୋପିଆ ମାଝୀ, ପି: ସୁରାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୪୯ | ୫୪୯ | ୦.୫୩ | ୦.୧୮ | ଘରବାରୀ ବାରୀ | ଜବା ମାଝୀ, ସ୍ୱା: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୫୭ | ୮୨୯ | ୧.୯୦ | ୦.୩୬ | ଡାହି ଦୁଇ | ସାଗରାମ ହାଁସଦା, ରାମଦାସ ହାଁସଦା, କହ୍ନେଇ ହାଁସଦା, ଭୀମ ହାଁସଦା, ପି: ଦୁର୍ଗା ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୬୮ | ୬୮୩ | ୧.୮୩ | ୦.୧୬ | ଡାହି ଦୁଇ | ରାବଣ ମାଝୀ, ହେମନ୍ତ ମାଝୀ, ଭଗାନ ମାଝୀ, ପି: ଡମାନ ମାଝୀ, ବିଜ ମାଝୀ, ସ୍ୱା: ଡମାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| **ମୋଟ** | **୩୮ ପ୍ଲଟ୍** | **ଏ.୪୧.୫୭ ହେ.ମି.** | **ଏ.୯.୬୭ ହେ.ମି.** | | |

**24001/14/0218/1920**



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ସମ୍ବଲପୁର ଜିଲାପାଳଙ୍କ ଆମେରିକା ଗସ୍ତ

**ସମ୍ବଲପୁର, ୧୬।୧୦ (ବ୍ୟୁରୋ)-** ଆମେରିକାର ନାସଭିଲ୍ଲେ ଆଣ୍ଡ ହଷ୍ଟେନଠାରେ ଇଣ୍ଟରନ୍ୟାଶନାଲ ସିଟି/କଣ୍ଟ୍ରି ମ୍ୟାନେଜର୍ସ ଆସୋସିଏସନ୍ (ଆଇସିଏମଏ)ର ୧୦୫ତମ ସମ୍ମିଳନୀ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବାକୁ ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନା ଆମେରିକା ଗସ୍ତ କରିଛନ୍ତି। ଓଡିଶାରୁ ଏକ ମାତ୍ର ପ୍ରତିନିଧିଭାବେ ତାଙ୍କୁ ଚୟନ କରାଯାଇଛି । ସେଠାରେ ସେ ଅତିଥି ବକ୍ତା ଭାବେ ଯୋଗ ଦେଇ ମହାନଗର ନିଗମ ପରିଚାଳନା ଉପରେ ଆଲୋଚନା କରିବେ।

### କୁଚିଣ୍ଡା ବିଧାୟକଙ୍କ ସମେତ ୯ ଜଣଙ୍କୁ ନୋଟିସ

**ସମ୍ବଲପୁର, ୧୬।୧୦ (ବ୍ୟୁରୋ)-** ସମ୍ବଲପୁର ଜିଲା ବାମରା ଷ୍ଟେଶନରେ ସେପ୍ଟେମ୍ବର ୩୦ ତାରିଖ ଚାଷୀମାନେ ଫସଲ ବୀମା ଓ ବିଭିନ୍ନ ଦାବି ନେଇ ରେଳ ରୋକ୍ କରିଥିଲେ। ଏହାକୁ ନେଇ ବାମରା ରେଳ ଷ୍ଟେଶନ ଆରପିଏଫ ପକ୍ଷରୁ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଅନ୍ୟ ୮ ଜଣଙ୍କ ନାମରେ ନୋଟିସ କରାଯାଇଛି। ସେମାନେ ହେଲେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲା କୃଷକ ସଂଗଠନ ସଭାପତି ମୁରାରୀ ପୁରୋହିତ, କୃଷଧ୍ୱଜ ଚୌଧୁରୀ, ଦିଲୀପ ଛତ୍ରିଆ, କୁମାର ଚନ୍ଦ୍ର ପଟେଲ, ଜଗଦିଶ ପାଲ, ଲକ୍ଷ୍ମୀନାରାୟଣ ଛତ୍ରିଆ। ରେଳ ବିଭାଗ ଆଇନ- ୨୦୧୩ ଧାରା ୧୭୪ (ଏ) ଅନୁସାରେ ଏମାନଙ୍କ ବିରୋଧରେ ଏକ ମାମଲା (ନଂ. ୧୨୬୧/୧୯) ମଧ୍ୟ ରୁଜୁ ହୋଇଛି ।

### ଗୋପାଳପାଲିରେ ଗଜଲକ୍ଷ୍ମୀ ପୂଜା

ସମ୍ବଲପୁର, ୧୬।୧୦ (ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋପାଳପାଲିରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବିବିଧ କାର୍ଯ୍ୟକ୍ରମ ହୋଇଥିଲା । ପୂଜା କମିଟି ସଭାପତି ଦିଲୀପ ସାହୁ, ସମ୍ପାଦକ ଗଣେଶ୍ୱର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମଦନସୁନ୍ଦର ପ୍ରଧାନ ଓ ଦମୟନ୍ତୀ କର୍ତ୍ତା କାର୍ଯ୍ୟ ସମ୍ପାଦନା କରିଥିଲେ ।

# ପ୍ରଚାରକୁ ମୁହଁ ମୋଡ଼ି ଦେଇଛନ୍ତି

**ବିଜେପୁର ଉପନିର୍ବାଚନ**
- ଭାଜପାରେ ଅସନ୍ତୋଷ, ବିଶୃଙ୍ଖଳା
- ସମୀକ୍ଷା ବୈଠକରେ କଥା କଟାକଟି
- ଉଠି ପଳାଇଲେ ରାଜ୍ୟ ପ୍ରଭାରୀ

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**

ରାଜ୍ୟ ରାଜନୀତି ଏବେ ବିଜେପୁର ଉପ ନିର୍ବାଚନ ଉପରେ। ଦଳୀୟ ପ୍ରଚାର ପାଇଁ ରାଜ୍ୟ ତଥା କେନ୍ଦ୍ରୀୟ ନେତାମାନଙ୍କ ବିଜେପୁରରେ ମେଳା ଲାଗୁଛି । ଘର ଘର ବୁଲି ନେତାମାନେ ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି । ହେଲେ ସମ୍ବଲପୁର ଜିଲାର ଭାଜପା ନେତା ଓ କର୍ମକର୍ତ୍ତାମାନଙ୍କ ବିଜେପୁରରେ ଦେଖା ମିଳୁନାହିଁ । ବିଜେପୁରରେ ୨୦୧୮ ଉପ ନିର୍ବାଚନ ବେଳେ ଜୟନାରାୟଣ ମିଶ୍ରଙ୍କ ଗୁରୁଦାୟିତ୍ୱ ରହିଥିଲା । ଦିନ ରାତି ଏକ କରି ସେ ପ୍ରଚାର କରିଥିଲେ । ଏପରିକି ଏକ ମାଡପିଟ ଓ ହତ୍ୟା ମାମଲା ସେ ଅଭିଯୁକ୍ତ ହୋଇଥିଲେ । ହେଲେ ଏଥର ଉପ ନିର୍ବାଚନରେ ସେ ପ୍ରଚାର କରିବାକୁ ଯାଉନାହାନ୍ତି । ଅବଶ୍ୟ ପ୍ରଚାର ତାଲିକାରେ ବିଧାୟକ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ନାଁ ରହିଛି । ହେଲେ ଉଭୟ ପ୍ରଚାରକୁ ଯାଉ ନ ଥିବାରୁ ଏବେ ଅନେକ କଥା ଚର୍ଚ୍ଚାକୁ ଆସୁଛି । ଗତ ନିର୍ବାଚନରେ ହୋଇଥିବା ଘଟଣାକୁ ନେଇ କେବଳ ତାଲିକାରେ ନାମ ରଖି ପ୍ରଚାର କରାଯିବାକୁ ଭିତିରିଆ କଟକଣା କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ଗୁରୁ ଜୟ ପ୍ରଚାରକୁ ନ ଗଲେ ତାଙ୍କ ଚେଲା କୁହାଯାଉଥିବା ନାଉରୀ ମଧ୍ୟ ପ୍ରଚାରକୁ କିଭଳି ଯିବେ ବୋଲି କହୁଛନ୍ତି। ସେହିପରି ଜିଲାରେ ଥିବା ଆଗଧାଡିର ନେତାମାନେ ମଧ୍ୟ ପ୍ରଚାର ମଇଦାନରେ ଦେଖା ଯାଉ ନାହାନ୍ତି । ଏଣୁ ଦଳରେ ଥିବା ବିଶୃଙ୍ଖଳା ପଦାରେ ପଡୁଛି ।

ଅନ୍ୟପକ୍ଷେ ମଙ୍ଗଳବାର ଏଠାର ଏକ ହୋଟେଲରେ ବୁଥ୍ ଓ ମଣ୍ଡଳସ୍ତର ସଦସ୍ୟ ସଂଗ୍ରହ ଉପରେ ସମୀକ୍ଷା ବୈଠକରେ ହଟ୍ଟଗୋଳ ହୋଇଛି। ରାଜ୍ୟପ୍ରଭାରୀ ଅରୁଣ ସିଂଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା । ଏଥିରେ ଜିଲା ସଭାପତି ରାମଚନ୍ଦ୍ର ମେହେର, ବିଧାୟକ ମିଶ୍ର, ବିଧାୟକ ନାଏକଙ୍କ ସମେତ ଜିଲା ସ୍ତରୀୟ , ମଣ୍ଡଳସ୍ତରୀୟ ନେତାମାନେ ଉପସ୍ଥିତ ଥିଲେ । ବୁଥ୍, ମଣ୍ଡଳସ୍ତରରେ ସଭ୍ୟ ସଂଗ୍ରହ ସହ ଦଳୀୟ କାର୍ଯ୍ୟ ଗୁଡିକ ଉପରେ ପ୍ରଭାରୀ ସିଂ ସମୀକ୍ଷା କରିଥିଲେ । ଜୟ ନିଜ ବକ୍ତବ୍ୟରେ କହିଥିଲେ ଯେ, ତୃଣମୂଳ ସ୍ତରରୁ ରିର୍ପୋଟ ସଂଗ୍ରହ କରାଯାଉ ନାହିଁ । ଯଦି ବି ସଂଗ୍ରହ କରାଯାଉଛି ତାହା ହେଲେ କାହିଁକି ପ୍ରାର୍ଥୀ ଚୟନ ଓ ତାଙ୍କ ମତ ଅନୁସାରେ କୌଣସି କାର୍ଯ୍ୟ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଏହାଦ୍ୱାରା ଜୟଙ୍କୁ ଏଥର ସିଧା ସଳଖ ବିରୋଧୀ ଦଳ ନେତା ନ କରିବା ଅସନ୍ତୋଷ ଗନ୍ଧ ବାରି ହେଉଥିଲା । ଏଥିରେ ପ୍ରଭାରୀ ସିଂ ରାଗିଯାଇ କହିଥିଲେ ଯେ, ପଶ୍ଚିମ ଓଡିଶାରେ ଦଳ ଭଲ ପ୍ରଦର୍ଶନ କରିଛି । ଏଥିପାଇଁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅବଦାନ ରହିଛି । ଦଳ ବିରୋଧୀ ମନ୍ତବ୍ୟ ଦେବା ବନ୍ଦ କରିବାକୁ କହି ସେ ବୈଠକରୁ ଉଠି ବରଗଡ ଚାଲି ଯାଇଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ ଭାଜପାରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ମନରେ ଅସନ୍ତୋଷ ରହୁଛି। ତେବେ ଏ ସମ୍ପର୍କରେ ନାଉରୀ କହିଛନ୍ତି ଯେ, ସେ ବିଜେପୁର ଉପନିର୍ବାଚନରେ ପ୍ରଚାର ପାଇଁ ଅବଶ୍ୟ ଯିବେ। ସେହିପରି ଜୟ କହିଛନ୍ତି ଯେ, ବିଜେପୁର ଉପ ନିର୍ବାଚନ ପାଇଁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଉନାହିଁ । ସବୁଠାରୁ ବଡ ସମସ୍ୟା ହେଉଛି ତାଙ୍କ ସ୍ୱାସ୍ଥ୍ୟ ଠିକ୍ ନାହିଁ । ବିଜେପୁର ଉପନିର୍ବାଚନ ପାଇଁ ବରଗଡ ଓ ବଲାଙ୍ଗୀର ଜିଲାର ନେତା ଓ କର୍ମକର୍ତ୍ତା ପ୍ରଚାରରେ ସହଯୋଗ କରୁଛନ୍ତି। ହେଲେ ବୈଠକରେ ସେଭଳି କିଛି ଘଟି ନାହିଁ । ମିଛ ପ୍ରଚାର କରାଯାଉଛି ବୋଲି କହି ଏଡେଇ ଯିବାକୁ ଚେଷ୍ଟା କରିଛନ୍ତି।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ରେଢାଖୋଲ ୧୬।୧୦ (ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ରେଢାଖୋଲ ବିଜୁଜନତା ଦଳ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବିଜୁ ଜନତା ଦଳର କର୍ମକର୍ତ୍ତା ରକ୍ତଦାନ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସଡିଏମଓ ଡାକ୍ତର ବିପିନ ବିହାରି ସାହୁ, କବିତା ପୁରୋହିତ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ନଗର ସଭାପତି ସୁରେନ୍ଦ୍ର ବିଶ୍ୱାଳ, ଜୟଦେବ ପୃଷ୍ଟେଠ, ନିଳାମ୍ବର ପ୍ରଦାନ, କାଉନସିଲର ଲକ୍ଷ୍ମଣ ପ୍ରଧାନ, ଭାଗିରଥି ପ୍ରଧାନ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ରେଢାଖୋଲ ବିଜୁଜନତା ଦଳ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟରେ ଏକ ରକ୍ତ ଦାନ ଶିବିରରେ ଜଣେ ବ୍ୟକ୍ତି ରକ୍ତ ଦାନ କରୁଛନ୍ତି।





ସମ୍ବଲପୁର ରେଳୱେ କମ୍ୟୁନିଟି ସେଣ୍ଟରଠାରେ ଅତିଥିମାନେ ଦକ୍ଷିଣାଞ୍ଚଳ ରେଳବାଇକୁ ଦଳଗତ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି ।

### ସର୍ବଭାରତୀୟ ଆନ୍ତଃ ରେଲୱେ ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିୟନଶିପ୍

# ଏସ୍. ଜତିନ ମିଷ୍ଟର ଆର୍‌ପିଏଫ୍

**ସମ୍ବଲପୁର, ୧୬।୧୦ (ବ୍ୟୁରୋ)**

ସମ୍ବଲପୁର ରେଲୱେ କମ୍ୟୁନିଟି ସେଣ୍ଟରଠାରେ ବୁଧବାର ରେଳ ସୁରକ୍ଷା ବଳ ପକ୍ଷରୁ ଆନ୍ତଃ ରେଲୱେ ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିୟନଶିପରେ ମିଷ୍ଟର ଆରପିଏଫ ଭାବେ ଏସ. ଜତିନ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । ଦଳଗତ ଭାବେ ଦକ୍ଷିଣାଞ୍ଚଳ ରେଳବାଇ ଚାମ୍ପିୟନ ହୋଇଛି । ୧୫ କେଜି ବର୍ଗରେ ଏନ.ଏସ. କୁମାର, ୬୫ କେଜିରେ ପ୍ରଜେସ କେପି, ୭୦ କେଜିରେ ମନୋଜ କୁମାର ବାରିକ, ୮୦ କେଜିରେ ଅଶୋକ କୁମାର, ୮୫ କେଜିରେ ଏସଏନ ଜମାଦାର, ୯୦ କେଜିରେ ଗୋପାଳ ଦତ୍ତା, ୯୫ କେଜିରେ ଟି ରବି କୁମାର, ୧୦୦ କେଜି ବର୍ଗରେ ଏସ. ବିଜୟ କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ବିଚାରକ ଭାବେ ବିଶ୍ୱମ୍ଭର ବହିଦାର, ଆର୍ତ୍ତତ୍ରାଣ ପ୍ରଧାନ, ଶିଶିର ବହିଦାର, କିଶୋର ମିଶ୍ର, ଡୋଳାମଣୀ ମେହେର ଯୋଗ ଦେଇଥିଲେ ।

ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଞ୍ଚଳରୁ ମନୋନୀତ ହୋଇଥିବା ୧୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ମୁଖ୍ୟଅତିଥି ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସ ପାତ୍ରୁଡୁ ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏ.କେ. ବନୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ଆୟୁଷ ନିର୍ମାଣ କଲେ ସୋସିଆଲ ମିଡିଆ ରାଉଟର୍

**ନାକଟିଦେଉଳ, ୧୬।୧୦ (ଡି.ଏନ.ଏ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କୁଡାନାଳୀ ଗ୍ରାମର ସପ୍ତମ ଶ୍ରେଣୀ ଛାତ୍ର ଆୟୁଷ ରଞ୍ଜନ ରାଉତ ଏକ ସୋସିଆଲ ମିଡିଆ ରାଉଟର (ଡବ୍ଲୁଡବ୍ଲୁଡବ୍ଲୁ.ରାଉଟର୍.କମ୍) ନିର୍ମାଣ କରିଛନ୍ତି। ଓଡିଶା ନିର୍ମିତ ଏହା ସର୍ବ ପ୍ରଥମ ଏବଂ ଏକମାତ୍ର ସୋସିଆଲ ମିଡିଆ । ଏହାକୁ ଖୁବଶୀଘ୍ର ଅନ୍ତର୍ଜାତୀୟସ୍ତରରେ ପରିଚିତ କରାଇବାକୁ ସବୁ ପ୍ରକାରର ଉଦ୍ୟମ କରାଯିବ ବୋଲି ଆୟୁଷ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଓଡିଶାର ଜଣେ ସର୍ବ କନିଷ୍ଠ ୱେବ୍ ଡିଜାଇନର ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଆଶୀର୍ବାଦ ପାଇ ଏହି କୁନି ୱେବ୍ ଡିଜାଇନର ରାଉଟର୍ ସୋସିଆଲ ମିଡିଆ ନିର୍ମାଣ କରିବାକୁ ଯୋଜନା କରିଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ଅବସରରେ ରାଉଟରକୁ ତାଙ୍କୁ ସମର୍ପିତ କରି ଲୋକାର୍ପଣ କରାଯାଇଛି ବୋଲି ଆୟୁଷ କହିଛନ୍ତି।

# ତହସିଲ ଅଫିସ ଘେରିଲେ ଚାଷୀ

**ଜମନକିରା,୧୬। ୧୦ (ଡି.ଏନ୍.ଏ)**

ଜମନକିରା ବ୍ଲକ୍ ଗୁଣ୍ଡୁରୁଚୁଆଁ ପଞ୍ଚାୟତ ଚାଷୀ ଇନ୍‌ପୁଟ ସବସିଡ଼ି ନ ମିଳିବାରୁ ବୁଧବାର ଜମନକିରା ତହସିଲ ଅଫିସ ଘେରାଉ କରିଛନ୍ତି। ୨୧ଟି ପଞ୍ଚାୟତରୁ ଅଧିକାଂଶ ପଞ୍ଚାୟତର ଚାଷୀଙ୍କ ଆକାଉଣ୍ଟରେ ଇନ୍‌ପୁଟ ସବସିଡ଼ି ଗତ କିଛି ଦିନ ହେବ ଜମା ହୋଇ ସାରିଛି। ହେଲେ ଗୁଣ୍ଡୁରୁଚୁଆଁ ପଞ୍ଚାୟତ ଚାଷୀଙ୍କ ଆକାଉଣ୍ଟରେ ଏଯାବତ୍ ଟଙ୍କା ଜମା ହୋଇନି। ବାରମ୍ବାର ଦାବି ସତ୍ତ୍ୱେ ଟଙ୍କା ଜମା ନ ହେବାରୁ ବାଧ୍ୟ ହୋଇ ଚାଷୀ ଜମନକିରା ତହସିଲ କାର୍ଯ୍ୟାଳୟକୁ ଘେରାଉ କରି ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ୭ ଦିନ ମଧ୍ୟରେ ଇନ୍‌ପୁଟ ସବସିଡ଼ି ବ୍ୟାଙ୍କ ଖାତାରେ ଜମା କରାଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।



ଜମନକିରା ତହସିଲ ଅଫିସରେ ଚାଷୀ ଆଲୋଚନା କରୁଛନ୍ତି।

### ଯୋଗେଶ ପଣ୍ଡା ସଦର ଥାନା ଅଧିକାରୀ

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**

ସମ୍ବଲପୁର ସଦର ଥାନାରେ ନୂତନ ଥାନା ଅଧିକାରୀ ଭାବେ ଯୋଗେଶ ପଣ୍ଡା ବୁଧବାର ଯୋଗ ଦେଇଛନ୍ତି । ଏହାପୂର୍ବରୁ ସେ ଜିଲା ପୋଲିସ ମୁଖ୍ୟାଳୟରେ ଥିଲେ। ସେହିଭଳି ସଦର ଥାନା ଅଧିକାରୀ ଲୋକନାଥ ସାହୁଙ୍କ ଯୁଯୁମୁରା ଥାନାକୁ ବଦଳି ହୋଇଛି।

# ସମ୍ବଲପୁର ଜିଲା ଓକିଲ ସଂଘକୁ ହାଇକୋର୍ଟଙ୍କ ନୋଟିସ

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**

ପଶ୍ଚିମଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏଥିଯୋଗୁ କୋର୍ଟ କଚେରି ବନ୍ଦ ରହୁଛି। ଏହା ସହ ସରକାରୀ ଅଫିସରେ ମଧ୍ୟ କାମ ଠପ୍ ହୋଇପଡୁଛି । ତେବେ ମଙ୍ଗଳବାର ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟ ୧୩ ଜଣ ବିଚାରପତିଙ୍କୁ ନେଇ ଫୁଲ୍ କୋର୍ଟ ବସିଥିଲା। ବୁଧବାର ଜିଲାଜଜଙ୍କ କାର୍ଯ୍ୟାଳୟ ଜରିଆରେ ଜିଲା ଓକିଲ ସଂଘକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଓକିଲମାନେ କାର୍ଯ୍ୟବନ୍ଦ କରି ପାରିବେ ନାହିଁ କିମ୍ବା ସେମାନେ ଆନ୍ଦୋଳନ କରି ପାରିବେ ନାହିଁ । ହେଲେ ବର୍ଷ ବର୍ଷ ଧରି କାହିଁକି ଆନ୍ଦୋଳନ କରାଯାଉଛି । ଆନ୍ଦୋଳନ ଫଳରେ ନ୍ୟାୟିକ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ତେଣୁ କାରଣ ଦର୍ଶାଇବାକୁ କୁହାଯାଇଛି। ରାଜ୍ୟର ସମସ୍ତ ବାର୍‌କୁ ଅକ୍ଟୋବର ୧୮ ତାରିଖରେ ବୈଠକରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ନେଇ ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହା କେବଳ ଓକିଲମାନଙ୍କ ଆନ୍ଦୋଳନ ନୁହେଁ । ଏହା ଏକ ଜନ ଆନ୍ଦୋଳନ। ଦେଶରେ ଆନ୍ଦୋଳନ କରିବା ସମସ୍ତଙ୍କ ଗାଣତାନ୍ତ୍ରିକ ଅଧିକାର। ସୁପ୍ରିମ କୋର୍ଟ ନିର୍ଦ୍ଦେଶ ରହିଛି । ହେଲେ କେଉଁ ପରିସ୍ଥିତିରେ ଓକିଲମାନେ ଆନ୍ଦୋଳନ କରି ପାରିବେ ତାହା ମଧ୍ୟ ଉଲ୍ଲେଖ ରହିଛି। ତେଣୁ ଓକିଲମାନଙ୍କ ଦାବି ଉପରେ କେହି ଶୁଣୁ ନ ଥିବାରୁ ଆନ୍ଦୋଳନ ପନ୍ଥା ଆପଣେଇବାକୁ ପଡିଛି । ଦେଖିବାକୁ ଗଲେ ଏଥିପାଇଁ ହାଇକୋର୍ଟ ଦାୟୀ ଅଟନ୍ତି । ଆନ୍ଦୋଳନଙ୍କୁ ବର୍ଷ ବର୍ଷ ବିତି ଯାଇଛି । ବାରମ୍ବାର କେନ୍ଦ୍ର ଓ ରାଜ୍ୟ ସରକାର ହାଇକୋର୍ଟଙ୍କୁ ମତ ଦେବା ପାଇଁ ଅନୁରୋଧ କରିଛନ୍ତି । ହେଲେ ହାଇକୋର୍ଟ ପକ୍ଷରୁ କାହିଁକି ମତ ଦିଆଗଲା ନାହି । ଏଥିପାଇଁ ପରୋକ୍ଷଭାବେ ହାଇକୋର୍ଟ ଓ ବିଚାରପତି ମାନେ ଦାୟୀ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ । ନୋଟିସ ପାଇଛୁ। ବାର୍ ପକ୍ଷ ରଖିବ ବୋଲି ସେ କହଛନ୍ତି।

### ଦୀନ୍‌ଦୟାଲ ଉପାଧ୍ୟାୟ ଯୋଜନା

# ଜାତୀୟସ୍ତରରେ ସମ୍ବଲପୁର ସ୍ଥାନ ପ୍ରଥମ

**ସମ୍ବଲପୁର,୧୬।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲାର ଗ୍ରାମାଞ୍ଚଳରେ କାମ କରୁଥିବା ଦୀନ ଦୟାଲ ଉପାଧ୍ୟାୟ ଯୋଜନା ଭଲ ପ୍ରଦର୍ଶନ କରିଛି । ଜାତୀୟ ସ୍ତରରେ ସମ୍ବଲପୁର ଜିଲା ପ୍ରଥମ ସ୍ଥାନ ଅଧିକାର କରିଛି। ଅକ୍ଟୋବର ୨୩ ତାରିଖ ଦିଲୀ ସୁବ୍ରମଣ୍ୟମ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗନେଇ ପୁରସ୍କାର ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ପତ୍ର ଆସିଛି। ସୂଚନାଯୋଗ୍ୟ ଯେ, ଗ୍ରାମୀଣ ଆବାସ ଯୋଜନା, ମନରେଗା ଯୋଜନା, ଓଡିଶା ଗ୍ରାମ୍ୟ ଉନ୍ନୟନ ଓ କଂକ୍ରିଟ କରଣ ଯୋଜନା, ଓଡିଶା ଜୀବିକା ମିଶନ, ଇ- ଗଭର୍ଣ୍ଣାନ୍ସ ଭଳି ଯୋଜନାର କାମ ସଫଳ ରୂପାୟନକୁ ନେଇ ମାପ ଦଣ୍ଡ ହୋଇଥାଏ।

### ଜାତୀୟ ମାଷ୍ଟର୍ସ ସନ୍ତରଣ ପ୍ରତିଯୋଗିତା

# ରାଜ୍ୟ ଦଳର ଉତ୍ତରପ୍ରଦେଶ ଯାତ୍ରା

**ସମ୍ବଲପୁର, ୧୬।୧୦ (ବ୍ୟୁରୋ)**

୧୬ତମ ଜାତୀୟ ମାଷ୍ଟର୍ସ ସନ୍ତରଣ ପ୍ରତିଯୋଗିତା ଚଳିତ ମାସ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବ । ଏଥିରେ ଯୋଗ ଦେବାକୁ ଓଡିଶାର ୧୫ଜଣ ମାଷ୍ଟର୍ସ ସନ୍ତରଣବିତ ବୁଧବାର ଉତ୍ତରପ୍ରଦେଶ ଯାତ୍ରା କରିଛନ୍ତି । ସେଠାରେ ୨୫ରୁ ୮୦ ବର୍ଷ ତଦୁର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗିତା ହେବ । ତେବେ ରାଜ୍ୟ ଦଳରେ ଅଜିତ କୁମାର ପଟେଲ, ପ୍ରମୋଦ ପଟେଲ, ରିବୁଲ ଗଡତିଆ, ରାଜେନ୍ଦ୍ର ପଧାନ, ରିଷବ ବେହେରା, ସରୋଜ କୁମାର ନାଗ, ବିରଞ୍ଚି ଛତ୍ରିଆ, ଚିତ୍ତରଞ୍ଜନ ବେହେରା, ପରମେଶ୍ୱର ବାଗ, ସୁବାଷ ଚନ୍ଦ୍ର ମେହେର, ତରୁଣ କୁମାର ସେଠ, ଚୌହାନ କୁଦେଇ, ପରିକ୍ଷୀତ ପ୍ରଧାନ, ରାଜେନ୍ଦ୍ର ତରିଆ ସାମିଲ ହୋଇଛନ୍ତି । ସୁରଜ ବାଗ ଟିମ୍ ମ୍ୟାନେଜର ରହିଛନ୍ତି । ସମ୍ବଲପୁର ଷ୍ଟେଶନରେ ସନ୍ତରଣବିତମାନଙ୍କୁ ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଓ ଓଡିଶା ରାଜ୍ୟ ସନ୍ତରଣ ସଂଘର କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଥିଲେ।



ବୁଧବାର ସମ୍ବଲପୁର ରେଳ ଷ୍ଟେଶନରେ ରାଜ୍ୟ ମାଷ୍ଟର୍ସ ସନ୍ତରଣ ଦଳ ।





ବୁଧବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଦୌଡ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ପ୍ରସ୍ତୁତ (ବାମ)। ଅତିଥିଙ୍କ ସହ କୃତୀ ବାଳିକା ବାଳକ ।

# ଖେଳକୁଦ, ଗୀତନାଟରେ ଜମିଲା

**ସମ୍ବଲପୁର, ୧୬।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାରେ ଥିବା ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଏଥିରେ ଭାଗ ନେଇଥିଲେ। ସକାଳ ୮ଟାରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ, ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ରମଣୀରଞ୍ଜନ ସାହୁ, ଜଗବନ୍ଧୁ ବେହେରା ଇଭେଣ୍ଟ ପରିଚାଳନା କରିଥିଲେ । ପୂର୍ବାହ୍ନରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲି, ଡ. ବିଜୟ କୁମାର ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ, ଡିଏସ୍‌ଡବ୍ଲୁଓ ଗୀତା ମହାପାତ୍ର, ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର, ସବିତା ଦାଶ, ସିଡବ୍ଲୁସି ଅଧ୍ୟକ୍ଷ ବ୍ରଜେନ୍ଦ୍ର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ କୃତୀ ବାଳିକା ବାଳକଙ୍କୁ ପୁରସ୍କୃତ କରିଥିଲେ ।

ସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବବିତା କର, ସରିତା ମହାପାତ୍ର, ଉତ୍ତମ ପ୍ରଧାନ, ରାଜଲକ୍ଷ୍ମୀ ପାଣ୍ଡେ, ବିଶ୍ୱଜିତ ସାହୁ, ଶୈଳିଲ ଚୌଧୁରୀ, ନିତ୍ୟାନନ୍ଦ ଷଡଙ୍ଗୀ କାଯର୍‌ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ବାଳିକା, ବାଳକ ଚଳିତ ମାସ ୨୯ ଓ ୩୦ ତାରିଖ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ ।

## ସଂକ୍ଷେପରେ

### କାଠଯୋଡ଼ିକୁ ଡେଇଁ ଯୁବକ ନିଖୋଜ ଘଟଣା
## ଦେବୀନଦୀରୁ ମୃତଦେହ ଉଦ୍ଧାର

**କଟକ ଅଫିସ/କଣ୍ଟାପଡ଼ା(ଡି.ଏନ.ଏ.) ୧୬।୧୦:** କାଠଯୋଡ଼ି ନଦୀକୁ ଡେଇଁ ନିଖୋଜ ଜଣେ ଯୁବକଙ୍କ ମୃତଦେହ ବୁଧବାର ଗୋବିନ୍ଦପୁର ଥାନା ରାହାମ୍ବା ନିକଟ ଦେବୀ ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ନିଆଳି ଥାନା କରଞ୍ଜ ଗ୍ରାମର ଦେବବ୍ରତ ମହାପାତ୍ର। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦେବବ୍ରତ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପା ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି ବୋଲି ଥାନାଧିକାରୀ ଶରତ ସେଠୀ କହିଛନ୍ତି। ବୁଧବାର ମଧ୍ୟାହ୍ନରେ ଦେବୀ ନଦୀରେ ନିର୍ମାଣାଧୀନ ସେତୁର ଲୁହା ରଡ୍‌ରେ ଏକ ମୃତଦେହ ଲାଗିଥିବା ଲୋକେ ଦେଖିଥିଲେ। ପୋଲିସ ମୃତଦେହ ଜବତ କରିଥିଲା। ମୃତଦେହ ସମ୍ପୂର୍ଣ୍ଣ ପଚିଯାଇଥିବାବେଳେ ପକେଟ୍‌ରୁ ବାଇକ୍ ପଞ୍ଜୀକରଣ କାର୍ଡ ମିଳିଥିଲା। ଏଥିରୁ ମୃତଦେହଟି ଦେବବ୍ରତଙ୍କ ବୋଲି ଜଣାପଡିଥିଲା।

## ରେଳ ଧାରଣାରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଲୋଇସିଂହା, ୧୬।୧୦ (ଡି.ଏନ.ଏ)** ସମ୍ବଲପୁର-ଟିଟିଲାଗଡ଼ ଟ୍ରେନ୍ ଲାଇନ ହୀରାପୁର ଫାଟକ ନିକଟସ୍ଥ ଫାସଡ ପୋଲ ମଝି ରେଳ ଧାରଣାରୁ ବୁଧବାର ରେଲବାଇ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଲୋଇସିଂହା ଥାନା କୁଟୁରାପାଲିଗାଁର ସତ୍ୟ ପଶାୟତ(୫୨)। ରେଲବାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ସତ୍ୟ ଫାସଡଠାରେ ଦୀର୍ଘ ବର୍ଷ ହେଲା ଏକ ସେଲୁନ ଖୋଲି ପରିବାର ପରିପୋଷଣ କରୁଥିଲେ। ସେ ସୋମବାର ସେଲୁନକୁ ଆସି ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜ କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ବୁଧବାର ସକାଳେ ହୀରାପୁର ଫାଟକ ଓ ଫାସଡ ପୋଲ ମଝି ରେଳ ଧାରଣା କଡରେ ଏକମୃତଦେହ ପଡିଥିବା ଖବର ମିଳିଥିଲା। ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରିବାର ଲୋକେ ସତ୍ୟଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ଟ୍ରେନ ଆଗରେ ଡେଇଁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ରେଲବାଇ ପୋଲିସକୁ କହିଥିଲେ। ସତ୍ୟ ଟଙ୍କା କାରବାରରେ ଲିପ୍ତ ଥିଲେ। ତାଙ୍କ ମୃତ୍ୟୁକୁ ଭିନ୍ନ ଆଲୋଚନା ଜୋର ଧରିଛି।

### ମୁଖ୍ୟମନ୍ତ୍ରୀଙ୍କ ବଡ ଘୋଷଣା
# କଳାହାଣ୍ଡିରେ ନୂତନ ଡାକ୍ତରଖାନା ନିର୍ମାଣ ହେବ

**ଭବାନୀପାଟଣା,୧୬।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ସ୍ୱାସ୍ଥ୍ୟ ସେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ ଘୋଷଣା କରିଛନ୍ତି ବୋଲି ବୁଧବାର ସନ୍ଧ୍ୟାରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ଥାନୀୟ ମୁଖ୍ୟ ଜିଲା ଚିକିତ୍ସାଳୟ ପରିସର ସଭାଗୃହଠାରେ ସନ୍ଧ୍ୟାରେ ଆୟୋଜିତ ଏହି ସମ୍ମିଳନୀରେ ଜିଲାପାଳ ହର୍ଷଦ କହିଛନ୍ତି, କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ନୂତନ ଡାକ୍ତରଖାନା ନିର୍ମାଣ ହେବା ସହ ପୂର୍ବରୁ ଥିବା ଶଯ୍ୟା ସଂଖ୍ୟାଠାରୁ ନୂତନ ଭାବେ ଅଧିକ ୧୦୦ଟି ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ଏଥିସହିତ ମୁଖ୍ୟଡାକ୍ତରଖାନାକୁ ୩ଟି ଆମ୍ବୁଲାନ୍ସ ଓ ୨ଟି ମହାପ୍ରାଣ ଗାଡି ମଧ୍ୟ ଯୋଗାଇଦେବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ରୋଗୀମାନଙ୍କ ସହଯୋଗୀମାନଙ୍କ ସୁବିଧା ନିମନ୍ତେ ଡାକ୍ତରଖାନା ପରିସରରେ ଏକ ରେଷ୍ଟସେଡ୍ ନିର୍ମାଣ କରାଯିବ ଓ ଜିଲା



ଖବରଦାତା ସମ୍ମିଳନୀରେ ଜିଲାପାଳ, ସିଡିଏମ୍‌ଓ ଏବଂ ଅନ୍ୟମାନେ ।

ପ୍ରତ୍ୟେକ ରୋଗୀ କଲ୍ୟାଣ ସମିତି ନିମନ୍ତେ ସିଏମ୍‌ଆରଏଫ୍‌ରୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଟଙ୍କା ଦିଆଯିବା ସହ ରକ୍ତଦାନ କାର୍ଯ୍ୟକ୍ରମ ନିମନ୍ତେ ମଧ୍ୟ ୧୦ ଲକ୍ଷ ଟଙ୍କା ଦେବା ଗୁରୁତ୍ୱପୂର୍ଣ୍ଣ ଘୋଷଣା ମୁଖ୍ୟମନ୍ତ୍ରୀ କରିଛନ୍ତି ବୋଲି ଜିଲାପାଳ ହର୍ଷଦ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କଳାହାଣ୍ଡି

- ଶଯ୍ୟା ସଂଖ୍ୟା ୧ଶହ ବଢ଼ିବ
- ଡାକ୍ତରଖାନା ପରିସରରେ ରେଷ୍ଟସେଡ୍ ନିର୍ମାଣ କରାଯିବ

ଜିଲାର ମୁଖ୍ୟ ଚିକିତ୍ସାଳୟଠାରେ ସମ୍ପ୍ରତି ରୋଗୀମାନଙ୍କ ନିମନ୍ତେ ୧୬୫ଟି ଶଯ୍ୟା ରହିଛି । ଜିଲାରେ ୧୨ଟି ଆମ୍ବୁଲାନ୍ସ ସହ ୨୦ଟି ୧୦୮ ଆମ୍ବୁଲାନ୍ସ ଓ ୧୭ଟି ୧୦୨ ଆମ୍ବୁଲାନ୍ସ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସିଡିଏମ୍‌ଓ ଡା. ବନଲତା ଦେବୀ ସୂଚନା ଦେଇଥିଲେ। ସମ୍ମିଳନୀରେ ଜିଲାପାଳ ଡ. ହର୍ଷଦଙ୍କ ସହ ସିଡିଏମ୍‌ଓ ଡ. ବନଲତା ଦେବୀ, ଏଡିଏମ୍‌ଓ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଡ. ସୁରେନ୍ଦ୍ର ମିଶ୍ର ପାଇବେ ଗଙ୍ଗାଧର ବଳ ସ୍ମୃତି ସମ୍ମାନ



**ପୁରୀ ଅଫିସ, ୧୬।୧୦:** ଆସନ୍ତା ୧୯ ତାରିଖରେ କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ –ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗଙ୍ଗାଧର ବଳ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ୨୦୧୯ ବର୍ଷର ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଡ. ମିଶ୍ର ବର୍ତ୍ତମାନ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ରହିଛନ୍ତି। ସେ ଜଗନ୍ନାଥ ଚେତନାର ବହୁ ଅନାଲୋଚିତ ଦିଗ ଆଲୋଚନାସ୍ତରକୁ ଆଣିଛନ୍ତି। ଏଥିସହିତ ଓଡ଼ିଶାର ଅବଲୁପ୍ତ ଐତିହ୍ୟ ଏବଂ ମଧ୍ୟଯୁଗୀୟ ସାହିତ୍ୟକୁ ଚର୍ଚ୍ଚା ପରିସରକୁ ଆଣିବାରେ ଅନେକ ନୂତନ ପଦକ୍ଷେପ ନେଇଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା ରଚିତ ଓ ସମ୍ପାଦିତ ୧୦୦ରୁ ଅଧିକ ସଂସ୍କୃତ ଏବଂ ଓଡ଼ିଆ ପୁସ୍ତକ ରହିଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ପ୍ରବନ୍ଧ ବିଭିନ୍ନ ଆଲୋଚନାଚକ୍ରରେ ପଠିତ ହୋଇ ପ୍ରକାଶିତ ହୋଇଛି।


## CHC, BINKA, DIST- SONEPUR
**Tender Call Notice for hiring of vehicle**

Sealed tenders are invited from Travel Agencies/ Transporters/ Tour Operator/ Individuals/ Private Organization/ NGOs situated within Subarnapur District for supply of vehicle on monthly hiring basis to be used in CHC, Binka for MHT-II of CHC, Binka. Last date for submitting the documents is **24.10.2019 at 11.00 AM**. For detail information and documents, please visit **www.subarnapur.nic.in**. The authority has reserve the right to cancel the whole process without any notice.

**Sd./- MO I/C, CHC, Binka**

## NOTIFIED AREA COUNCIL, PATNAGARH
**Letter No.: 1858** **Date: 15.10.2019**

**QUOTATION CALL NOTICE**

Sealed quotations are invited from the intending Authorized Dealers/Suppliers/Firm having GST Registration & PAN Card for the work - Spreading of Pipe fitting of sprinkler at Baldev Vihar Park, Repairing of two fountain (dolphin & Lady Sakhi) at Baldev Vihar Park and one fountain at Ramji Chowk & Supply of Children Swimming Boat. The work in details is available at N.A.C., Patnagarh. The rate should be quoted inclusive of all taxes. The firm is liable to provide free service up to one year if any defect arises after completion of the work. The quotation should reach to the Office of the undersigned on or before Dt. 23.10.2019 upto 4.00 P.M. through dropping in Box/ Regd. Post/Speed Post and it will be opened on Dt.24.10.2019 at 12.00 Noon in presence of quotationers or their authorized representative. The authority reserves right to accept/reject any or all quotations without assigning any reason thereof.

**N.B.:** The bidders may visit the spot for necessary verification before submission of tender papers.

**Sd./- Executive Officer, N.A.C., Patnagarh**

## THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**No.CAD-470 :-**

**SHORT TENDER CALL NOTICE NO. 03/OMC/ROG/C/19-20**

Sealed Tenders in the prescribed form in conformity with D.T.C.N. to be eventually drawn up in OMC F-2 Agreement are invited from the eligible class of contractor, Registered with State PWD/CPWD/Railways/ Govt. Undertaking having EPF registration & GSTIN for the following works:-

| Sl No | Name of the works | Estimated Cost (In Lakhs) | Time period of the work | Class of Contractor | E.M.D in D.D. (in INR) | Cost of Bid document (in INR) |
|---|---|---|---|---|---|---|
| 1. | Colour washing, White washing, Distempering & Enamel painting to statutory building & G.H. At Base camp colony of G.I.O.M. In the dist. Of Keonjhar. | 3.10 Lacs | Two months | D & C | Rs. 3100.00 | 2000.00 + 18% GST |
| 2. | Pot hole repair and berm filling to Danla jagar road. | 4.86 Lacs | Two months | D & C | Rs. 4860.00 | 2000.00 + 18% GST |
| 3. | Const. Of crate boulder wall near OB dump at boundary pillar no. 4 & 5 near Danla Security gate. | 4.88 Lacs | Two months | D & C | Rs. 4880.00 | 2000.00 + 18% GST |
| 4. | Const. Of side wall & gate front approach of Ichinda plot. | 4.72 Lacs | Two months | D & C | Rs. 4720.00 | 2000.00 + 18% GST |
| 5. | Electrical wiring to rest shelter at hilltop of G.I.O.M. | 3.24 Lacs | Two months | D & C | Rs. 3240.00 | 2000.00 + 18% GST |
| 6. | Electrical wiring to diff. 'E' type (E/10, 11, 12, 07, 05 & 01) at Base camp. | 3.48 Lacs | Two months | D & C | Rs. 3480.00 | 2000.00 + 18% GST |
| 7. | Const. Of core shed at Base camp. | 3.05 Lacs | Two months | D & C | Rs. 3050.00 | 2000.00 + 18% GST |
| 8. | Const. Of 2 nos. D.G. Shed at W/B No. 10 of G.I.O.M. | 4.35 Lacs | Two months | D & C | Rs. 4350.00 | 2000.00 + 18% GST |

02* **SALE/ AVAILABLE OF TENDER PAPER:-**Tender paper shall be available from OMC web site i.e. ***www.omcltd.in*** from **22.10.2019.** The agency has to download the tender paper and submit along with the cost of tender paper (DD/pay order in favour of OMC Limited payable at Bank of India, Suakati). The intending tenderers are required to produce the original valid **Contract license, EPF Registration documents, PAN and GSTIN** on scrutiny.
03* **EARNEST MONEY DEPOSIT:-**Earnest Money is to be deposited in shape of pay order/Demand draft in favour of OMC Limited payable on Bank Of India at Suakati.
04* **SUBMISSION OF TENDER:-**The tender documents will be received in the office of the Sr. Manager (Civil), OMC Limited, Gandhamardan up to **4.00 P.M on 26.10.2019.**
05* **DATE AND TIME OF OPENING OF TENDER**: - The tender shall be opened at **4.30 P.M** on the same day i.e. **26.10.2019** in presence of tenderers or their authorized representatives in the office of the Sr. Manager (Civil), Gandhamardan Iron Ore Mines.
06* **Failure** to deposit of required amount of Cost of tender paper, EMD, other required documents, and non-signing of DTCN by the Agency, are liable for rejection.
07* **The** Authority reserves the right to reject any or all the tenders without assigning any reason thereof.

**SR. MANAGER (CIVIL)**

30005/11/0073/1920

## ZILLA SWASTHYA SAMITI, GANJAM
**Advt. No.: 18540** **Date: 16.10.2019**

**NOTICE**

The advertisement published vide No. 2901 Dtd.16.02.19 of this office for filling up vacancise under Rashtriya Bal Swasthya Karyakram (RBSK) is hereby cancelled due to administrative reason.

**Sd./- CDM & PHO, Ganjam**

C-248

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, KEONJHAR- 758001**
**Ph No.06766-254096, e-Mail: - eephkjr@gmail.com**
**NATIONAL COMPETITIVE BIDDING THROUGH e- Procurement.**
**Invitation For Bids (IFB) /2019-20 dt.16.10.2019**

1. Name of the Work : 3 Nos. works
2. Estimated Cost : Rs.102.59 to 280.11 Lakh
3. Period of completion : 03 Months
4. Date & Time of Availability of Bid Document in the Portal : 11 hours of dt.23.10.2019 to 17 hours of dt.13.11.2019.
5. Last date/time of receipt of bids in the portal : 17 hours of dt.13.11.2019.
6. Date and time of opening of bids : 11.30 hours of dt.16.11.2019.
7. Name and address of the Officer Inviting Bid : The Executive Engineer, P.H. Division, Keonjhar. 758001, Odisha. Ph.06766-254096 e-Mail:eephkjr@gmail.com

Further details can be seen from the website www.tendersorissa.gov.in

13054/11/0010/1920

**Executive Engineer, Public Health division, Keonjhar.**

## SAMAGRA SHIKSHA GANJAM, CHATRAPUR
**Ph.: 06811-260833 (DPO) / 262799 (MIS)**
**e-mail ID: dpcganjamssa.opepa@nic.in**
**Letter No.: 3872/KGBV/19** **Date: 15.10.2019**

**ADVERTISEMENT FOR VARIOUS POST OF KGBV, SS, GANJAM**

Applications are invited from the eligible female candidates for engagement of different categories of Staff i.e. Warden, Peon-cum-Attendant, Head Cook, Asst. Cook and Watchman-cum-Sweeper (Male) in KASTURBA GANDHI BALIKA VIDYALAYAs (KGBVs) of Ganjam District. The details of the Posts, application forms & other details can be downloaded from the district website **www.ganjam.nic.in** and OSEPA website **www.opepa.odisha.gov.in**. The interested candidates fulfilling the eligibility criteria are required to visit the website and apply on or before **02.11.2019** through Speed Post/Registered Post only to the District Project Coordinator, Samagra Siksha, Ganjam, Chatrapur, PIN - 761020.

By order of
Collector-cum-Chairman
Samagra Siksha, Ganjam
**Sd./- District Project Coordinator**
**Samagra Siksha, Ganjam**

## OFFICE OF THE DISTRICT MAGISTRATE & COLLECTOR, SAMBALPUR
**No.1403 /SS (RCDR)** **(Social Security Section)** **Dtd: 16.10.2019**

**TENDER CALL NOTICE**

Sealed tenders in plain paper are hereby invited separately from the intending CGST/SGST registered Firms/Suppliers/Companies etc. having ISO Certification for Plywoods, Sunmica etc. for manufacturing of CP Chair, Corner Chair etc. In respect of raw materials for manufacturing of Orthosis/Prosthesis, the firms having expertise in the field and dealing with Orthosis/Prosthesis can apply only as per the technical specification, terms & conditions enclosed herewith separately in Annexure A, B & C. For Plywood, Sunmica etc. the bidders shall apply as per the specification mentioned in Annexure-A and same bidder shall not be entertained to apply as per the specification in Annexure- B & C. The tender papers containing detailed Terms and Conditions, EMD, and others statutory requirements, etc. can be downloaded from the District website: www.sambalpur.nic.in. The Quotation Fee of Rs.11,200/- (Rupees eleven thousand two hundred) only including GST which is non refundable shall be submitted along with the tender papers. The tender papers complete in all respect along with other required documents should reach in Sealed Cover to the DSSO, Sambalpur on or before 5 P.M. of dt. 04.11.2019 by Registered/Speed Post only. The Authority shall not take any responsibility due to postal delay. Tender received through facsimile/e-mail/by hand shall be out rightly rejected. The tender shall be opened on 4 P.M. at 5.11.19 by the Collector, Sambalpur/ the Officer authorized by Collector in presence of the members of District Purchase Committee and the tenderers or their authorized representatives. The tender received beyond the scheduled date & time and incomplete tender shall not be taken in to consideration. The undersigned reserves the right to reject or cancel any or all the tenders without assigning any reason thereof.

**Sd./- Collector, Sambalpur**

## Odisha State Health & Family Welfare Society,
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8,**
**Bhubaneswar-751012, District-Khordha (Odisha)**
**Phone/Fax: 0674- 2392480/79**

No.E-41 :-

**CANCELLATION NOTICE**

**Advt. No. 50/19** **Date:-17.10.2019**
**Ref.: Advt. No. 39/19 dt. 31.08.19.**

The advertisement for selection to the position of **OSD Grievance for H&FW Department** made vide Advt. No. 39/19 dt. 31.08.19, published in **"The Dharitri" (all Odisha editions), "The Samaja " (all Odisha editions) and " The New Indian Express" (Odisha edition only)** is hereby cancelled as no candidate had registered their name for Walk-in-Interview of the said post.

**Sd/- Mission Director NHM, Odisha**

10084/11/0032/1920


Your classified advertisement published in Dharitri will be listed free in Dharitri online edition : **www.dharitri.com**


## ODISHA COAL AND POWER LTD.
**(A GOVT. OF ODISHA COMPANY)**
**Zone-A, Ground Floor, Fortune Towers, Chandrasekharpur,**
**Bhubaneswar - 751023, Odisha**
**Ph No. : 0674-2300654 / 2300664**

OCPL Odisha Coal and Power Limited

**NOTICE INVITING TENDER**

**Date: 17.10.2019**

Sealed bids in prescribed format are invited from Companies / Contractors / agencies / firms for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of submission/ Opening of bid |
|---|---|---|---|---|---|---|
| NIT No.OCPL/CIVIL-96/2019 | | | | | | |
| 01 | Appointment of an agency to carry out Barbed wire Fencing at Periphery of Manoharpur Coal Block, Hemgir, Sundargarh, Odisha | Rs.1,180/- (Rupees One Thousand One hundred and Eighty Only) inclusive of GST @18% | Rs.50,000/- (Rupees Fifty Thousand Only) | 17.10.2019 | 24.10.2019 | 3:00 P.M. on 31.10.2019 3:30 P.M. on 31.10.2019 |
| NIT No.OCPL/SUP-101/2019 | | | | | | |
| 02 | Empanelment of travel agency for providing vehicles on day to day hiring basis for Odisha Coal and Power Limited at Bhubaneswar | Rs.1,180/- (Rupees One Thousand One hundred and Eighty Only) inclusive of GST @18% | Rs.20,000/- (Rupees Twenty Thousand Only) | 17.10.2019 | 28.10.2019 | 3:00 P.M. on 11.11.2019 3:30 P.M. on 11.11.2019 |

For further details bidders may visit our website, i.e **www.ocpl.org.in.** Any clarification may please be addressed to the undersigned at the above address or by email to : **a.kanungo@ocpl.org.in.**

**Sd./-**
**Addl. General Manager (Commercial & Contracts)**

## GOVERNMENT OF ODISHA, HOUSING & URBAN DEVELOPMENT DEPTT.
## OFFICE OF THE MUNICIPAL COUNCIL, BELPAHAR
**Telephone - 06645-250458, Fax - 06645-250236**
**Email - nacbelpahar@gmail.com**

**"e" - Procurement Notice**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website **www.tendersorissa.gov.in**

| Sl. No. | Bid reference No. | Bid Identification No. | Name of the work | Package No. | Estimated Cost (In Lakhs.) | Period of Completion | Date & Time for availability of the bid documents in the portal | Last Date & Time for receipt of bids in the portal | Submission of hard copies of uploaded documents | Date & Time for opening of Technical bid | Name & address of the officer inviting Bid |
|---|---|---|---|---|---|---|---|---|---|---|---|
| 1. | EO/ BPHM/04 /2019-20 | 2019_ ORULB_ 56756 | Reclamation of water bodies at Belpahar Municipality i.e. Gumadera Suru kanta, Muchhbahal Kanta. | II | 284.61 | 12 Calendar Months. | From dt. 17.10.2019 at 10.00 A.M. to dt. 02.11.2019 upto 5.00 P.M. | Dt. 02.11.2019 up to 5.00 P.M. | From dt.04.11.2019 at 10.00 A.M. to dt.05.11.2019 upto 5.00 P.M. | 11.00 A.M. and onwards on dt. 06.11.2019 | Executive Officer, Belpahar Municipality |
| 2. | EO/ BPHM/05 /2019-20 | 2019_ ORULB_ 56757 | Reclamation of water bodies at Belpahar Municipality i.e. Gountia Kanta. | VI | 338.76 | 12 Calendar Months. | | | | | |

Further the details can be seen from the procurement portal : **www.tendersorissa.gov.in.** If any addendum / corrigendum / cancellation of tender shall be publish in the above website only.

**Sd./- Executive Officer,**
**Belpahar Municipality**

# ମଲ୍ଲିକା, ଚାଲ ଯିବା ଚିଲିକା



ସବ୍ୟସାଚୀ-ଏଲିନା

'ଯେବେଠାରୁ ଜାନୁ ତୋତେ ଲ..ଲ..ଲଭ୍ କଲିଣି, ଗଡ୍ ପ୍ରମିଜ ତୋ ପାଇଁକି ପ..ପ..ପାଗଳା ହେଲିଣି, ଜାଗା ଖୋଜୁଛି ମୁଁ ହାଏ ଡେଲି ଡେଲି ତୋତେ ଡେଟିଂ ପାଇଁ ଟିକେ ନେବି ବୋଲି, ପୁଚି ପୁଚି ମୁଚି ଲୁଚି ଲୁଚିକା(କୋଉଠି ନବୁ ଏ ଧନ କୁଆଡେ ନବୁ), ମଲ୍ଲିକା ଏ ମଲ୍ଲିକା ଚାଲ ଯିବା ଚିଲିକା।' ଏପରି ଏକ ଗୀତ ଏବେ ବେଶ୍ ଭାଇରାଲ ହୋଇଛି। କଥା କ'ଣ କି କିଛି ବର୍ଷ ପୂର୍ବେ 'ଦିସ୍ ଇଜ ମାୟାରେ ବାୟା' ଗୀତ ପାଇଁ ଚର୍ଚ୍ଚିତ ଲଭରବୟ ସବ୍ୟସାଚୀ ପୁଣି ଥରେ ବଡ ପରଦାରେ ଦର୍ଶକଙ୍କୁ ଚିଲିକା କିମିଆ ଦେଖାଇବାକୁ ଯାଉଛନ୍ତି। ଦ୍ୱିଭାଷୀ ଚଳଚ୍ଚିତ୍ର (ଓଡ଼ିଆ, ଛତିଶଗଡି) 'ମାଲ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି'ରେ ଏପରି ଗୀତ ସଂଯୋଜିତ ହୋଇଛି। ଡ. ନିର୍ମଳ ନାୟକଙ୍କ ରଚିତ ଏହି ଗୀତଟିକୁ ସ୍ୱରାୟିତ କରିଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଏବଂ ସୋନାଲି ନନ୍ଦ। ସବ୍ୟସାଚୀ-ଏଲିନାଙ୍କୁ ନେଇ ଗୀତଟିକୁ ଦୃଶ୍ୟାୟନ କରାଯାଇଛି। ଏ ସମ୍ପର୍କରେ ସବ୍ୟସାଚୀ କହନ୍ତି, 'ମଲ୍ଲିକା ଗୀତଟି ଏବେ ବେଶ୍ ଭାଇରାଲ ହୋଇଛି। ସୋସିଆଲ ମିଡିଆରେ ଗୀତଟିକୁ ମଧ୍ୟ ପ୍ରଶଂସା ମିଳିଛି। ଏଥିରେ ମୋ ଭୂମିକାଟି ହେଲା ମାଇକେଲ। ସେ ଭଲ ଭାବରେ କଥା କହିପାରେନା। ଯାହା କିଛି କରିବାକୁ ଚାହୁଁଛି ଭାଗ୍ୟ ତାହାର ସାଥ୍ ଦେଉନି। ତେଣୁ ସବୁବେଳେ ସେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଉଛି। ହେଲେ ତା' ଭିତରେ ପ୍ରେମ କରିବସିଛି। ଏଥିରେ ସେ ସଫଳ ହେଉଛି ତ ? ଏ ସବୁର ଉତ୍ତର ରହିଛି ଉକ୍ତ ସିନେମାରେ। ମୋଟ ଉପରେ ଏହାର କାହାଣୀରେ ନୂତନତ୍ୱ ରହିଛି।' ଲେଡି ବାର୍ଡ ଏଣ୍ଟରଟେନ୍‌ମେଣ୍ଟ ସହାୟତା ତଥା ଆମ୍ରା ମ୍ୟୁଜିକ୍ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ଗୀତ ସହ ସଂଳାପ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ସବ୍ୟସାଚୀ-ଏଲିନାଙ୍କ ବ୍ୟତୀତ ଏହି ଫିଲ୍ମରେ ସଲିଲ ମିତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବିଦୁସ୍ମିତା, ଲଭ୍‌ଲି, ପଦ୍ମଶ୍ରୀ ଅଞ୍ଜୁ ଶର୍ମା, ବିଜୁ ବଡ଼ଜେନା, ଅମର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଗାୟିକା ଅସୀମା ପଣ୍ଡା ଏହି ଫିଲ୍ମରୁ ନିଜର ବଡ ପରଦା ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଫିଲ୍ମଟି ଆସନ୍ତା ମାସ ୮ରେ ରିଲିଜ ହେଉଛି। ତେବେ ଏଥର ସବ୍ୟସାଚୀ-ଏଲିନାଙ୍କ 'ମଲ୍ଲିକା' ଗୀତଟି ଦର୍ଶକଙ୍କୁ କେତେ ମତୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।

**ଅପେରା ହାଲଚାଲ**

## ଘାରିଛି ଅଭିନୟ ନିଶା

ସତରେ ଅଭିନୟ ନିଶା କେତେ ଗାଢ଼ ତାହା ଅନୁଭବୀ ହିଁ ଜାଣେ। ମେକ୍‌ଅପ୍ ନେଇ ମଞ୍ଚ ଉପରେ ପୁଣି ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ ଜୀବନ୍ତ ଅଭିନୟ ସହଜ କଥା ନୁହେଁ। ହେଲେ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ନେଇ ଅପେରା ମଇଦାନକୁ ଓହ୍ଲାଇଛନ୍ତି ନବାଗତ ଅଭିନେତା ଆକାଶ ନାୟକ। ଗତବର୍ଷ ସାର୍ଥକ ଗଣନାଟ୍ୟରୁ ତାଙ୍କର ଆରମ୍ଭ ହୁଏ ଜଲିଉଡ୍ କ୍ୟାରିୟର। ଆଉ ଏବର୍ଷ ନବଗଠିତ ତଥା ହାଇବଜେଟ୍ ଅପେରା ପାର୍ଟି 'ସୂର୍ଯ୍ୟମନ୍ଦିର'ରେ ନିଜକୁ ସାମିଲ କରିଛନ୍ତି ସେ। କେବଳ ସେତିକି ନୁହେଁ, ମିଳିଥିବା ଭୂମିକାରେ ସେ ଦର୍ଶକଙ୍କୁ ପ୍ରଭାବିତ କରି ସାଉଁଟି ଚାଲିଛନ୍ତି ସଫଳତା। ବାଲେଶ୍ୱର ଔପଦା ଅନ୍ତର୍ଗତ ସତ୍ୟପୁର ଗ୍ରାମରେ ଆକାଶଙ୍କ ଜନ୍ମ। ବିଜ୍‌ନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ବମ୍ବେରେ ସେ ଚାକିରି କରନ୍ତି। ତା'ସହ କ୍ରାଇମ ପାଟ୍ରୋଲ ସିରିଏଲ୍‌ରେ କେତୋଟି ଏପିସୋଡ୍‌ରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳେ। ତା'ପରେ ସେ ଫେରିଆସନ୍ତି ଜନ୍ମସ୍ଥାନ ଓଡ଼ିଶାକୁ। ଓଡ଼ିଆ ଧାରାବାହିକ 'ତୋ ପାଇଁ ମୁଁ, ଆମ ଘର ଲକ୍ଷ୍ମୀ ଏବଂ ହରର ଜୋନ୍'ରେ ଅଭିନୟ କରିବା ପରେ ତାଙ୍କୁ ସୁଯୋଗ ମିଳେ ଅପେରା ଜଗତରେ। ଚଳିତ ଯାତ୍ରା ସିଜନରେ ଅପେରା ସୂର୍ଯ୍ୟମନ୍ଦିର ପରିବେଷିତ ନାଟକ 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର'ରେ ଦୃଷ୍ଟିହୀନ ସାନ ଭାଇ ବିଜୁ, 'ପୁଅ ଯିବ ଶାଶୁ ଘର'ରେ ହୁଣ୍ଡା ଭାଇ ଦୀପୁ ଏବଂ 'ପ୍ରେମିକର ନାଁ ଚନ୍ଦ୍ରାଭାଗା'ରେ ଧର୍ମପଦ ଚରିତ୍ରରେ ତାଙ୍କୁ ଦେଖିବାକୁ ମିଳିଛି। 'ଅପେରା ଜଗତରେ ପ୍ରବେଶ କରିବାକୁ ମୋର ସ୍ୱପ୍ନ ଥିଲା। ଏହି ରାସ୍ତା ବେଶ୍ ଜଟିଳ ବୋଲି ଅନେକ କହିଥିଲେ। ହେଲେ ନିଜ ଉପରେ ଶତ ପ୍ରତିଶତ ବିଶ୍ୱାସ ରଖି ମୁଁ ଆସିଛି। ଅପେରା ସୂର୍ଯ୍ୟମନ୍ଦିରର ପରିଚାଳକ ବଙ୍କିମ ସ୍ୱାଇଁ ମୋତେ ଯେଉଁ ସୁଯୋଗ ଦେଇଛନ୍ତି ସେଥିପାଇଁ ତାଙ୍କ ନିକଟରେ ମୁଁ ଚିରଋଣୀ ଏବଂ ତାଙ୍କୁ ପ୍ରଶଂସା କରିବାକୁ ମୋ ନିକଟରେ ଭାଷା ନାହିଁ। ଭୂମିକାଟି ଯେପରି ହେଉଥାଉ ନା କାହିଁକି ତାକୁ ମୁଁ ସବୁବେଳେ ବେଶ୍ ଗୁରୁତ୍ୱର ସହ ନେଇଥାଏ ବୋଲି କହନ୍ତି ଆକାଶ।



ଆକାଶ

## ନଟି ବରୁଣ

ବଲିଉଡ୍‌ର ୟଙ୍ଗ ସେନସେଶନ ବରୁଣ ଧାୱନ। ଆଗଧାଡିର ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ପୁଅ ହେଲେ ମଧ୍ୟ ଅଭିନେତା ଭାବରେ ସେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପସନ୍ଦ କରନ୍ତି। ପିଲାଦିନେ ସେ ଭାରି ଦୁଷ୍ଟ ଥିଲେ। ସ୍କୁଲରେ ପଢ଼ିବା ସମୟରେ ସାଙ୍ଗ ପିଲମାନଙ୍କୁ ଚିଡାଇବା ତାଙ୍କର ଏକ ଅଭ୍ୟାସ ଥିଲା। ପିଲାଦିନେ ପାଠପଢ଼ା ପ୍ରତି ଆଗ୍ରହ ରଖିବା ପାଇଁ ତାଙ୍କର ବାପା-ମା'ଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଇଂଲଣ୍ଡର ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରୁ ସେ ବିଜ୍‌ନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଛନ୍ତି। ସେଠାରେ ଏକ୍ସ୍ଟ୍ରା ପକେଟମନି ପାଇଁ ସେ ଲିଫଲେଟ ଡିଷ୍ଟ୍ରିବ୍ୟୁଟର ଭାବରେ କିଛିଦିନ କାମ କରିଥିଲେ। ବଲିଉଡ୍‌ରେ ବରୁଣ ଜଣେ ସହନିର୍ଦ୍ଦେଶକ ଭାବରେ ଏଣ୍ଟ୍ରି କରିଥିଲେ। କରନ ଜୋହରଙ୍କ 'ମାଇଁ ନେମ୍ ଇଜ୍ ଖାନ୍'ରେ ସେ ଏପରି ଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ନିଜ ଉପରେ ବିଶ୍ୱାସ ରଖି ସେ 'ଷ୍ଟୁଡେଣ୍ଟ ଅଫ ଦ ଇୟର' ପାଇଁ ଅଡିଶନ ଦେଇଥିଲେ ଏବଂ ସେଥିରେ ସେ ଉତ୍ତୀର୍ଣ୍ଣ ହୋଇ ହିନ୍ଦୀ ସିନେମାରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ପିଲାଦିନେ ତାଙ୍କର ସବୁଠାରୁ ପସନ୍ଦ ଅଭିନେତା ଥିଲେ ଗୋବିନ୍ଦା। ତାଙ୍କ ଅଭିନୀତ ପ୍ରାୟ ସମସ୍ତ ଫିଲ୍ମ ସେ ଦେଖିଛନ୍ତି। ବର୍ତ୍ତମାନ ବରୁଣଙ୍କ ଅଭିନୀତ 'ଷ୍ଟ୍ରିଟ୍ ଡ୍ୟାନ୍ସର' ଏବଂ 'କୁଲି ନଂ ୱାନ' ରିଲିଜ୍ ଅପେକ୍ଷାରେ ରହିଛି।



ବରୁଣ

## ମାତ୍ର ୫୧ ଟଙ୍କା

ବଲିଉଡ୍‌ର ହି-ମ୍ୟାନ୍ ଭାବରେ କିଏ ପରିଚିତ ତାହା କହିବା ବାହୁଲ୍ୟ। ସେ ହେଲେ ଧର୍ମେନ୍ଦ୍ର। ତାଙ୍କର 'କୁତେ କମିନେ' ଡାଏଲଗ୍ ଏବେ ମଧ୍ୟ ସିନେପ୍ରେମୀଙ୍କ ମଧ୍ୟରେ ସତେଜ ହୋଇ ରହିଛି। ଧର୍ମେନ୍ଦ୍ରଙ୍କ ଅଭିନୟ କେତେ ଜୀବନ୍ତ ତାହା ତାଙ୍କ ଅଭିନୀତ ଚଳଚ୍ଚିତ୍ରରୁ ସ୍ପଷ୍ଟ ଜଣାପଡିଯାଏ। ବଲିଉଡ୍‌ରେ ସେ ଏଣ୍ଟ୍ରି କରିଥିଲେ ୧୯୬୦ରେ ଆଉ ଫିଲ୍ମଟି ଥିଲା 'ଦିଲ୍ ଭି ତେରା, ହମ୍ ଭି ତେରି'। ଏହି ଫିଲ୍ମରେ ତାଙ୍କୁ ପାରିଶ୍ରମିକ ଭାବରେ କେତେ ମିଳିଥିଲା ଜାଣନ୍ତି ? ମାତ୍ର ୫୧ ଟଙ୍କା। ହେଲେ ତାହାକୁ ସେ ଗୁରୁତ୍ୱ ନ ଦେଇ ଅଭିନୟକୁ ଅଗ୍ରାଧିକାର ଦେଇଥିଲେ। ଫଳସ୍ୱରୂପ ହିନ୍ଦୀ ସିନେମାରେ ସେ ନିଜକୁ ଜଣେ ଆଗଧାଡିର ଅଭିନେତା ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ। ଯୁବାବସ୍ଥାରେ ସେ ସିନେମା ଦେଖିବାକୁ ଭାରି ଭଲ ପାଉଥିଲେ। ତାଙ୍କର ସବୁଠାରୁ ପ୍ରିୟ ଅଭିନେତ୍ରୀ ଥିଲେ ସୁରେୟା। ସୁରେୟାଙ୍କ ଅଭିନୀତ 'ଦିଲ୍‌ଲଗି' ସିନେମାକୁ ସେ ୪୦ ଥର ଦେଖିଥିଲେ। ସେତେବେଳେ ସେ ମାଇଲ ମାଇଲ ବାଟ ଚାଲି ଚାଲି ସିନେମା ଦେଖିବାକୁ ଯାଉଥିଲେ।



ଧର୍ମେନ୍ଦ୍ର

## ଜାହ୍ନବୀଙ୍କ ଖୁସି

ଜାହ୍ନବୀ କପୁର ଏବେ ଖୁସିରେ ଉଚ୍ଛୁଳୁଛନ୍ତି। ଦିନ ଯେତିକି ପାଖେଇ ଆସୁଛି ତାଙ୍କର ଉତ୍କଣ୍ଠା ସେତିକି ବଢ଼ି ବଢ଼ି ଚାଲିଛି। ହେଲେ କ'ଣ ପାଇଁ ଜାଣନ୍ତି ? କାରଣ ସେ ଅଭିନୟ କରିବାକୁ ଯାଉଥିବା ହିନ୍ଦୀ ସିନେମା 'ଦୋସ୍ତାନା-୨'ର ଶୁଟିଂ ଆସନ୍ତା ମାସ ଅର୍ଥାତ୍ ନଭେମ୍ବର ପ୍ରଥମ ସପ୍ତାହରେ ଆରମ୍ଭ ହେବାକୁ ଯାଉଛି। ତେଣୁ ଏ ନେଇ ସେ ପ୍ରାରମ୍ଭିକ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏ ନେଇ ଜାହ୍ନବୀ କହନ୍ତି, 'ଏହି ଫିଲ୍ମରେ ମୋତେ ସ୍ପୋର୍ଟ୍ସ ଲୁକ୍‌ରେ ଦର୍ଶକ ଦେଖିବାକୁ ପାଇବେ। ତେଣୁ ସେଥିପାଇଁ ପ୍ରସ୍ତୁତ ହେବାକୁ ପଡୁଛି। ଏଥିରେ ମୋ ସହ ଅଭିନୟ କରୁଥିବା କାର୍ତ୍ତିକ ଆର୍ଯ୍ୟନ ଜଣେ ଭଲ ଅଭିନେତା। ତାଙ୍କ ସହ ମୋ ଯୋଡିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ ବୋଲି ମୋର ଆଶା ରହିଛି। 'ଦୋସ୍ତାନା-୨'ର ଶୁଟିଂ ନଭେମ୍ବର ପ୍ରଥମ ସପ୍ତାହରେ ଚଣ୍ଡିଗଡ, ପଟିଆଲା ଏବଂ ଉତ୍ତର ଭାରତର କେତେକ ସ୍ଥାନରେ ହେବ। ଭାରତରେ ୨୨-ଦିନିଆ ଶୁଟିଂ ସିଡ୍ୟୁଲ ପରେ ବିଦେଶର କେତେକ ସ୍ଥାନରେ ଏହାର ଶୁଟିଂ ହେବାର କାର୍ଯ୍ୟକ୍ରମ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି କୋଲିନ୍ ଡି'କୁଞ୍ଜ। 'ଭାଗ୍ ମିଲଖା ଭାଗ୍', 'ତଲାସ' ଏବଂ 'ଏନଏଚ-୧୦'ରେ ସହ ନିର୍ଦ୍ଦେଶକ ଭାବରେ କାମ କରିଥିବା କୋଲିନ୍ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ସିଟ୍‌ରେ ବସିବେ।



ଜାହ୍ନବୀ

**ନୂ ଆ ସି ନେ ମା**

## ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍

ଜଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। ହେଲେ କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। ହେଲେ ଲଭ୍ ଚକ୍କରରେ ପଡିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍'। ତେବେ ଏଭଳି ପ୍ରେମ କାହାଣୀରେ ଅଟୋଗ୍ରାଫ୍‌ର ଭୂମିକା କ'ଣ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ। ଦୀପକ-ସ୍ୱାତୀ ଯୋଡି ବ୍ୟତୀତ ପିଣ୍ଟୁ ନନ୍ଦ, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ଅଶୋକ ଦାସ, ଗୁଣ୍ଡୁ, ଶକ୍ତି ବରାଳ ପ୍ରମୁଖ କଳାକାର। ଫିଲ୍ମର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ କେବଳ ଗୀତଗୁଡିକର ଶୁଟିଂ ବାକି ଅଛି ବୋଲି ସୂଚନା ଦେଇଛନ୍ତି ଦୀପକ।



ଦୀପକ-ସ୍ୱାତୀ

| Dollar | Sensex | Nifty | Gold | Silver |
|---|---|---|---|---|
| 71.43 (11) | 38,598.99 (92) | 11,464.00 (35.70) | 39,030.00 (`120) | 46,809.00 (`489) |



ପ୍ରତି ବ୍ୟାଙ୍କରେ ଅନୁପାଳନ ଏବଂ ରିସ୍କ ପରିଚାଳନା ଲାଗି ଏକ ସ୍ୱତନ୍ତ୍ର କ୍ୟାଡର ଆସିବାର ଆବଶ୍ୟକତା ରହିଛି।

–ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ, ଏସ୍‌ବିଆଇ



ନୂଆ ଜିଏଲ୍‌ଇ୫୦ଡ଼ି ମଡେଲ ସହ ୧୫ ସ୍ପେଶିଆଲିଟି ଏବଂ ଏଏମ୍‌ଜି କାର୍ ଗ୍ରାହକଙ୍କ ଲାଗି ଉପଲବ୍ଧ କରାଇଛୁ।

– ମାର୍ଟିନ ସ୍ୱେଙ୍କ, ମର୍ସିଡିଜ ଇଣ୍ଡିଆ ଏମ୍‌ଡି

## ସଂକ୍ଷେପରେ

### ମନମୋହନଙ୍କ ସମୟରେ ବ୍ୟାଙ୍କ ସ୍ଥିତି ଅତ୍ୟନ୍ତ ବିଗିଡ଼ିଛି: ସୀତାରାମନ



ନୂଆଦିଲ୍ଲୀ,୧୬-୧୦
ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ସମୟରେ ଦେଶର ବ୍ୟାଙ୍କଗୁଡିକର ସ୍ଥିତି ଅତ୍ୟନ୍ତ ବିଗିଡିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର କହିଛନ୍ତି। କଲମ୍ବିଆ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ସ୍ଥିତିରେ ଉନ୍ନତି ଆଣିବା ସରକାରଙ୍କ ପ୍ରମୁଖ କାର୍ଯ୍ୟ ହେବ। ରଘୁରାମ ରାଜନଙ୍କୁ ଜଣେ ସ୍କଲାର ଭାବେ ସେ ସମ୍ମାନ କରନ୍ତି। ମାତ୍ର ରାଜନ ଗଭର୍ନର ଥିବା ବେଳେ ରାଜନେତାଙ୍କ ଫୋନ କଲ୍‌ରେ ଋଣ ମଞ୍ଜୁର ହେଉଥିଲା ଯାହାର ଫଳ ଆଜି ବ୍ୟାଙ୍କଗୁଡିକ ଭୋଗୁଥିବା ସୀତାରାମନ କହିଛନ୍ତି।

### ରେଲୱେ ଚଳାଇବ ବୁଦ୍ଧିଷ୍ଟ ସର୍କିଟ ଟ୍ରେନ

ନୂଆଦିଲ୍ଲୀ,୧୬-୧୦
ଆସନ୍ତା ଶନିବାରଠାରୁ ଚଳିତ ମାସ ୨୭ ଯାଏ ରେଲୱେ ପକ୍ଷରୁ ବୁଦ୍ଧିଷ୍ଟ ସର୍କିଟ ରେଳ ଚଳାଚଳ କରାଇବା ଲାଗି ନିଷ୍ପତ୍ତି ହୋଇଛି। ଗୌତମ ବୁଦ୍ଧଙ୍କ ସହିତ ସମ୍ପର୍କିତ ଭାରତ ଏବଂ ନେପାଳରେ ଥିବା ବିଭିନ୍ନ ସ୍ଥାନଗୁଡିକ ଏହି ଟ୍ରେନ ଚାଲିବ। ଲୁମ୍ବିନି, ବୁଧଗୟା, ସାରନାଥ, କୁଶିନଗର ଭଳି ସ୍ଥାନ ଏହା ମଧ୍ୟରେ ରହିଥିବା ଆଇଆର୍‌ସିଟିସି ପକ୍ଷରୁ କୁହାଯାଇଛି। ଦମ୍ପତିଙ୍କ ଲାଗି ପ୍ୟାକେଜ ବାବଦକୁ ୧.୨୩ ଲକ୍ଷ ଟଙ୍କା ରହିଛି। ଏହା ମଧ୍ୟରେ ନେପାଳକୁ ଏସି ଡିଲକ୍ସ କୋଚ ବସ୍ ଯୋଗେ ଯିବାର ବ୍ୟବସ୍ଥା ସହ ବିଭିନ୍ନ ସ୍ଥାନରେ ରହିବା, ଖାଦ୍ୟ ପାନୀୟ, ଟୁର ମ୍ୟାନେଜର ସେବା, ଗାଇଡ, ଏଣ୍ଟ୍ରାନ୍ସ ଫିସ ଏବଂ ଟ୍ରାଭେଲ ବୀମା ରହିଥିବା ରେଲୱେ ପକ୍ଷରୁ ସୂଚନା ରହିଛି।

### ଭାରତର ଅର୍ଥନୈତିକ ଢାଞ୍ଚା ସୁଦୃଢ଼: ସିଇଏ

ନୂଆଦିଲ୍ଲୀ,୧୬-୧୦
ଦେଶର ଅର୍ଥ ବ୍ୟବସ୍ଥାର ମୌଳିକ ଢାଞ୍ଚା ବହୁତ ସୁଦୃଢ଼। ଶିଳ୍ପ ଜଗତ ଏ ନେଇ ବେଶି ଚିନ୍ତିତ ନ ହୋଇ ନିବେଶ ଦିଗରେ ମନୋନିବେଶ କରିବା ଉପରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି. ସୁବ୍ରମଣ୍ୟନ ବୁଧବାର କହିଛନ୍ତି। ବଡବଡ କର୍ପୋରେଟଗୁଡିକ ଏମ୍‌ଏସ୍‌ଏମ୍‌ଇଗୁଡିକର ପ୍ରାୟ ୪୦ ହଜାର କୋଟି ଟଙ୍କାର ବକେୟା ରଖିଛନ୍ତି। ଏଦିଗରେ ବୃହତ୍ତ କର୍ପୋରେଟ ଏମ୍‌ଏସ୍‌ଏମ୍‌ଇଙ୍କ ବକେୟାକୁ ଶୀଘ୍ର ପୈଠ କରିବା ଦିଗରେ ଯତ୍ନବାନ ହେବାକୁ ସୁବ୍ରମଣ୍ୟନ ଆହ୍ୱାନ ଜଣାଇଛନ୍ତି। ଏହା ହେଲେ କ୍ଷୁଦ୍ର ସଂସ୍ଥାଗୁଡିକ ପରିଚାଳନାରେ ଆହୁରି ଉନ୍ନତି କରିପାରିବେ। କ୍ଷୁଦ୍ର ସଂସ୍ଥାଗୁଡିକୁ ନଗଦ ଯୋଗାଣ କ୍ଷେତ୍ରରେ ବଡ ସଂସ୍ଥା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ଫିକି ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସୁବ୍ରମଣ୍ୟନ ମତ ରଖିଛନ୍ତି।

### ମହାଲେଖା ନିୟନ୍ତ୍ରକ ଭାବେ ଦାୟିତ୍ୱ ନେଲେ ଜେପିଏସ୍ ଚାୱଲା

ନୂଆଦିଲ୍ଲୀ,୧୬-୧୦
ଅର୍ଥମନ୍ତ୍ରଣାଳୟ ବ୍ୟୟ ବିଭାଗର ନୂତନ ମହାଲେଖା ନିୟନ୍ତ୍ରକ ଭାବେ ଜେପିଏସ୍ ଚାୱଲା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ୧୯୮୫ ବ୍ୟାଚ୍ ଭାରତୀୟ ସିଭିଲ ଲେଖା ସେବା ଅଧିକାରୀ। ଚଳିତ ବର୍ଷ ସେପ୍ଟେମ୍ବର ୧ରୁ ସେ ସିଜିଏ ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେ ଦିଲ୍ଲୀ କଲେଜ ଅଫ ଇଞ୍ଜିନିୟରିଂରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ କରିଥିଲେ। ସିଭିଲ ସେବାକୁ ଆସିବା ପୂର୍ବରୁ ସେ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡରେ କାର୍ଯ୍ୟ କରିଛନ୍ତି। ୩୪ ବର୍ଷର କ୍ୟାରିୟରରେ ସେ ପ୍ରସାର ଭାରତୀ, ସହର ବିକାଶ, ନାଗରିକ ଉଡ୍ଡୟନ, ପର୍ଯ୍ୟଟନ ଏବଂ କୃଷି ଭଳି ଅନେକ ମନ୍ତ୍ରଣାଳୟ ଓ ବିଭାଗରେ କାର୍ଯ୍ୟ କରିଛନ୍ତି। ଏହାବାଦ ଦିଲ୍ଲୀ ବିକାଶ ପ୍ରାଧିକରଣ, ଇନ୍ଦ୍ରପ୍ରସ୍ଥ ପାୱାର ଜେନେରେଶନ କମ୍ପାନୀ ଲିମିଟେଡ ଓ ପ୍ରଗତି ପାୱାର ଲିମିଟେଡରେ କାର୍ଯ୍ୟ କରିଛନ୍ତି।

# ଗରିବୀ ହ୍ରାସ ଲାଗି ଭାରତକୁ ବିଶ୍ୱବ୍ୟାଙ୍କର ପ୍ରଶଂସା

ନୂଆଦିଲ୍ଲୀ,୧୬-୧୦



- ୧୯୯୦ ପରଠାରୁ ଗରିବୀ ସ୍ଥିତିରେ ସୁଧାର
- ଅଧିକାଂଶ ମାନବ ବିକାଶ ସୂଚକାଙ୍କରେ ବିକାଶ
- ଦଶନ୍ଧି ସୁଦ୍ଧା ଅତିଗରିବୀକୁ ଦୂରୀକରଣରେ ସକ୍ଷମ ହେବ ଭାରତ
- ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ

୧୯୯୦ ପରେ ଗରିବୀସ୍ଥିତିରେ ଉନ୍ନତି ଆଣିବା ଲାଗି ଭାରତ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଏ କ୍ଷେତ୍ରରେ ଅନେକ ସୁଧାର ଆସିବା ସହ ଗରିବୀ ହାର ଅଧାକୁ ହ୍ରାସ ଘଟିଥିବା ବିଶ୍ୱବ୍ୟାଙ୍କ ବୁଧବାର ଭାରତକୁ ପ୍ରଶଂସା କରି ଏହା କହିଛି। ଭାରତ ଗତ ୧୫ ବର୍ଷରେ ୭%ରୁ ଅଧିକ ହାରରେ ଜିଡିପି ଅଭିବୃଦ୍ଧି ହାସଲ କରିଛି। ଗରିବୀ ଦୂରୀକରଣ କାର୍ଯ୍ୟକ୍ରମ ସହ ପରିବେଶର ସନ୍ତୁଳନ ଦିଗରେ ବିଶ୍ୱସ୍ତରକୁ ଏହା ଯୋଗଦାନ ରଖିଛି। ଏହି ସମୟ ମଧ୍ୟରେ ଭାରତ ଅଧିକାଂଶ ମାନବ ବିକାଶ ସୂଚକାଙ୍କରେ ପ୍ରଗତି ହାସଲ କରିଛି। ଆଗାମୀ ଦିନରେ ଭାରତ ଏହାର ଅଭିବୃଦ୍ଧି ଧାରାକୁ ବଜାୟ ରଖିବା ସହ ଏକ ଦଶନ୍ଧୀ ମଧ୍ୟରେ ଅତିଗରିବୀକୁ ହ୍ରାସ କରିବାକୁ ସକ୍ଷମ ହେବ ବୋଲି ବିଶ୍ୱବ୍ୟାଙ୍କ ଆଶାବାଦୀ ଥିବା କହିଛି।

ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଭାରତର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହିଛି। ଭାରତ ଏହାର ପରଫରମାନ୍ସ ଉନ୍ନତ କରିବା ସହ ଦେଶ ମଧ୍ୟରେ ରହିଥିବା ସୁଯୋଗୁ ଭରପୂର ଉପଯୋଗ କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ସହରୀ କ୍ଷେତ୍ର ଅର୍ଥ ବ୍ୟବସ୍ଥାକୁ ବିଚାରକୁ ନେବା ସହ ଗ୍ରାମାଞ୍ଚଳରେ କୃଷି ଉତ୍ପାଦନ ବୃଦ୍ଧି କରି ଜମିର ଉନ୍ନତ ବ୍ୟବହାର କରିବା ଉପରେ ବିଶ୍ୱବ୍ୟାଙ୍କଗୁରୁତ୍ୱାରୋପ କରିଛି। ଏହାବାଦ ଜଳର ଉନ୍ନତ ବ୍ୟବହାରକୁ ଗୁରୁତ୍ୱ ଦେବା ସହ ଏ ଦିଗରେ ନୀତି ଆଣିବାକୁ ଏହା ପ୍ରକାଶ କରିଛି। ଏହାବାଦ ୨୩ କୋଟି ଲୋକ ବିଜୁଳି ଗ୍ରୀଡ ସହ ଏବେବି ଭଲ ଭାବେ ଯୋଡି ହୋଇ ନ ଥିବାରୁ ଏଦିଗରେ ଅଧିକ କାର୍ଯ୍ୟ କରିବା ସହ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ କମ୍ କରିବା ଉପରେ ପ୍ରାଥମିକତା ଦିଆଯାଇଛି। ୨୦୨୦ ସୁଦ୍ଧା ୮.୮% ଜିଡିପି ଅଭିବୃଦ୍ଧି ହାସଲ ଲାଗି ୩୪୩ ବିଲିୟନ ଡଲାର ନିବେଶର ଆବଶ୍ୟକତା ରହିଛି। ଘରୋଇ ବଜାରରେ ନିଯୁକ୍ତି ସୃଷ୍ଟି ଉପରେ ଏହା ପରାମର୍ଶ ଦେଇଛି। ଦେଶରେ ପ୍ରତିବର୍ଷ ୧.୦୩ କୋଟି ରୋଜଗାରକ୍ଷମ ବୟସର ହେଉଥିବା ବେଳେ ମାତ୍ର ୩୦ ଲକ୍ଷ ପର୍ଯ୍ୟନ୍ତ ରୋଜଗାର ସୃଷ୍ଟି କରାଯାଇ ପାରୁଛି। ମହିଳା କର୍ମଚାରୀଙ୍କ ସଂଖ୍ୟା କମୁଥିବାରୁ ଏହା ଏକ ଚ୍ୟାଲେଞ୍ଜ ବୋଲି ବିଶ୍ୱ ବ୍ୟାଙ୍କ ପ୍ରକାଶ କରିଛି। ଭାରତର ମୋଟ ଶ୍ରମଶକ୍ତିକୁ ମହିଳାଙ୍କ ଯୋଗଦାନ ପ୍ରାୟ ୨୭% ରହିଛି ଯାହା ବିଶ୍ୱସ୍ତର ତୁଳନାରେ କମ୍।

### ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣକୁ ଧ୍ୟାନ ଦେବା ଜରୁରୀ

ଭାରତ ଏହାର ବିତ୍ତୀୟ ଧାରା ଉପରେ ସତର୍କତା ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣକୁ ଭାରତ ଧ୍ୟାନ ଦେବା ଜରୁରୀ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି( ଆଇଏମ୍‌ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପିନାଥ କହିଛନ୍ତି। ଉନ୍ନତ ରାଜସ୍ୱ ସଂଗ୍ରହ ହେବା ନେଇ ଆଶା ରହିଥିଲେ ମଧ୍ୟ ଦେଶର ଅଭିବୃଦ୍ଧି ଉପରେ ଅନେକ ପ୍ରଭାବ ରହିଛି। ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ, ଏମ୍‌ଏସ୍‌ଏମ୍‌ଇ ଏବଂ ଲୋକମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ବିଭିନ୍ନ ଅସୁବିଧା ରହିଛି। ଭାରତ ସରକାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯିବ କରିବା ଲାଗି ପଦକ୍ଷେପ ନେଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଗୋପିନାଥ କହିଛନ୍ତି। ବାଣିଜ୍ୟିକ ବ୍ୟାଙ୍କଗୁଡିକର ବାଲାନ୍ସ ସିଟ୍ ଠିକ୍ କରିବା ସହ ଅନ୍ୟ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ରେନୋର ନୂଆ କ୍ୱିଡ୍ ବଜାରରେ



ଭୁବନେଶ୍ୱର,୧୬-୧୦(ବ୍ୟୁରୋ)

ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ରେନୋ ଇଣ୍ଡିଆ ପକ୍ଷରୁ ନୂଆ କ୍ୱିଡ୍ ଓଡିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ନୟାପଲ୍ଲୀସ୍ଥିତ ରେନୋ ଭୁବନେଶ୍ୱର ଶୋ'ରୁମରେ ଏହି ମଡେଲଟିକୁ ଶୁଭାରମ୍ଭ କରାଯାଇଛି। ଗର୍ଗସନ ଅଟୋମୋବାଇଲ ପକ୍ଷରୁ ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ, ଏମ୍‌ଡି ସତୀଶ ଗର୍ଗ, ଉପସଭାପତି ରଞ୍ଜନ ମହାପାତ୍ର ଏବଂ ସେଲ୍‌ସ ଡିଜିଏମ୍ ଅମୂଲ୍ୟ ରତ୍ନ ଦାସ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଛନ୍ତି। କମ୍ପାନୀ ଏହି ଯାନଟିକୁ ଅଧିକ ଷ୍ଟାଇଲିସ୍ ଏବଂ ସମ୍ପୂର୍ଣ୍ଣ ଲୋଡେଡ କରି ପ୍ରସ୍ତୁତ କରିଛି। ଯାନଟିର ଏକ୍ସଶୋ'ରୁମ ଦିଲ୍ଲୀ ଆରମ୍ଭ ମୂଲ୍ୟ ୨.୮୩ ଲକ୍ଷ ଟଙ୍କା ରହିଛି। ୨୦୧୫ରେ କ୍ୱିଡ ପ୍ରଥମେ ଭାରତ ବଜାରରେ ପ୍ରବେଶ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହାର ୩ ଲକ୍ଷରୁ ଊର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

ନୂଆ କ୍ୱିଡ ପରିବର୍ତ୍ତିତ ସ୍ପୋର୍ଟ, ପେପି ଫିଚର ସହ ଆସିଛି। ଏହା ୨ ସ୍ମାର୍ଟ କଣ୍ଟ୍ରୋଲ ଏଫିସିଏନ୍ସି ଯଥା–୦.୮ ଲିଟର ଏବଂ ୧ .୦ ଲିଟର କ୍ଷମତା ବିଶିଷ୍ଟ। ଉଭୟ ପାୱାରଟ୍ରେନରେ ୫ ସ୍ପିଡ୍ ମାନୁଆଲ ଗିୟରବକ୍ସ ରହିଛି। ଏହାର ୧ ଲିଟର ବିଶିଷ୍ଟ ଭାରିଆଣ୍ଟରେ ୧ ଲିଟର ବିଶିଷ୍ଟ ୫ ସ୍ପିଡ ଏଏମ୍‌ଟି ସ୍ଥାନିତ କରାଯାଇଛି। ଯାନଟି ବିଭିନ୍ନ ଭାରିଆଣ୍ଟ ମୂଲ୍ୟ ପ୍ରାୟ ୪.୮୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିରେ ଦିଆଯାଇଥିବା କ୍ରୋମ ଇଣ୍ଟେରିୟର ଆସେଣ୍ଟ ଏହାକୁ ପ୍ରିମିୟମ ଫିଲ୍ ପ୍ରଦାନ କରିବ। ଡିଜିଟାଲ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଏଲଇଡି ଇଲୁମିନେଶନ, ୮ ଇଞ୍ଚ ମିଡିଆନାଭ ଇଭୋଲ୍ୟୁଶନ ଟଚ୍ ସ୍କ୍ରିନ ଇନଫୋଟେନ୍‌ମେଣ୍ଟ ସିଷ୍ଟମ, ଆଣ୍ଡ୍ରଏଡ ଅଟୋ ଏବଂ ଆପଲ କାର ପ୍ଲେ ଏବଂ ରିଭର୍ସ ପାର୍କିଂ କ୍ୟାମେରା ରହିଛି। ଏୟାରବ୍ୟାଗ, ଏବିଏସ୍,ଇବିଡି ଭଳି ନିରାପତ୍ତା ଫିଚର, ୬ ରଙ୍ଗ ବିକଳ୍ପ ସହ ଏହା ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଆର୍‌ସି ପ୍ଲାଷ୍ଟୋ ପକ୍ଷରୁ ଡିଲରମିଟ୍

ଭୁବନେଶ୍ୱର,୧୬-୧୦




ପ୍ଲାଷ୍ଟିକ ପାଣି ଟାଙ୍କି ନିର୍ମାଣ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଆର୍‌ସି ପ୍ଲାଷ୍ଟୋ ଟ୍ୟାଙ୍କ୍‌ସ ଆଣ୍ଡ ପାଇପ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଡିଲରମିଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ଡିଲର ଏବଂ ବିତରକମାନେ ଯୋଗ ଦେଇଥିଲେ। କମ୍ପାନୀର ନୂଆ ପ୍ରଡକ୍ଟ, ଅଭିବୃଦ୍ଧି ଯୋଜନା, ମାର୍କେଟିଂ କ୍ୟାମ୍ପେନ୍ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା। କମ୍ପାନୀର ନିର୍ଦ୍ଦେଶକ ବିକାଶ ଅଗ୍ରୱାଲ ଏବଂ ନୀଲେଶ ଅଗ୍ରୱାଲ ଏଠାରେ ଯୋଗ ଦେଇଥିଲେ। ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ପ୍ଲାଷ୍ଟୋ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ବିଶାଖ ଅଗ୍ରୱାଲ ସୂଚନା ଦେଇଥିଲେ। କମ୍ପାନୀର ଅଭିବୃଦ୍ଧି ଦିଗରେ ଡିଲରଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ନୂଆପଡାର ସମୃଦ୍ଧି ଏଣ୍ଟରପ୍ରାଇଜେସ, ଭୁବନେଶ୍ୱରର ବାଲାଜୀ ସେଲ୍‌ସ କର୍ପୋରେଶନ ଏବଂ କଣ୍ଟାବାଞ୍ଜିର ତ୍ରିମୂର୍ତ୍ତି ଏଣ୍ଟରପ୍ରାଇଜେସଙ୍କୁ ବ୍ୟବସାୟରେ ଉଲ୍ଲେଖନୀୟ ଯୋଗଦାନ ଲାଗି ସମ୍ମାନିତ କରାଯାଇଥିଲା। କମ୍ପାନୀ ଷ୍ଟୋରେଜ ଟ୍ୟାଙ୍କ ଏବଂ ପାଇପ ନିର୍ମାଣବାଦ ସିପିଭିସି, ୟୁପିଭିସି, ଫିଟିଙ୍ଗ୍‌ସ, ଏସ୍‌ଡବ୍ଲ୍ୟୁଆର୍, କୃଷି କ୍ଷେତ୍ର ଲାଗି ପାଇପ୍ସ ଏବଂ ଫିଟିଙ୍ଗସ, କଲମ ପାଇପ୍ସ, ଗାର୍ଡେନ ପାଇପ୍ସ, ସିଏମ୍‌ସିଏସ୍ ପାଇପ୍ସ, ଏଚ୍‌ଡିପିଇ ପାଇପ୍ସ ଏବଂ ସ୍ପ୍ରିଙ୍କଲର ପାଇପ୍ସ ଉପଲବ୍ଧ ରହିଛି।

# ଟାଇଟାନ ରାଗାର ନୂଆ କଲେକ୍ସନ



ଭୁବନେଶ୍ୱର,୧୬-୧୦

ଟାଇଟାନ ରାଗାର ନୂଆ ଫେସେଟ୍‌ସ କଲେକ୍ସନ ବଜାରକୁ ଆସିଛି। ଅତ୍ୟାଧୁନିକ ଭାରତୀୟ ମହିଳା ଏବଂ ସେମାନଙ୍କ ବ୍ୟକ୍ତିତ୍ୱକୁ ଧ୍ୟାନରେ ରଖି କମ୍ପାନୀ ଏହି କଲେକ୍ସନ ବଜାରକୁ ଛାଡିଛି। ଏଥିରେ ଅତ୍ୟାଧୁନିକ ଡିଜାଇନ, କାରିଗରି ଗ୍ରାହକ ଲାଭ କରିପାରିବେ। ଏଥିରେ ରହିଛି ୧୨ ନୂଆ ଘଣ୍ଟାର କଲେକ୍ସନ। ଡିଜାଇନଗୁଡିକ ମଧ୍ୟରେ ରହିଛି ସ୍ୱରଭସ୍କି କ୍ରିଷ୍ଟାଲ୍ସ, ମଦର ଅଫ୍ ପର୍ଲ, ରୋଜ ଗୋଲ୍ଡ ପ୍ଲେଟିଂ। ଏହାବାଦ ଡାଏଲ, ଷ୍ଟ୍ରାପ ଏବଂ ବିଭିନ୍ନ ଜ୍ୟାମିତି ଫର୍ମର ଗଢଣ ଗ୍ରାହକ ଲାଭ କରିପାରିବେ। କଲେକ୍ସନଗୁଡ଼ିକ ଗ୍ରାହକ ୱାର୍ଲଡ ଅଫ ଟାଇଟାନ ଷ୍ଟୋର, ହିଲିୟସ, ପ୍ରମୁଖ ଡିପାର୍ଟମେଣ୍ଟାଲ ଷ୍ଟୋର, ଅନଲାଇନ ଷ୍ଟୋର, ଅଧିକୃତ ଡିଲରଶିପରେ ପାଇପାରିବେ। କଲେକ୍ସନଗୁଡିକ ୫୪୯୫ ଟଙ୍କାରୁ ୧୫,୯୯୫ ଟଙ୍କା ରହିଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ନୂଆ କଲେକ୍ସନଗୁଡିକ ବଜାରକୁ ଆସିଥିବା ଟାଇଟାନ ୱାଚେସର ମାର୍କେଟିଂ ମୁଖ୍ୟ କନୱାଲପ୍ରିତ ୱାଲିଆ କହିଛନ୍ତି।

# ରଣବୀର ସିଂ ମାନ୍ୟବରର ନୂଆ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୧୬-୧୦



ମାନ୍ୟବର ପକ୍ଷରୁ ବଲିଉଡ ଅଭିନେତା ରଣବୀର ସିଂଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଚୁକ୍ତି ମୁତାବକ ରଣବୀର କମ୍ପାନୀ ସଦ୍ୟତମ ପାର୍ବଣ କଲେକ୍ସନଗୁଡିକ ପାଇଁ ବିଭିନ୍ନ ମାଧ୍ୟମରେ ପ୍ରଚାର କରିବେ। କମ୍ପାନୀ ପ୍ରସ୍ତୁତ କରିଥିବା ଦିୱାଲି ବାଲୀ ଫିଲିଂ କମର୍ସିଆଲରେ ରଣବୀର ନଜରକୁ ଆସିବେ। ମାନ୍ୟର ସହ ଯୋଡି ହୋଇ ଅତ୍ୟନ୍ତ ଖୁସି ବୋଲି ରଣବୀର କହିଛନ୍ତି। ଭାରତୀୟ ପୋଷାକ ପରିଧାନ କରିବା ଏକ ଆନନ୍ଦର ବିଷୟ। ଜଣେ ଭାରତୀୟ ହୋଇଥିବାରୁ ଇଣ୍ଡିଆନୱେର ପରିଧାନ ପ୍ରତି ଭଲ ପାଇବା ରହି ଆସିଛି। ଏହାକୁ ନେଇ ଗର୍ବ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗ୍ରାହକଙ୍କୁ ସର୍ବୋଚ୍ଚ ଗୁଣବତ୍ତା ବିଶିଷ୍ଟ ପୋଷାକପତ୍ର ପ୍ରଦାନ ଦିଗରେ କାର୍ଯ୍ୟ କରିଥାଉ ବୋଲି ବେଦାନ୍ତ ଫ୍ୟାଶନ୍ସ ପ୍ରାଇଭେଟ ଲିମିଟେଡର ଏମ୍‌ଡି ରବି ମୋଦି କହିଛନ୍ତି।

# ଇନ୍ଧନ ସଞ୍ଚୟ କ୍ଷେତ୍ରରେ ମହିନ୍ଦ୍ରା ବ୍ଲେଜୋର ସଫଳତା

ମୁମ୍ବାଇ,୧୬-୧୦

ମହିନ୍ଦ୍ରା ଟ୍ରକ ଆଣ୍ଡ ବସ୍( ଏମ୍‌ଟିବି) ଡିଭିଜନ ପକ୍ଷରୁ ଏହାର ବ୍ଲେଜୋ ମଡେଲ ଇନ୍ଧନ ସଞ୍ଚୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବଜାରକୁ ଆସିବାର ୩ ବର୍ଷ ମଧ୍ୟରେ ଏହି ମଡେଲ ଦେଶର ସବୁଠାରୁ ଅଧିକ ଇନ୍ଧନ ସଞ୍ଚୟକାରୀ ଟ୍ରକ ହୋଇ ପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ଏହାର ଗ୍ରାହକଙ୍କ ଲାଗି ବିଏସ୍ –୬ ପ୍ରଡକ୍ଟଗୁଡିକୁ ସରଳୀକରଣ କରିବା ଦିଗରେ କାର୍ଯ୍ୟ କରୁଛି। ୬ ମାସ ମଧ୍ୟରେ ଆଇସିଭି ସେଗମେଣ୍ଟରେ ଏହା ୪ର୍ଥ ସ୍ଥାନରେ ରହିଛି। ଉକ୍ତ ସେଗମେଣ୍ଟରେ ଏହା ଶୀଘ୍ର ସମ୍ପୂର୍ଣ୍ଣ ରେଞ୍ଜ ପ୍ଲେୟର ଭାବେ କାର୍ଯ୍ୟ କରିବ। କମ୍ପାନୀ କର୍ମଚାରୀ ଏବଂ ସ୍କୁଲ ସେଗମେଣ୍ଟ ଲାଗି ଲଙ୍ଗ ଟର୍ମ ଓଭରଲଙ୍ଗ(ଏଲ୍‌ପିଓ) ରେଞ୍ଜରେ କ୍ରୁଜିଓ ଯାନ ଆଣିଛି। ବିସ୍ତୃତ ସର୍ଭିସ ଏବଂ ସ୍ପେୟାର ନେଟୱର୍କ ସହ ସେବା ଯୋଗାଣ ହେଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ୧୦୦ରୁ ଊର୍ଦ୍ଧ୍ୱ ୩ଏସ୍ ଡିଲରଶିପ, ୨୧୦ ଅଧିକୃତ ସର୍ଭିସ ସେଣ୍ଟର, ବିସ୍ତୃତ ସ୍ପେୟାର ରିଟେଲ ଆଉଟଲେଟ, ୩୯ ଷ୍ଟ୍ରାଟେଜିକ ପାର୍ଟସ ପ୍ଲାଜା ଏବଂ ୩ ସର୍ଭିସ କରିଡର ସହ ସେବା ଯୋଗାଉଛି।

# ତନିଷ୍କର ଦୀପାବଳି ଅଫର



ଭୁବନେଶ୍ୱର,୧୬-୧୦

ତନିଷ୍କ ପକ୍ଷରୁ ଦୀପାବଳି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକମାନେ ଏହି ସମୟରେ ଷ୍ଟୋରରେ ସୁନା ଗହଣାର ଗଢା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହାବାଦ ହିରା ଗହଣା ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ରହିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଭିରାସତ କଲେକ୍ସନର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଫ୍ରାଞ୍ଚାଇଜି ଓନର ମାନିକ ହଂସ ଏବଂ କମ୍ପାନୀର ଏବିଏମ୍ ପ୍ରଖର ପୁଲାୟତ ଏହି ମଡେଲଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଏଥିରେ ପ୍ଲେନ ସୁନା, ଗ୍ଲାସ କୁନ୍ଦନ ଏବଂ ପୋଲକି କୁନ୍ଦନ ଆଦିର ଡିଜାଇନ ରହିଛି। ଡିଜାଇନ ଏବଂ ସମସାମୟିକ କାରିଗରିକୁ କମ୍ପାନୀ ଏଥିରେ ସ୍ଥାନିତ କରିଛି। ପାରମ୍ପରିକ ଗଢଣ ଚାହୁଁଥିବା ଆଧୁନିକ ମହିଳାଙ୍କୁ ଧ୍ୟାନରେ ରଖି ଭିରାସତ କଲେକ୍ସନ ବଜାରକୁ ଆସିଛି। ଏହି କଲେକ୍ସନ ଦ୍ୱାରା ଗ୍ରାହକ ସର୍ବୋତ୍ତମ ଶପିଂ ଅନୁଭୂତି ଲାଭ କରିପାରିବେ ବୋଲି ଟାଇଟାନ କମ୍ପାନୀ ଲିମିଟେଡର ଗହଣା ଡିଭିଜନ ମାର୍କେଟିଂ ଉପସଭାପତି ଦୀପିକା ତିୱାରି ସୂଚନା ଦେଇଛନ୍ତି।

**Zilla Swasthya Samiti, Boudh**
**Office of the Chief District Medical & Public HealthOfficer, Boudh**
Notification No. 2374. Date: 15/10/19
No.E-410 :-
**ADVERTISEMENT**

Walk-in-Interview will be conducted for empanelment of Laboratory (LT) & Staff Nurses for DHH/CHC/PHC level Health & Wellness Centre (HWC) under "NIDAN" Free Diagnostics Services under Zilla Swasthya Samiti (ZSS), Boudh.

| Sl No. | Name of the Post | Remuneration | Date/Time of interview |
|---|---|---|---|
| 1 | Laboratory Technician (LT): | Rs. 850/- per day including conveyance | 23/10/2019 Registration Time 10.00 A.M. to 12.00 Noon. |
| 2 | Staff Nurse(SN): | | |
| 3 | Radiographer: | | 24/10/2019 Registration Time 10.00 A.M. to 12.00 Noon. |
| 4 | ECG Technician: | | |

Interested eligible candidates can log on to **www.boudh.nic.in** for detailed post wise vacancy, terms and conditions, application format & selection procedure etc. Candidates fulfilling the eligibility criteria may register him/herself in between **10AM to 12.00 noon as per date mentioned above** with all testimonials in the prescribed format at the Office of the undersigned. No registration will be received beyond the scheduled date/time. The undersigned reserves the right to cancel any or all the applications / positions at any stage without assigning any reason thereof.

Sd/-
CDM&PHO-cum-District Mission Director,Boudh
10107/11/0007/1920

**OFFICE OF THE LABOUR COMMISSIONER, ODISHA, BHUBANESWAR**
**CORRIGENDUM**
No.:Labour/2019-20/03 Date :17.10.2019
No.K-15

**REQUEST FOR PROPOSAL (RFP) FOR SELECTION OF SYSTEM INTEGRATOR (SI) FOR e-GOVERNANCE SYSTEM PROJECT OF LABOUR DIRECTORATE & DIRECTORATE OF FACTORIES & BOILERS UNDER LABOUR & ESI DEPARTMENT PUBLISHED IN NOTICE NO. LABOUR/2019-20/01 DTD. 19.08.2019AND CORRIGENDUM NO. LABOUR /2019-20/02 DTD. 18.09.2019**

It is intimated that the last date of receipt of tender is hereby extended and the bids should reach the office of the undersigned through Registered Post/ Speed Post/ Courier only by **3 P.M. of 30.10.2019**. The Pre-Qualification Bids and Technical Bids are to be opened on the same day at **3.30 P.M. and at 4.30 P.M.** respectively. For Pre-Bid query response details please visit our Department website (http://labour.odisha.gov.in) & Directorate website (www.labdirodisha.gov.in).

sd/-
Labour Commissioner, Odisha
Shrama Bhawan, Kharavela Nagar, Near Gurudwar, Unit-III, Bhubaneswar-751001
17002/11/0005/1920 Ph. No.: (0674) 2390624, 2391187, E-Mail: labcom.orissa@gmail.com

नालको NALCO
**National Aluminium Company Limited**
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha:

**1- NIT No. MC-4798**
**Name of the work:** Maintenance of PCU Equipments & Ash Slurry Header of AMD.

**2- NIT No. MC-4818**
**Name of the work:** Operation of Lift inside CPP.

**3- NIT No. MC-4826**
**Name of the work:** Maintenance of Nalco's Rolling Stocks at Smelter & Power Complex, Angul.

**4- NIT No. MC-4804**
**Name of the work:** Operational Assistance in Ash Handling System of Unit 7,8,9 & 10.

**5- NIT No. MC-4816**
**Name of the work:** General Maintenance & Overhaulig Works of Turbine Auxiliaries for Unit 1 to 10.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**
**AGM (Mech), Contract Cell**

See Career Appointment on every Wednesday & Saturday

“ ସାର୍ ଭିଭିଆନ୍ ରିଚାର୍ଡ୍ସଙ୍କ ଖେଳ ମୋତେ କ୍ରିକେଟର୍ ହେବାକୁ ପ୍ରେରିତ କରିଥିଲା। ଜଣେ ବ୍ୟକ୍ତି ଭାବେ ସେ ବହୁତ ଭଲ ମଣିଷ ।

–ବ୍ରାଏନ ଲାରା, ପୂର୍ବତନ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ



“ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆମ ଦଳ ସୁଯୋଗର ସଦୁପଯୋଗ କରିପାରିଲା ନାହିଁ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ



## ସଂକ୍ଷେପରେ

### ଡେନ୍‌ମାର୍କ ଓପନ୍ ପ୍ରଥମ ରାଉଣ୍ଡରୁ ସାଇନାଙ୍କ ବିଦାୟ

ଓଡେନସେ, ୧୬।୧୦ (ପି.ଟି.)- ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଏଠାରେ ଚାଲିଥିବା ୭ ଲକ୍ଷ ୭୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଡେନ୍‌ମାର୍କ ଓପନ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବୁଧବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସାଇନା ୧୫-୨୧, ୨୧-୨୩ ସିଧାସଳଖ ଗେମ୍‌ରେ ବିଶ୍ୱ ମାନ୍ୟତାର ୧୧ତମ ସ୍ଥାନରେ ରହିଥିବା ଜାପାନର ସାୟାକା ତାକାହାଶିଙ୍କ ନିକଟରୁ ହାରିଯାଇଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ସମୀର ବର୍ମା ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ପ୍ରଥମ ରାଉଣ୍ଡ ମୁକାବିଲାରେ ସମୀର ୨୧-୧୧, ୨୧-୧୧ ଗେମ୍‌ରେ ବିଶ୍ୱ ମାନ୍ୟତାର ୧୬ତମ ସ୍ଥାନରେ ରହିଥିବା କାଣ୍ଟା ସୁନେୟାମାଙ୍କୁ ମାତ୍ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସମୀରଙ୍କ ମୁକାବିଲା ଡିଫେଣ୍ଡିଂ ଅଲିମ୍ପିକ୍ସ ଚାମ୍ପିୟନ ଚେନ୍ ଲଙ୍ଗଙ୍କ ସହ ହେବ। ମିକ୍ସଡ ଡବଲ୍ସରେ ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପାଙ୍କୁ ପ୍ରଥମ ରାଉଣ୍ଡରେ ୱାକ୍ ଓଭର ମିଳିଛି। ପୂର୍ବରୁ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଏକ କଷ୍ଟସାଧ ବିଜୟ ସହ ୨ୟ ରାଉଣ୍ଡରେ ପ୍ରବେଶ କରିଥିଲେ।

### ଦ ହଣ୍ଡ୍ରେଡ୍ ସ୍ମିଥ, ୱାର୍ନର ସବୁଠୁ ଦାମୀ ଖେଳାଳି

ଲଣ୍ଡନ,୧୬।୧୦(ପି.ଟି.)- ଆସନ୍ତା ବର୍ଷ ଜୁଲାଇରେ ହେବାକୁ ଥିବା ଭିନ୍ନ କ୍ରିକେଟ ଲିଗ୍ ‘ଦ ହଣ୍ଡ୍ରେଡ୍’ର ଖେଳାଳିଙ୍କ ଡ୍ରାଫ୍ଟରେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଓ ଡେଭିଡ ୱାର୍ନର ସବୁଠୁ ଦାମୀ ଖେଳାଳି। ଉଭୟ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନଙ୍କ ବେସିକ୍ ପ୍ରାଇସ ୧.୨୫ ଲକ୍ଷ ପାଉଣ୍ଡ। ଭାରତୀୟ ମୁଦ୍ରାରେ ପ୍ରାୟ ୧.୧୪ କୋଟି ଟଙ୍କା। ବିବିସି ସ୍ପୋର୍ଟ୍ସ ଅନୁଯାୟୀ, ଏମାନଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜର କ୍ରିସ ଗେଲ, ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ଓ ଦକ୍ଷିଣ ଆଫ୍ରିକାର କାଗିସୋ ରବାଡାଙ୍କ ବେସ ପ୍ରାଇସ ମଧ୍ୟ ସମାନ ରହିଛି। ବାଂଲାଦେଶର ଅଲରାଉଣ୍ଡର ସାକିବ ଅଲ ହାସନ, ପାକିସ୍ତାନ ପେସର ମହମ୍ମଦ ଅମିର ଓ ନ୍ୟୁଜିଲାଣ୍ଡ ପେସର ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ଆଉ କିଛି ଅନ୍ତର୍ଜାତୀୟ ଖେଳାଳି ଦ୍ୱିତୀୟ ଗ୍ରୁପରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସ୍ଥାନ ପାଇଥିବା ଖେଳାଳିଙ୍କ ବେସ ପ୍ରାଇସ ୧ ଲକ୍ଷ ପାଉଣ୍ଡ ରଖାଯାଇଛି। ଖେଳାଳିଙ୍କ ନିଲାମ ପ୍ରକ୍ରିୟା ରବିବାର ଅନୁଷ୍ଠିତ ହେବ। ମୋଟ ଉପରେ ୫୭୦ ଖେଳାଳି ଡ୍ରାଫ୍ଟରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ୨୩୯ ବିଦେଶୀ ଖେଳାଳି ରହିଛନ୍ତି। ୧୦୦ ବଲ ବିଶିଷ୍ଟ ପ୍ରତିଯୋଗିତାରେ ୮ ଦଳ ଜୁଲାଇ ୧୭ରୁ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତା କରିବେ।

### ସୁଲତାନ ଜୋହୋର କପ୍ ହକି: ଶିଳାନନ୍ଦଙ୍କ ଡବଲ ଗୋଲ

# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ଭାରତ

ଜୋହୋର ବାହରୁ(ମାଲେସିଆ), ୧୬।୧୦(ପି.ଟି.)

ଏଠାରେ ଚାଲିଥିବା ନବମ ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତୀୟ ଜୁନିୟର ଦଳ ଫାଇନାଲରେ ପ୍ରବେଶ କରିଛି। ଅନ୍ତିମ ରାଉଣ୍ଡ ରବିନ୍ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବା ପୂର୍ବରୁ ଭାରତ ଫାଇନାଲ ଟିକେଟ ହାସଲ କରିଛି। ସ୍ଥାନୀୟ ଦାୟା ହକି ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫–୧ ଗୋଲରେ ଅଷ୍ଟ୍ରେଲିଆକୁ ବୃହତ୍ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ପାଇଛି। ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ଓଡ଼ିଆ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଶିଳାନନ୍ଦ ୨୬ ଓ ୨୯ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲପ୍ରୀତ ସିଂ ୪୪, ଗୁରସାହିବଜିତ୍ ସିଂ ୪୮ ଓ ଅଧିନାୟକ ମନଦୀପ ମୋର ୫୦ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ଭାରତକୁ ଜିତାଇଥିଲେ। ଭାରତ ପ୍ରଥମେ ୩ଟି ଫିଲ୍ଡ ଗୋଲ ଦେଇଥିଲା ଓ ପରେ ୨ଟି ଗୋଲ୍ ପେନାଲ୍ଟି କର୍ନର ମାଧ୍ୟମରେ ପ୍ରଦାନ କରିଥିଲା। ଅଷ୍ଟ୍ରେଲିଆ ତରଫରୁ ଆରୋନ ନାଇଟ୍ ୫୭ତମ ମିନିଟ୍‌ରେ ଦଳ ପାଇଁ ଏକମାତ୍ର ଗୋଲ ପେନାଲ୍ଟି କର୍ନର ମାଧ୍ୟମରେ ଦେଇଥିଲେ।



ଗୋଲ ସ୍କୋର ପରେ ଓଡ଼ିଶାର ଶିଳାନନ୍ଦ ଲାକ୍ରା (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଅଷ୍ଟ୍ରେଲିଆର ତ୍ରୁଟି କାରଣରୁ ଭାରତ ପ୍ରଥମ ମିନିଟ୍‌ରେ ଗୋଲ ସୁଯୋଗ ହାସଲ କରିଥିଲା। ଗୁରସାହିବଜିତ ଗୋଲ ଦେବାକୁ ପ୍ରୟାସ କରିଥିଲେ ମଧ୍ୟ ରବର୍ଟ ମ୍ୟାକ୍ଲିନାନ୍ ଅନ୍ତରାୟ ସୃଷ୍ଟି କରିଥିଲେ। ପ୍ରଥମ କ୍ୱାର୍ଟର ବାକିସମୟରେ ଉଭୟ ଦଳ ମିଡଫିଲ୍ଡରେ ବଲ୍‌କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଅଷ୍ଟମ ମିନିଟ୍‌ରେ ଅଷ୍ଟ୍ରେଲିଆ ମ୍ୟାଚ୍‌ର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ପ୍ରଶାନ୍ତ ଚୌହାନ ପଡିଆରେ ପ୍ରବେଶ କରିଥିଲେ। ଭାରତ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ତେବେ ଗୁରସାହିବଜିତଙ୍କ ଗୋଲ ଦେବାରେ ବିଫଳ ହୋଇଥିଲେ। ବଲ୍ ପୋଷ୍ଟ ଠାରୁ ବହୁ ଦୂରରେ ଚାଲିଯାଇଥିଲା। ଏହାପରେ ଶିଳାନନ୍ଦ ଲାକ୍ରାଙ୍କ କମାଲ ଦେଖିବାକୁ ମିଳିଥିଲା। ଦିଲପ୍ରୀତ ସିଂଙ୍କ ଏକ ସୁନ୍ଦର ପାସ୍‌କୁ ଶିଳାନନ୍ଦ ଗୋଲରେ ପରିଣତ କରିଥିଲେ। ଏହାପରେ ଅଷ୍ଟ୍ରେଲିଆ ଆକ୍ରମଣ କରିଥିଲା। ତେବେ ଚୌହାନ ଏହାକୁ ପଣ୍ଡ କରି ଭାରତର ଅଗ୍ରଣୀକୁ ବଜାୟ ରଖିଥିଲେ। ଶିଳାନନ୍ଦ ଓ ଦିଲପ୍ରୀତ ମିଳିତ ଭାବେ ଅଷ୍ଟ୍ରେଲିଆ ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇଥିଲେ। ଶିଳାନନ୍ଦ ଦୁଇଟି ଫିଲ୍ଡ ଗୋଲ ଜରିଆରେ ଭାରତକୁ ୨–୦ରେ ଅଗ୍ରଣୀ କରାଇଥିଲେ। ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଭାରତ ତୃତୀୟ କ୍ୱାର୍ଟରରେ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଶିଳାନନ୍ଦ, ସୁଦୀପ ଚିର୍ମାକୋ ଓ ଉତ୍ତମ ସିଂ ଅଷ୍ଟ୍ରେଲିଆ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ତେବେ ଅଷ୍ଟ୍ରେଲିଆ ବଦଳ ଖେଳାଳି ତଥା ଗୋଲକିପର କ୍ରିଷ୍ଟିଆନ ଷ୍ଟାର୍କି ଭାରତୀୟ ଖେଳାଳିଙ୍କୁ ଗୋଲ ସୁଯୋଗ ଦେଇ ନ ଥିଲେ। ତୃତୀୟ କ୍ୱାର୍ଟରରେ ଭାରତ ତୃତୀୟ ପେନାଲ୍ଟି କର୍ନର ପାଇଥିଲା। ସଞ୍ଜୟଙ୍କ ଡ୍ରାଗ ଫ୍ଲିକ୍‌କୁ ଗୁରସାହାବଜିତ ଗୋଲରେ ପରିଣତ କରିଥିଲେ। ଶେଷରେ ମୋର ପେନାଲ୍ଟି ଜରିଆରେ ଭାରତ ପାଇଁ ପଞ୍ଚମ ତଥା ଅନ୍ତିମ ଗୋଲ ସ୍କୋର କରିଥିଲେ। ତେବେ ମ୍ୟାଚ୍ ଶେଷ ହେବାର ଠିକ୍ ୩ ମିନିଟ ପୂର୍ବରୁ ଅର୍ଥାତ୍ ୫୭ତମ ମିନିଟ୍‌ରେ ଆରୋନ ନାଇଟ୍ ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ।

ଭାରତ ଏବେ ତା’ର ଅନ୍ତିମ ରାଉଣ୍ଡ ରବିନ୍ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଶୁକ୍ରବାର ଗ୍ରେଟ ବ୍ରିଟେନକୁ ଭେଟିବ। ଏହି ଟୁର୍ନାମେଣ୍ଟରେ ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ମାଲେସିଆକୁ ୪–୨ ଗୋଲରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୮–୨ ବୃହତ୍ ଗୋଲ ବ୍ୟବଧାନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ଏହାପରେ ସଂଘର୍ଷପୂର୍ଣ୍ଣ ତୃତୀୟ ମ୍ୟାଚ୍‌ରେ ଭାରତ ୪–୩ ଗୋଲରେ ଜାପାନଠାରୁ ପରାସ୍ତ ହୋଇଥିଲା। ତେବେ ଭାରତ ଏହାପରେ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆକୁ ହରାଇଛି।

### ବିଜୟ ହଜାରେ ଟ୍ରଫି ତାମିଲନାଡୁର କ୍ରମାଗତ ୯ମ ବିଜୟ

ଜୟପୁର, ୧୬।୧୦ (ପି.ଟି.)

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଚଳିତ ବିଜୟ ହଜାରେ ଟ୍ରଫିରେ ତାମିଲନାଡୁ ଦଳ କ୍ରମାଗତ ୯ମ ବିଜୟ ଲାଭ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଗ୍ରୁପ୍–ସି’ର ଏକ ମ୍ୟାଚ୍‌ରେ ତାମିଲନାଡୁ ୭୮ ରନରେ ଗୁଜରାଟକୁ ପରାସ୍ତ କରିଛି। ଏଥିସହ ଏହି ଗ୍ରୁପ୍‌ରେ ତାମିଲନାଡୁ ରେକର୍ଡ ସମସ୍ତ ୯ ମ୍ୟାଚ୍ ଜିତି ୩୬ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହି ନକ୍‌ଆଉଟ୍‌କୁ ପ୍ରବେଶ କରିଛି। ପରାଜୟ ସତ୍ତ୍ୱେ ଗୁଜରାଟ ୩୨ ପଏଣ୍ଟ ସହ ୨ୟ ଦଳ ଭାବେ ଏହି ଗ୍ରୁପ୍‌ର ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି। ଆସନ୍ତା ୨୦ରୁ ବେଙ୍ଗାଲୁରୁରେ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ।

ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାମିଲନାଡୁ ଓପନର୍ ଅଭିନବ ମୁକୁନ୍ଦ (୭୯), ମୁରଲୀ ବିଜୟ (୯୪) ଓ ୱାଶିଂଟନ ସୁନ୍ଦର (୪୨)ଙ୍କ ଉପଯୋଗୀ ଇନିଂସ ବଳରେ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୭୪ ରନ କରିଥିଲା। ଗୁଜରାଟ ପକ୍ଷରୁ ରସ୍ କଲାରିଆ ଓ ଅର୍ଜନା ନାଗୱାସୱାଲା ୩ଟି ଲେଖାଏ ଓ ପୀୟୂଷ ଚାୱାଲ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଗୁଜରାଟ ୪୨.୨ ଓଭରରେ ୧୯୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅକ୍ଷର ପଟେଲ ୫୫, ଭାର୍ଗବ ମେରାଇ ୪୪ ରନ କରିଥିବାବେଳେ ଅଧିନାୟକ ପାର୍ଥିବ ପଟେଲ (୬) ନିରାଶ କରିଥିଲେ। ଏମ୍. ମହମ୍ମଦ ୩ ଓ ମୁରୁଗାନ ଅଶ୍ୱିନ ୨ଟି ଉଇକେଟ୍ ହାସଲ କରିଥିଲେ।

## ଟ୍ରାଏଲ୍‌ର ସମ୍ମୁଖୀନ ହେବେ ନାହିଁ ମେରିକମ୍

ନୂଆଦିଲ୍ଲୀ,୧୬।୧୦

ନିକଟରେ ଶେଷ ହୋଇଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଚାମ୍ପିୟନ ବକ୍ସର ଏମ୍.ସି. ମେରିକମ୍‌ଙ୍କୁ ଟୋକିଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପୂର୍ବରୁ ଟ୍ରାଏଲର ସମ୍ମୁଖୀନ ହେବାକୁ ପଡ଼ି ନ ପାରେ। ଏ ନେଇ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ସଭାପତି ଅଜୟ ସିଂ ସୁପାରିସ କରିଛନ୍ତି। ଏଥିରୁ ଜଣାପଡୁଛି, ୩୬ ବର୍ଷୀୟା ଭେଟେରାନ ବକ୍ସର ବିଏଫ୍‌ଆଇର ୫୧ କେଜି ଓଜନ ବର୍ଗରେ ପ୍ରଥମ ପସନ୍ଦ। ଚାଇନାର ଉହାନଠାରେ ଫେବୃୟାରୀ ୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଗତ ଅଗଷ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଲାଗି ବିଏଫ୍‌ଆଇ ୫୧ କେଜି ବର୍ଗରେ ନିଖାତ୍ ଜରିନଙ୍କୁ ଟ୍ରାଏଲ ସୁଯୋଗ ନ ଦେଇ ମେରୀକମ୍‌ଙ୍କୁ ସିଧାସଳଖ ଚୟନ କରିଥିଲା। ଏଥିଯୋଗୁ ବିବାଦ ଦେଖାଦେଇଥିଲା। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ବକ୍ସରଙ୍କ ଲାଗି ଏଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଜୟ ସିଂ କହିଛନ୍ତି, ବିଏଫ୍‌ଆଇ ମହିଳା ବକ୍ସରଙ୍କ ଚୟନ ପ୍ରକ୍ରିୟାର ନିୟମରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ପ୍ରଚଳିତ ନିୟମ ଅନୁଯାୟୀ, ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ଜିତିଥିବା ମହିଳା ବକ୍ସରମାନେ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଖେଳିପାରିବେ। ମେରିକମ୍‌ଙ୍କ ବ୍ୟତୀତ କ୍ରମାଗତ ଦ୍ୱିତୀୟ ବ୍ରୋଞ୍ଜ ଜିତିଥିବା ଲଭଲିନା ବରଗୋହେନଙ୍କୁ ମଧ୍ୟ ଟ୍ରାଏଲରୁ ଛାଡ଼ ଦିଆଯାଇପାରେ।

### ଗାଙ୍ଗୁଲିଙ୍କ ଲାଗି ବିଛାଯାଇ ନ ଥିଲା ରେଡ୍ କାର୍ପେଟ



କୋଲକାତା,୧୬।୧୦

କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଏହାର ସବୁଠାରୁ ଲୋକପ୍ରିୟ ସଦସ୍ୟ ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବିସିସିଆଇ ଅଧ୍ୟକ୍ଷ ହୋଇ ଫେରିବା ପରେ ତାଙ୍କ ପାଇଁ ରେଡ୍ କାର୍ପେଟ ପକା ଯାଇ ନ ଥିଲା। ଇଡେନ ଗାର୍ଡେନ ଆଗରେ ବହୁ ସଂଖ୍ୟାରେ ପ୍ରଶଂସକମାନେ ଅପେକ୍ଷା କରିଥିଲେ। ବିମାନ ବନ୍ଦରରୁ ସିଧା ସିଏବି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ ଗାଙ୍ଗୁଲି। ଏହାପରେ ଆରମ୍ଭ ହୋଇଥିଲା ସ୍ୱାଗତ କାର୍ଯ୍ୟକ୍ରମ। ତାଙ୍କୁ ଅଫିସିଆଲ, ଖବରଦାତା ଓ ପ୍ରଶଂସକ ଫୁଲତୋଡ଼ା ପ୍ରଦାନ କରିଥିଲେ। ଗତ ୩ ଦିନ ଧରି ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ମଧ୍ୟ ଗାଙ୍ଗୁଲି ସିଏବି ଅଫିସିଆଲ ଓ ପ୍ରଶଂସକଙ୍କ ସହ ଫଟୋ ଉଠାଇଥିଲେ। ଏଭଳି ସ୍ୱାଗତ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ୧୯୯୬ ଇଂଲଣ୍ଡ ସିରିଜ୍‌ରେ କ୍ରମାଗତ ଦୁଇ ଶତକ କରିବାବେଳର କଥା ମନେ ପକାଇ ଦେଇଛି। ଏ ସମ୍ପର୍କରେ ସେ କହିଛନ୍ତି, ୧୯୯୬ରେ ଇଂଲଣ୍ଡରେ କ୍ରମାଗତ ଦୁଇ ଶତକ ମୋତେ ଅଧିକ ଖୁସି ଦେଇଥିଲା। ତାହା ମୋ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା।

## ଗୋଲଡେନ ବୁଟ୍ ଜିତିଲେ ମେସି

ବାର୍ସିଲୋନା, ୧୬।୧୦ (ଏଏଫ୍‌ପି)

ବାର୍ସିଲୋନା ଅଧିନାୟକ ଲିଓନେଲ ମେସି ୟୁରୋପିଆନ୍ ଲିଗ୍‌ରେ ମୋଟ୍ ଉପରେ ୬ଷ୍ଠ ଥର ପାଇଁ ଟପ୍ ଗୋଲ ସ୍କୋରର୍ ହୋଇଛନ୍ତି। ୨୦୧୮–୧୯ ସିଜନରେ ୩୬ ଗୋଲ୍‌ସ୍କୋର କରି ସେ ଗୋଲଡେନ ବୁଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୩୨ ବର୍ଷୀୟ ଏହି ଆର୍ଜେଣ୍ଟିନାର ଷ୍ଟାର୍ ଲଗାତର ୩ୟ ବର୍ଷ ପାଇଁ ଗୋଲଡେନ ବୁଟ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଚଳିତ ବର୍ଷ ଏହି ଗୋଲଡେନ ବୁଟ୍ ଦୌଡ଼ରେ ପ୍ୟାରିସ ସେଣ୍ଟ–ଜର୍ମେନ କ୍ଲବର ଯୁବ ଫୁଟ୍‌ବଲର କିଲିୟାନ ଏମ୍‌ବାପ୍ପେ ରହିଥିଲେ। କିନ୍ତୁ ମେସିଙ୍କଠାରୁ ୩ଟି ଗୋଲ କମ୍ ଦେଇ ଏମ୍‌ବାପ୍ପେ (୩୩) ଏହି ପୁରସ୍କାରରୁ ବଞ୍ଚିତ ହୋଇଛନ୍ତି। ବୁଧବାର ଏଠାରେ ଅନୁଷ୍ଠିତ ପୁରସ୍କାର ଗ୍ରହଣ ଉତ୍ସବରେ ମେସିଙ୍କ ସହ ତାଙ୍କ ଦୁଇ ପୁତ୍ର ଥିଆଗୋ ଓ ମାଟେଓ ଏବଂ ସ୍ତ୍ରୀ ଆଣ୍ଟୋନେଲା ରୋକୁଜୋ ଉପସ୍ଥିତ ରହିଥିଲେ। ସେହିଭଳି ବାର୍ସିଲୋନାର ଷ୍ଟାର୍ ଖେଳାଳି ଲୁଇସ ସୁଆରେଜ, ଜୋର୍ଡି ଆଲ୍‌ବା ପ୍ରମୁଖଙ୍କୁ ଏହି ଅବସରରେ ଦେଖିବାକୁ ମିଳିଥିଲା। ‘ଏହି ପୁରସ୍କାର ମୋ ପରିବାର ଓ ଏଠାରେ ଉପସ୍ଥିତ ରହିଥିବା ମୋ ସାଥି ଖେଳାଳିଙ୍କୁ ସମର୍ପିତ କରିବି। ମୋ ଟିମ୍ ବିନା ଏହି ପୁରସ୍କାର ଜିତିପାରି ନ ଥାନ୍ତି’ ବୋଲି ମେସି ଏହି ଅବସରରେ କହିଛନ୍ତି। ଏହି ପୁରସ୍କାର ଜିତିବାରେ ମେସି ତାଙ୍କ ଚିରପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କଠାରୁ ଆଗରେ ରହିଛନ୍ତି। ରୋନାଲ୍ଡୋ କ୍ୟାରିୟରରେ ୪ଥର ଏହି ପୁରସ୍କାର ଜିତିଛନ୍ତି। ସେହିଭଳି ସୁଆରେଜଙ୍କ ସମେତ ୯ ଜଣ ଖେଳାଳି ୨ଥର ଲେଖାଏ ଏହି ସମ୍ମାନଜନକ ପୁରସ୍କାର ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ୧୯୬୭ରୁ ଏହି ସୁନା ଜୋତା ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ପର୍ତ୍ତୁଗାଲ ଷ୍ଟ୍ରାଇକର୍ ଇଉସେବିଓ ପ୍ରଥମେ ଏହି ପୁରସ୍କାର ଜିତିଥିଲେ।

**ମେସିଙ୍କ ୬ ଗୋଲଡେନ ବୁଟ୍**

| ସିଜନ | ଗୋଲ୍ |
|---|---|
| ୨୦୦୯-୧୦ | ୩୪ |
| ୨୦୧୧-୧୨ | ୫୦ |
| ୨୦୧୨-୧୩ | ୪୬ |
| ୨୦୧୬-୧୭ | ୩୭ |
| ୨୦୧୭-୧୮ | ୩୪ |
| ୨୦୧୮-୧୯ | ୩୬ |



ପରିବାର ସହ ଲିଓନେଲ ମେସି।

## ସାଫ୍ ମହିଳା ଫୁଟ୍‌ବଲ: ଭାରତ ଚାମ୍ପିୟନ



ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

ଥିମ୍ପୁ,୧୬।୧୦(ପି.ଟି.)

ଏଠାରେ ଖେଳାଯାଇଥିବା ୧୫ ବର୍ଷରୁ କମ୍ ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ମହିଳା ଚାମ୍ପିୟନଶିପ୍‌ରେ ଭାରତ ଟାଇଟଲ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ ପେନାଲ୍ଟି ଶୁଟ୍ ଆଉଟ ଜରିଆରରେ ବାଂଲାଦେଶକୁ ୫–୩ରେ ପରାସ୍ତ କରି ଚାମ୍ପିୟନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ନିର୍ଣ୍ଣାୟକ ମ୍ୟାଚ୍ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା।

ଭାରତ ଆରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରିଥିଲା। ପ୍ରିୟଙ୍କା ସୁଜିଶ୍ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ଅମୀଷା ବକ୍ସଲା ତାଙ୍କୁ ସହଯୋଗ କରିଥିଲେ। ଅପରପକ୍ଷରେ ବାଂଲାଦେଶ ମଧ୍ୟ ପଛରେ ପଡି ନ ଥିଲା। ବାଂଲଦେଶ ଏକ ନିଶ୍ଚିତ ସୁଯୋଗ ପାଇଥିଲେ ମଧ୍ୟ ଭାରତୀୟ ଡିଫେନ୍ସ ଓ ଗୋଲ କିପର ଅଦ୍ରିଜା ସାରଖେଲ ବାଂଲଦେଶକୁ ସୁଯୋଗ ଦେଇ ନ ଥିଲେ। ଭାରତର ଅମୀଷା ବକ୍ସଲା ଓ ଲିଣ୍ଡା କୋମ ସେର୍ଟୋ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ତେବେ ବାଂଲାଦେଶ ଗୋଲକିପର ଏହାକୁ ପଣ୍ଡ କରିଥିଲେ। ପେନାଲ୍ଟି କର୍ନର ପାଇଁ ଭାରତ ଆବେଦନ କରିଥିଲେ ମଧ୍ୟ ରେଫରି ଏହାକୁ ନାକଚ କରିଥିଲେ। ଦ୍ୱିତୀୟାର୍ଦ୍ଧର ବାଂଲାଦେଶ ନୂଆ ଉତ୍ସାହରେ ଆକ୍ରମଣ କରିଥିଲା। ତେବେ ଭାରତ ଖେଳାଳିମାନେ କୌଣସି ସୁଯୋଗ ଦେଇ ନ ଥିଲେ। ଶେଷରେ ମ୍ୟାଚ ନିର୍ଦ୍ଧାରିତ ସମୟ ସୁଦ୍ଧା ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା ଓ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଭାରତୀୟ ଶିଲ୍‌କି ଦେବୀଙ୍କ ପ୍ରୟାସରେ ଭାରତ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା।

## ଆଦିଲଙ୍କ ଗୋଲ ସମ୍ମାନ ରଖିଲା

**■ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ**

**■ ଭାରତ–ବାଂଲାଦେଶ ମ୍ୟାଚ ଡ୍ର**

କୋଲକାତା, ୧୬।୧୦ (ପି.ଟି.)

ଆଦିଲ ଖାଁଙ୍କ ବିଳମ୍ବିତ ଗୋଲ ଭାରତର ସମ୍ମାନ ରଖିଛି। ମଙ୍ଗଳବାର ଅନୁଷ୍ଠିତ ଭାରତ–ବାଂଲାଦେଶ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ ‘ଇ’ ମ୍ୟାଚ ୧–୧ ଗୋଲରେ ଡ୍ର ରହିଛି।

ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନଠାରେ ଅନୁଷ୍ଠିତ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୨ତମ ମିନିଟ୍‌ରେ ସାଦ୍ ଉଦ୍ଦିନଙ୍କ ହେଡର ଜରିଆରେ ଭ୍ରମଣକାରୀ ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୧–୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଦଳ ୩ ପଏଣ୍ଟ ସହିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ସୃଷ୍ଟି ହୋଇଥିଲା। ଭାରତର ତାରକା ଖେଳାଳି ତଥା ଅଧିନାୟକ ସୁନୀଲ ଛେତ୍ରୀ ଗୋଲ ଦେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମ୍ୟାଚ ଶେଷ ଆଡ଼କୁ ଗତି କରୁଥିବାବେଳେ ୮୮ତମ ମିନିଟ୍‌ରେ ବ୍ରେଣ୍ଡନ ଫର୍ନାଣ୍ଡିଜଙ୍କ କର୍ନର କିକ୍‌କୁ ଆଦିଲ୍ ଖାଁ ହେଡ୍ ଜରିଆରେ ଗୋଲରେ ପରିଣତ କରି ଭାରତର ସମ୍ମାନ ରଖିଥିଲେ। ଏହି ଗୋଲ ଫଳରେ ମ୍ୟାଚ ୧–୧ ସ୍ତରକୁ ଚାଲି ଆସିଥିଲା। ଏଠାରେ ପରାଜିତ ହୋଇଥିଲେ ଭାରତର ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବା ମଉଳିଯାଇଥାନ୍ତା। ବିଶ୍ୱ ର୍‍ୟାଙ୍କିଂରେ ଭାରତ ବର୍ତ୍ତମାନ ୧୦୪ ତମ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ଏହାଠାରୁ ୮୩ ସ୍ଥାନ ନିମ୍ନରେ ରହିଛି। ତେଣୁ ମ୍ୟାଚରେ ଆୟୋଜକ ଦଳକୁ ଫେଭରାଇଟ ବିବେଚନା କରାଯାଉଥିଲା। ଏହି ମ୍ୟାଚ ଦେଖିବା ଲାଗି ୬୫,୦୦୦ ଆସନ ବିଶିଷ୍ଟ ଷ୍ଟାଡିୟମର ଟିକେଟ ବିକ୍ରି ସରିଥିଲା। ଘରୋଇ ପରିବେଶରୁ ଭରପୂର ସମର୍ଥନ ସତ୍ତ୍ୱେ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ମ୍ୟାଚ ଡ୍ର ରହିବା ଦ୍ୱାରା ଦଳକୁ ମାତ୍ର ଗୋଟିଏ ପଏଣ୍ଟ ମିଳିଛି। ଭାରତ ଏହାର ପ୍ରଥମ ମ୍ୟାଚରେ ଓମାନଠାରୁ ୧–୨ ଗୋଲରେ ହାରି ଥିବାବେଳେ ଏସୀୟ ଚାମ୍ପିୟନ କାତାର ସହିତ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଭାରତ ୩ ମ୍ୟାଚରୁ ୨ ପଏଣ୍ଟ ପାଇଥିବାବେଳେ ବାଂଲାଦେଶ ସମାନ ମ୍ୟାଚରୁ ୧ ପଏଣ୍ଟ ପାଇ ଟେବୁଲର ନିମ୍ନରେ ରହିଛି। ଭାରତ ଶେଷ ଥରପାଇଁ ୧୯୯୯ରେ ସାଫ୍ ଗେମ୍ସରେ ବାଂଲାଦେଶକୁ ୧–୦ ଗୋଲରେ ପରାସ୍ତ କରିଥିଲା। ଏହା ପରଠାରୁ ଦଳ କେବେହେଲେ ବାଂଲାଦେଶକୁ ହରାଇ ପାରିନାହିଁ। ୨୦୧୩ରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧–୧ ଓ ୨୦୧୪ରେ ୨–୨ ଗୋଲରେ ଡ୍ର ରହିଥିଲା। କ୍ୱାଲିଫାଇଂ ମ୍ୟାଚକୁ ମିଶାଇ ବାଂଲାଦେଶ ବିପକ୍ଷରେ ମ୍ୟାଚ ଡ୍ର ରଖିବାରେ ଭାରତ ହ୍ୟାଟ୍ରିକ କରିଛି।



ଟି୧୦ ଯଦି ଅଲିମ୍ପିକ୍ସରେ ସାମିଲ ହୁଅନ୍ତା ତେବେ ଏହା କ୍ରିକେଟ୍ ପାଇଁ ବହୁତ ଭଲ ଖବର। ସବୁ ଖେଳାଳି ନିଜ ଦେଶ ପକ୍ଷରୁ ଅଲିମ୍ପିକ୍ସରେ ଖେଳିବାର ସୁଯୋଗ ପାଆନ୍ତେ ।

–ଆନ୍ଦ୍ରେ ରସେଲ, ୱେଷ୍ଟଇଣ୍ଡିଜ କ୍ରିକେଟର୍



ମୁଁ ଅନ୍ୟ ଲୋକମାନଙ୍କ ପରି। କିନ୍ତୁ କିଛି ଲୋକଙ୍କ ତୁଳନାରେ ମୋର ଭାବନାକୁ ବହୁତ ଭଲ ଭାବରେ ନିୟନ୍ତ୍ରଣ କରିଥାଏ ।

–ମହେନ୍ଦ୍ର ସିଂ ଧୋନୀ, ଭାରତୀୟ କ୍ରିକେଟର୍

## ସଂକ୍ଷେପରେ

### ପୂର୍ବତନ ଅଲିମ୍ପିକ୍ସ ଚାମ୍ପିୟନଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ

ବୁଡାପେଷ୍ଟ,୧୬।୧୦- ହଙ୍ଗେରୀର ଏକ ସହରର ମେୟର ଭାବେ ପୁନଃ ନିର୍ବାଚିତ ହୋଇଥିବା ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ଜୋଲ୍ଟ ବୋର୍କାଇ ନିଜ ରାଜନୈତିକ ଦଳ ଫିଡେଜରୁ ଇସ୍ତଫା ଦେଇଛନ୍ତି। ଜୋଲ୍ଟ ୧୯୮୮ ସେଓଲ ଅଲିମ୍ପିକ୍ସରେ ଜିମ୍ନାଷ୍ଟିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏକ ପ୍ରାଇଭେଟ ଯାହଜ(ୟାଚ୍)ରେ ଜଣେ ଯୁବତୀଙ୍କ ସହ ତାଙ୍କର ଅନ୍ତରଙ୍ଗ ଭିଡିଓ ଭାଇରାଲ ହେବା ପରେ ବାଧ ହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ଏଥିସହ ସେ କ୍ଷମାପ୍ରାର୍ଥନା କରିଛନ୍ତି। ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କ ନେତୃତ୍ୱାଧୀନ ଫିଡେଜ ଦଳ ଛାଡ଼ିବା ପରେ ମଧ ନର୍ଦନ ହଙ୍ଗେରୀର ଗିଅର ସହରର ମେୟର ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ସେ କୌଣସି ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। ତେବେ ତାଙ୍କ ଭିଡିଓ କିଏ ଉତ୍ତୋଳନ କରିଛନ୍ତି, ତାହା ଜଣାପଡ଼ି ନାହିଁ।

### ଆଂଶିକାଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ରିଲିଆନ୍ସ ଫାଉଣ୍ଡେଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଏବଂ ଦୌଡ଼କୁଦ ପ୍ରତିଯୋଗିତାର ଜୁନିୟର ବାଳିକା ଶଟ୍‌ପୁଟ୍ ଇଭେଣ୍ଟରେ ଆଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ତନୟା ଆଂଶିକା ୧୧.୩୩ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ଏହି ସଫଳତା ପାଇଛନ୍ତି। ଅର୍ପିତା ସାହୁ ରୌପ୍ୟ ଓ ଶିବାନୀ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଠାରେ ପ୍ରଥମସ୍ଥାନ ଅଧିକାର କରିଥିବାରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତ ଆଂଶିକା ଆସନ୍ତା ନଭେମ୍ବରରେ ବମ୍ବେରେ ହେବାକୁଥିବା ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।



ଭୁବନେଶ୍ୱର: ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି, ଖେଳାଳି ଓ କର୍ମକର୍ତ୍ତାମାନେ ଓଡ଼ିଶା ଏଫସି ଦଳର ଜର୍ସି ଉନ୍ମୋଚନ କରୁଛନ୍ତି।

# 'ଆଇଏସ୍ଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପ୍ରଥମ ଲକ୍ଷ୍ୟ'

**ଶୁଭମ୍ ଷଡ଼ଙ୍ଗୀ, ଜାତୀୟ ଫୁଟବଲରେ ଏବେ ଏକ ପରିଚିତ ନାମ। ପୂର୍ବରୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଦିଲ୍ଲୀ ଡାଇନାମସ ପକ୍ଷରୁ ଖେଳି ଆସିଥିଲେ ଏହି ଓଡ଼ିଆ ଖେଳାଳି। ଏହି ଫୁଟବଲ କ୍ଲବ ଏବେ ଓଡ଼ିଶା ଏଫ୍‌ସିରେ ପରିଣତ ହୋଇଛି। ତେଣୁ ଘରୋଇ ପରିବେଶରେ ଖେଳିବାକୁ ବ୍ୟଗ୍ର ବାଲେଶ୍ୱର ସୋରୋ ଅଞ୍ଚଳର ମା' ଅନୀତା ଓ ପିତା ପ୍ରୀତିକାନ୍ତ ଷଡ଼ଙ୍ଗୀଙ୍କ ପୁତ୍ର ଏହି ଫୁଟବଲ ପ୍ରତିଭା। ବୁଧବାର ଓଡ଼ିଶା ଏଫସିର ଜର୍ସି ଉନ୍ମୋଚନ ଉତ୍ସବ ଅବସରରେ ଶୁଭମ୍ ପ୍ରକାଶ କରିଛନ୍ତି ନିଜ ମନର କଥା।**

**ପ୍ରଃ ଓଡ଼ିଶାରେ ଫୁଟବଲର ଏକ ନୂଆ ଟିମ୍ ସୃଷ୍ଟି ହେଲା, ନୂଆ ଧାରା ଆରମ୍ଭ ହେଲା। ଫ୍ୟାନ୍ କ୍ଲବ ମଧ ପ୍ରଥମଥର ଗଠନ ହେଲା। କ'ଣ ଭାବୁଛନ୍ତି, ଓଡ଼ିଶା ଫୁଟବଲକୁ ଏହା କେତେ ଆଗକୁ ନେଇପାରିବ।**

ଉଃ ଏ ବର୍ଷ ଓଡ଼ିଶା ଏଫ୍‌ସି ଆତ୍ମପ୍ରକାଶ କରିଛି। ଯେବେ ନୂଆ ଟିମ୍ ଆସେ ସେତେବେଳେ ତା'ଠାରୁ ବହୁତ କିଛି ଆଶା ରହିଥାଏ। ଜଣେ ଖେଳାଳିଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଆମର ଲକ୍ଷ୍ୟ। ଆମେ ସେଥିରେ କିଛି କମ୍ କରିବୁନି। ଓଡ଼ିଶା ଫୁଟବଲକୁ ଏହା ନିଶ୍ଚିତ ଫାଇଦା ଦେବ। ଆଗାମୀ ୫ ବର୍ଷ ମଧରେ ନିଶ୍ଚିତ ଓଡ଼ିଶାରୁ କ୍ୱାଲିଟି ଫୁଟବଲ ଖେଳାଳି ବାହାରିବେ। ରାଜ୍ୟ ସରକାର ଯେପରି କ୍ରୀଡ଼ାକୁ ସମର୍ଥନ କରୁଛନ୍ତି ସେଥିରୁ କେବଳ ଫୁଟବଲ ନୁହେଁ ସବୁ କ୍ରୀଡ଼ାରେ ନିଶ୍ଚିତ ଉନ୍ନତି ହେବ।

**ପ୍ରଃ ଏଥର ଶୁଭମ୍ ଘରୋଇ ପରିବେଶରେ ଆଇଏସ୍ଏଲ୍‌ର କେତେକ ମ୍ୟାଚ ଖେଳିବେ। ବ୍ୟକ୍ତିଗତ ଭାବେ କହିଲେ କ'ଣ ଟାର୍ଗେଟ ରହିଛି।**

**ଉଃ ମୁଁ ଯେତେ ବି ମ୍ୟାଚ ଖେଳିବାକୁ ସୁଯୋଗ ପାଇବି ସେଥିରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଚେଷ୍ଟା କରିବି। ପାସ୍ କରିବି, ଆସିଷ୍ଟ କରିବି, ଗୋଲ କରିବି। ଯେତେଶୀଘ୍ର ସମ୍ଭବ ଜାତୀୟ ଦଳ ପକ୍ଷରୁ ଖେଳିବା ମୋର ବ୍ୟକ୍ତିଗତ ଲକ୍ଷ୍ୟ।**

**ପ୍ରଃ ଓଡ଼ିଶା ଏଫ୍‌ସି ସମ୍ଭାବ୍ୟ ଦଳରେ ଆଉ ଜଣେ ଓଡ଼ିଆ ଖେଳାଳି ଅଙ୍କିତ ଭୂୟାଁ ଅଛନ୍ତି, ତାଙ୍କ ସମ୍ପର୍କରେ କ'ଣ କହିବେ।**

ଉଃ ଅଙ୍କିତ ନୂଆ କରି ଦଳକୁ ଆସିଛନ୍ତି। ସେ ଭଲ ଖେଳୁଛନ୍ତି, ଆଗାମୀ ଦିନରେ ସେ ନିଶ୍ଚିତ ଆହୁରି ଭଲ ଖେଳିବେ ବୋଲି ମୋର ଆଶା। ଦିନେ ସେ ଓଡ଼ିଶା ଏଫସିର ଜଣେ ନାମୀ ଗୋଲକିପର ହୋଇ ପାରିବ ଏବଂ ଲୋକମାନେ ତାଙ୍କୁ ଭଲ ପାଇବେ।

**ପ୍ରଃ ତୁମେ ଦିଲ୍ଲୀ ଡାଇନାମସ ପକ୍ଷରୁ ପୂର୍ବରୁ ଖେଳି ଆସୁଥିଲ, ଏବେ ଓଡ଼ିଶା ଏଫସିର ନାମ ପରିବର୍ତ୍ତନ ପରେ ଏଠାରେ ଅଭ୍ୟାସ ଚାଲିଛି। କିଛି ଭିନ୍ନତା ଲକ୍ଷ କରୁଛନ୍ତି କି ?**

ଉଃ ଓଡ଼ିଶା ଏଫସିର ମ୍ୟାଚ ଆରମ୍ଭ ହୋଇନାହିଁ। ପୂର୍ବରୁ ଡାଇନାମସ ଦଳରେ ଯେଉଁ ଖେଳାଳିମାନେ ଥିଲେ ସେମାନେ ମଧ ଏଠାରେ ଅଛନ୍ତି। ଦଳରେ ଅନେକ ବିଦେଶୀ ଖେଳାଳି ଅଛନ୍ତି। ଆମ ନିକଟରୁ ପ୍ରଶଂସକମାନେ ଏଠାରେ ଅଧିକ କିଛି ଆଶା କରୁଥିବା ଆମେ ଅନୁଭବ କରୁଛୁ। ତେଣୁ ଆମେ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟଗ୍ର ଅଛୁ। କୋଚ୍ ଜୋସେପ୍ ଗୋମ୍ବାଉ ଦଳକୁ ନେଇ ଅନେକ ଆଶା ରଖିଛନ୍ତି। ଦଳୀୟ ସନ୍ତୁଳନ ଭଲ ଅଛି। ତେଣୁ ଏଥର ନିଶ୍ଚିତ ପ୍ରଦର୍ଶନ ହେବା ଆଶା।

**ପ୍ରଃ ଦେଶର ଅନ୍ୟତମ ସମ୍ମାନଜନକ ଆଇ–ଲିଗ୍ ଦ୍ୱିତୀୟ ଡିଭିଜନ୍ ପ୍ରତିଯୋଗିତା ହେବା ଶୁଣା ଯାଉଛି। ଭାରତୀୟ ଫୁଟବଲ ପାଇଁ ଏହା କେତେଦୂର ଯୁକ୍ତିଯୁକ୍ତ ହେବ।**

ଉଃ ଆଇ–ଲିଗ୍ ଏକ ଭଲ ପ୍ରତିଯୋଗିତା, ଏଥିରେ ଦ୍ୱିମତ ନାହିଁ। ତେବେ ଏହା ଦ୍ୱାରା ଭଲ ବି ହେବ ବୋଲି ମୁଁ ଭାବୁଛି। କାରଣ ପ୍ରମୋଶନ ଓ ରିଲିଗେଶନ ରହିଲେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ପରୋକ୍ଷରେ ଏହା ଭାରତୀୟ ଫୁଟବଲକୁ ସହାୟକ ହୋଇପାରିବ। ଏହାଦ୍ୱାରା ସବୁ ଦଳ ଭଲ ପ୍ରଦର୍ଶନ ଉପରେ ନଜର ରଖିବେ। ଆଇଏସଏଲର କୌଣସି ଦଳ ଭଲ ପ୍ରଦର୍ଶନ ନ କଲେ ଆଇ–ଲିଗ୍‌କୁ ଖସିବ। ସେପରି ଆଇ–ଲିଗ୍‌ର ଭଲ ପ୍ରଦର୍ଶନକାରୀ ଦଳ ପ୍ରମୋଶନ ପାଇବ। ଏହା ନିଶ୍ଚିତ ଭଲ କଥା ହେବ।

**ପ୍ରଃ କିଛିଦିନହେବ ତୁମେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରି ଆସୁଛ, କେମିତି ସୁବିଧା ସୁଯୋଗ ଅଛି ?**

ଉଃ ଆମେ ଟ୍ରେନିଂ ଗ୍ରାଉଣ୍ଡରେ ଅଭ୍ୟାସ କରି ଆସୁଛୁ। ସେଠାକାର ସୁବିଧା ସୁଯୋଗ ବହୁତ ଭଲ। ଏହାର ଭଲ ରକ୍ଷଣାବେକ୍ଷଣ କରାଯାଉଛି। ଜିମ୍ ମଧ ଉନ୍ନତମାନର। ହାଇପରଫରମାନ୍ସ ସେଣ୍ଟର ମଧ ସହାୟକ ହେବ।

**ପ୍ରଃ ଓଡ଼ିଶା ସରକାର ଓଡ଼ିଶା ଏଫସି ପାଇଁ ଅନେକ କିଛି କରୁଛନ୍ତି, ପ୍ରତିବଦଳରେ ଓଡ଼ିଶା ଏଫସି କ'ଣ ଦେବାକୁ ଚାହିଁବ।**

ଉଃ କିଛି ସମୟ ପୂର୍ବରୁ ଆମ ଟିମ୍ ମାଲିକ କହିଲେ ଯେ, ଆମେ ଟ୍ରଫି ଜିତି ତାହାକୁ ଓଡ଼ିଶାକୁ ଭେଟିଦେବାକୁ ଚାହିଁବୁ। ଏହା ଆମ ସମସ୍ତଙ୍କ ଇଚ୍ଛା। ସିଜନ ଶେଷ ବେଳକୁ ଆଇଏସଏଲର ଶୀର୍ଷ ୪ ସ୍ଥାନରେ ରହିବା ଆମର ପ୍ରଥମ ଲକ୍ଷ୍ୟ। ଆମେ ସେହି ଅନୁସାରେ ଆଗକୁ ବଢ଼ିବାକୁ ଚାହୁଁଛୁ।

**ପ୍ରଃ ଏକ ଆଇଏସଏଲ ଦଳ ଭାବରେ ଦିଲ୍ଲୀ ଏବଂ ଓଡ଼ିଶାରେ ମିଳୁଥିବା ସୁବିଧା ସୁଯୋଗ ମଧରେ କ'ଣ ପାର୍ଥକ୍ୟ ରହିଛି।**

ଉଃ କିଛି ଫରକ ନାହିଁ। ଓଡ଼ିଶା ସରକାର ଖେଳ ପାଇଁ ବହୁତ କିଛି କରୁଛନ୍ତି। ଓଡ଼ିଶା ପକ୍ଷରୁ ଖେଳିବାକୁ ଯାଉଥିବାରୁ ଆମେ ଅତ୍ୟନ୍ତ ଖୁସି। ଏବେ ଭଲ ଖେଳି ରାଜ୍ୟ ସରକାରଙ୍କୁ ଖୁସି କରିବା ଆମର ଲକ୍ଷ୍ୟ ରହିବ।

**ପ୍ରଃ ମେସି ଓ ରୋନାଲ୍ଡୋଙ୍କ ମଧରୁ ତୁମ ପସନ୍ଦ ଖେଳାଳି କିଏ ?**

ଉଃ କଠିନ ପରିଶ୍ରମ ମାଧମରେ ଅନେକ କିଛି ହାସଲ କରିହୁଏ। ଏହା କ୍ରିଷ୍ଟିଆନ ରୋନାଲ୍ଡୋଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି। ମେସି ବହୁତ ଭଲ ଖେଳାଳି, ଏଥିରେ ଦ୍ୱିମତ ନାହିଁ। ଈଶ୍ୱର ପ୍ରଦତ୍ତ ପ୍ରତିଭା ତାଙ୍କ ନିକଟରେ ରହିଛି। ମାତ୍ର କିପରି କଠିନ ପରିଶ୍ରମ କରିବାକୁ ହୁଏ ତାହା ରୋନାଲ୍ଡୋ ଦେଖାଇ ଦେଇଛନ୍ତି। ତେଣୁ ରୋନାଲ୍ଡୋଙ୍କୁ ମୁଁ ପସନ୍ଦ କରେ।



ଶୁଭମ ଷଡଙ୍ଗୀ

## ଓଡ଼ିଶା ଏଫ୍‌ସି ଜର୍ସି ଉନ୍ମୋଚିତ

ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ନୂଆ ଦଳ ଓଡ଼ିଶା ଏଫସିର ଜର୍ସି ଉନ୍ମୋଚନ ଉତ୍ସବ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇ ଯାଇଛି। ଏଥିସହିତ ଆନୁଷ୍ଠାନିକଭାବେ ଓଡ଼ିଶାର ଏକ ଜାତୀୟ ଫୁଟବଲ କ୍ଲବର କାର୍ଯ୍ୟାରମ୍ଭ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଓଡ଼ିଶା ଏଫସି ନିର୍ଦ୍ଦେଶକ ରୋହନ ଶର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅନିଶ୍ ଶାହ, କୋଚ୍ ଜୋସେପ ଗାମ୍ବାଉ ଏବଂ ଖେଳାଳିମାନେ ଯୋଗଦେଇ ଜର୍ସି ଉନ୍ମୋଚନ କରିଥିଲେ। ଦଳର ଓଡ଼ିଆ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରହିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ରୋହନ କହିଲେ ଯେ, ଆମେ ନୂଆ କିଟ୍ ଉନ୍ମୋଚନକୁ ଅପେକ୍ଷା କରିଥିଲୁ, କାରଣ ଏହା ନୂଆ ଆରମ୍ଭର ସଙ୍କେତ ବହନ କରୁଛି। ଓଡ଼ିଶା ଫୁଟବଲ ପାଇଁ ଏହା ଆମର ନୂଆ ଆରମ୍ଭ। ଏହାର ଏକ ଅଂଶବିଶେଷ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି। ପ୍ରଶଂସକମାନେ ଯେଉଁଠାକୁ ଗଲେ ମଧ ଆମର କିଟ୍ ପରିଧାନ କରି ନିଜକୁ ଗର୍ବିତ ମନେ କରିବେ ବୋଲି ଆଶା। ଅନ୍ୟପକ୍ଷରେ ''କିଟ୍ ଉନ୍ମୋଚନ କ୍ଲବ ପାଇଁ ସ୍ୱତନ୍ତ୍ର ମାନ୍ୟତା ରଖିଥାଏ। ନୂଆ ଲୋଗୋ ଦଳକୁ ନୂଆ ପରିଚୟ ଦେଇଛି। କୋଚ୍ ଏବଂ ଖେଳାଳିମାନେ ଭୁବନେଶ୍ୱର ପରିବେଶ ସହିତ ଅଭ୍ୟସ୍ତ ହୋଇ ଯାଇଛନ୍ତି। ଏଠାରେ ଉପଲବ୍ଧ ଟ୍ରେନିଂ ସୁବିଧାରେ ସେମାନେ ବହୁତ ଖୁସି। ପଡ଼ିଆରେ ମଧ ଦଳ ପ୍ରଦର୍ଶନ କରି ଗୌରବ ଆଣିବ ବୋଲି ଆମର ଆଶା। ଓଡ଼ିଶାକୁ ଫୁଟବଲ ରାଜଧାନୀଭାବେ ଗଢ଼ିତୋଳିବାରେ ଏହି କ୍ଲବ ନିଶ୍ଚିତ ସହାୟକ ହେବ ବୋଲି ସିଇଓ ଆଶିଷ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ସହଯୋଗରେ ଅତ୍ୟନ୍ତ ଉତ୍ସାହିତ ହୋଇଛନ୍ତି କୋଚ୍ ଜୋସେପ୍ ଗାମ୍ବାଉ। ଏଠାରେ ପହଞ୍ଚିବା ପରଠାରୁ ଆମେ ପାଇଥିବା ଭିତ୍ତିଭୂମି, ସୁବିଧା ସୁଯୋଗ, ଆତିଥେୟତା ଏବଂ ପ୍ରଶଂସକଙ୍କ ସମର୍ଥନରେ ବହୁତ ଖୁସି। ଜର୍ସି ଉନ୍ମୋଚନ ସହ ଏକ ନୂଆ ଆରମ୍ଭ ହେଲା। ଏବେ ଟିମ୍ ଆଗକୁ ବଢ଼ିବାକୁ ବ୍ୟଗ୍ର ବୋଲି ଗାମ୍ବାଉ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ପୂର୍ବରୁ ଦିଲ୍ଲୀ ଡାଇନାମସ ନାମରେ ଖେଳୁଥିବା ଫ୍ରାଞ୍ଚାଇଜ୍ ଗତ ଅଗଷ୍ଟ ୩୧ରେ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରିବାପରେ ଓଡ଼ିଶା ଏଫସିରେ ପରିଣତ ହୋଇଥିଲା।

### ପ୍ରସ୍ତୁତି ଭଲ ହୋଇଛି: ଟେବାର



ଓଡ଼ିଶାରେ ଆମକୁ ଯେପରି ସ୍ୱାଗତ କରାଯାଇଛି ଏବଂ ଆତିଥେୟତା ମିଳିଛି ସେଥିରେ ମୁଁ ବହୁତ ଖୁସି। ନୂଆ, କ୍ଲବ, ନୂଆ ସହରରେ ଆମେ ଖୁବ୍ ଉତ୍ସାହିତ। କୋଚ୍ ଗାମ୍ବାଉଙ୍କ ଅଧୀନରେ ଆମେ ଗତଥର ମଧ ଖେଳିଥିଲୁ। ତେଣୁ ଏଥର ଆହୁରି ଭଲ ପ୍ରଦର୍ଶନ କରି ଟାଇଟଲ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ହେବ। ଆଗାମୀ ସିଜନ ପାଇଁ ଆମର ପ୍ରସ୍ତୁତି ଭଲ ରହିଛି। ଏଠାରେ ଉପଲବ୍ଧ ଭିତ୍ତିଭୂମି ଏବଂ ସୁବିଧା ସୁଯୋଗ ବହୁତ ଭଲ। ଆମେ ଏବେ ଜାମସେଦପୁର ଏଫସି ବିପକ୍ଷ ପ୍ରଥମ ଗେମ୍ ଖେଳିବାକୁ ବ୍ୟଗ୍ରତାର ସହିତ ଅପେକ୍ଷା କରିଛୁ। କଳିଙ୍ଗ ଷ୍ଟାଡିୟମ ଆମପାଇଁ ଶୁଭ ସାବ୍ୟସ୍ତ ହେବା ନେଇ ମଧ ଆଶା ରହିଛି। ଜର୍ସିର ଡିଜାଇନ୍ ଏବଂ ରଙ୍ଗରେ ଆମେ ବହୁତ ଖୁସି। ଟିମ୍ ପରିବର୍ତ୍ତନ ହେବା ସହିତ କିଟ୍‌ରେ ପରିବର୍ତ୍ତନ ହୋଇଛି। ଏହା ଆମକୁ ଖୁବ୍ ପସନ୍ଦ ହୋଇଛି ବୋଲି ପ୍ରକାଶ କରିଛନ୍ତି ଓଡ଼ିଶା ଏଫସିର ସ୍ପାନିଶ୍ ଅଧିନାୟକ ମାର୍କୋସ ଟେବାର।

## ସ୍କେଟିଂରେ ଓଡ଼ିଶାକୁ ୧୮ ପଦକ



ଭୁବନେଶ୍ୱର, ୧୬।୧୦(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ସିବିଏସଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସ୍କେଟରମାନେ ୧୮ଟି ପଦକ ହାସଲ କରିଛନ୍ତି। ଓଡ଼ିଶାର ଏହି ପ୍ରତିଭା ସମ୍ପନ୍ନ ସ୍କେଟରମାନଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ହରିଶ ମିଶ୍ର ଏବଂ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ଓ ଅନ୍ୟ ସଦସ୍ୟମାନେ ସମ୍ବର୍ଦ୍ଧିତ କରିଛନ୍ତି।

# ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ

କଟକ ଅଫିସ,୧୬।୧୦

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ବିଜୟ ହଜାର ଟ୍ରଫିର ଚଳିତ ସଂସ୍କରଣରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି । ଭଦୋଦରାର ଦର୍ଶନ ସ୍ପୋର୍ଟସ ଆଣ୍ଡ ଏଜୁକେସନ ଏକାଡେମୀ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଛି । ଏଲିଟ ଗ୍ରୁପ–ଏ ଆଣ୍ଡ ବି ପଏଣ୍ଟ ଟେବୁଲରେ ସ୍ଥାନିତ ଓଡ଼ିଶା ୧୦ ମ୍ୟାଚ୍‌ରୁ ୩ ବିଜୟ, ୪ ପରାଜୟ ଓ ୩ଟି ଅମୀମାଂସିତ ଫଳାଫଳ ବଳରେ ୧୮ ପଏଣ୍ଟ ହାସଲ କରି ୧୦ମ ସ୍ଥାନରେ ରହିଛି ।

ଉତ୍ତରପ୍ରଦେଶ ଅଧିନାୟକ ସମର୍ଥ ସିଂ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ସନ୍ଦୀପ ପଟ୍ଟନାୟକଙ୍କୁ ବିଶ୍ରାମ ଦିଆଯାଇ ସ୍ୱସ୍ତିକ ସାମଲଙ୍କୁ ଓପନିଂ ଭାର ଦିଆଯାଇଥିଲା। ଓପନର ସ୍ୱସ୍ତିକ ଓ ଦେବାଶିଷ ସାମନ୍ତରାୟ ପ୍ରଥମ ଉଇକେଟରେ ୨୩ ରନ ଯୋଡ଼ିଥିଲେ। ବାମହାତୀ ଅର୍ଥୋଡକ୍ସ ସୌରଭ କୁମାର ସ୍ୱସ୍ତିକଙ୍କୁ ୧୨ରନରେ ବୋଲ୍ଡ କରି ଉତ୍ତରପ୍ରଦେଶ ନିମନ୍ତେ ପ୍ରଥମ ସଫଳତା ଦେଇଥିଲେ। ପରେ ଓଡ଼ିଶା ବଡ଼ ଭାଗିଦାରୀ ସୃଷ୍ଟି କରିବାରେ ବିଫଳ ହୋଇଥିଲା। ଦେବାଶିଷ ୨୪ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୩୧ରନ, ଗୋବିନ୍ଦ ପୋଦ୍ଦାର ୨୪ରନରେ ଆଉଟ ହୋଇଥିଲେ। ନବାଗତ ଅଭିଷେକ ଯାଦବ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିବା ବେଳେ ଅଲରାଉଣ୍ଡର ଅଭିଷେକ ରାଉତ ୧୫ରନ କରିଥିଲେ। ଉଇକେଟ କିପର ସୁଜିତ ଲେଙ୍କା ୨, ସୂର୍ଯ୍ୟକାନ୍ତ ପ୍ରଧାନ ୮, ରାଜେଶ ମହାନ୍ତି ୧ରନ କରିଥିଲେ ଓ ଦେବବ୍ରତ ପ୍ରଧାନ, ପପୁ ରାୟ ଶୂନରେ ଆଉଟ ହୋଇଥିଲେ। ଓଡ଼ିଶା ଇନିଂସ ୧୨୮ରନରେ ସୀମିତ ରହିଥିଲା। ଉତ୍ତରପ୍ରଦେଶର ମୋହସିନ ଖାନ ସର୍ବାଧିକ ୬ଟି ଉଇକେଟ ଦଖଲ କରିଥିଲେ। ପେସ ବୋଲିଂ ସୁହାଉଥିବା ଏହି ପିଚ୍‌ରେ ବିଜୟ ଲକ୍ଷ୍ୟ ଅଧିକ ନଥିଲେ ମଧ ଉତ୍ତରପ୍ରଦେଶ ୬୮ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ୧୭ରନରେ ଓପନର ଆର୍ଯ୍ୟନ ଯୁୟଲଙ୍କୁ ଦେବବ୍ରତ ପ୍ରଧାନ ଏଲବିଡବ୍ଲ୍ୟୁ କରିଥିଲେ। ଉଇକେଟ କିପର ଉପେନ୍ଦ୍ର ଯାଦବ ୩ଟି ଚୌକା ଓ ୨ଟି ଛକା ବଳରେ ଧୂଆଁଧାର ୩୧ରନ ସଂଗ୍ରହ କରି ଉତ୍ତରପ୍ରଦେଶକୁ ୫ ଉଇକେଟ ପୂର୍ବରୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ୨ଟି, ରାଜେଶ, ଦେବବ୍ରତ ଓ ପପୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ମୋହସିନଙ୍କ ହ୍ୟାଟ୍ରିକ

ଏହି ମ୍ୟାଚ୍‌ରେ ହ୍ୟାଟ୍ରିକ ଉଇକେଟ ନେଇଥିଲେ ଉତ୍ତରପ୍ରଦେଶର ବାମହାତୀ ମିଡ଼ିୟମ ଫାଷ୍ଟ ବୋଲର ମୋହସିନ ଖାଁ। ସେ ହ୍ୟାଟ୍ରିକ ଅର୍ଜନ କରିବା ସହ ୨୭ରନ ବିନିମୟରେ ୬ଟି ଉଇକେଟ ଦଖଲ କରିଥିଲେ। ୪୨ତମ ଓଭରରେ ମୋହସିନଙ୍କୁ ଏହି ସଫଳତା ମିଳିଥିଲା । ଉକ୍ତ ଓଭରର ୨ୟ ବଲରେ ରାଜେଶ ମହାନ୍ତିଙ୍କୁ କ୍ୟାଚ୍, ୩ୟ ବଲରେ ଦେବବ୍ରତ ପ୍ରଧାନଙ୍କୁ ବୋଲ୍ଡ ଓ ୪ର୍ଥ ବଲରେ ପପୁ ରାୟଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ ମୋହସିନ । ଯୁବତାରକା ମୋହସିନ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ପ୍ରତିନିଧିତ୍ୱ କରନ୍ତି ।

### ଯଶସ୍ୱୀ ସର୍ବକନିଷ୍ଠ ଦ୍ୱିଶତକ ହାସଲକାରୀ



ବେଙ୍ଗାଲୁରୁ,୧୬।୧୦

ମୁମ୍ବାଇ ଟିନଏଜର ଯଶସ୍ୱୀ ଜୈସ୍ୱାଲ ଏଠାରେ ବୁଧବାର ଖେଳାଯାଇଥିବା ଝାଡ଼ଖଣ୍ଡ ବିପକ୍ଷ ବିଜୟ ହଜାରେ ଟ୍ରଫିର ଏକ ମ୍ୟାଚ୍‌ରେ ଦ୍ୱିଶତକ କରି ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ୱିଶତକ କରିବାରେ ସେ ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ହେବାର କୀର୍ତ୍ତୀମାନ କରିଛନ୍ତି। ପ୍ରଥମଥର ବିଜୟ ହଜାରେ ଟ୍ରଫିରେ ଖେଳୁଥିବା ୧୭ ବର୍ଷୀୟ ଯଶସ୍ୱୀ ୧୫୪ ବଲର ସମ୍ମୁଖୀନ ହୋଇ ୨୦୪ ରନ୍ କରିଛନ୍ତି। ତାଙ୍କର ବିସ୍ଫୋରକ ଇନିଂସରେ ୧୨ ଛକା ଓ ୧୭ ଚୌକା ସାମିଲ ଥିଲା। ଝାଡ଼ଖଣ୍ଡ ବୋଲିଂ ଲାଇନଅପ୍‌ରେ ବରୁନ ଆରୋନ ଓ ଶାହବାଜ ନଦୀମଙ୍କ ଭଳି ଜଣାଶୁଣା ବୋଲର ରହିଥିଲେ ମଧ ତାଙ୍କୁ କେହି ରୋକି ପାରି ନ ଥିଲେ। ତାଙ୍କ ଦ୍ୱିଶତକ ଓ ଅଧିନାୟକ ଆଦିତ୍ୟ ତାରେଙ୍କ ୭୮ ରନ୍‌ର ଇନିଂସ ବଳରେ ମୁମ୍ବାଇ ଧାର୍ଯ୍ୟ ୫୦ ଓଭରରେ ୩ ଉଇକେଟ ହରାଇ ୩୫୮ ରନ୍ କରିଥିଲା। ଜବାବରେ ଝାଡ଼ଖଣ୍ଡ ଦଳ ୪୬.୪ ଓଭରରେ ୩୧୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ବିରାଟ ସିଂ ୧୦୦ ଓ ସୌରଭ ତିୱାରୀ ୭୭ ରନ୍ କରିଥିଲେ।

# ଆଜିଠାରୁ କାଉଣ୍ଟରରେ ଟିକେଟ ବିକ୍ରି



**ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ**

ଭୁବନେଶ୍ୱର, ୧୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଉ ଦୁଇ ସପ୍ତାହ ପରେ ଆୟୋଜନ ହେବାକୁ ଯାଉଛି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ) ଅଲିମ୍ପିକ୍ କ୍ୱାଲିଫାୟର୍ସ। ଏଥିରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ପଡିଆକୁ ଓହ୍ଲାଇବେ। ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମ ବକ୍ସ ଅଫିସ୍‌ରେ ଟିକେଟ ବିକ୍ରି ଆରମ୍ଭ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏଥିସହିତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ଆଉଟ୍‌ଲେଟ୍‌ରେ ମଧ ଟିକେଟ ବିକ୍ରି ହେବ ବୋଲି କୁହାଯାଇଛି। ଷ୍ଟାଡିୟମର ୯ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସ୍‌ରେ ଟିକେଟ ମିଳିବ। ନଭେମ୍ବର ୧ ଓ ୨ ତାରିଖରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଯେଉଁ ପ୍ରଶଂସକମାନେ ଅନ୍‌ଲାଇନ୍‌ରେ ଭାଉଚର କିଣିଛନ୍ତି ସେମାନେ ଷ୍ଟାଡିୟମର ୪ ନମ୍ବର ଗେଟ୍ ସ୍ଥିତ ରିଡେମ୍ପଶନ ସେଣ୍ଟରରେ ରିଡିମ କରିପାରିବେ ବୋଲି କୁହାଯାଇଛି। ଗୁରୁବାରଠାରୁ ଦିନ ୧୧ଟା ଓ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ।

**ଟିକେଟ ମୂଲ୍ୟ**

- ଇଷ୍ଟ ଷ୍ଟାଣ୍ଡ- ୩୦୦ ଟଙ୍କା
- ନର୍ଥ ଓ ସାଉଥ୍ ଷ୍ଟାଣ୍ଡ- ୨୦୦ ଟଙ୍କା
- ୱେଷ୍ଟ ଷ୍ଟାଣ୍ଡ- ୫୦୦ ଟଙ୍କା

ଭାରତୀୟ ପୁରୁଷ ହକି ଦଳ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗର ୫ ନମ୍ବର ସ୍ଥାନରେ ରହିଛି। ପୁରୁଷ ଦଳ ରୁଷିଆକୁ ୨ଟି ମ୍ୟାଚ୍‌ରେ ଭେଟିବ। ସେହିପରି ବିଶ୍ୱ ର୍‍ୟାଙ୍କିଙ୍ଗର ୯ ନମ୍ବର ସ୍ଥାନରେ ଥିବା ଭାରତୀୟ ମହିଳା ହକି ଦଳ ଆମେରିକାକୁ ୨ଟି ମ୍ୟାଚ୍‌ରେ ଭେଟିବ। ଇଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୩୦୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୨୦୦ ରଖାଯାଇଛି। ସେହିପରି ୱେଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୫୦୦ ଟଙ୍କା ରଖାଯାଇଛି। ଆସନ୍ତା ୧୯ ଓ ୨୬ ତାରିଖରେ ଭାରତୀୟ ମହିଳା ହକି ଦଳରେ ପ୍ରାକ୍ଟିସ ସେସନ ଆୟୋଜନ ହେବ। ଏହା ପ୍ରଶଂସକଙ୍କ ପାଇଁ ଖୋଲା ରହିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ହକି ଇଣ୍ଡିଆ ଅଧକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ ଟିକେଟ ବିକ୍ରି ସଂକ୍ରାନ୍ତରେ ସୂଚନା ଦେଇଥିଲେ। କଳିଙ୍ଗ ଷ୍ଟାଡିୟମର ବହୁ ସଂଖ୍ୟାରେ ଘରୋଇ ଦର୍ଶକ ଭାରତୀୟ ଦଳକୁ ଚିୟର କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅକ୍ଟୋବର ୧୭/୨୦୧୯ Sambalpur, Thursday, October 17 / 2019

# ସହକର୍ମୀଙ୍କୁ ମାଡ ମାରି କ୍ଷମା ମାଗିଲେ ବିଡିଓ

**କନ୍ଧମାଳ,୧୬।୧୦(ଡି.ଏନ.ଏ.)** ବୌଦ୍ଧ ଜିଲାପାଳଙ୍କ ଜନଶୁଣାଣି ପରେ ସୋମବାର କନ୍ଧମାଳ ବିଡିଓ ସର୍ବସମ୍ମୁଖରେ ଜଣେ ସହକର୍ମୀଙ୍କୁ ମାଡ ମାରିଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଜନଶୁଣାଣି ଶେଷ ହେବା ପରେ ପ୍ରକୋଷ୍ଠ ଆଗ ବାରଣ୍ଡାରେ ବିଡିଓ ଶୁଣାଣି ବେଳେ ଉପସ୍ଥିତ ନ ଥିବା ଜଣେ କର୍ମଚାରୀଙ୍କୁ ଗାଳି ଦେଇ ମୁଥ ମାରିଥିବା କୁହାଯାଉଛି । ଏହି ଘଟଣାରେ ସର୍ବସାଧାରଣରେ ବିଡିଓ କ୍ଷମା ମାଗିବା ନେଇ ୨ଟି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏ ନେଇ ବିଡିଓ ରବୀନ୍ଦ୍ର ନାଥ କହଁରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ସହକର୍ମୀଙ୍କୁ ମାଡ ଦେବା ଭଳି କିଛି ଘଟଣା ଘଟିନାହିଁ। ତେବେ ସହକର୍ମୀ ଜଣକ ତାଙ୍କ ଦାୟିତ୍ୱରେ ଖିଲାପ କରିଥିବାରୁ ମୁଁ ତାଙ୍କୁ ତାଗିଦ କରିଥିଲି । ଏହି ସମୟରେ ମୋର ହାତ ତାଙ୍କ କାନ୍ଧରେ ବାଜି ଯାଇଥିଲା। ଏ ନେଇ ଆମର ବୁଝାମଣା ହୋଇଛି ଓ ମୁ ମୋର ଭୁଲ ସ୍ୱୀକାର କରିଛି ବୋଲି ବିଡିଓ କହଁର କହିଛନ୍ତି ।




## ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ

**ନାକଟିଦେଉଳ, ୧୬।୧୦ (ଡି.ଏନ.ଏ)** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ଗ୍ରାମ ପଞ୍ଚାୟତର ଦୁର୍ଗମ କୁଡାନାଳୀ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ବ୍ୟକ୍ତିଙ୍କର ନାମ ବିଶିକେଶନ ଦେହୁରୀ (୪୯)। ମଙ୍ଗଳବାର ସେ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲାବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ହେଲେ ପୋକ କାମୁଡିଥିବା ଭାବି ଗୁରୁତ୍ୱ ଦେଇ ନ ଥିଲେ। ଅପରାହ୍ନରେ ଘରକୁ ଫେରି ଭାତ ଖାଇ ସାରିବା ପରେ ତାର ମୁଣ୍ଡ ବୁଲାଇଥିଲା। ଏହାପରେ ସେ ଘର ଲୋକଙ୍କୁ ଜଙ୍ଗଲରେ କିଛି କାମୁଡି ଥିବା ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ଛେଣ୍ଡିପଦା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା କରିଛି। ମୃତଦେହକୁ ବୁଧବାର ବ୍ୟବଚ୍ଛେଦ କରାଇ ପରିବାର ଜିମା ଦିଆ ଯାଇଛି। ତାଙ୍କ ଘରଲୋକେ କହିବା ଅନୁସାରେ ଜଙ୍ଗଲରେ ବିଶିକେଶନଙ୍କୁ ସାପ କାମୁଡିଦେଇଥିବା ସନ୍ଦେହ କରାଯାଉଛି । ତେବେ ତାଙ୍କ ମୃତ୍ୟୁରେ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ବନ୍ୟପ୍ରାଣୀ ସପ୍ତାହ ପାଳିତ

ବୌଦ୍ଧ,୧୬।୧୦(ସ୍ୱ.ପ୍ର): ବୌଦ୍ଧ ବନଖଣ୍ଡ ପକ୍ଷରୁ ବୁଧବାର ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଟାଉନହଲରେ ଜିଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜିଲାରେ ଜଙ୍ଗଲ ସମ୍ପଦର ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ, ପରିବେଶ ସଚେତନତା ଉପର ଗୁରୁତ୍ୱାରୋପ କରିଥିଲେ । ଏସିଏଫ ଭୈରବ ଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରବୀର କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ଏଡିଏମଓ ମଦନମୋହନ ପ୍ରଧାନ ଯୋଗଦେଇ ଆଗାମୀ ଭବିଷ୍ୟତ ପିଢି ପାଇଁ ବର୍ତ୍ତମାନ ପରିବେଶର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇ ପଡିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାରେ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି ପାଇଁ ଆବଶ୍ୟକୀୟ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାକୁ ମତପ୍ରକାଶ ପାଇଥିଲା।

# ଆପ୍ନେ ଆରପାରେ, ପଲିଥିନ୍ ତଳେ ପରିବାର

ପୁରୁଣାକଟକ, ୧୬।୧୦(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପଁଚେତ୍ ଅଧୀନ କମଳପୁର ଗାଁର ଭିକୁ ହଂସ(୩୪)। ସେ ବାଙ୍ଗାଲୋରକେ ଦାଦନ୍ ଖଟିଯାଇ ଶୋଭା ଲିମିଟେଡ୍ କମ୍ପାନୀରେ ମାର୍ବଲ ଶ୍ରମିକ ହିସାବେ କାମ୍ କରୁଥିଲାବେଳେ କେହେନ୍‌ସି କାରନ୍‌ରୁ ଅଗଷ୍ଟ ୧ ତାରିଖ୍‌ରେ ତାକର ମୁର୍ତ୍ତୁ ହେଇଥିଲା। ପରିବାର ଲୋକ୍ ପୁରୁଣାକଟକ ପୁଲିସ ଆର ଜିଲା ପରଶାସନକେ ଜନାଲା ଉତାରୁ ପରଶାସନର ସାହାଯ୍‌ରେ ଭିକୁକଁର ଶବ ଗାଁକେ ଆସିଥିଲା। ଭିକୁ କାମ୍ କରୁଥିବାର କମ୍ପାନୀ କତ୍ତୁରପକ୍ଷ ଶୁଧିକାୟ୍ ଆର ତାକର ବିଧବା ମାଏକିନା ରଶ୍ମୀ, ୨ ବଛରର ଝିଁ ଲିପ୍‌ସାକଁର ଚଲବାର ଲାଗି ୧୫ ଦିନ୍ ଭିତରେ ୫ ଲାଖ୍ ଟଁକା ପଠେଇ ଦେମୁ କହି ସବୁ କାଗଜପତର, ପାସବହି ନମ୍ବର ନେଇଥିଲେ। ହେଲେ ଆଏଜ୍‌କେ ପାଖାପାଖି ୨ ମାସ ବିତିଯାଇଥିଲେ ବି କମ୍ପାନୀ କତ୍ତୁରପକ୍ଷ ଟଁକା ଦେବାର ତ ଦୂରର କଥା ତାହାକୁ ଯୋଗାଯୋଗ କଲେ ବି ଉତର ନାଇଁ ମିଲବାର ବଲି ରଶ୍ମୀ କହିଛନ୍। ଘରର ଝନେ ବଲି ରୁଜଗାରିଆ ଲୋକ୍ ଥିଲେ ଭିକୁ। ତାକର ଚାଲିଗଲା ଉତାରୁ ମା'ଝିଁ ବଡ଼ା ଗୁଲ୍‌ଗୁଲା ହେଇ ଦିନ୍ ବିତଉଛନ୍। ଏନ୍ତା ପରିସ୍ଥିତିରେ ବି ମା'ଝିଁ କମ୍ପାନୀ ଆର ସରକାରୀ ସାହାୟ୍ ପାଏବାରୁ ବଁଚିତ୍ ହେଇ ରହିଛନ୍। ଭିକୁ ଚାଲିଯିବାର ୨ ମାସ ବିତିଯାଇଥିଲେ ବି ରଶ୍ମୀ ବିଧବା ଭତା, ହରିଶ୍ଚନ୍ଦ୍ର ଯୋଜନାର ଟଁକା କି ସରକାରୀ ଯୋଜନାରେ ଆବାସ ଘର ଖଁଡ଼େ ପାଇ ନାଇଁପାରି। ଏନ୍ତାଥି ମା'ଝି ୮୦ ବଛରିଆ ଶଶୁରକଁର ଭରସାରେ ଗୁଟେ ଭଂଗା ଘରେ ପଲିଥିନ୍ ଢ଼ାପି ରହୁଛନ୍। ପରିବାର ଲୋକ ହରଭଙ୍ଗା ବିଡିଓକୁଁ ସରକାରୀ ସାହାୟ୍ ଲାଗି ୨ ଥର ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ମତାମତ ଲାଗି ହରଭଙ୍ଗା ବିଡିଓ ରବିନ୍ଦ୍ରନାଥ ଶତପଥୀକୁଁ ଯୋଗାଯୋଗ କରାଯାଇଥିଲେ ବି ତାକର ମତାମତ ନାଇଁ ମିଲିପାରି। ଜିଲାପାଳ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ସାହାୟ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ନିଜର ଦଦ୍‌ରା କୁରିଆ ଆଘେ ରଶ୍ମୀ ଆର ତାକର ଝି।



ମନ୍ତ୍ରୀ ପଦ୍ମନାଭ ବେହେରା କରମସାନୀ ଗୀତ ଗାଇ ନାଚୁଛନ୍ତି ।

# କରମସାନୀ ଗୀତ ଗାଇ ନାଚିଲେ ପରିବହନ ମନ୍ତ୍ରୀ

ବରଗଡ଼ ଅଫିସ,୧୬।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ମତଦାନ ଦିବସ ଯେତିକି ପାଖେଇ ଆସୁଛି, ନିର୍ବାଚନୀ ତାତି ମଧ୍ୟ ସେଭଳି ବଢ଼ିବାରେ ଲାଗିଛି । ଏପରିକି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ହାତେଇବାକୁ ରାଜନେତାମାନେ ମଧ୍ୟ ଅଭିନବ ଭାବେ ପ୍ରଚାର ମଇଦାନକୁ ଓହ୍ଲାଉଥିବା ଦେଖିବାକୁ ମିଳିଛି । ବୁଧବାର ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁଙ୍କ ପ୍ରଚାର କାର୍ଯ୍ୟକ୍ରମରେ ଥିବା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗାଇସିଲେଟ ବ୍ଲକ ଅନ୍ତର୍ଗତ ମହାଜନ ଡୁଙ୍ଗୁରୀଠାରେ ଅନୁଷ୍ଠିତ କରମସାନୀ ପୂଜା ତଥା କଳାକାର ସମାବେଶକୁ ଯାଇଥିଲେ। ସେଠାରେ ନିଜେ କରମସାନୀ ଗୀତ ଗାଇ କଳକାରଙ୍କ ଗହଣରେ ନାଚିଥିବା ଦେଖିବାକୁ ମିଳିଥିଲା । ମନ୍ତ୍ରୀଙ୍କ କରମସାନୀ ଗୀତ ବୋଲିବା ଏବଂ ନାଚିବାକୁ ଉପସ୍ଥିତ ଲୋକେ ଉପଭୋଗ କରିଥିଲେ।

# ଡାକ୍ତର ନିଯୁକ୍ତି ଦାବିରେ ଧାରଣା



ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବିରେ ଧାରଣା ଚାଲିଛି ।

ବୌଦ୍ଧ,୧୬।୧୦(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ୯ ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ହରଭଙ୍ଗା, ଆଡେଣୀଗଡ ଓ ତଳଗାଁ ଚିକିତ୍ସାଳୟରେ ଖାଲିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରିବା ପାଇଁ ଜିଲା ପରିଷଦ ସଭ୍ୟ ଅବକାଶ ସାହୁଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ଦୁର୍ଗମ ଅଞ୍ଚଳର ପ୍ରାୟ ୭ଟି ପଞ୍ଚାୟତର ଅଧିବାସୀ ଏହି ଚିକିତ୍ସାଳୟ ଗୁଡିକ ଉପରେ ନିର୍ଭର କରୁଥିବାବେଳେ ଡାକ୍ତର ଅଭାବରୁ ଅନେକ ରୋଗୀ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି । ତେଣୁ ଡାକ୍ତର ପଦବୀ ପୂରଣ କରା ନ ଯିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରଖାଯିବ ବୋଲି ସାହୁ ପ୍ରକାଶ କରିଥିଲେ। ଧାରଣାକାରୀମାନଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ ଆଲୋଚନା କରିବା ପରେ ଆଡେଣୀଗଡ ଚିକିତ୍ସାଳୟକୁ ତୁରନ୍ତ ଜଣେ ଡାକ୍ତରଙ୍କୁ ବଦଳି କରାଯାଇଥିବାବେଳେ ହରଭଙ୍ଗା ଚିକିତ୍ସାଳୟରେ ଚାରିଛକ ଓ ଧଳପୁର ଚିକିତ୍ସାଳୟର ଡାକ୍ତର ଯାଇ କାର୍ଯ୍ୟ କରିବେ । ତଳଗାଁ ଚିକିତ୍ସାଳୟକୁ ୧୫ ଦିନ ମଧ୍ୟରେ ଡାକ୍ତର ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଧାରଣାରୁ ଓହରିଥିଲେ । ଏହି ଧରଣାରେ ପ୍ରଦୀପ ସାହୁ, ଭୀମସେନ ଘିବେଲା, ଭୀକାରୀ ଚରଣ ସରହୁ, ଜୟନ୍ତ ଦେହୁରୀ, ପବିତ୍ର ବେହେରା, ରମାକାନ୍ତ ଭୋକ୍ତା, ସୁଧାଂଶୁ ପ୍ରଧାନ ଓ ନେତ୍ରାନନ୍ଦ କହଁର ସାମିଲ ଥିଲେ ।

# ବୌଦ୍ଧରେ ହେବ ୨ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା

ବୌଦ୍ଧ,୧୬।୧୦(ସ୍ୱ.ପ୍ର)

ବୌଦ୍ଧ ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମଦିନ ଉପହାର ପ୍ରଦାନ କରିଛନ୍ତି। ଜିଲାବାସୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବାର ଭିତିଭୂମି ଅଭାବ ନେଇ ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ବୁଧବାର ଜିଲାବାସୀଙ୍କ ପାଇଁ ଦୁଇଶହ ଶଯ୍ୟା ବିଶିଷ୍ଟ ନୂଆନ ଚିକିତ୍ସାଳୟ ନିର୍ମାଣ ପାଇଁ ମଞ୍ଜୁର କରିଛନ୍ତି। ଗତ ୧୧ ତାରିଖରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ୫ଟି ସଚିବ ଭି. କେ ପାଣ୍ଡିଆନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ବୌଦ୍ଧ ଜିଲା ଗସ୍ତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଗସ୍ତ ସମୟରେ ଉକ୍ତ ଅଧିକାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନାଭାବ ଯୋଗୁ ବହୁ ଅସୁବିଧା ହେଉଥିବା ଦେଖିବାକୁ ପାଇଥିଲେ । ସଚିବଙ୍କ ଗସ୍ତର ୫ ଦିନ ପରେ ବୌଦ୍ଧ ଜିଲାରେ ଏକ ୨୦୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପାଣ୍ଠି ମଞ୍ଜୁର କରିବା ସହିତ ଭିଡିଓ କନଫରେନସିଂ ଜରିଆରେ ଏହି ସୂଚନା ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏ ନେଇ ଜିଲା ମୁଖ୍ୟଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାବାସୀଙ୍କୁ ଜନ୍ମଦିନର ଉପହାର ସମ୍ପର୍କରେ ସୂଚନା ଦେବା ସହିତ ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନରେ ଏହା ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା ଜେଲ୍ ଲାଣ୍ଡିବନ୍ଧଠାରେ ନିର୍ମାଣ ହୋଇଥିବା ନୂତନ କୋଠାକୁ ସ୍ଥାନାନ୍ତର ହେବା ପରେ ସେହି ସ୍ଥାନରେ ଏହି ନୂତନ ଚିକିତ୍ସାଳୟରେ ଗୋଟିଏ ଛାତ ତଳେ ରୋଗୀମାନଙ୍କୁ ସମସ୍ତ ସୁବିଧା ମିଳିପାରିବ ବୋଲି ପ୍ରକାଶ କରିଥିଲେ । ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ରୋଗୀମାନଙ୍କ ସହଯୋଗୀଙ୍କ ପାଇଁ ଏକ ବିଶ୍ରାମାଗାର ଏବଂ ଜିଲା ପାଇଁ ଏକ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ଜିଲାର ହରଭଙ୍ଗା ଓ କଣ୍ଟାମାଳ ବ୍ଲକରେ ବ୍ୟାପୁଥିବା କିଡ୍‌ନୀ ରୋଗର ନିରାକରଣ ପାଇଁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଖୁବ ଶୀଘ୍ର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ମିଶ୍ର ସୂଚନା ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ, ଏଡିଏମଓ ମଦନମୋହନ ପ୍ରଧାନ ଓ ଡିପିଏମ ରୂପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟମାନେ ।

## ବିଜେପୁର ଉପନିର୍ବାଚନ

# ପ୍ରଚାରକୁ ଯିବାକୁ ମଙ୍ଗୁ ନାହାନ୍ତି ନେତା

**ବିଜେପୁର ଉପନିର୍ବାଚନ**
- ଭାଜପାରେ ରହିଛି ଅସନ୍ତୋଷ, ବିଶୃଙ୍ଖଳା
- ସମୀକ୍ଷା ବୈଠକରେ କଥା କଟାକଟି
- ଉଠି ପଳାଇଲେ ରାଜ୍ୟ ପ୍ରଭାରୀ

ସମ୍ବଲପୁର,୧୬।୧୦(ବ୍ୟୁରୋ)

ରାଜ୍ୟ ରାଜନୀତିର ନଜର ଏବେ ବିଜେପୁର ଉପନିର୍ବାଚନ ଉପରେ ରହିଛି। ଦଳୀୟ ପ୍ରଚାର ପାଇଁ ରାଜ୍ୟ, କେନ୍ଦ୍ରୀୟ ନେତାମାନଙ୍କ ବିଜେପୁରରେ ମେଳା ଲାଗୁଛି । ଘର ଘର ବୁଲି ନେତାମାନେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ହେଲେ ସମ୍ବଲପୁର ଜିଲାର ଭାଜପା ନେତା ଓ କର୍ମକର୍ତ୍ତାମାନଙ୍କ ବିଜେପୁରରେ ଦେଖା ମିଳୁନାହିଁ ।

୨୦୧୮ ବିଜେପୁର ଉପ ନିର୍ବାଚନ ବେଳେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଗୁରୁ ଦାୟିତ୍ୱ ଦିଆଯାଇଥିଲା । ଦିନ ରାତି ସେ ଏକ କରି ପ୍ରଚାର କରିଥିଲେ । ଏପରି କି ଏକ ମାର୍‌ପିଟ ଓ ହତ୍ୟା ମାମଲାରେ ସେ ଅଭିଯୁକ୍ତ ବୋଲି ଦର୍ଶାଯାଇଥିଲା। ହେଲେ ଏଥର ଉପ ନିର୍ବାଚନରେ ସେ ପ୍ରଚାର କରିବାକୁ ଯାଉନାହାନ୍ତି । ଅବଶ୍ୟ ପ୍ରଚାର ତାଲିକାରେ ବିଧାୟକ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ନାଁ ରହିଛି । ହେଲେ ଉଭୟ ନେତା ପ୍ରଚାରକୁ ଯାଉ ନ ଥିବାରୁ ଏବେ ଅନେକ କଥା ଚର୍ଚ୍ଚାକୁ ଆସୁଛି । ଗତ ନିର୍ବାଚନରେ ଘଟିଥିବା ଘଟଣାକୁ ନେଇ କେବଳ ତାଙ୍କ ନାମ ତାଲିକାରେ ରଖାଯାଇଛି ସତ ହେଲେ ପ୍ରଚାର କରିବାକୁଯିବାକୁ ଭିତିରିଆ କଟକଣା ଜାରି କରାଯାଇଛି । ବିଧାୟକ ମିଶ୍ର ପ୍ରଚାରକୁ ନ ଗଲେ ତାଙ୍କ ଚେଲା କୁହାଯାଉଥିବା ରେଙ୍ଗାଲି ବିଧାୟକ ନାଏକ ମଧ ପ୍ରଚାରକୁ କିଭଳି ଭାବେ ଯିବେ ବୋଲି କହୁଛନ୍ତି ।

ସେହିପରି ଜିଲାରେ ଥିବା ଆଗଧାଡିର ନେତାମାନେ ମଧ ପ୍ରଚାର ମଇଦାନରେ ଦେଖା ଯାଉ ନାହାନ୍ତି । ଏହି ଘଟଣାକୁ ନେଇ ଦଳରେ ଥିବା ବିଶୃଙ୍ଖଳା ପଦାରେ ପଡିଛି । ମଙ୍ଗଳବାର ଏଠାର ଏକ ହୋଟେଲରେ ବୁଥ୍ ଓ ମଣ୍ଡଳସ୍ତରୀୟ ସଦସ୍ୟ ସଂଗ୍ରହ ଉପରେ ସମୀକ୍ଷା ବୈଠକ ବସିଥିଲା । ଉକ୍ତ ବୈଠକରେ ହଟ୍ଟଗୋଳ ହୋଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ରାଜ୍ୟପ୍ରଭାରୀ ଅରୁଣ ସିଂଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା । ଏଥିରେ ଜିଲା ସଭାପତି ରାମଚନ୍ଦ୍ର ମେହେର, ବିଧାୟକ ମିଶ୍ର, ବିଧାୟକ ନାଏକଙ୍କ ସମେତ ଜିଲାସ୍ତରୀୟ , ମଣ୍ଡଳସ୍ତରୀୟ ନେତାମାନେ ଉପସ୍ଥିତ ଥିଲେ । ବୁଥ, ମଣ୍ଡଳସ୍ତରରେ ସଭ୍ୟ ସଂଗ୍ରହ ସହ ଦଳୀୟ କାର୍ଯ୍ୟଗୁଡିକ ଉପରେ ପ୍ରଭାରୀ ସିଂ ସମୀକ୍ଷା କରିଥିଲେ । ବିଧାୟକ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ, ତୃଣମୂଳସ୍ତରରୁ ରିପୋର୍ଟ ସଂଗ୍ରହ କରାଯାଉ ନାହିଁ । ଯଦି ସଂଗ୍ରହ କରାଯାଉଛି ତାହା ହେଲେ କାହିଁକି ପ୍ରାର୍ଥୀ ଚୟନ ଓ ତାଙ୍କ ମତ ଅନୁସାରେ କୌଣସି କାର୍ଯ୍ୟ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାଦ୍ୱାରା ଜୟଙ୍କୁ ବିରୋଧୀ ଦଳ ନେତା ନ କରିବା ଅସନ୍ତୋଷ ଗନ୍ଧ ବାରି ହେଉଥିଲା। ଏଥିରେ ପ୍ରଭାରୀ ସିଂ ରାଗିଯାଇ କହିଥିଲେ, ପଶ୍ଚିମ ଓଡିଶାରେ ଦଳ ଭଲ ପ୍ରଦର୍ଶନ କରିଛି । ଏଥିପାଇଁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବଦାନ ରହିଛି । ଦଳ ବିରୋଧୀ ମନ୍ତବ୍ୟ ଦେବା ବନ୍ଦ କର ବୋଲି କହି ସେ ବୈଠକରୁ ଉଠି ବରଗଡ ଚାଲି ଯାଇଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଭାଜପାରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ମନ ଭିତରେ ଅସନ୍ତୋଷ ବଢ଼ିଛି। ଏ ସମ୍ପର୍କରେ ବିଧାୟକ ନାଏକ କହିଛନ୍ତି, ସେ ବିଜେପୁର ଉପନିର୍ବାଚନରେ ପ୍ରଚାର ପାଇଁ ଯିବେ। ସେହିପରି ବିଧାୟକ ମିଶ୍ର କହିଛନ୍ତି ଯେ, ବିଜେପୁର ଉପ ନିର୍ବାଚନ ପାଇଁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଉନାହିଁ। ସବୁଠାରୁ ବଡ ସମସ୍ୟା ହେଉଛି ତାଙ୍କ ସ୍ୱାସ୍ଥ୍ୟ ଠିକ୍ ନାହିଁ ବିଜେପୁର ଉପନିର୍ବାଚନ ପାଇଁ ବରଗଡ ଓ ବଲାଙ୍ଗୀର ଜିଲାର ନେତା ଓ କର୍ମକର୍ତ୍ତା ପ୍ରଚାରରେ ସହଯୋଗ କରୁଛନ୍ତି। ହେଲେ ବୈଠକରେ ସେଭଳି କିଛି ଘଟି ନାହିଁ । ମିଛ ପ୍ରଚାର କରାଯାଉଛି ବୋଲି କହି ମୂଳ ପ୍ରସଙ୍ଗରୁ ଏଡେଇ ଯିବାକୁ ଚେଷ୍ଟା କରିଛନ୍ତି।

INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
SIRIPUR, BHUBANESWAR-751003, ODISHA
Ph. (0674) 2562151, Fax-2561879, E-mail:imagebbsr@rediffmail.com
Letter No. 4062 Dated: 16.10.2019
CORRIGENDUM to Advt. dated 04.10.2019
With reference to the Advertisement dated **04.10.2019** for **"PRI Lines and support Services"**, the last date for submission of the EOI has been extended to **25.10.2019.** All other activities scheduled on **18.10.2019** in the EOI document has been rescheduled to **25.10.2019** without any change of time. The rest of the terms & conditions remain unchanged.
DIRECTOR, IMAGE

ODISHA UNIVERSITY OF AGRICULTURE AND TECHNOLOGY
Department of Agricultural Biotechnology, College of Agriculture, Bhubaneswar
Advertisement No. 748/ ABT, Dated 15/10/2019
Applications are invited from young interested candidates to work under R & D research project entitled "An integrated genomics/ genetics approach for development of mungbean varieties with improved disease resistance" funded by DBT, Govt. of India. Candidates with minimum qualification 60% in M.Sc. Biotechnology/M.Sc (Ag). Agricultural Biotechnology from recognized institutes/University with minimum two years research experience in genomics / proteomics / molecular pathology. The consolidated remuneration of Rs.25,000/- per month + 20% HRA. The post is purely temporary, co-terminus with the project. Preference will be given the candidate having DBT-NET/CSIR-NET qualified. Submit the bio-data along with attested copy of all testimonials and experience certificate with one pass-port size photograph by speed post to Prof. & Head, Department of Agril. Biotechnology, College of Agriculture, Bhubaneswar-3, Odisha within 15 days of advertisements. Authority has right to cancel the advertisement at any stage.
Sd/-
(Prof. & Head)
ABT, CA

ICAR-AINP ON MARICULTURE PROJECT
College of Fisheries (OUAT), Rangailunda, Berhampur-7, Ganjam
WALK-IN-INTERVIEW
Candidates interested to contractual engagement in the ICAR-AINP funded project operating in the College of Fisheries, OUAT, Rangailunda, Berhampur-7, Ganjam may avail the opportunity through the walk-in-interview. The activities of the post relates to the fish cage fabrication, cage maintenance, water quality analysis, feeding, disease management etc. The essential qualification, remuneration and time of interview are specified below. The post is purely temporary and co-terminus with completion of the project period. Notwithstanding the duration of the scheme, engagement of SRF can be discontinued owing to administrative reasons at any time. The SRF may also leave the assignment on his own violation by giving one month notice. At the end of the contract period, the SRF will have no right to claim any employment or engagement in the OUAT. No TA and DA will be provided for appearing the interview. Candidates appearing interview are requested to produce a set of attested photocopies of the original certificates indicating educational qualification and experience along with Bio-data at the time of interview which will be held in the Conference Room of the Dean of Research, Odisha University of Agriculture and Technology, Bhubaneswar-751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of the post | No. of the post | Essential educational qualification | Age limit on date of interview | Remuneration / month | Duration on the project | Place of posting | Date & time of interview |
|---|---|---|---|---|---|---|---|---|
| 1. | SRF | 01 | Master degree in Fisheries science/ Marine Biology/ Zoology/ Environmental science | 35 years for men and 40 years for women (relaxation as per rules) | SRF @ 31,000/- per month + HRA for 1st year & 2nd year and @ 35,000/- per month + HRA for 3rd year (As per ICAR rule) | March 2020 | College of Fisheries, OUAT, Rangailunda, Berhampur-7, Ganjam | Dt.13-11-19 at 11:00 A.M Committee Room of the Dean of Research, OUAT, Bhubaneswar. For details visit OUAT website **ouat.ac.in** |

Principal Investigator
AINP-Mariculture

The Odisha State Co-operative Milk Producers' Federation Limited
omfed
www.omfed.com
D-2, Sahid Nagar, Bhubaneswar, Phone : 0674-2546030, 2540273, 2540417, Fax No.: 0674-2540974, Website:www.omfed.com
Bid Identification No. PROJ/DKL/18
TENDER FOR BOUNDARY WALL WORK AT DHENKANAL DAIRY
OMFED invites sealed Tenders from experienced civil contractors ("C" and above class of contractor) for execution of the **"CIVIL, STRUCTURAL & ELECTRICAL WORK FOR CONSTRUCTION OF BOUNDARY WALL WITH SECURITY CABIN AT-DHENKANAL DAIRY, DIST-DHENKANAL, ODISHA".** Tender Document along with all other information may be downloaded from the OMFED website : **www.omfed.com.** Addendum, Corrigendum if any shall only be published in OMFED website. Management reserves the right to accept or reject any or all the bid documents or part thereof without assigning any reason.
Managing Director

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଅଭିନବ ବିଡାନାସୀ , କଟକ ( ମର୍କତ ନଗର ) ସେକ୍ଟର – 8 ରେ ପ୍ଲଟ ନଂ – 8-3B/700 ଟିକୁ ଶ୍ରୀ ସୁନୀଲ ମହାନ୍ତି, ପିତା – ସମରେନ୍ଦ୍ର ନାଥ ମହାନ୍ତି, ସା – ହାଉସ ନଂ – ୩, ରବୀନ୍ଦ୍ର ନିବାସ, ଭବାନୀ ଏନକ୍ଲେଭ – II, ସେକ୍ଟର – ୮, ସି.ଡି.ଏ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନୀଲ ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜଷ୍ଟିସ ଯତୀନ୍ଦ୍ର ପ୍ରସାଦ ଦାସ, ପିତା – ୰ ଜାନକୀ ପ୍ରସାଦ ଦାସ, ସା/ପୋ – ଗଡିଜଙ୍ଗ, ଥା – ନେମାଳୋ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। -ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଆରୋହୀ ଗୁରୁତର

**ବିନିକା,୧୬।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା କଲେଜ ଗେଟ୍ ନିକଟରେ ବୁଧବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ଆରୋହୀ ହେଲେ ଅନ୍ତର୍ଦା ଗ୍ରାମର ଶ୍ରୀରାମ ଗୁରୁ(୩୨) । ସେ ବାଇକ୍ ନଂ ଓଡି-୧୭-୫୬୭୮ରେ ସଂଘିଯୁବା ଗ୍ରାମର ଲୁଲୁ ମଲ୍ଲିକ (୨୫)ଙ୍କୁ ନେଇ କଲେଜ୍ ଗେଟ୍ ପଟକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ଉଭୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ । ଶ୍ରୀରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଡୁଙ୍ଗୁରିପାଲି, ୧୬।୧୦ (ଡି.ଏନ.ଏ):** ବଲାଙ୍ଗୀର ରେଳ ବିଭାଗ ଅଧୀନ ଖଲିଆପାଲି-ଡୁଙ୍ଗୁରିପାଲି ଟ୍ରେନ ଲାଇନର ଡୁଙ୍ଗୁରିପାଲି ଏସ.ରାମପୁର ରାସ୍ତାରେ ଥିବା ଫାଟକର କିଛିଦୂରରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବଲାଙ୍ଗୀର ଜିଆରପି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖଣ୍ଡବିଖଣ୍ଡିତ ହୋଇଯାଇଥିବା ଯୁବକଙ୍କ ପରିଚୟ ମିଳିନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି ଏକ ଟ୍ରେନରେ ଯୁବକ ଜଣକ କଟି ଯାଇଥିବା ରେଲୱେ ପୋଲିସ କହିଛି। ଏନେଇ ଏକ ମାମଲା (ନଂ. ୩୯/୧୯)ରୁଜୁ ହୋଇଛି।

### ଉଦ୍‌ଯାପିତ ହେଲା ବିନିକା ଝାମୁଯାତ୍ରା

**ବିନିକା,୧୬।୧୦(ଡି.ଏନ୍.ଏ):** ବିନିକା ଏନଏସି ଅନ୍ତର୍ଗତ ପାତିକାର ପଡାରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଶ୍ୱିନ ଦଶହରାରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ଯାଏଁ ଚାଲିଥିଲା। ଯାତ୍ରା ନିମନ୍ତେ ବରୁଆମାନେ ଧୁନକେଳି ବଜାଇ ତେତିଶ କୋଟି ଦେବୀଙ୍କୁ ଆବାହନ କରିଥିଲେ। ପରେ ବିନିକା ସହର ଦେଇ ପ୍ରବାହିତ ମହାନଦୀରେ ଦେବୀମାନଙ୍କର ସ୍ନାନ ଅଭିଷେକ କରାଯାଇଥିଲା । ତଦ୍‌ପରେ ମାଁ ଚାରଖାଇ, ଅଗ୍ନିକୁମାରୀ, ବାୟାବଳା ଓ ମା'ମଙ୍ଗଳା ପ୍ରମୁଖ ଦେବୀ ଯାତ୍ରାରେ ବ୍ରତ ପାଳନ କରୁଥିବା ବରୁଆମାନଙ୍କ ଶରୀରରେ ପ୍ରବେଶ କରିଥିଲେ। ବରୁଆମାନେ ଭକ୍ତି ମାର୍ଗରେ ମା'ଙ୍କ ଦିବ୍ୟଶକ୍ତି ପାଇ ନିଆଁରେ ଚାଲିଥିଲେ । ଏହାକୁ ଦେଖିବା ପାଇଁ ସହରରେ ଲୋକଙ୍କ ଭିଡ ଜମିଥିଲା। ଭକ୍ତମାନେ ମାନସିକ ପୂରଣ ଆଶାରେ ଛେଳି, ମେଣ୍ଢା ଓ କୁକୁଡା ଆଦି ବଳି ଦେଇଥିଲେ । ଏହ ଯାତ୍ରାରେ ବରୁଆମାନେ ଦୋଳିରେ ଝୁଲୁଥିଲେ। ବରୁଆଙ୍କ କୋଳରେ ପିଲା ଛୁଆଙ୍କୁ ବସାଇଲେ ମଙ୍ଗଳ ହୁଏ ବୋଲି ବିଶ୍ୱାସ ଥିବାରୁ ଶ୍ରଦ୍ଧାଳୁ ନିଜ ପିଲାଙ୍କୁ ବସାଇଥିଲେ।

### ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ରାଜ

# ଲାଖବିନ୍ଧି ଲକ୍ଷ୍ମୀଙ୍କୁ ବିବାହ କଲେ ବିଷ୍ଣୁ

**ଅମରପାଲି, ୧୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀରେ ଗଜଲକ୍ଷ୍ମୀ ପୂଜା ଅବସରରେ ହେଉଥିବା ମୁରାସୁର ରାଜର ବୁଧବାର ଥିଲା ଚତୁର୍ଥ ରଜନୀ। ନାଟ୍ୟଭିକ୍ରମରେ ମୁକ୍ତାକାଶ ରଙ୍ଗମଞ୍ଚରେ ମୁରାସୁର ପହଞ୍ଚିବା ପୂର୍ବରୁ ଏକ ଶୋଭାଯାତ୍ରାରେ ବସ୍ତିଭ୍ରମଣ କରିଥିଲେ। ତାଙ୍କ ସହିତ ପାତ୍ର ମନ୍ତ୍ରୀ ମଧ ସାମିଲ ଥିଲେ। ମଞ୍ଚରେ ପହଞ୍ଚି ଆରମ୍ଭ ହୋଇଥିଲା ରାଜସଭା କାର୍ଯ୍ୟ। ଲକ୍ଷ୍ମୀପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ମୁଖ୍ୟଅତିଥି ଏବଂ ବରିଷ୍ଠ ମଞ୍ଚ ଅଭିନେତା ରବୀନ୍ଦ୍ର ସାହୁ ଓ ମେଟ୍ରୋ ଟିଭି ଏକଜ୍ୟୁକେଟିଭ ରାଜକିଶୋର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ରାଜ ଦରବାରରେ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଲୁଡୁରପଙ୍କ ସରପଞ୍ଚ ସୁଜାତା ସାହୁ, ଦୁର୍ଜନଡେଲା ସରପଞ୍ଚ ରଣଜିତ କ୍ଷେତି, ବ୍ୟବସାୟୀ ପ୍ରଶାନ୍ତ ବାବୁ ରାଜ ଅତିଥିଭାବେ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ପୂର୍ବ ପ୍ରସ୍ତୁତିମତେ ବରୁଣପୁରରେ ଲାଖବିନ୍ଧା ଉତ୍ସବ ହୋଇଥିଲା। ଲାଖବିନ୍ଧା ପାଇଁ ଅନେକ ରାଜା ଆସି ଚେଷ୍ଟା କରି ସେମାନେ ବିଫଳ ହୋଇଥିଲେ। ବରୁଣ ବିଷ୍ଣୁଙ୍କୁ ପ୍ରାର୍ଥନା କରିଛନ୍ତି। ବିଷ୍ଣୁଙ୍କ ଆବିର୍ଭାବ ହୋଇଛି। ଲାଖ ବିନ୍ଧି ବିଷ୍ଣୁ ଲକ୍ଷ୍ମୀଙ୍କୁ ବିବାହ କରିଛନ୍ତି। ଉକ୍ତ ଖବର ଶୁଣି ମୁରାସୁର ମର୍ମାହତ ହୋଇଛନ୍ତି। ଦିନବେଳା ହେଉଥିବା ରାମାୟଣ ପାରାୟଣ ସୁରେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ଗାନ କରାଯାଉଥିବା ବେଳେ ବୁଧବାର ପାରାୟଣରେ ରାମ-ସୀତାଙ୍କ ବିବାହ କରାଯାଇଛି। ସବୁଦିନ ଭଳି ଲକ୍ଷ୍ମୀଙ୍କ ପୂଜା ପରେ ପୁଷ୍ପାଞ୍ଜଳି ଓ ସନ୍ଧ୍ୟା ଆଳତୀ ହୋଇଥିଲା । ମୀନାବଜାର ସହିତ ଭଳିକି ଭଳି ଜିନିଷ କିଣାବିକା କରିବା ପାଇଁ ଦର୍ଶକଙ୍କ ଭିଡ ପରିଲକ୍ଷିତ ହେଉଛି। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ତ୍ରିୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟମୋହନ ଦେବପାଣି, ସହସମ୍ପାଦକ ବିଦ୍ୟାଧର ଖୁଣ୍ଡିଆ, ଉପସଭାପତି ଧନଞ୍ଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ପୂଜା ପାଉଥିବା ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ନିମ୍ବାର୍କ ଜୟନ୍ତୀ ମହୋତ୍ସବ ପାଇଁ ପ୍ରସ୍ତୁତି

**ସୋନପୁର,୧୬।୧୦(ନି.ପ୍ର.)**

୫୧୧୫ତମ ନିମ୍ବାର୍କ ଜୟନ୍ତୀ ମହୋତ୍ସବ ନଭେମ୍ବର ୧୨ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ସୋନପୁର ଗୋପାଳଜୀ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ଆନନ୍ଦ ପୂଝାରୀଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଗୋପାଳଜୀ ମନ୍ଦିରରେ ବୁଧବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସମ୍ପାଦକ ଲକ୍ଷ୍ମଣ ପାଣ୍ଡିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ ପରିଚାଳନା କମିଟିର ସଭାପତି ଶ୍ରୀବତ୍ସ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଶିବ ନାରାୟଣ ପୂଝାରୀ, ସମ୍ପାଦକ ବ୍ରଜଗୋପାଳ ପୂଝାରୀ, ରାଧେଶ୍ୟାମ ପୁରୋହିତ, କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ଅଶୋକ ପୂଝାରୀ, ଉପଦେଷ୍ଟା ଦାମୋଦର ନାଏକ, ଗୋପାଳ ପ୍ରଧାନ, ବଳରାମ ମହାପାତ୍ର, ଭୀଷ୍ମ ମୁନି, ଗୋପାଳ ନେଗୀ, ଲକ୍ଷ୍ମୀନାରାୟଣ ପୂଝାରୀ, ସୂର୍ଯ୍ୟନାରାୟଣ ପୁରୋହିତ ଓ ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ବୈଠକରେ ଉପସ୍ଥିତ ରହି ମହୋତ୍ସବ କିଭଳି ସମାରୋହରେ ଆୟୋଜିତ ହେବ ଓ ଶ୍ରଦ୍ଧାଳୁମାନଙ୍କ ସୁବିଧା ହୋଇପାରିବ ନିଜର ସୁଚିନ୍ତିତ ମତାମତ ଦେଇଥିଲେ ।

### ବୀରମହାରାଜପୁରରେ ରକ୍ତଦାନ ଶିବିର

# ସଂଗୃହୀତ ହେଲା ୧୧୯ ୟୁନିଟ ରକ୍ତ

**ଅମରପାଲି, ୧୬।୧୦ (ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମ ଦିବସରେ ବୀରମହାରାଜପୁର ମୈତ୍ରିସଦନଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ତହସିଲଦାର ଖଦାଳ ପାତ୍ର ମୁଖ୍ୟଅତିଥି, ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ଧିରୋଜ ଚୋପଦାର, ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ, ବିଡିଓ ନିରଞ୍ଜନ ନାଏକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରୁ ରକ୍ତଭଣ୍ଡାର ଚିକିତ୍ସା ଅଧିକାରୀ ଡ. ଦୁର୍ଗାଦତ୍ତ ଦାଶ, ସ୍ଥାନୀୟ ଡା. ଦତ୍ତପ୍ରକାଶ ମହାନ୍ତି, ଟେକନିସିଏନ୍ ସୁବାଷ ଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ନାଏକ, ଜଗତ ନାରାୟଣ ଦରୱାନ ଓ ନର୍ସ ଆଭାମୟୀ ମିଶ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ୧୧୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ମୃତ୍ୟୁଞ୍ଜୟ ପଧାନ, ଖବରଦାତା ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ବିହାରୀଲାଲ ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ବିଜେଡି ନେତା ଝସକେତନ ବଘାର, ଦ୍ୱାରିକାନାଥ ସାହୁ, ସୋମନାଥ ମିଶ୍ର, ବୀରମହାରାଜପୁର ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ବହଳପଦର ସମିତି ସଭ୍ୟ ପିତାମ୍ବର ସାହୁ, ସୁରୁନାରାୟଣ ମହାକୁର, ଧିରେନ ପଣ୍ଡା, କୃଷ୍ଣ ମେହେର, ପ୍ରଦୀପ ମିଶ୍ର, ସତ୍ୟଞ୍ଜିବ ମିଶ୍ର, ବିଜୁ ଯୁବ ବାହିନୀର କାର୍ଯ୍ୟକର୍ତ୍ତା ପ୍ରମୁଖ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବୀରମହାରାଜପୁରରେ ଅନୁଷ୍ଠିତ ଶିବିରରେ ରକ୍ତଦାନ କରାଯାଉଛି।

### ଉଲୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ଚୂଡାନ୍ତ

**ଉଲୁଣ୍ଡା, ୧୬।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୦ତମ ସର୍ବଓଡିଶା ଫୁଟବଲ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆଙ୍କ ଆବାହକତ୍ୱରେ ହୋଇଥିବା ଏହି ବୈଠକରେ ଆସୋସିଏଶନ ସଭାପତି ସୁଜିତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଚଳିତ ସଂସ୍କରଣର ଏହି ଟୁର୍ନାମେଣ୍ଟରେ ପିଓ୍ୱାଇସି ସମ୍ବଲପୁର, ସାରସମାଲ, ରାଇଜିଙ୍ଗ ଷ୍ଟାର ବେଲପାହାଡ, ବିଏଫସି କୁଚିଣ୍ଡା, ସାଇଟ ସ୍ପୋର୍ଟସ୍ ବଲାଙ୍ଗୀର, ଭାରତଗ୍ୟାସ ସୋନପୁର, ବୋଡାସମ୍ବର ପଦମପୁର ଏବଂ ମଗଧେଶ୍ୱର କ୍ଲବ ଉଲୁଣ୍ଡା ଦଳ ଭାଗନେବେ ବୋଲି ସୂଚନା ଦିଆଯାଇଛି। ନଭେମ୍ବର ୯ ଏବଂ ୧୦ ତାରିଖରେ ହେବାକୁ ଥିବା ଏହି ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ସୁଜ୍ଞାନ ମହାକୁର, ଉପସଭାପତି ମଞ୍ଜିତ ଆଚାର୍ଯ୍ୟ, ସମ୍ପାଦକ ଆକାଶ ବେହାରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ବୈଠକରେ ଅନୁଷ୍ଠାନର ଯୁଧିଷ୍ଠିର ତରାଇ, ଅଭିଳାଶ ନାୟକ, ସୁବଳ ମହାକୁର, ବିମଳ ଗରିଆ, ଲକି ହାତୀ, ଚିତ୍ତ ମହାକୁର, ସୀତାରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ସେମିଫାଇନାଲରେ ପ୍ରବେଶ କରିଥିବା ବୀରମହାରାଜପୁର ଦଳ ।

### ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ସେମିରେ ବୀରମହାରାଜପୁର

**ଅମରପାଲି, ୧୬।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡିଆପାଲି ଖେଳ ପଡିଆରେ ଚାଲିଥିବା ୧୦ମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ତିନୋଟି ମ୍ୟାଚ ଖେଳା ହୋଇଛି। ପ୍ରଥମ ମ୍ୟାଚ ମହଦା ପଞ୍ଚାୟତ ଦଳ ଓ ସହରାପାଲି ମଧ୍ୟରେ ହୋଇଥିଲା। ମହଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୯୧ ରନ କରିଥିଲା। ଯବାବରେ ସହରାପାଲି ନିର୍ଦ୍ଧାରିତ ୧୦ଓଭରରେ ୫ଉଇକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବୀରମହାରାଜପୁର ଓ ନ୍ୟୁଷ୍ଟାର ସୋନପୁର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୪ ଉଇକେଟ ହରାଇ ୧୨୮ ରନ କରିଥିଲା। ଦଳର ବିଷ୍ଣୁ ୩୪ ବଲରୁ ୮୫ ରନ କରିଥିଲେ। ସୋନପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୦୦ରନ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ଶକ୍ତି ୪୦ ରନ କରିଥିଲେ। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ଓ ଦ୍ୱିତୀୟ ମ୍ୟାଚର ବିଜେତା ଦଳ ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୧୧୪ରନ କରିଥିଲା। ଦଳ ପକ୍ଷରୁ ବିଶାଳ ୨୫ ରନ କରିଥିଲେ। ମହଦା ପଞ୍ଚାୟତ ଦଳ ୧୧୫ ରନକୁ ପିଛା କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୩ ରନ କରିଥିଲା । ବୀରମହାରାଜପୁର ବିଜୟୀ ହୋଇ ତୃତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକୁ ଡୁଲେଶ୍ୱର ପଧାନ, ପ୍ରଫୁଲ୍ଲ ବେହେରା, ପିଣ୍ଟୁ ବେହେରା ଓ ବିଜୁ ସାହୁ ପରିଚାଳନା କରିଥିଲେ। ସୁବ୍ରତ ବେହେରା ସ୍କୋରିଂ, ବନମାଳୀ ପଧାନ ଓ ଶିବ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ୫-ଟି ସଚିବଙ୍କ ଭୟରେ ସବୁ ବେଆଇନ କ୍ଲିନିକ୍ ବନ୍ଦ



ସୁବର୍ଣ୍ଣପୁର ସହରରେ ବେଆଇନ କ୍ଲିନିକ୍‌ଗୁଡିକ ବନ୍ଦ ରହିଛି ।

**ସୋନପୁର,୧୬।୧୦(ନି.ପ୍ର.)**

ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ୫ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଅଚାନକ ବିଭିନ୍ନ ଜିଲା ଗସ୍ତ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରୁଛନ୍ତି। ବୁଧବାର ସଚିବ ସୁବର୍ଣ୍ଣପୁର ଆସିବେ ବୋଲି ଗୁଜବ ସୃଷ୍ଟି ହୋଇଥିଲା। ଏଥିପାଇଁ ଭୟରେ ଜିଲା ସଦର ମହକୁମାରେ ଥିବା ବେଆଇନ ପାଥୋ ଲ୍ୟାବ କ୍ଲିନିକ୍‌କୁ ସବୁ ମାଲିକ ବନ୍ଦ କରିଥିଲେ। ଦିନଦିନ ଧରି ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଓ ସହରର ଅନ୍ୟ ସ୍ଥାନରେ ଥିବା ବିନା ଲାଇସେନ୍ସପ୍ରାପ୍ତ କ୍ଲିନିକ୍‌ରେ ତାଲା ଝୁଲୁଥିଲା। କ୍ଲିନିକ୍‌ର ହୋର୍ଡିଂ ସବୁ ହଟାଇ ଦିଆଯାଇଥିଲା। ସକାଳୁ ସକାଳୁ ଏହି ସବୁ ବେଆଇନ କ୍ଲିନିକ୍‌ଗୁଡିକ ଆଗରେ ବିଭିନ୍ନ ପରୀକ୍ଷା କରିବା ପାଇ ରାଗୀଙ୍କ ଭିଡ କିନ୍ତୁ ଦେଖିବାକୁ ମିଳିଥିଲା । ହେଲେ କ୍ଲିନିକ୍ ବନ୍ଦ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରୀକ୍ଷାଗାରରେ ରୋଗୀଙ୍କ ଭିଡ ଜମିଥିଲା। ସହରର କଚେରି ଛକରେ ଥିବା ଏକମାତ୍ର ଘରୋଇ ପାଥୋ କ୍ଲିନିକ୍ ଲାଇଫ୍ ଲାଇନ୍ ପାଥୋ କ୍ଲିନିକ୍ ଖୋଲାଥିବା ଦଖିବାକୁ ମିଳିଥିଲା । କିଛି ଦିନ ପୂର୍ବରୁ ଜିଲାପାଳ ମୋନିଷା ବାନାର୍ଜୀ ଜିଲାରେ ଥିବା କ୍ଲିନିକ୍‌ଗୁଡିକର ମାଲିକମାନଙ୍କୁ ଡାକି ଏକ ବୈଠକ କରିଥିଲେ। ସରକାରୀ ନୀତି ନିୟମ ମୁତାବକ କ୍ଲିନିକ୍ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଆବଶ୍ୟକ କାଗଜାତ ଯୋଗାଡ କରିବାକୁ ଜିଲାପାଳ କ୍ଲିନିକ୍ ମାଲିକ ମାନଙ୍କୁ ୭ ଦିନର ସମୟ ଦେଇଥିଲେ। ହେଲେ ୧୫ଦିନ ପରେ ବି ବେଆଇନ କ୍ଲିନିକ୍ ଗୁଡିକ ଖୋଲୁଥିଲା । ଜିଲାରେ ଥିବା ୬୪ଟି କ୍ଲିନିକ୍ ମଧ୍ୟରୁ ମାତ୍ର ୫ଟି କ୍ଲିନିକ୍‌ର ବୈଧତା ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ବୁଧବାର ଗ୍ରାମାଞ୍ଚଳରେ ବେଆଇନ କ୍ଲିନିକ୍‌ଗୁଡିକ ଖୋଲା ଥିଲେ ହେଁ ଜିଲା ସଦର ମହକୁମାରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଭୟରେ ବେଆଇନ କ୍ଲିନିକ୍‌ଗୁଡିକ ବନ୍ଦ ରହିଛି। ସରକାରୀ ନୀତି ନିୟମ ମୁତାବକ କ୍ଲିନିକ ଗୁଡିକ ପରିଚାଳିତ ହେଲେ ଲୋକେ ଆବଶ୍ୟକ ସୁବିଧା ପାଇପାରିବେ ବୋଲି ଆଲୋଚନା ହେଉଛି ।

# ଭସାଣି ସହ ସମ୍ପନ୍ନ ହେଲା ଗଜଲକ୍ଷ୍ମୀ ପୂଜା



ମା'ଗଜଲକ୍ଷ୍ମୀଙ୍କୁ ଭସାଣି ଶୋଭାଯାତ୍ରାରେ ବିସର୍ଜନ ପାଇଁ ନିଆଯାଉଛି।

**ଉଲୁଣ୍ଡା, ୧୬।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଲକ୍ଷ୍ମୀନଗରଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜା ବୁଧବାର ଭସାଣି ସହ ସମ୍ପନ୍ନ ହୋଇଛି। ଭସାଣି ଉତ୍ସବରେ ପଲାଶ, ଜଗନ୍ନାଥପାଲି, ପଞ୍ଚମହଲା ଏବଂ ଲସ୍ତଲା ଗ୍ରାମର କୀର୍ତ୍ତନ ଦଳ ଯୋଗଦେଇଥିଲେ। ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତୀକୁ ପୂର୍ଣ୍ଣାହୂତି ପରେ ଏକ ଶୋଭାଯାତ୍ରାରେ ଉଦେପଦର ଛକ ନିକଟରେ ଥିବା ଜଳାଶୟରେ ବିସର୍ଜନ କରାଯାଇଥିଲା। ଶନିବାର କଳସ ଯାତ୍ରାଠାରୁ ଆରମ୍ଭ ହୋଇଥିବା ଏହି ପୂଜନସ୍ତୋବର ବିଭିନ୍ନ ଦିବସରେ ବ୍ୟାସ ଅନନ୍ତ ନାରାୟଣ ପଣ୍ଡାଙ୍କ ଦ୍ୱାରା ଗୋପଲୀଳା ପାରାୟଣ, ସବିତା ପଣ୍ଡାଙ୍କ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ, ପରୀକ୍ଷିତ ମହାରାଜଙ୍କ ଦ୍ୱାରା ଆଧାତ୍ମିକ ପ୍ରବଚନ ଏବଂ ଭଜନସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ଆୟୋଜକ ସଭାପତି ଶ୍ରବଣ କୁମାର ପୁରୋହିତ, ସମ୍ପାଦକ ମହେଶ ରଞ୍ଜନ ପୁରୋହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ଲୋକନାଥ ପୁରୋହିତ ଏବଂ କର୍ତ୍ତାଭାବେ ସସ୍ତ୍ରୀକ ନରେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବାପୁନ ପୁରୋହିତ, ପ୍ରଦୀପ ପୁରୋହିତ, ବିଶ୍ୱଜିତ ପାତ୍ର, ସୁଶୀଲ ଥାଟି, ଜଗମୋହନ ପଟ୍ଟନାୟକ, ତଥାଗତ ମହାକୁର, ଦୀପକ ରଂଜନ ପାଣିଗ୍ରାହୀ, ପ୍ରମୋଦ ପଧାନ, ଭରତ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

# ଖଣ୍ଡହତା ଗଜଲକ୍ଷ୍ମୀ ପୂଜା ଭସାଣି

**ଅମରପାଲି, ୧୬।୧୦ (ଡି.ଏନ.ଏ.)**

ପାଞ୍ଚଦିନ ଧରି ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାଠାରେ ଚାଲିଥିବା ୧୧ତମ ଗଜଲକ୍ଷ୍ମୀ ପୂଜା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଅପରାହ୍ନରେ ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ସହିତ ପାର୍ଶ୍ୱ ଦେବଦେବୀଙ୍କୁ ଏକ ଶୋଭାଯାତ୍ରାରେ ନେଇ ନିକଟସ୍ଥ ବାଇଗଣି ଯୋରରେ ବିସର୍ଜନ କରାଯାଇଛି। ଭସାଣି ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ସଂକୀର୍ତ୍ତନ୍ୟ ଦଳ, ଦୁଲଦୁଲି ସହିତ ଢ଼ୋଲ, ନିଶାନ, ତାସା ଆଦି ବାଦ୍ୟ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ କରାଯାଇଥିଲା । ଯାତ୍ରା ପାଇଁ ଶନିବାର ୧୦୮ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇଥିଲା। ରବିବାରରୁ ପୂଜାରମ୍ଭ ହୋଇଥିଲା। ସୋମବାର ବ୍ରଜଗୋପାଳ ମହାପାତ୍ରଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ପ୍ରତ୍ୟହ ରାତ୍ରିରେ ମୁକ୍ତାକାଶ ରଙ୍ଗମଞ୍ଚରେ ମୁରାସୁର ରାଜ ପରିବେଷଣ କରାଯାଇଥିଲା। ଏଥିରେ ମନୋରଞ୍ଜନ ଚିରଗୁନ ମୁରାସୁର ଭୂମିକାରେ ଅଭିନୟ କରୁଥିଲେ । ଶେଷ ରଜନୀରେ ସରପଞ୍ଚ ପ୍ରତିନିଧି ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ମଞ୍ଚରେ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଖବରଦାତା ଶେଷଦେବ ବାରିକ, ଶତୃଘନ ମେହେର, ଶିକ୍ଷକ ବ୍ରଜବିହାରୀ ପଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନାଟ୍ୟାଭିକ୍ରମରେ ମୁରାସୁର ବଧ ସହିତ ଏହାର ସମାପନ ହୋଇଥିଲା । ଯାତ୍ରାରେ ମିନାବଜାର ସହିତ ଘରକରଣା ସାମଗ୍ରୀର କିଣାବିକା ସହିତ ଚଟପଟି ଖାଦ୍ୟର ମଜା ନେଇଥିଲେ ଶହସ୍ରାଧିକ ଦର୍ଶକ ।



ଖଣ୍ଡହତାରେ ଲକ୍ଷ୍ମୀପୂଜା ଭସାଣି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୭ ଅକ୍ଟୋବର, ୨୦୧୯



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ

### ସ୍ୱଧାରଗୃହ ଅନ୍ତେବାସିନୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ଅମରପାଲି, ୧୬।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜୟନ୍ତୀ ଅବସରରେ ବୀରମହାରାଜପୁର ବିଜୁଜନତା ଦଳ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ସ୍ଥାନୀୟ ସ୍ୱଧାର ଗୃହରେ ଥିବା ଅନ୍ତେବାସିନୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ନିର୍ବାଚନୀ ମଣ୍ଡଳ ବିଜେଡି ସଭାପତି ବିହାରୀଲାଲ ମିଶ୍ର, ପୂର୍ବତନ ଉଲୁଣ୍ଡା ବ୍ଲକ ଅଧକ୍ଷ ଝସକେତନ ବଘାର ପ୍ରମୁଖ ଉପସ୍ଥିତ ରହି ସ୍ୱଧାର ଗୃହରେ ରହୁଥିବା ପ୍ରାୟ ୨୦ ଜଣଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ ।

# ପ୍ରଚାରରେ ମାତିଛନ୍ତି ସବୁ ଦଳର ନେତା

**ବରଗଡ଼ ଅଫିସ/ ବିଜେପୁର/ ଗାଇସିଲେଟ୍,୧୬।୧୦**

ବିଜେପୁର ଉପନିର୍ବାଚନ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ମତଦାନ ଦିବସ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳରେ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସେଭଳି ମସଗୁଲ୍ ଥିବା ପରିଲକ୍ଷିତ ହେଉଛି । ବୁଧବାର ଗାଇସିଲେଟ ବ୍ଲକର ଜେନକେଡ଼ାଠାରେ ବିଜେଡ଼ିର ଆଦିବାସୀ ସମାବେଶ ହୋଇଥିଲା । ଏଠାରେ ମନ୍ତ୍ରୀ ନବକିଶୋର ଦାଶ, ପ୍ରଫୁଲ୍ଲ ମଲ୍ଲିକ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ନାରଦ ବରିହା, ଗୋବର୍ଦ୍ଧନ ବରିହା ପ୍ରମୁଖ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ପ୍ରଚାର କରିଥିଲେ । ସେହିପରି ବିଜେପୁର ବ୍ଲକ ବୁଢ଼ାପାଲିରେ ବିଜେଡ଼ିର ମହିଳା ସମାବେଶ ହୋଇଥିଲା । ପର୍ଯ୍ୟବେକ୍ଷକ ତଥା ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମନ୍ତ୍ରୀ ଅରୁଣ ସାହୁ, ସୁଶାନ୍ତ ସିଂ, ସିନେ ତାରକା ଅରିନ୍ଦମ ରାୟ, ଭୀଷ୍ମଦେବ ସରାଫ, ଜନାର୍ଦ୍ଦନ ପାଣିଗ୍ରାହୀ ପ୍ରମୁଖ ରୀତାଙ୍କ ପାଇଁ ପ୍ରଚାର କରିଥିଲେ । ବରପାଲି କୁଷ୍ଟାପଡ଼ାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମହେନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିଲେ । ଏଠାରେ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରୋଜ ମେହେର, ଅନନ୍ତ ନାରାୟଣ ଜେନା, ଲାଲ ବିକ୍ରମ ସିଂ, ବିଜନ ଦାଶ ପ୍ରମୁଖ ଉପସ୍ଥିତ ରହି ରୀତାଙ୍କ ସପକ୍ଷରେ ମତଦାନ ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡାଙ୍କ ପାଇଁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀ ପତି, ଏମ୍‌ପି ସପ୍ତଗିରି ଉଲାକା ପ୍ରମୁଖ ବିଜେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ । ଗାଇସିଲେଟ୍‌ରେ ନିରଞ୍ଜନଙ୍କ ସମେତ ଯଜ୍ଞେଶ୍ୱର ବାବୁ, ସତ୍ୟଭୂଷଣ ସାହୁ, ତାରା ପ୍ରସାଦ ବାହିନୀ ପତି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭାଜପା ନେତୃବୃନ୍ଦ ବରପାଲି, ଗାଇସିଲେଟ ଓ ବିଜେପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସନତ କୁମାର ଗଡ଼ତିଆଙ୍କ ପାଇଁ ପ୍ରଚାର କରିଥିଲେ । ଦଳର ରାଷ୍ଟ୍ରୀୟ ସମ୍ପାଦକ ଅରୁଣ ସିଂ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଲୋକସଭା ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, କେ. ଭି ସିଂଦେଓ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ପ୍ରମୁଖ ପ୍ରଚାରରେ ଯୋଗଦାନ କରିଥିଲେ ।



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ।

# ମୋ ସରକାର ପରେ ପଶିଛି ଛନ୍‌କା

**ସୋନପୁର,୧୬।୧୦(ନି.ପ୍ର.)**

ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମର ଆରମ୍ଭ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଥାନାରେ କିପରି ଜନସାଧାରଣଙ୍କୁ ସେବା ଯୋଗାଇ ଦିଆଯାଉଛି ତାହାର ଅନୁଧାନ କରୁଛନ୍ତି ବଡବଡିଆ ଅଧିକାରୀ। ୫ଟି ସଚିବଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ସଚିବ, ଜିଲାପାଳ ଓ ଏସ୍‌ପି ମଧ୍ୟ ଅଚାନକ ଅନୁଧାନରେ ଆସୁଛନ୍ତି। ସୋମବାର ଉଲୁଣ୍ଡା ମେଡିକାଲ ପରିଦର୍ଶନ କରି ରୋଗୀ ସେବା ଓ ରୋଗୀଙ୍କୁ ସରକାରଙ୍କ ମାଗଣା ଔଷଧ ପ୍ରଦାନ ସମ୍ପର୍କରେ ଅନୁଧାନ କରିଥିଲେ । ଏହାକୁ ନଜରରେ ରଖି ସଜାଗ ହୋଇ ଯାଇଛନ୍ତି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ। ବୁଧବାର କୁଆଡେ ୫ଟି ସଚିବ ଭି.କାର୍ତ୍ତିକୟନ ପାଣ୍ଡିଆନ ସୁବର୍ଣ୍ଣପୁର ଆସିବେ ସେଥିପାଇଁ କର୍ତ୍ତୃପକ୍ଷ ଏକ ପ୍ରକାର ଛାନିଆ ହୋଇ ପଡିଥିଲେ । ଦୀର୍ଘ ଦିନ ଧରି ଯେଉଁ କାମକୁ ପୂର୍ତ୍ତ ବିଭାଗ ଅଧାପନ୍ତରିଆ ଅବସ୍ଥାରେ ରଖିଥିଲା ତାହାକୁ ସମ୍ପୂର୍ଣ୍ଣ କରୁଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଓ ବ୍ୟବହାର ଉପରେ ବିଶେଷ ଧ୍ୟାନ ଦିଆଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ମେଡିକାଲର ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ସହ ରୋଗୀଙ୍କୁ କିପରି ଉପଯୁକ୍ତ ଚିକିତ୍ସା ସେବା ମିଳିବ ସେ ନେଇ ତତ୍ପରତା ଦେଖା ଯାଉଥିବା ଲକ୍ଷ୍ୟ କରାଯାଇଥିଲା। ରୋଗୀଙ୍କ ଖାଇବାଠାରୁ ଆରମ୍ଭ କରି ଶଯ୍ୟା ପର୍ଯ୍ୟନ୍ତ ସବୁ କିଛି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଇଥିଲା। ଡାକ୍ତର ଓ ନର୍ସମାନେ ଆଚାର ଓ ବ୍ୟବହାରରେ ପରିବର୍ତ୍ତନ କରିଥିଲେ। ସେମାନେ ରୋଗୀଙ୍କ ଶଯ୍ୟା ନିକଟକୁ ଯାଇ ସୁବିଧା, ଅସୁବିଧା ବୁଝୁଥିବା ଦେଖିବାକୁ ମିଳିଥିଲା। ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ନିଜେ ଉପସ୍ଥିତ ରହି ମେଡିକାଲ ପଛ ପାର୍ଶ୍ୱ ଡ୍ରେନ୍‌କୁ ସଫା କରାଇଥିଲେ । ସେହିପରି ମେଡିକାଲ ପରିସରରେ ଗତ ୬ ତାରିଖରୁ ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି । କିନ୍ତୁ ବୁଧବାର ଅଧିକ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯିବା ସହ ଗାଡି ପାର୍କିଂକୁ ବ୍ୟବସ୍ଥିତ କରାଯାଇଥିଲା । ମୋ ସରକାର କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୫ଟି ସଚିବ ଅଚାନକ ଗସ୍ତ କରୁଥିବାରୁ ଜିଲା ପ୍ରଶାସନ ତତ୍ପର ଥିବା ଦେଖିବାକୁ ମିଳୁଛି ।

# ଶିଶୁଙ୍କ ହୋସଲା ବଢାଇବ ମହୋତ୍ସବ

**ସୋନପୁର,୧୬।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଥିବା ୩ଟି ଶିଶୁ ଅନୁଷ୍ଠାନ ମାନଙ୍କରେ ରହୁଥିବା ମାତାପିତାଙ୍କ ସ୍ନେହଶ୍ରଦ୍ଧାରୁ ବଞ୍ଚିତ ଏବଂ ସେବା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ନେଇ ଦିନିକିଆ ଆନ୍ତଃ ଶିଶୁ ଅନୁଷ୍ଠାନ ମହୋତ୍ସବ ହୋସଲା-୧୯ ଜିଲା ସଂସ୍କୃତି ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ଅନୁଷ୍ଠାନମାନଙ୍କରେ ରହୁଥିବା ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ଶିଶୁମାନଙ୍କ ହୋସଲା ବଢାଇବ। ସେମାନେ ହସଖୁସିରେ ପାଠ ପଢିବେ ଓ ଆଗକୁ ବଢିବେ ବୋଲି ଜିଲାପାଳ କହିଥିଲେ। ଜିଲା ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ ସମ୍ମାନିନ ଅତିଥି ଭାବେ ଯୋଗଦାନ କରି କହିଲେ ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ଥିବା ଶିଶୁମାନଙ୍କ ଦାୟିତ୍ୱ ସମାଜର ଓ ସରକାରଙ୍କର। ତେଣୁ ଆଜିର ମହୋତ୍ସବ ଶିଶୁମାନଙ୍କୁ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ନିମନ୍ତେ ଏକ ସୁଯୋଗ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇପିଆରଓ ହରି ଚରଣ ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଆସ୍ତେରିଆ କେର୍କେଟା ଓ ଶିଶୁ ମଙ୍ଗଳ କମିଟି ସଭ୍ୟ ବରୁଣ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାରେ ଅଧକ୍ଷତା କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଶାନ୍ତ ମହାକୁଡ, ରୁଦ୍ର ପ୍ରସନ୍ନ ମିଶ୍ର, ଶୁଭଶ୍ରୀ ପତି, ଥବୀର କାଲସେ, ବିଶେଶ୍ୱର ହୋତା, ସ୍ୱାଗତ ରାଜ ମିଶ୍ର, କେଶବ ଚନ୍ଦ୍ର ମେହେର ଓ ସରିତା ସୁନା ସହଯୋଗ କରିଥିଲେ । କ୍ରୀଡା ଶିକ୍ଷକ ସଞ୍ଜୟ ସାହୁ ଓ ଶ୍ୟାମସୁନ୍ଦର ନାଏକ ବିଭିନ୍ନ ପ୍ରତିଯୋଗିତାକୁ ସଞ୍ଚାଳନ କରିଥିବା ବେଳେ ସହକାରୀ ଶିକ୍ଷକ ବ୍ରତାନନ୍ଦ ଭୋଇ ଓ ରାଧେଶ୍ୟାମ ପଣ୍ଡା ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ ।




ଆନ୍ତଃ ଶିଶୁ ଅନୁଷ୍ଠାନ ମହୋତ୍ସବ ହୋସଲାରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ

**ସୋନପୁର,୧୬।୧୦(ନି.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମ ଦିନ ଅବସରରେ ସୁବର୍ଣ୍ଣପୁର ଜୀବନ ବିନ୍ଦୁ ତରଫରୁ ହାତୀଶାଳ କଲ୍ୟାଣ ମଣ୍ଡପରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୧ ଜଣ ବିଜୁ ଜନତା ଦଳର ସମର୍ଥକ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ବିଜେଡି ଜିଲା ସଭାପତି ସରୋଜ କର୍ମ୍ମଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟାପକ ନୀଳାମ୍ବର ଶତପଥୀ, ବିଜେଡି ଜିଲା ଏସ୍‌ସି ସେଲର ସଭାପତି ରାଜକୁମାର ସୁନା, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ରାଜେନ୍ଦ୍ର ପଣ୍ଡା ଓ ଅଭିଶେକ ଶର୍ମା ପ୍ରମୁଖ ସାମିଲ ହୋଇଥିଲେ । ବରଗଡ ବ୍ଲଡ ବ୍ୟାଙ୍କର ଡାକ୍ତର ଦିବ୍ୟ କିଶୋର ପତିଙ୍କ ନେତୃତ୍ୱରେ ଟେକ୍‌ନିସିଆନ ବିଜୟ କିଶୋର ଖଟୋଇ, ରବିନାରାୟଣ ସାହୁ, ବବିତା ମାଝୀ ଓ ରେବତି କାନ୍ତ ସାହୁ ରକ୍ତ ସଂଗ୍ରହ କରିଥିଲେ ।



ସୁବର୍ଣ୍ଣପୁରରେ ବିଜେଡି ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର ।

## ନାଗବାଚା ପୂଜା ମହୋତ୍ସବ ଉଦଯାପିତ

**ବରଗଡ଼ ଅଫିସ,୧୬।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମରେ ନାଗବାଚା ପୂଜା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ କଂଗ୍ରେସ ନେତା ରବିନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଦୀର୍ଘ ୪ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଏବଂ ମହିଷାସୁର ଜନ୍ମରୁ ବଧ ପର୍ଯ୍ୟନ୍ତ ଦୃଶ୍ୟ ଅଭିନୀତ ହୋଇଥିଲା । ଅଶ୍ୱିନୀ ସାହୁ, ପ୍ୟାରୀ ସାହୁ, ଉମା ସାହୁ, ବାଦଲ ଖମାରୀ, ଜେଜେରାମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଡେବ୍ରିଗଡ଼ ଅଭୟାରଣ୍ୟ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ,୧୬।୧୦**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ହାଇସ୍କୁଲ ଇକୋ କ୍ଲବ ଆନୁକୂଲ୍ୟରେ ବୁଧବାର ଡେବ୍ରିଗଡ଼ ଅଭୟାରଣ୍ୟ ସଂରକ୍ଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବାରପାହାଡ଼ ଅଞ୍ଚଳରେ ବିଲୁପ୍ତ ହେଉଥିବା ବନ୍ୟପ୍ରାଣୀ ଓ ଡେବ୍ରିଗଡ଼ ଅଭୟାରଣ୍ୟର ଜଙ୍ଗଲ ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଥିବା ସେ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଦାନନ୍ଦ ଜାଲ, ରାଜେଶ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ଛାତ୍ରୀଛାତ୍ର ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ ।

**ଆଜି କ’ଣ କେଉଁଠି**
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


# Directorate of Mines
# Steel & Mines Department
# Government of Odisha

**Email: directormines1@orissaminerals.gov.in**

**Date: October 14, 2019**

**Notice Inviting Tender**

**"Invitation of bids for grant of Mining Lease for Iron Ore and Manganese Minerals"**

**No.16-G:-** In exercise of the powers conferred by Section 10 (B) of the Mines and Minerals (Development and Regulation) Act, I957 and in accordance with the Mineral (Auction) Rules, 2015 as amended from time to time notified thereunder, the Government of Odisha has identified 10 (ten) Minerals Blocks [5 (Five) blocks of Iron Ore, 3 (Three) blocks of Iron Ore and Manganese and 2 (Two) blocks of Manganese] for electronic auction and hereby invites tenders for the purposes of grant of Mining Lease.

Accordingly, financial bids are invited in digital format only and technical bids are invited both in digital and physical format from eligible bidders.

Eligibility conditions, date and time for participating in the electronic auction are provided in the Tender Document. Detailed Tender Documents alongwith timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Last date for purchase of Tender Document after payment of a tender fee on website of e-auction platform provider is Friday, November 22, 2019 and the last date for submission of the bid is Thursday, November 28, 2019 on or before 12.00 Noon (IST).

**List of Mineral Blocks for Auction**

| Sl. No. | Block Name | Mineral | Type of Concession | Tender Fee (In. Rs) |
|---|---|---|---|---|
| 1 | Gorumahisani Iron Ore Block | Iron Ore | Mining Lease | 5,00,000 |
| 2 | Badampahar Iron Ore Block | Iron Ore | Mining Lease | 5,00,000 |
| 3 | Jajang Iron Ore Block | Iron Ore | Mining Lease | 5,00,000 |
| 4 | Nadidih Iron Ore Block (BICO) | Iron Ore | Mining Lease | 5,00,000 |
| 5 | Balda Iron Ore Block | Iron Ore | Mining Lease | 5,00,000 |
| 6 | Katasahi Manganese Block | Manganese | Mining Lease | 5,00,000 |
| 7 | Kanther-Koira Manganese Block | Manganese | Mining Lease | 5,00,000 |
| 8 | Nadidih Iron Ore & Manganese Block (FEEGRADE) | Iron Ore & Manganese | Mining Lease | 5,00,000 |
| 9 | Teherai Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 10 | Kolmong Iron Ore and Manganese Block | Iron Ore | Mining Lease | 5,00,000 |

**Sd./-Director of Mines,**
**Odisha, Bhubaneswar**

**30004/11/0008/1920**



# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-MBJ-0015-2019/ 15249** **R&DM, dated 28 MAY 2019**

**No.XXI-48:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାଟୁଣି ମାଇନର ଓ ଶଶା ସବ-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଶଶା,** ଥାନା- ମୋରଡ଼ା ନଂ.୧୪୦, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୯.୬୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)**ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାଟୁଣି ମାଇନର ଓ ଶଶା ସବ-ମାଇନର ନିର୍ମାଣ ନିମନ୍ତେ।
୨- **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ଜମିରା କେନାଲ ଡିଭିଜନ, ମୋରଡ଼ା, **ମୟୂରଭଞ୍ଜ।**
୩- **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪- **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବାରିପଦା।
୬- **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଶଶା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୧.୫୭ | ଏ. ୯.୬୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ, ଅଧିକାରୀ ନଂ-୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୪୮/୨୦୧୮
ଏ.୯.୬୭ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାଟୁଣି ମାଇନର ଓ ଶଶା ସବ-ମାଇନର ନିମନ୍ତେ**
**ମୌଜା-ଶଶା, ଥାନା-ମୋରଡ଼ା, ନଂ-୧୪୦, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯ | ୮୬୪ | ୦.୩୩ | ୦.୨୩ | ଡାହି ଦୁଇ | କନ୍ଦା ମାଝୀ, ମକରା ମାଝୀ, ପି: ଟୁପା ମାଝୀ, ନିମାଇଁ ମାଝୀ, ପି: କେଶର ମାଝୀ, ସୁକୁଲ ମାଝୀ, ସିଦ ମାଝୀ, ଟୁପା ମାଝୀ, ପି: ନିମାଇଁ ମାଝୀ, ଠୁମ୍ପୁ ମାଝୀ, ପି: ହିନ୍ଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୬୮ | ୦.୫୭ | ୦.୧୨ | ଡାହି ଦୁଇ | |
| | ୮୭୦ | ୦.୭୫ | ୦.୦୯ | ଡାହି ଦୁଇ | |
| ୧୧ | ୬୯୯ | ୨.୨୨ | ୧.୦୮ | ଡାହି ଦୁଇ | କାରୁ ମାଝୀ, ପି: ଛୋଟରାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୫ | ୭୭୯ | ୦.୮୭ | ୦.୪୪ | ଡାହି ଦୁଇ | ଚାନ୍ଦରାଏ ମାଝୀ, କିଶୁନ ମାଝୀ, ପି: ଭାଗୀରଥି ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୬ | ୮୩୦ | ୨.୪୯ | ୦.୦୩ | ଡାହି ଏକ | ଚାନ୍ଦରାୟ ମାଝୀ, ଲୁସୁକୁ ମାଝୀ, ପି: ମାଟିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୮ | ୧.୨୭ | ୦.୨୪ | ଡାହି ଦୁଇ | |
| ୨୭ | ୮୨୮ | ୦.୬୨ | ୦.୩୨ | ଡାହି ଦୁଇ | ଚାନ୍ଦା ମାଝୀ, ପି: କାନ୍ଦା ମାଝୀ, ଲସ ମାଝୀ, ପି: ପାରାଭ ମାଝୀ, ଲୁସକୁ ମାଝୀ, ପି: ଢୁମୁକା ମାଝୀ, ମଙ୍ଗଲା ମାଝୀ, କାରୁ ମାଝୀ, ପି: ପ୍ରଧାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୦ | ୦.୫୯ | ୦.୪୦ | ଡାହି ଦୁଇ | |
| ୩୦ | ୬୮୧ | ୧.୪୦ | ୦.୨୦ | ଡାହି ଦୁଇ | ଛୋଟା ମାଝୀ, ଠୁମ୍ପୁ ମାଝୀ, ପି: ଚନ୍ଦ୍ରାଏ ମାଝୀ, ନେଢା ମାଝୀ, ମନୁଆ ମାଝୀ, ପି: ଛୋଟରାଏ ମାଝୀ, କଙ୍କା ମାଝୀ, ଚେର ମାଝୀ, ପି: ରାମ ମାଝୀ, କୁଆଁର ମାଝୀ, ପି: ଉଦୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୩ | ୮୬୧ | ୦.୩୬ | ୦.୦୯ | ଘରବାରୀ ବାରୀ | ଟୁକୁରୁ ମାଝୀ, ଗୁଜା ମାଝୀ, ପି: ଝର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୬୩ | ୦.୬୨ | ୦.୨୦ | ଡାହି ଦୁଇ | |
| | ୮୬୪ | ୦.୬୨ | ୦.୦୭ | ଡାହି ଦୁଇ | |
| ୩୬ | ୮୬୨ | ୦.୫୪ | ୦.୨୪ | ଘରବାରୀ ଘର | ଠୁମ୍ପୁ ମାଝୀ, ପି: ହିନ୍ଦୁ ମା ଝୀ, କନ୍ଦା ମାଝୀ, ଲବ ମାଝୀ, ପି: ଟୁପା ମାଝୀ, ନିମାଇଁ ମାଝୀ, ପି: କେଶର ମାଝୀ, ସୁକୁଲ ମାଝୀ, ବଡ଼ା ମାଝୀ, ଟୁପା ମାଝୀ, ପି: ନିମାଇଁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୯ | ୭୦୧ | ୨.୫୯ | ୦.୫୦ | ଡାହି ଏକ | ଡମାନ ମାଝୀ, ପି: ଅନନ୍ତ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୪ | ୮୬୭ | ୧.୬୮ | ୦.୩୪ | ଡାହି ଦୁଇ | ଥୁବୁଡୁ ମାଝୀ, ପି: ବଳିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୫ | ୬୮୯ | ୦.୮୫ | ୦.୧୮ | ଡାହି ଦୁଇ | ଥୁବୁଡୁ ମାଝୀ, ପି: ବଳିଆ ମାଝୀ, ଦରଗା ଚରଣ ମାଝୀ, ପି: ଭାଇଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୬ | ୬୮୬ | ୦.୪୮ | ୦.୦୮ | ଡାହି ଦୁଇ | ଥେଣ୍ଟା ମାଝୀ, ପି: ରାଗୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୭ | ୬୮୧ | ୦.୫୭ | ୦.୦୬ | ଡାହି ଦୁଇ | ଦରଗା ମାଝୀ, ପି: ବୁଧୁରାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୨୭ | ୦.୯୩ | ୦.୨୯ | ଡାହି ଦୁଇ | |
| ୫୮ | ୮୧୨ | ୦.୬୨ | ୦.୨୦ | ଶାରଦ ଦୁଇ | ଦୁଲା ମାଝୀ, ଦାସ ମାଝୀ, ପି: ପିରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୨୫ | ୧.୧୫ | ୦.୧୬ | ଶାରଦ ଦୁଇ | |
| | ୮୦୯ | ୦.୭୫ | ୦.୩୦ | ଘରବାରୀ ଘର | |
| | ୮୧୧ | ୦.୧୯ | ୦.୦୮ | ମାହାରା | |
| ୫୯ | ୮୨୬ | ୧.୦୦ | ୦.୨୦ | ଶାରଦ ଦୁଇ | ଦୁଲା ମାଝୀ, ଦାସ ମାଝୀ, ପି: ପିରୁ ମାଝୀ, ପିରୁ ମାଝୀ, କାଲା ମାଝୀ, ପି: ଲେଟୁକୁ ମାଝୀ, ଭୁଟା ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୩ | ୬୯୮ | ୩.୮୪ | ୦.୫୩ | ଘରବାରୀ ଘର ଓ ବାରୀ | ଦୁଲା ମାଝୀ, ପି: ବଢାଣ ମାଝୀ, ବସେନ ମାଝୀ, ସାନ ବୁଢ଼ାଣ ମାଝୀ, ପି: ଭଞ୍ଜ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୧ | ୭୭୮ | ୧.୪୩ | ୦.୦୫ | ଡାହି ଦୁଇ | ନାରଣ ମାଝୀ, ପି: ବାରଷା ମାଝୀ, ଜା: ସାନ୍ତାଳ, ବା: ବାହାଗଡ଼ିଆ |
| ୯୦ | ୬୮୭ | ୦.୬୭ | ୦.୦୨ | ଘରବାରୀ ଘର ଓ ବାରୀ | ବିରା ମୁର୍ମୁ, ଶଂରାୟ ମୁର୍ମୁ, ସୁଗଦା ମୁର୍ମୁ, ନାଛି ମୁର୍ମୁ, ପି: ବୁଢ଼ା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୫ | ୧.୦୩ | ୦.୬୦ | ଡାହି ଦୁଇ | |
| ୯୧ | ୮୩୨ | ୧.୮୧ | ୦.୪୬ | ଡାହି ଏକ | ଭରତ ମାଝୀ, ପି: ଖାଣ୍ଡ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୫ | ୮୩୧ | ୧.୫୩ | ୦.୨୫ | ଡାହି ଏକ | ମାଧୁ ମାଝୀ, ପି: ମହନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨୬ | ୫୪୩ | ୦.୪୫ | ୦.୧୪ | ଶାରଦ ଦୁଇ | ସମ୍ଭାରୀ ମାଝୀ, ପି: ବାଲିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୪ | ୫୪୭ | ୦.୪୪ | ୦.୨୮ | ଘରବାରୀ ବାରୀ | ଶାଙ୍ଗ ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୩ | ୮୬୫ | ୦.୪୯ | ୦.୧୩ | ଡାହି ଦୁଇ | ବାଘରାଏ ମାର୍ଣ୍ଡି, ପି: ମେଘରାଏ ମାର୍ଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୭ | ୫୫୧ | ୧.୧୬ | ୦.୩୬ | ଘରବାରୀ ଘର | ସୁରାଏ ମାଝୀ, ସାନ ଗୋପି ମାଝୀ, ପି: ମେଘରାଏ ମାଝୀ, ଗୋପିଆ ମାଝୀ, ପି: ସୁରାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୪୯ | ୫୪୯ | ୦.୫୩ | ୦.୧୮ | ଘରବାରୀ ବାରୀ | ଜବା ମାଝୀ, ସ୍ୱା: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୫୭ | ୮୨୯ | ୧.୯୦ | ୦.୩୬ | ଡାହି ଦୁଇ | ସାଗରାମ ହାଁସଦା, ରାମଦାସ ହାଁସଦା, କହ୍ନେଇ ହାଁସଦା, ଭୀମ ହାଁସଦା, ପି: ଦୁର୍ଗା ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୬୮ | ୬୮୩ | ୧.୮୩ | ୦.୧୬ | ଡାହି ଦୁଇ | ରାବଣ ମାଝୀ, ହେମନ୍ତ ମାଝୀ, ଭଗାନ ମାଝୀ, ପି: ଡମାନ ମାଝୀ, ବିଜ ମାଝୀ, ସ୍ୱା: ଡମାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୩୮ ପ୍ଲଟ୍ | ଏ.୪୧.୫୭ ହେ.ମି. | ଏ.୯.୬୭ ହେ.ମି. | | |

**24001/14/0218/1920**



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଯାଦବ ସମାଜର ସମ୍ବର୍ଦ୍ଧନା ସଭା

ଜାମଟିକ୍ରା, ୧୬।୧୦ (ଡି.ଏନ.ଏ): ଭେଡେନ ବ୍ଲକ ପପଙ୍ଗା ପଞ୍ଚାୟତ ଅନ୍ତର୍ଗତ ଆଖିଫୁଟା ଶିବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ଯାଦବ ସମାଜ ତରଫରୁ ଏକ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯାଦବ ସମାଜର ଦୁଇ ଜଣ ଝିଅ ସଫଳତାର ସହ ଏମବିବିଏସ ପାଇଥିବାରୁ ଉଭୟଙ୍କୁ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ଭେଡେନ ବ୍ଲକ ଖପସିପାଲି ଗ୍ରାମର ଦୀପାଞ୍ଜଳି କଠାର ଓ ସୁଖପାଲିର ମୁନି ଭୁଏ କଠିନ ପରିଶ୍ରମ କରି ଏହି ସଫଳତା ପାଇଥିବାରୁ ଯାଦବ ସମାଜ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ରମେଶ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହ ସଭାରେ ରାମନାରାୟଣ ଭୋଇ, ଆଇନଜୀବୀ ରକ୍ଷାକାରୀ ଠେଲା, ସୀତାରାମ ବନଛୋର, ଡାକ୍ତର ବଗର୍ତ୍ତି, ମିତ୍ରଭାନୁ ବାଗ ପ୍ରମୁଖ ଯୋଗ ଦେଇଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ପଦଯାତ୍ରା

ବରପାଲି, ୧୬।୧୦ (ଡି.ଏନ.ଏ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିନ ଅବସରରେ ବୁଧବାର ବରପାଲିଠାରେ ବିଜୁ ଛାତ୍ର ଜନତା ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସହ ଦଳୀୟ କର୍ମୀ ଓ ବିଜୁ ଛାତ୍ର ଜନତାର କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହି ପଦଯାତ୍ରା ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ବନ୍ତ ସେଠ, ବିଜନ ଦାଶ ପ୍ରମୁଖ ଏଥିରେ ସାମିଲ ରହିଥିଲେ ।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ କୃଷକ ସାଥୀ

ଅତାବିରା, ୧୬।୧୦ (ଡି.ଏନ.ଏ); ବରଗଡ ଜିଲା ଭେଡେନ, ଅତାବିରା ବ୍ଲକ ଅଞ୍ଚଳରେ ପାଚିଲା ଧାନରେ ଚକଡା ପୋକଙ୍କ ପ୍ରାଦୁର୍ଭାବ ଦେଖାଦେଇଛି । ଏ ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କୃଷି ବିଭାଗର ଅଧିକାରୀ, କର୍ମଚାରୀମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । କୃଷକ ସାଥି ଶେଷଦେବ ଦନ୍ତା ଦେଶଭଟିଲି ଗ୍ରାମର ସନ୍ତୋଷ ଭୋଇଙ୍କ ଚାଷଜମିକୁ ଯାଇ ଚକଡା ପୋକ ଲାଗିଥିବା ଧାନ ଫସଲ ଦେଖିଛନ୍ତି । ଏହାସହିତ ସେ ଚାଷୀ ସନ୍ତୋଷ ଭୋଇଙ୍କୁ ଭେଟି ଆଲୋଚନା କରିବା ପରେ କୃଷି ବିଭାଗକୁ କ୍ଷୟକ୍ଷତି ବିଷୟ ଜଣାଇଛନ୍ତି । ଗୁରୁବାର କୃଷି ବିଭାଗର ଏକ ଟିମ୍ ଦେଶଭଟିଲି ଗ୍ରାମକୁ ଆସି ସର୍ଭେ କରିବେ ବୋଲି କୃଷକ ସାଥି ଦନ୍ତା କହିଛନ୍ତି ।

### ଝାଡ଼ାବାନ୍ତିରେ ୧୩ ଆକ୍ରାନ୍ତ

ପଦ୍ମପୁର, ୧୬।୧୦ (ଡି.ଏନ.ଏ): ପଦ୍ମପୁର ନିକଟସ୍ଥ କୁଡାସିଂହା ଗ୍ରାମରେ ଝାଡାନ୍ତିବାନ୍ତିରେ ୧୩ଜଣ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଏକ ଡାକ୍ତରୀ ଦଳ କୁଡାସିଂହା ଗ୍ରାମରେ ଆକ୍ରାନ୍ତମାନଙ୍କୁ ଚିକିତ୍ସା କରିଛନ୍ତି । ଆଶା, ନର୍ସମାନେ ପ୍ରତ୍ୟେକ ଘରକୁ ଯାଇ ହେଲୋଜେନ ବଟିକା ପକାଇ ପାଣି ପିଇବା ପାଇଁ ପରାମର୍ଶ ଦେବା ସହ ବଟିକା ଦେଉଛନ୍ତି । ପାଣି ଯୋଗୁ ଝାଡାବାନ୍ତି ହୋଇଥିବା ଆଶଙ୍କା କରି ସମସ୍ତ ନଳକୂପ ଓ ପୋଖରୀର ପାଣି ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି । ରିପୋର୍ଟ ଆସିଲା ପରେ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲେ ମଧ ବୁଧବାର ବିକାଶ ମେହେର ନାମକ ଯୁବକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ।

### ଭେଡ଼େନ-ବରଗଡ଼ ମିନି ମାରାଥନ

ଭେଡ଼େନ, ୧୬।୧୦(ଡ଼ି.ଏନ.ଏ) ବରଗଡ଼ ଜିଲା ଭେଡ଼େନ ସ୍ଥିତ ବରଗଡ଼ ରନର୍ସ ଗ୍ରୁପ ତରଫରୁ ପ୍ରଥମ ଥର ପାଇଁ ଭେଡ଼େନରୁ ବରଗଡ଼ ଗାନ୍ଧୀ ଛକ ପର୍ଯ୍ୟନ୍ତ ୨୫ କିଲୋମିଟର ମାରାଥନ ଦୌଡ଼ ବୁଧବାର ଅନୁଷ୍ଠିତ ହୋଇଛି । ବୁଧବାର ସକାଳ ୫ ଟାରେ ଭେଡ଼େନ ଠାରେ ଏହି ମାରଥନ ଦୌଡ଼କୁ ଜମିଦାର ଅରୁଣ କୁମାର ସିଂ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ସଞ୍ଜୀବ କୁମାର ପଣ୍ଡା, ଅରବିନ୍ଦ ମହାକୁର, ଅଧୀର ମେହେର ପ୍ରମୁଖ ବିଜୟୀ ହୋଇଥିଲେ ।




ବିଜେପୁର ବ୍ଲକ ଜାରିଂରେ ଚିନିକଳ କର୍ମଚାରୀ, କୃଷକ ସମନ୍ୱୟ ସମିତି ପକ୍ଷରୁ ଧାରଣା ଦିଆଯାଇଛି ।



ଗାଇସିଲେଟ୍ ବ୍ଲକ କେନ୍ଦୁଭଟା ଛକରେ ଏସଏଚଜି ମହିଳାମାନେ ରାସ୍ତାରୋକୋ କରିଛନ୍ତି ।

# ବିଜେପୁରରେ ଧାରଣା, ଗାଇସିଲେଟ୍‌ରେ ରାସ୍ତାରୋକୋ

**ବରଗଡ଼ ଅଫିସ/ବିଜେପୁର/ଗାଇସିଲେଟ,୧୬।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାକୁ ଆସୁଛନ୍ତି । ମାତ୍ର ତାଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ବିଜେପୁର ବ୍ଲକ ଅନ୍ତର୍ଗତ ଜାରିଂରେ ବରଗଡ଼ ତୋରା ସମବାୟ ଚିନିକଳ କର୍ମଚାରୀଙ୍କ ଧାରଣା ଏବଂ ମଦଭାଟି ଉଚ୍ଛେଦ ଦାବିରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ କେନ୍ଦୁଭଟା ଛକ ନିକଟରେ ମହିଳାଙ୍କ ରାସ୍ତା ଅବରୋଧ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନା ଅନୁଯାୟୀ, ଦୀର୍ଘ ୨୫ ମାସର ଦରମା ମିଳି ନ ଥିବା ଏବଂ ଗତ ଫେବୃଆରୀ ମାସରେ ମୁଖ୍ୟମନ୍ତ୍ରୀଙ୍କ ସୋହେଲା ଇଚ୍ଛାପାଲି ସମାବେଶରେ ଚିନିକଳ ପାଇଁ ୧୧କୋଟି ଟଙ୍କା ପ୍ୟାକେଜର କୌଣସି ସୁଫଳ ମିଳି ନ ଥିବା ପ୍ରତିବାଦରେ ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳ କର୍ମଚାରୀ ଓ କୃଷକ ସମନ୍ୱୟ ସମିତିର ସଭ୍ୟବୃନ୍ଦ ସୋମବାର, ମଙ୍ଗଳବାର ଦୁଇଦିନ ଧରି ଜିଲାପାଳ

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆନ୍ଦୋଳନ**

ଅଫିସ ଆଗରେ ଧାରଣା ଦେଇଥିଲେ । ଏହାସତ୍ତ୍ୱେ କିଛି ଫଳ ମିଳି ନ ଥିଲା । ଫଳରେ ସେମାନେ ବୁଧବାରଠାରୁ ବରଗଡ଼-ବିଜେପୁର ରାସ୍ତାର ପ୍ରେମାବନ୍ଧ ସମ୍ମୁଖରେ ଧାରଣାରେ ବସିଛନ୍ତି । ଗୁରୁବାର ଧାରଣା ଚାଲିବ ବୋଲି ସେମାନେ କହିଛନ୍ତି । ସଂଘର ସମ୍ପାଦକ ସୁବ୍ରତ ସାହୁ, ବ୍ରିଜବଲ ରାୟ, ପ୍ରସନ୍ନ କୁମାର ମହାରଣା, ଅରୁଣ ସାହୁ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ଭବାନୀ ପ୍ରସାଦ ସାହୁ ପ୍ରମୁଖ ସେଠାରେ ଉଦବୋଧନ ଦେଇଥିଲେ। ସେହିପରି ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଯିବା ବାଟରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଧାରଣାସ୍ଥଳକୁ ପହଞ୍ଚି ଆଲୋଚନା କରିଥିବାବେଳେ ଆପ୍‌ର ରାଜ୍ୟ ସମ୍ପାଦକ ନିଶିକାନ୍ତ ମହାପାତ୍ର ଧାରଣାକୁ ସମର୍ଥନ ଜଣାଇଥିବା ସୂଚନା ମିଳିଛି ।

ସେହିପରି ବିଜେପୁର ନିର୍ବାଚନ ମଣ୍ଡଳୀ ଅଧୀନ ଗାଇସିଲେଟ ବ୍ଲକ ବରିହା ପୋଖାପାଣି ଗ୍ରାମର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଗ୍ରାମର ମଦଭାଟି ଉଚ୍ଛେଦ ଦାବି ନେଇ କେନ୍ଦୁଭଟା ଛକକୁ ଆସିଥିଲେ ଏବଂ ପଦ୍ମପୁର-ବଲାଙ୍ଗୀର ରାସ୍ତା ଅବରୋଧ କରିଥିଲେ। ଉକ୍ତ ଆନ୍ଦୋଳନରେ ବହୁସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ। ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନରତ ମହିଳାଙ୍କୁ ବୁଝାଶୁଝା କରିଥିଲେ । ଏହାପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ ।

## ଅଜଣା ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ

**ପୁରୁଣାକଟକ,୧୬।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଞ୍ଚଳର ଗୋରୁ ବର୍ତ୍ତମାନ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି । ବ୍ଲକର ପୁରୁଣାକଟକ, ତିଲେଶ୍ୱର, ଧଳପୁର, ରାମଗଡ, ସାମ୍ପୋଚ, ହରେକୃଷ୍ଣପୁର ଆଦି ପଞ୍ଚାୟତର ଅନେକ ଗ୍ରାମରେ ଶତାଧିକ ଗାଈ ବଳଦଙ୍କ ଦେହରେ ହଠାତ୍ ଏକ ବଡ ଫୋଟକା ଫଳି ଫାଟି ଯିବାପରେ ସେହି ଜାଗାରୁ ପୁଜ ରକ୍ତ ବାହାରି ବଡ ଘା' ହେଉଥିବା ଦେଖାଦେଇଛି । ଗାଈ ବଳଦ ଯନ୍ତ୍ରଣା ପାଉଥିବା ଦେଖି ଗୋପାଳକମାନେ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ବା ଚିକିତ୍ସା କରିବାକୁ ଡାକିଲେ ଚିକିତ୍ସକମାନେ ଏହା ଏକ ନୂଆ ରୋଗ କହି ସାମାନ୍ୟ ଇଞ୍ଜେକ୍ସନ ଦେଇ ଆପେ ଆପେ ଭଲ ହୋଇଯିବ ବୋଲି କହୁଥିବା ଅଭିଯୋଗ ହୋଇଛି। ସାମ୍ପୋଚ ଗ୍ରାମର କୃପାସିନ୍ଧୁ ସ୍ୱାଇଁ, ଆଶ୍ୱିନ ବେହେରା, ବିଦେଶୀ



ରୋଗାକ୍ରାନ୍ତ ଗୋରୁ ।

ସ୍ୱାଇଁ, ବଳରାମପୁର ଗ୍ରାମର ବାବୁଲା ପ୍ରଧାନ, କୁଶଧର ସାହୁ, ଦୁତିଆ ପ୍ରଧାନ, ମାଣିକପୁର ଗ୍ରାମର ଈଶ୍ୱର ଭୋକ୍ତା, କୃଷ୍ଣଚନ୍ଦ୍ର ଘିବେଲା, ଅକ୍ଷୟ ନାଏକ, ଇନ୍ଦ୍ରମଣି ବେହେରା, ଉମେଶ ବେହେରା, ମଧୁ ନାଏକ, ସୁରଥ ପ୍ରଧାନ, ତିଲେଶ୍ୱର ଗ୍ରାମର ଚତୁର୍ଭୁଜ ପ୍ରଧାନଙ୍କ ଗୋରୁ ସମେତ ବୁରୁବୁଡା, ମହିବାହାଲ, ସୁକପାଲି, ମଧୁସୁଦନପୁର ଆଦି ବ୍ଲକର ପ୍ରାୟ ୪୦ଟି ଗ୍ରାମରେ ୩ ଶହରୁ ଊର୍ଦ୍ଧ୍ୱ ଗାଈ ବଳଦ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଦେଖାଯାଇଛି । ଏହି ରୋଗ ଯୋଗୁ ଗୋରୁଙ୍କ ଗୋଡ ତଳ ଗଣ୍ଠି ଫୁଲି ଫୋଟକା ହୋଇ ଫାଟି ଯିବା ପରେ ଏକ କଣା ହୋଇ ପୁଜ ରକ୍ତ ବାହାରି ଛିଣ୍ଡି ଯାଉଛି । କିଛି ଗୋରୁଙ୍କ ଲାଞ୍ଜ ଛିଣ୍ଡି ପ୍ରବଳ ରକ୍ତସ୍ରାବ ହେଉଥିବା ଗୋପାଳକ ମାନେ କହିଛନ୍ତି । ଔଷଧ, ଇଞ୍ଜେକ୍ସନ ଦ୍ୱାରା ଭଲ ନ ହେବାରୁ ଗୋପାଳକମାନେ ଗୋରୁଙ୍କ ଖଣ୍ଡିଆ ସ୍ଥାନରେ ପେଟ୍ରୋଲ, କିରୋସିନ, ଫିନାଇଲ ଭଳି ଦ୍ରବ୍ୟ ଲଗାଇ ସଫା କରୁଥିବା କହିଛନ୍ତି । ଏ ସମ୍ପର୍କରେ ପୁରୁଣାକଟକ ପ୍ରାଣୀ ଚିକିତ୍ସକ ସୁଧାମୟି ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆମେ ଅବଗତ ଅଛୁ । ହଠାତ୍ ଏହି ରୋଗ ଅନେକ ଗାଈ ବଳଦ ଦେହରେ ଦେଖାଦେଇଛି । ଯଥା ସମ୍ଭବ ଚିକିତ୍ସା କରି ଆକ୍ରାନ୍ତ ଥିବା ଗୋରୁଙ୍କୁ ଭଲ କରାଯିବ ବୋଲି କହିଥିଲେ ।

## ଚେସ୍ ଉଦ୍‌ଘାଟିତ



ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୧୬।୧୦(ସ୍ୱ.ପ୍ର)**

ରାଜ୍ୟ ଚେସ୍ ଆସୋସିଏଶନ ଓ ବୌଦ୍ଧ ଜିଲା ଚେସ ଆସୋସିଶନର ମିଳିତ ସହଯୋଗରେ ବୌଦ୍ଧ ଇନଡୋର ଷ୍ଟାଡିୟମରେ ୧୯ ବର୍ଷରୁ କମ୍ ରାଜ୍ୟ ସ୍ତରୀୟ ଚେସ ପ୍ରତିଯୋଗିତା ବୁଧବାର ଉଦଘାଟିତ ହୋଇଛି । ଚେସ ସଂଘ ସଭାପତି ରଜନିକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଓ ଆର୍ବିଟର ସୁରେଶ ସାହୁ ଯୋଗଦେଇ ବୌଦ୍ଧ ଭଳି ଜିଲାରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ ନେଇ ପ୍ରଶଂସା କରିଥିଲେ । ରାଜ୍ୟ ଚେସ ସଂଘର କୋଷାଧ୍ୟକ୍ଷ ତଥା ଜିଲା ସଂଘର ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ଶୃଙ୍ଖଳାର ସହିତ ଖେଳାଳିମାନେ ତିନିଦିନ ଧରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଶେଷରେ ଜିଲା ସଂଘର ସହ ସମ୍ପାଦକ ଗଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୧୦ଟି ଜିଲାରୁ ବହୁ ଖେଳାଳି ଭାଗ ନେଇଥିବା ବେଳେ ଜିଲାର ବହୁ ଖେଳାଳି ମଧ୍ୟ ଅଂଶ ଗ୍ରହଣ କରିବେ ବୋଲି ଜିଲା ଚେସ ଆସୋସିଏଶନର ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି । ଏହି ପ୍ରତିଯୋଗିତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବ। ଯଦୁମଣି ପ୍ରଧାନ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଦାୟିତ୍ୱ ତୁଲାଉଛନ୍ତି ।

## ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ

**ଭେଡ଼େନ, ୧୬।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚାରିଦିନ ଧରି ଚାଲିଥିବା ମା ଅନ୍ନପୂର୍ଣ୍ଣା ଗଜଲକ୍ଷ୍ମୀ ପୂଜା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ରେମଣ୍ଡାରେ ହୋଇଥିବା ଏହି ପୂଜାରେ ରବିବାର କଳସ ଯାତ୍ରା ଓ ପ୍ରାଣପ୍ରତିଷ୍ଠାରୁ ଆରମ୍ଭ ହୋଇ ବୁଧବାର ଭସାଣିରେ ସମ୍ପନ୍ନ ହୋଇଥିଲା। ଏଥିରେ ଟିଲୁ ସାହୁ ଏବଂ ରିଙ୍କି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ହିମାଂଶୁ ଶତପଥି ପୂଜକ ଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ସୁଶାନ୍ତ ନାୟକ, ପବିତ୍ର ସାହୁ, ମନୋଜ ସେଠ, ରଜତ ସାହୁ, ପ୍ରକାଶ, ରାକେଶ ଲିକନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପପଙ୍ଗା ଗ୍ରାମପଞ୍ଚାୟତର ବଡ଼ ପିପିଲିପାଲିରେ ହୋଇଥିବା ଅଷ୍ଟାଦଶ ଗଜଲକ୍ଷ୍ମୀ ପୂଜାରେ କର୍ତ୍ତା ଭାବେ ଅଗ୍ନି କୁମାର ପଣ୍ଡା ଏବଂ ନିର୍ମଳା ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ମହିଳା ସଂକୀର୍ତ୍ତନ ଓ କୃଷ୍ଣଗୁରୁ ପରିବେଷିତ ହୋଇଥିଲା ।



ରେମଣ୍ଡାରେ ହୋଇଥିବା ଗଜଲକ୍ଷ୍ମୀ ପୂଜା।

## ନିମ୍ନମାନର ଚାଉଳ ବଣ୍ଟନକୁ ନେଇ ହଟଗୋଳ

**କନ୍ଧମାଳ/ମନମୁଣ୍ଡା,୧୬।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ଖଟଖଟିଆ ପଞ୍ଚାୟତରେ ନିମ୍ନମାନର ଚାଉଳ ବଣ୍ଟନକୁ ନେଇ ବୁଧବାର ହଟଗୋଳ ହୋଇଛି । ଏହି ଘଟଣାରେ ହିତାଧିକାରୀମାନେ ପଞ୍ଚାୟତର କର୍ମଚାରୀଙ୍କୁ ୨ଘଣ୍ଟା ଧରି ଅଟକ ରଖିଥିଲେ । ସୂଚନା ଅନୁସାରେ, ଖାଦ୍ୟ ସୁରକ୍ଷା ଯୋଜନାରେ ବୁଧବାର ଖଟଖଖଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳକୁ ଗୋଟେ ଜାଗାରେ ଜମା କରି ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଉଥିଲା। ମଧ୍ୟାହ୍ନ ସମୟରେ ଏହି ଚାଉଳ ଗଦାରେ ବଣ୍ଟନ ଦାଇତ୍ୱରେ ଥିବା ପଞ୍ଚାୟତ କର୍ମଚାରୀ ନିମ୍ନମାନର ଚାଉଳ ମିଶାଇ ଦେଇଥିଲେ । ଏହି ଚାଉଳ ପୋକରା ସହ ଏହାର ରଙ୍ଗ ମଳିଚିଆ ରହିଥିଲା। ହିତାଧିକାରୀମାନେ ଏହା ଦେଖି ଚାଉଳ ନେବାକୁ ମନା କରି କର୍ମଚାରୀଙ୍କ ସହ ପାଟିତୁଣ୍ଡ କରିଥିଲେ । ପରେ ଉଚିତ ମାନର ଚାଉଳ ବଣ୍ଟନ ହେବା ପରେ ହିତାଧିକାରୀ ଶାନ୍ତ ପଡିଥିଲେ । ଏ ନେଇ ଯୋଗାଣ ଅଧିକାରୀ ଦେବକାନ୍ତ ମହାନ୍ତଙ୍କୁ ଯୋଗାଯୋଗ କରିବାରେ ଚାଉଳର ମାନ ନେଇ ଅଭିଯୋଗ ରହିଥିଲେ ତାହା ଫେରସ୍ତ ହେବ ବୋଲି କହିଛନ୍ତି ।



ବଣ୍ଟାଯାଉଥିବା ପୋକରା ଚାଉଳ ।

## କରମସାନୀ ପାଇଁ ଭୂମିପୂଜନ

**ପଦ୍ମପୁର, ୧୬।୧୦ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଶରଧାପାଲି ଗ୍ରାମ ନିକଟସ୍ଥ ମହାଜନ ଡୁଙ୍ଗୁରୀରେ ଡଙ୍ଗର ଉପରେ କରମସାନୀ କାର୍ଯ୍ୟକ୍ରମ ପାଇଁ ଯୋଜନା ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଭୂମି ପୂଜନ କରିଛନ୍ତି । ଭୂମି ପୂଜନ ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ କରମସାନୀ କଳାକାର ଯୋଗଦାନ କରିଥିଲେ । ଆଗାମୀ ଜାନୁୟାରୀ ୫ ତାରିଖରେ ପ୍ରାୟ ୩ ହଜାର କରମସାନୀ ଲୋକନୃତ୍ୟ କଳାକାର ଅଂଶ ଗ୍ରହଣ କରି କଳା ପ୍ରଦର୍ଶନ କରିବେ। ଏକକାଳୀନ ଏତେ ସଂଖ୍ୟକ କଳାକାର ସମ୍ମିଳିତ ହୋଇ ଲୋକବାଦ୍ୟ ପରିବେଷଣ କଲେ ଲିମ୍‌କା ବୁକ୍ ଅଫ୍ ରେକର୍ଡ ସ୍ଥାନୀତ ହେବ ବୋଲି ଆୟୋଜକ ମଣ୍ଡଳୀରୁ ପ୍ରକାଶ। ଭୂମିପୂଜନ ଉତ୍ସବରେ ଗାଇସିଲେଟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ ସାହୁ, ସମ୍ବଲପୁରୀ ଫୋକ ଏକାଡେମୀ, ବୁରୋମୁଣ୍ଡା ସଭାପତି ଭଗବାନ ସାହୁ, ସମ୍ପାଦକ ରବିରତନ ସାହୁ ଓ ଅନ୍ୟ ସହଯୋଗୀ ଯୋଗଦାନ କରିଥିଲେ ।

## ଗାଁ ରାସ୍ତା ସଫା କଲେ ମହିଳା

**ଘଣ୍ଟାପଡା, ୧୬।୧୦ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଅଧୀନ ଦେଢ଼େଣମାଳ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ବୁଧବାର ଗାଁ ରାସ୍ତା ସଫା କରିଛନ୍ତି। ଆଦିବାସୀ ସମନ୍ୱୟ ସମିତି ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ନୂଆଁଖାଇ ଭେଟଘାଟ ପୂର୍ବରୁ ଗ୍ରାମର ମହିଳାମାନେ ଗାଁ ପରିମଳ ପ୍ରତି ଗୁରୁତ୍ୱ ଦେଇ ରାସ୍ତାଘାଟ ସଫାସୁତୁରା କରିଥିବା ଜଣାଯାଇଛି। ଆଦିବାସୀ ଖେଳ ପଡିଆରେ ହେବାକୁ ଥିବା ୩ୟ ଆଦିବାସୀ ମେଳି ଉତ୍ସବରେ ବୌଦ୍ଧ ଜିଲା ସମେତ ବଲାଙ୍ଗୀର, ସୋନପୁର, କନ୍ଧମାଳ, କଳାହାଣ୍ଡି ଆଦି ଜିଲାରୁ ଆଦିବାସୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଏବେଠୁ ସମସ୍ତେ ପ୍ରସ୍ତୁତି କାମରେ ଲାଗିପଡିଥିବା ଦେଖିବାକୁ ମିଳିଛି ।



ମହିଳାମାନେ ଗାଁ ରାସ୍ତା ସଫେଇ କରୁଛନ୍ତି ।

## ଏଥର ଆମର ବିଜୟ ନିଶ୍ଚିତ: ଅରୁଣ ସିଂ

**ବରଗଡ଼ ଅଫିସ୍,୧୬।୧୦**

୨୦୧୮ ଉପନିର୍ବାଚନ ଏବଂ ଚଳିତ ବିଜେପୁର ଉପନିର୍ବାଚନରେ ବହୁତ ଫରକ ରହିଛି। ଏଥର ଆଉ ସମବେଦନା ଭୋଟ୍ ନାହିଁ । ଅନ୍ୟପଟେ ଏହି ନିର୍ବାଚନ ମଣ୍ଡଳୀରେ ପାନୀୟଜଳ, ବେରୋଜଗାର ଆଦି ସମସ୍ୟା ବଢ଼ି ଚାଲିଛି । ସେହିପରି ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କୁ ଭରସା କରି ବିଜେପୁରବାସୀ ଜିତାଇଥିଲେ। ହେଲେ ଶେଷରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନକୁ ଛାଡ଼ି ଦେଇଥିଲେ। ଏହା ବିଜେପୁରବାସୀଙ୍କୁ ନିରାଶ କରିଛି। ଫଳରେ ଚଳିତ ନିର୍ବାଚନରେ ବିଜେପୁର ନିର୍ବାଚନ ମଣ୍ଡଳୀର ମତଦାତାମାନେ ବିଜେଡ଼ିକୁ ପ୍ରତ୍ୟାଖ୍ୟାନ କରି ଭାଜପାକୁ ବହୁମାତ୍ରାରେ ଭୋଟ୍ ଦେବେ ଏବଂ




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

ଏଥର ଆମେ ନିଶ୍ଚୟ ଜିତିବୁ ବୋଲି ବୁଧବାର ବରଗଡ଼ର ଏକ ହୋଟେଲ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପାର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅରୁଣ ସିଂ କହିଛନ୍ତି । ଏହାସହିତ ସେ ଆହୁରି କହିଥିଲେ, ଚଳିତ ଉପନିର୍ବାଚନରେ ଭାଜପାର ବିଜୟ ସାରା ଓଡ଼ିଶାରେ ଏକ ନୂତନ ମାହୋଲ ସୃଷ୍ଟି କରିବ । ରାଜ୍ୟରେ ଭାଜପାର ଗ୍ରାଫ୍ ମଧ୍ୟ ବଢ଼ି ଚାଲିଥିବା ସେ କହିଥିଲେ । ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଭାଜପା ଛାଡ଼ିବା ଏବଂ ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଦଳ ଉପରେ କିଛି ପ୍ରଭାବ ପକାଇବ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଥିଲେ । ଖବରଦାତା ସମ୍ମିଳନୀରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବରିଷ୍ଠ ନେତା ବିଜୟ ମହାପାତ୍ର, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

**ସଂକ୍ଷେପରେ**



## ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ୧୦୨ ୟୁନିଟ ରକ୍ତ ସଂଗ୍ରହ

**ନୂଆପଡା ଅଫିସ,୧୬।୧୦-**
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ଇଣ୍ଡୋର ଷ୍ଟାଡିୟମରେ ଏକ ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୧୦୨ୟୁନିଟ ରକ୍ତ ସଂଗୃହ ହୋଇଛି। ବୁଧବାର ପୂର୍ବାହ୍ନରେ ଜିଲା ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ତଥା ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ ସଭାପତିତ୍ୱ କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ରାଜ୍ୟ ବିଜେଡି ସମ୍ପାଦକ ସରୋଜ କୁମାର ସାହୁ, ମହେଶ କୁମାର ନିଆଲ, ସୁଧୀର କୁମାର ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବିଜେଡି କର୍ମକର୍ତ୍ତାମାନେ ଯୋଗଦେଇ ରକ୍ତଦାନ କରିଥିଲେ ।

# ଜମି ଦୁର୍ନୀତି ମାମଲା: ଧାରଣା ତୃତୀୟ ଦିନରେ

**ଖଡିଆଳ,୧୬।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ତହସିଲ ଅନ୍ତର୍ଗତ ରୋହେନପଦର ଗାଁର ସ୍ୱର୍ଗତ ଦୈତାରୀ ମାଝିଙ୍କ ସ୍ତ୍ରୀ ଧନମତି ମାଝିଙ୍କ ଜମି ଖାତା ନଂ. ୭୩, ପ୍ଲଟ ନଂ. ୨୯୦ରେ ଥିବା ୨ ଏକର ୧୬ ଡେସିମିଲ ଜମିକୁ ଖଡିଆଳ ତହସିଲ କାର୍ଯ୍ୟାଳୟର ସରକାରୀ କର୍ମଚାରୀ ଓ ଜମି ଦଲାଲ ମିଶି ଗତ ୨୦୧୭ ମେ ୨୬ ତାରିଖରେ ୧ ଲକ୍ଷ ୭୫ ହଜାର ଟଙ୍କାରେ ଗୁପ୍ତ ଭାବେ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି । ଏହି ଜମିକୁ କୋମନ ବ୍ଲକ ସୁନାବେଡା ଗ୍ରାମର ଝାରବନ୍ଧ ମାଝି ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରାଯିବା ସହ ଜମିର ରେଜିଷ୍ଟ୍ରେଶନ ମଧ୍ୟ ହୋଇଛି । ହେଲେ ବିକ୍ରେତାଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର, ଫଟୋ ଓ ଜାତିପ୍ରମାଣପତ୍ର ନାହିଁ । ଏହି ଜମି କିଣିଥିବା ବ୍ୟକ୍ତି ନୂଆପଡା ଜିଲା କୋମନା ତହସିଲ ଅଧୀନ ସୁନାବେଡା ଗ୍ରାମର ଝାରବନ୍ଧ ମାଝି ହୋଇଥିବା ବେଳେ ସୁନାବେଡା ଗ୍ରାମପଞ୍ଚାୟତ କନ୍ଧ ଜାତିର କୌଣସି ବ୍ୟକ୍ତି ବାସ କରୁ ନ ଥିବା ଜଣାପଡିଛି। ଏହି ବ୍ୟକ୍ତିଙ୍କ ମଧ୍ୟ କୌଣସି ଆଧାରକାର୍ଡ, ଭୋଟର ପରିଚୟପତ୍ର, ଜାତି ପ୍ରମାଣପତ୍ର ଓ ଫଟୋ ମଧ୍ୟ ଉପଲବ୍ଧ ନାହିଁ । ହେଲେ ଜମି କିଭଳି ଭାବେ ବିକ୍ରି କରାଯାଇଛି ତାହା ସମସ୍ତଙ୍କ ଚକିତ କରିଦେଇଛି।


ଖଡିଆଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି।

ଅପରପକ୍ଷେ ଏହି ଜମିର ମିଟ୍ୟୁଶନ କରିବା ପାଇଁ ତାରିଖ ୧୬।୪।୨୦୧୯ରେ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଜମି ମାଲିକ ଧନମତି ମାଝିଙ୍କୁ ଖଡିଆଳ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ହାଜର ହେବା ପାଇଁ ନୋଟିସ ହୋଇଥିଲା । ନୋଟିସ ପାଇବା ପରେ ଜମି ମାଲିକ ଧନମତି ଓ ତାଙ୍କର ଦିଅର ଲିଙ୍ଗରାଜ ମାଝି, ସମ୍ପର୍କୀୟ ଭାଇ ପ୍ରେମାନନ୍ଦ ମାଝି ପ୍ରମୁଖ ତହସିଲ କାର୍ଯ୍ୟାଳୟକୁ ଆସି ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ନିକଟରେ ସେମାନେ କୌଣସି ଜମି କାହାରିକୁ ବିକ୍ରି କରି ନ ଥିବା କହିଛନ୍ତି । ଏଥିସହ ତାଙ୍କ ଅଜାଣତରେ ଜାଲିଆତି କରି କେହି ବିକ୍ରି କରି ଦେଇଥିବା ଅଭିଯୋଗ କରିବା ସହ ଜମିର ରେଜିଷ୍ଟ୍ରେଶନକୁ ତୁରନ୍ତ ବାତିଲ କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ଖଡିଆଳ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ସେମାନଙ୍କ କଥାକୁ କୌଣସି କର୍ଣ୍ଣପାତ କରି ନ ଥିଲେ । ଏହାପରେ ଧନମତି ଓ ତାଙ୍କ ପରିବାର ଲୋକେ ନୂଆପଡା ଜିଲାପାଳ ଓ ଏସପିଙ୍କୁ ସାକ୍ଷାତ କରି ଲିଖିତ ଜଣାଇ ନ୍ୟାୟ ଦେବାକୁ ଦାବି କରିଥିଲେ । ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନ ନେବାରୁ ଧନମତି ଓ ତାଙ୍କ ପରିବାର ଲୋକେ ନ୍ୟାୟ ପାଇବା ପାଇଁ ଖଡିଆଳ ତହସିଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦେଇଛନ୍ତି। ଧାରଣା ଆଜକୁ ତୃତୀୟ ଦିନରେ ପହଞ୍ଚିଛି । ଏହି ଜମି ହଡପ ଘଟଣାରେ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ ଓ ଦଲାଲଙ୍କୁ ତୁରନ୍ତ ଗିରଫ କରିବା ସହ ଜମିର ରେଜିଷ୍ଟ୍ରେଶନ ବାତିଲ ଦାବିରେ ଧନମତି ଓ ତାଙ୍କ ପରିବାର ଲୋକେ ଏବଂ ଆମ ଆଦମୀ ପାର୍ଟିର କର୍ମକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଆମ ଆଦମୀ ପାର୍ଟି ପକ୍ଷରୁ ୧୦ ଦଫା ଦାବି ପୂରଣ ନେଇ ଖଡିଆଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଜାରି ରହିଛି। ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଜାରି ରହିବ ବୋଲି ଆମ ଆଦମୀ ପାର୍ଟି ଜିଲା ସଭାପତି ରଙ୍ଗାଧର ମାଝି, ପ୍ରେମାନନ୍ଦ ମାଝି, ଧନମତୀ ମାଝି, ଲିଙ୍ଗରାଜ ମାଝି ଓ ଆମ ଆଦମୀ ପାର୍ଟିର ସଦସ୍ୟମାନେ କହିଛନ୍ତି ।

# ବିଜେଡିର ରକ୍ତଦାନ ଶିବିର

**ଖଡିଆଳ,୧୬।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜୁ ଜନତା ଦଳ ଖଡିଆଳ ନିର୍ବାଚନ ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟଜିତ ହୋଇଯାଇଛି । ବିଜେଡି ଜିଲା ସାଧାରଣ ସମ୍ପାଦକ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ଲମ୍ବୋଧର ନିଆଲଙ୍କ ନେତୃତ୍ୱରେ ଜୀବନ ବିନ୍ଦୁ ରକ୍ତଦାନ ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏଥିରେ ଖଡିଆଳ, ସିନାପାଲି ଓ ବୋଡେନ ଅଞ୍ଚଳର ମହିଳା, ପୁରୁଷ, ଯୁବକ ଓ ଛାତ୍ରୀଛାତ୍ରଙ୍କ ସହ ବିଜେଡିର ବହୁ କର୍ମକର୍ତ୍ତା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘାୟୁ କାମନା କରିଛନ୍ତି । ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାନେତ୍ରୀ ସରସ୍ୱତୀ ବାଗ, ଖଡିଆଳ ନଗର ସଭାନେତ୍ରୀ ମମତାମଞ୍ଜୁରୀ ଥଫା, ଜିଲା ପରିଷଦ ସଭ୍ୟା ଦୋଳକାନ୍ତି ମାଝି, ସନ୍ତୋଷିନୀ ସଲମା, ପୁଷ୍ପାଞ୍ଜଳି ପାଣ୍ଡେ, ଗୌତମ ନିଆଲ, ୟାସିନ ମହମ୍ମଦ, ଦୀପକ ଖମାରୀ, ରମେଶ ତିୱାରୀ, ନିଖିଲ ମେହେର, ସାହିଦ ମହମ୍ମଦ, ଦୟା ଥଫା, ଦୁର୍ଜନ ନାଗ, ଦଇତାରୀ ମେହେର, ଶାନ୍ତନୁ ପଣ୍ଡା, ରମେଶ ଭୋଇ, କୈଳାଶ ତାଣ୍ଡି, ଜ୍ୟୋତିଲାଲ ବଞ୍ଜାରେ, ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।


ରକ୍ତଦାନ ଶିବିରରେ ଜଣେ ମହିଳା ରକ୍ତଦାନ କରୁଛନ୍ତି।

# ଛୁଟି ପରେ ଖୋଲିଲା ସ୍କୁଲ: ବିରିମୁହାଣ ସ୍କୁଲରେ ତାଲା

**କୋକସରା,୧୬।୧୦ (ଡି.ଏନ.ଏ.)**

ଦଶହରା ଛୁଟି ପରେ ମଙ୍ଗଳବାର ରାଜ୍ୟରେ ବିଦ୍ୟାଳୟଗୁଡିକ ଖୋଲିଛି। ସ୍କୁଲ ଖୋଲିଥିବାରୁ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ମଧ୍ୟ ଉତ୍ସାହର ସହ ସ୍କୁଲରେ ପହଞ୍ଚି ଶିକ୍ଷା ଆରମ୍ଭ କରିଥିବାବେଳେ କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗ ଅଧୀନ ଆମପାଣି କ୍ଲଷ୍ଟର ଆଦିବାସୀ ବହୁଳ ବିରିମୁହାଣ ଗ୍ରାମରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ସ୍କୁଲକୁ ଜଣେ ମଧ୍ୟ ଶିକ୍ଷକ ଆସି ନ ଥିବା ବେଳେ ସ୍କୁଲ ପରିଦର୍ଶନରେ ଯାଇଥିବା ଅତିରିକ୍ତ ଶିକ୍ଷାଧିକାରୀ ବିଜୟ କୁମାର ବାରିକ ସ୍କୁଲ ପହଞ୍ଚି ସ୍କୁଲ ବନ୍ଦ ଥିବା ଦେଖି ସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ନାଏକଙ୍କୁ କାହିଁକି ସ୍କୁଲ ଖୋଲା ହୋଇନି ବୋଲି ଫୋନରେ ପଚାରିଥିଲେ । ମୋ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ମୁଁ ଯାଇ ନାହିଁ । ତେବେ ଅନ୍ୟ ୨ଜଣ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ଦେଇଥିଲି ପ୍ରଧାନ ଶିକ୍ଷକ ବୋଲି କହିଥିଲେ। ଅନ୍ୟ ୨ ଜଣ ସହକାରୀ ଶିକ୍ଷକ ପଙ୍କଜ ପରିଡା ଓ ସୁଧିର ଶବର ମଧ୍ୟ ସ୍କୁଲରେ ଉପସ୍ଥିତ ନ ଥିଲେ । ଅତିରିକ୍ତ ଶିକ୍ଷା ଅଧିକାରୀ ଆସିଥିବା ଖବର ପାଇ ସ୍କୁଲରେ ପହଞ୍ଚିଥିଲେ । ସ୍କୁଲରେ ମଙ୍ଗଳବାର କେହିବି ଜଣେ ପିଲା ନ ଆସିବାରୁ ସ୍କୁଲ ବନ୍ଦ କରି ଚାଲିଯାଇଥିବା କହିଥିଲେ । ଉପାନ୍ତ ଓ ଅପହଞ୍ଚ ଇଲାକାରେ କିଭଳି ଚାଲିଛି ଶିକ୍ଷାଦାନ ଓ ଶିକ୍ଷକମାନଙ୍କ ଶିକ୍ଷାଦାନ ପ୍ରତି କେତେ ଆନ୍ତରିକତା ତାହା ଜଣାପଡିଛି। ବିରିମୁହାଣ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଥିବାବେଳେ ଉପାନ୍ତ ଅଞ୍ଚଳରେ ଚାଲିଥିବା ଏହି ବିଦ୍ୟାଳୟକୁ ଶିକ୍ଷକ ନିୟମିତ ନ ଯିବା ଘଟଣା ଏହା ପ୍ରଥମ ନୁହେଁ । ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ଆସିଛି । ଏ ନେଇ କୋକସରା ବ୍ଲକ ଶିକ୍ଷାଧିକାରୀ ତପିମଣି ଜାନିଙ୍କୁ ପଚାରିବାରୁ ଏବିଇଓଙ୍କଠାରୁ ତଦନ୍ତ ରିପୋର୍ଟ ପାଇବା ପରେ ଏହି ସ୍କୁଲରେ ନିୟୋଜିତ ଥିବା ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଭାଲୁ କାମୁଡ଼ାରେ ଯୁବକ ଗୁରୁତର

**ନୂଆପଡା ଅଫିସ,୧୬।୧୦**

ନୂଆପଡା ଜିଲା ବୋଡେନ ଥାନା ଅନ୍ତର୍ଗତ ଝରନାମାଲ ଗାଁର ପୂର୍ଣ୍ଣ ମାଝି (୩୭)ନାମକ ଯୁବକ ଭାଲୁ କାମୁଡାରେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁରକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ଅପରାହ୍ନ ୨ଟାରେ ଗୋରୁ ନେଇ ସ୍ଥାନୀୟ ଜଙ୍ଗଲକୁ ନେଇ ଯାଇଥିଲେ । ସେଠାରେ ଏକ ଭାଲୁ ଅତର୍କିତ ଭାବେ ଆସି ଆକ୍ରମଣ କରିଥିଲା । ପୂର୍ଣ୍ଣ ଗୁରୁତର ଭାବେ ଆହତ ହୋଇ ସେଠାରେ ପଡି ରହିଥିଲେ । ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନୂଆପଡାକୁ ଆଣିଥିବା ପରିବାର ଲୋକ ପ୍ରକାଶ କରିଛନ୍ତି ।

### ଚାଷୀଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଲେ ଚାଷୀ

## ■ ସିଧା କଥା ହେଲେ ୫-ଟି ସଚିବ

**ନୂଆପଡା ଅଫିସ,୧୬।୧୦**

ସରକାର ସାଧାରଣ ଲୋକଙ୍କୁ ପ୍ରଶାସନ ସବୁସ୍ତରରେ ସଦବ୍ୟବହାର କରି ସେବା ଯୋଗାଇଦେବାକୁ ୫-ଟି କାର୍ଯ୍ୟକାରୀ କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଉଥିବାରୁ ବିଭିନ୍ନ ସମୟରେ ଅଧିକାରୀମାନେ ଦଣ୍ଡିତ ହେଉଛନ୍ତି । ହେଲେ ନୂଆପଡ଼ା ଜିଲା କୋମନା ତହସିଲଦାର ଏହାକୁ ଭ୍ରୁକ୍ଷେପ ନ କରି ଚାଷୀମାନଙ୍କୁ ବାରମ୍ବାର ଦୁର୍ବ୍ୟହାର କରୁଥିଲେ ମଧ୍ୟ ଜିଲା ପ୍ରଶାସନ ଚୁପ ହୋଇ ବସିଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦାନା ବାନ୍ଧିଛି । ଶେଷରେ ଅନନ୍ୟୋପାୟ ହୋଇ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ସିଧାସଳଖ କଥା ହୋଇ ଅଭିଯୋଗ ଜଣାଇଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ମିଳିଛି। ସୂଚନା ଅନୁସାରେ ଗତବର୍ଷ ମରୁଡି ବାବଦକୁ ଇନପୁଟ ସବସିଡି ମିଳି ନ ଥିବାରୁ କୋମନା ବ୍ଲକ ପର୍ଏଁର ଗ୍ରାମପଞ୍ଚାୟତ ଚାଷୀମାନେ ଗତ ମାସ ୧୮ ତାରିଖରେ କୋମନା ତହସିଲଦାର ଶ୍ୟାମଳ ରଏଙ୍କୁ ଯାଇ ଭେଟିଥିଲେ। ସେ ଗୁହାରୀ ଶୁଣିବା ପରିବର୍ତ୍ତେ ଦୁର୍ବ୍ୟବହାର କରି ତଡିଦେଇଥିଲେ। ଏହାକୁ ନେଇ ଚାଷୀମାନେ ନୂଆପଡା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଆଜକୁ ମାସେ ବିତିଯିବ ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଗତ ସୋମବାର ଚାଷୀମାନଙ୍କ ପକ୍ଷରୁ କୈଳାସ ଚନ୍ଦ୍ର ଭୋଇ ଜଣେ ସଚେତନ ଚାଷୀ ଫୋନ ଯୋଗେ ତହସିଲଦାରଙ୍କୁ ଇନପୁଟ ସବସିଡି ଉପରେ ପଚାରିଥିଲେ। ହଠାତ ରାଗିଯାଇ ଇଡିଅଟ ବୋଲି ଗାଳିଗୁଲଜ କରିଥିଲେ। ଏହାକୁ ନେଇ ବୁଧବାର ଚାଷୀମାନେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଫୋନ ଯୋଗେ ଅଭିଯୋଗ ଜଣାଇଥିଲେ। ଚାଷୀଙ୍କ ସହ ସିଧାକଥା ହେଲେ ୫- ଟି ସଚିବ। ସେଠାରୁ ଏହା ଉପରେ ଲିଖିତ ଅଭିଯୋଗ କରିବାକୁ କୁହାଯିବାରୁ ଲିଖିତ ଭାବେ ଅଭିଯୋଗପତ୍ର ମେଲରେ ପଠାଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ମିଳିଛି । ଏହା ଯେ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୨୦୧ ୟୁନିଟ ରକ୍ତ ସଂଗ୍ରହ

**କୁନାଗଡ,୧୬।୧୦ (ଡି.ଏନ.ଏ.)**

କରିବା ରକ୍ତ ଦାନ, ବଞ୍ଚାଇବା ଜୀବନ ଏହି ଉଦ୍ଦେଶ୍ୟ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସ ଉପଲକ୍ଷେ ବିଜେଡି ପକ୍ଷରୁ କୁନାଗଡ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାକୃତ ଭାବେ ୨୦୧ ଜଣ ମହିଳା ଓ ପରୁଷ ରକ୍ତ ଦେଇଥିଲେ। କୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପୂର୍ବତନ କୁନାଗଡ ଏନ୍ଏସି ଅଧକ୍ଷ ମହେଶ କୁମାର ସାହୁ, ଅଧକ୍ଷା ବିଜୟ ଲକ୍ଷ୍ମୀ କନ୍ଦପାନ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନୀଷା ସାହୁ, ନାରିନେତ୍ରୀ ମନୋରମା ମହାଲିକ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ଜିଲା ସାଧାରଣ ସମ୍ପାଦକ ଭବାନୀ ନିଆଲ, ଇଂ ଦିନେଶ କୁମାର ରାଉତ, ପୂର୍ବତନ ପୋରାଧକ୍ଷ ଆଦିତ୍ୟ ନନ୍ଦ, ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର, ସରପଞ୍ଚ ସଂଘ ସଭାପତି ଅଜୟ ବେହେରା,


କୁନାଗଡରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ।

ବିଜେଡି ବ୍ଲକ ସଭାପତି ପ୍ରମୋଦ ବେହେରା, ବିଶ୍ୱନାଥ କର, ଭିଷ୍ମ ଦୀପ, ଦୁଷ୍ମନ୍ତ ନାଏକ, ରିଷି କ୍ଷିତୀ ପ୍ରମୁଖ ସହଯୋଗ କରିଥିଲେ। ଏହାସହ କାର୍ଯ୍ୟକ୍ରମରେ କୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଡାକ୍ତର ବିନୋଦିନୀ ପାତ୍ର, ଜିଲା ମୁଖ୍ୟ ସ୍ୱାସ୍ଥ୍ୟଧିକାରୀ ବନଲତା ଦେବୀ, କୁନାଗଡ ମାରୱାଡି ମହିଳା ସମିତି ସଭାପତି ରେଖା ଅଗ୍ରୱାଲ ଉପସ୍ଥିତ ଥିଲେ।

### ସିଙ୍ଗଝର-ଦେଭୋଗ ପୂର୍ତ୍ତ ବିଭାଗ ରାସ୍ତା

# ମଝି ରାସ୍ତାରେ ବଁଧର ଭରମ୍

**ସିନାପାଲି, ୧୬।୧୦ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ସିଙ୍ଗଝର-ଦେଭୋଗ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛେ। ହେଲେ ରାସ୍ତାଟା ଠିକ୍ ହିସାବେ ତିଆର ନାଇଁ ହେଇ। ଯେନ୍ଥିରଲାଗି ରାସ୍ତା ମଝିରେ ପୁଚ୍କୁନା ପାଏନ୍ ଜମି ଗୁଟେ ବଁଧର ଭରମ୍ ସୁରୁଷଟି କରୁଛେ। ରାସ୍ତାର ଏନ୍ତା ଅବସ୍ତା ଲାଗି ସିଙ୍ଗଝର ଗାଁବାସୀ ବଡ଼ଭାରି ସମସିଆର ସାମନା କରୁଛନ୍। ସୂଚନା ହିସାବେ ଇ ରାସ୍ତାଟା ସିନାପାଲି ବ୍ଲକରୁ ଛତିଶଗଡ଼ ରାଏଜ୍ର ଦେଭୋଗ ବ୍ଲକ ସଂଗେ ଯୁଡ଼ି ହେଇଛେ। ଇତାର ବାହାରେ ରାସ୍ତାଟା କଳାହାଣ୍ଡି ଜିଲା ଧର୍ମଗଡ଼ ଭାୟା ଭବାନୀପାଟଣା ସଂଗେ ଯୁଡ଼ି ହେଇଛେ। ହେଲେ ଇ ରାସ୍ତାରେ ହରମେଶା ମଏଲା ପାଏନ୍ ଜମା ହେବାର ଲାଗି ମଶା, ମାଛି ଆର ଦୁରଗଁଧରେ ଥାନୀଅ ଲୋକ୍ ଉନ୍ମୁଦା ହେଇଯାଉଛନ୍। ଇ ସମସିଆର


ସିଙ୍ଗଝର-ଦେଭୋଗ ରାସ୍ତାର ଅବସ୍ତା।

ସମାଧାନ ଲାଗି ଗାଁବାସୀ ଅନେକ ଥର ପରଶାସନକେ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ସିଙ୍ଗଝର ଗାଁଟା ସିନାପାଲି ବ୍ଲକର ଗୁଟେ ପୁରାତନ ଗାଁ। ଇ ଗାଁରେ ସବୁ ଜାତିର ପାଖାପାଖି ୭ ଶହ ଲୋକ୍ ବାସ କରୁଛନ୍। ବହୁତ୍ ବଛର ହେଲା ଇଠାନେ ଗୁଟେ ସାପ୍ତାହିକ ବଜାର ବସୁଛେ। ହେଲେ ରାସ୍ତାରେ ପୁଚ୍କୁନା ପାଏନ୍ ଜମା ହେବାର ଲାଗି ରାସ୍ତାରେ ଗଲାଆଏଲା ଲୋକ୍ ବଡ଼ଭାରି ସମସିଆର ସାମନା କରୁଛନ୍। ଇ ବାବ୍ଦେ ଖଡ଼ିଆଳ ପୂର୍ତ୍ତ ବିଭାଗ ଡିଭିଜନ ନିର୍ବାହୀ ଯନ୍ତ୍ରୀ କିଶୋର କୁମାରକୁଁ ପଚରାଲାରୁ ଦାଇତିଅରେ ଥିବାର ସିନାପାଲି ଯନ୍ତ୍ରୀକୁଁ ପଚାରି ବୁଝୁଛେଁ, ବହୁତ୍ ଜଲ୍ଦି ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
*(AN AUTONOMOUS INSTITUTE OF GOVERNMENT OF ODISHA)*
SIRIPUR, BHUBANESWAR-751003, ODISHA
Ph. (0674) 2562151, Fax-2561879, E-mail:imagebbsr@rediffmail.com
Letter No. 4062 Dated: 16.10.2019
**CORRIGENDUM to Advt. dated 04.10.2019**
With reference to the Advertisement dated **04.10.2019** for **"PRI Lines and support Services"**, the last date for submission of the EOI has been extended to **25.10.2019.** All other activities scheduled on **18.10.2019** in the EOI document has been rescheduled to **25.10.2019** without any change of time. The rest of the terms & conditions remain unchanged.
**DIRECTOR, IMAGE**

**ODISHA UNIVERSITY OF AGRICULTURE AND TECHNOLOGY**
Department of Agricultural Biotechnology, College of Agriculture, Bhubaneswar
Advertisement No. 748/ ABT, Dated 15/10/2019
Applications are invited from young interested candidates to work under R & D research project entitled "An integrated genomics/ genetics approach for development of mungbean varieties with improved disease resistance" funded by DBT, Govt. of India. Candidates with minimum qualification 60% in M.Sc. Biotechnology/M.Sc (Ag). Agricultural Biotechnology from recognized institutes/University with minimum two years research experience in genomics / proteomics / molecular pathology. The consolidated remuneration of Rs.25,000/- per month + 20% HRA. The post is purely temporary, co-terminus with the project. Preference will be given the candidate having DBT-NET/CSIR-NET qualified. Submit the bio-data along with attested copy of all testimonials and experience certificate with one pass-port size photograph by speed post to Prof. & Head, Department of Agril. Biotechnology, College of Agriculture, Bhubaneswar-3, Odisha within 15 days of advertisements. Authority has right to cancel the advertisement at any stage.
Sd/-
(Prof. & Head)
ABT, CA

**The Odisha State Co-operative Milk Producers' Federation Limited**
omfed
www.omfed.com
D-2, Sahid Nagar, Bhubaneswar, Phone : 0674-2546030, 2540273, 2540417, Fax No.: 0674-2540974, Website:www.omfed.com
Bid Identification No. PROJ/DKL/18
**TENDER FOR BOUNDARY WALL WORK AT DHENKANAL DAIRY**
OMFED invites sealed Tenders from experienced civil contractors ("C" and above class of contractor) for execution of the **"CIVIL, STRUCTURAL & ELECTRICAL WORK FOR CONSTRUCTION OF BOUNDARY WALL WITH SECURITY CABIN AT-DHENKANAL DAIRY, DIST-DHENKANAL, ODISHA".** Tender Document along with all other information may be downloaded from the OMFED website : **www.omfed.com.** Addendum, Corrigendum if any shall only be published in OMFED website. Management reserves the right to accept or reject any or all the bid documents or part thereof without assigning any reason. **Managing Director**

**ICAR-AINP ON MARICULTURE PROJECT**
**College of Fisheries (OUAT), Rangailunda, Berhampur-7, Ganjam**
**WALK-IN-INTERVIEW**
Candidates interested to contractual engagement in the ICAR-AINP funded project operating in the College of Fisheries, OUAT, Rangailunda, Berhampur-7, Ganjam may avail the opportunity through the walk-in-interview. The activities of the post relates to the fish cage fabrication, cage maintenance, water quality analysis, feeding, disease management etc. The essential qualification, remuneration and time of interview are specified below. The post is purely temporary and co-terminus with completion of the project period. Notwithstanding the duration of the scheme, engagement of SRF can be discontinued owing to administrative reasons at any time. The SRF may also leave the assignment on his own violation by giving one month notice. At the end of the contract period, the SRF will have no right to claim any employment or engagement in the OUAT. No TA and DA will be provided for appearing the interview. Candidates appearing interview are requested to produce a set of attested photocopies of the original certificates indicating educational qualification and experience along with Bio-data at the time of interview which will be held in the Conference Room of the Dean of Research, Odisha University of Agriculture and Technology, Bhubaneswar-751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of the post | No. of the post | Essential educational qualification | Age limit on date of interview | Remuneration / month | Duration on the project | Place of posting | Date & time of interview |
|---|---|---|---|---|---|---|---|---|
| 1. | SRF | 01 | Master degree in Fisheries science/ Marine Biology/ Zoology/ Environmental science | 35 years for men and 40 years for women (relaxation as per rules) | SRF @ 31,000/- per month + HRA for 1st year & 2nd year and @ 35,000/- per month + HRA for 3rd year (As per ICAR rule) | March 2020 | College of Fisheries, OUAT, Rangailunda, Berhampur-7, Ganjam | Dt.13-11-19 at 11:00 A.M Committee Room of the Dean of Research, OUAT, Bhubaneswar. For details visit OUAT website **ouat.ac.in** |

**Principal Investigator**
**AINP-Mariculture**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଅଭିନବ ବିଡାନାସୀ , କଟକ ( ମର୍କତ ନଗର ) ସେକ୍ଟର - ୫ ରେ ପ୍ଲଟ ନଂ - 8-3B/700 ଟିକୁ ଶ୍ରୀ ସୁନୀଲ ମହାନ୍ତି, ପିତା - ସମରେନ୍ଦ୍ର ନାଥ ମହାନ୍ତି, ସା - ହାଉସ ନଂ - ୩, ରବୀନ୍ଦ୍ର ନିବାସ, ଭବାନୀ ଏନକ୍ଲେଭ - II, ସେକ୍ଟର - ୮, ସି.ଡି.ଏ, ଜିଲ୍ଲା - କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନୀଲ ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜଷ୍ଟିସ ଯତୀନ୍ଦ୍ର ପ୍ରସାଦ ଦାସ, ପିତା - ୰ ଜାନକୀ ପ୍ରସାଦ ଦାସ, ସା/ପୋ - ଗଡିଜଙ୍ଗ, ଥା - ନେମାଲୋ, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
**ସଚିବ**



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି
## କଣ୍ଟାବାଞ୍ଜି ବନ୍ଦ ପାଳନ

**କଣ୍ଟାବାଞ୍ଜି,୧୬।୧୦(ଡି.ଏନ୍.ଏ.):** ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ବୁଧବାର କଣ୍ଟାବାଞ୍ଜି ବନ୍ଦ ପାଳନ କରାଯାଇଥିଲା। ସଂଘ କର୍ମକର୍ତ୍ତା ପିକେଟିଂ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ସହିତ ବ୍ୟାଙ୍କ, ଜୀବନ ବୀମା କାର୍ଯ୍ୟାଳୟ, ପୋଷ୍ଟ ଅଫିସ ବନ୍ଦ କରିଥିଲେ। ବ୍ୟବସାୟିକ ଅନୁଷ୍ଠାନ, ସ୍କୁଲ, କଲେଜ, ଯାନବାହାନ, ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଥିଲା। ସଂଘର ସଭାପତି ସମିମ ଅହମ୍ମଦ ଖାନଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟ ବନ୍ଦ ପାଳନରେ ସହଯୋଗ କରିଥିଲେ। ଜିଲା ଓକିଲ ସଂଘର ନିଷ୍ପତ୍ତି କ୍ରମେ ଗୁରୁବାର ମଧ୍ୟ କଣ୍ଟାବାଞ୍ଜି ବନ୍ଦ ପାଳନରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ଶାଗୁଆନ କାଠ ଚୋରା ଚାଲାଣ: ଜଣେ ଗିରଫ

**କଣ୍ଟାବାଞ୍ଜି,୧୬।୧୦(ଡି.ଏନ୍.ଏ.):** ଶାଗୁଆନ କାଠ ଚୋରା ଚାଲାଣ ଅଭିଯୋଗରେ କଣ୍ଟାବାଞ୍ଜି ବନ ବିଭାଗ ପକ୍ଷରୁ ବୁଧବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେ ହେଲେ କଣ୍ଟାବାଞ୍ଜିର ପ୍ରଦୀପ ଶର୍ମା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କଣ୍ଟାବାଞ୍ଜି ସବ୍ ଜେଲକୁ ପଠାଇ ଦିଆଯାଇଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି। ଫରେଷ୍ଟ ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଲି ଦେଇଥିବା ସୂଚନା ମୁତାବକ, ପ୍ରଦୀପ ଏକ ସ୍କୁଟିରେ ଶାଗୁଆନ କାଠ ଗଣ୍ଡି ଚୋରା ଚାଲାଣ କରୁଥିଲେ। ବୁଧବାର ସକାଳେ ବନ ବିଭାଗ କର୍ମଚାରୀ ଚଢାଉ କରି ଶାଗୁଆନ କାଠ ଗଣ୍ଡି ଜବତ କରିବା ସହ ପ୍ରଦୀପଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ କଣ୍ଟାବାଞ୍ଜି ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୦୫/୨୦୧୯) ରୁଜୁକରି ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଚଢାଉରେ ସହକାରୀ ରେଞ୍ଜର ସାଧୁ ପ୍ରଧାନ, ଟାଉନ ଫରେଷ୍ଟର ସାଗରିକା ସେଠ, ଟାସ୍କଫୋର୍ସର ପରମା ନନ୍ଦ ଭାଟି, ନୀଳାଞ୍ଚଳ ବାଗ, ଧନେଶ୍ୱର ମାଝି, ଜଳଧର ବନଛୋର ପ୍ରମୁଖ ସାମିଲ ଥିଲେ।

### ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି
# ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ ବନ୍ଦ

**ବଲାଙ୍ଗୀର ଅଫିସ,୧୬।୧୦**

- ଜିଲା ଓକିଲ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ଗୁରୁବାର ଆନ୍ଦୋଳନ ଜାରି ରହିବ

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ପକ୍ଷରୁ ଦୁଇଦିନିଆ ସରକାରୀ ଅଫିସ, ବ୍ୟାଙ୍କ, ବୀମା ପ୍ରତିଷ୍ଠାନ ବନ୍ଦ ଡାକରା ଦିଆଯାଇଥିଲା। ବୁଧବାର ସକାଳୁ ଜିଲା ଓକିଲ ସଂଘ ସଦସ୍ୟମାନେ ସିଭିଲ କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପରିଚାଳିତ ଧାରଣାରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ, ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାର ସମସ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବଲାଙ୍ଗୀର ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ବୁଧବାର ସକାଳୁ ସହରରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ଅଫିସ ସମ୍ମୁଖରେ ଓକିଲମାନେ ଆନ୍ଦୋଳନ କରିଥିଲେ। ଏପରି କି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଓକିଲ ସଂଘ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି ଧାରଣା ଦେଇଥିଲେ । ଦୀର୍ଘ ବର୍ଷ ହେଲା ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଅଣଦେଖା କରି ଆସୁଛନ୍ତି । ଜିଲା ଓକିଲ ସଂଘ ପକ୍ଷରୁ କୁହାଯାଇଛି ଯେ, ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଛି । ଏହା ବ୍ୟତୀତ ବଲାଙ୍ଗୀର ତଥା ତତ୍କାଳୀନ ପାଟଣା ରାଜ୍ୟ ଓଡ଼ିଶାରେ ମିଶ୍ରଣ ପୂର୍ବରୁ ବଲାଙ୍ଗୀରରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା । ମିଶ୍ରଣ ଚୁକ୍ତିରେ ପୂର୍ବରୁ ବଲାଙ୍ଗୀରରେ ଯାହା ଥିଲା ତାହା ପ୍ରଦାନ କରାଯିବ ବୋଲି ସେତେବେଳେ କୁହାଯାଇଥିଲା। ଓଡ଼ିଶାରେ ଏକମାତ୍ର ବଲାଙ୍ଗୀର ଜିଲା ଓ ଦୌରାଜଜଙ୍କୁ ହାଇକୋର୍ଟର ଏକ୍ସ ଅଫିସିଓ ରେଜିଷ୍ଟ୍ରାର ମାନ୍ୟତା ପ୍ରଦାନ କରାଯାଇଛି। ଇତିମଧ୍ୟରେ ଜିଲା ଓକିଲ ସଂଘ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସରକାର ଓ କେନ୍ଦ୍ର ଆଇନମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ସାକ୍ଷାତ କରି ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି । କେନ୍ଦ୍ର ସରକାର ମଧ୍ୟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସକାରାତ୍ମକ ଆଭିମୁଖ୍ୟ ରଖିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ସୁପାରିସ କରୁନାହାନ୍ତି। ଫଳରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇ ପାରୁନାହିଁ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓକିଲ ସଂଘ ସଭାପତି ତ୍ରିପାଠୀ ଓ ସମ୍ପାଦକ ଅମନ ନାଗ କହିଛନ୍ତି।

ଧାରଣାରେ ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମ ବହିଦାର, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ବଲାଙ୍ଗୀର ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ମାଲପଡା ନାଗରିକ କମିଟି ସଭାପତି ଯୁଧିଷ୍ଠିର ମିଶ୍ର, କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର, ଗୁଡିଆ ସମାଜ ମନୋରଞ୍ଜନ ସାହୁ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ଜିଲା କଂଗ୍ରେସ କମିଟି ଉପସଭାପତି ଉମାକାନ୍ତ ସାହୁ, ବଲାଙ୍ଗୀର ଯୁଥ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ସଂଯୋଜକ ରିଲୁ ରଥ, ଷ୍ଟାମ୍ପ ଭେଣ୍ଡର ସଂଘର ରଘୁନାଥ ସତପଥୀ, ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀ, ବ୍ୟାଙ୍କ କର୍ମଚାରୀ ନେତା ପୁଲିନ ମିଶ୍ର, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, ଜନମୋର୍ଚ୍ଚା ସଂଗଠନର ବାସୁଦେବ ରଥ, ଓଡ଼ିଆ ଖଣ୍ଡାୟତ ସମାଜର ଅଶୋକ ରାଉତ, ଟଙ୍ଗିଆ ଜାମ୍ କମିଟିର ଗୋପାଳ ହୋତାଙ୍କ ସମେତ ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ, ଅମରେନ୍ଦ୍ର ମିଶ୍ର, ଲିଙ୍ଗରାଜ ପାଢ଼ୀ, ଗୋପାଳ ପାଣିଗ୍ରାହୀ, ଶୁଭ୍ରାଂଶୁ ଶେଖର ମିଶ୍ର, ସଂଘ ଉପସଭାପତି ବାସୁଦେବ ବାରିକ, ସରୋଜ ଗୁପ୍ତା, ରଘୁନନ୍ଦନ ସିଂ, ସଞ୍ଜୟ ପଟେଲ, ମାନଭଞ୍ଜନ ବେରିହା, ନିତ୍ୟାନନ୍ଦ ବରେଇ, ସୁଧାଂଶୁ ଶେଖର ଦେଓ, ଶଙ୍କର ମିଶ୍ର, ନୋଟାରି କରୁଣାକର ଷଡଙ୍ଗୀ, ସମୀର ମିଶ୍ର, ରତନ ମହାରଣା, ଅରବିନ୍ଦାକ୍ଷ ପୂଝାରୀ, ବାସୁଦେବ ରଥ, ସତ୍ୟ ନାୟକ, ବିଜୟ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଧାରଣାରେ ବସିଛନ୍ତି।

## ଜୀବନ ବିନ୍ଦୁ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି (ଡି.ଏନ୍.ଏ.)**

କଣ୍ଟାବାଞ୍ଜି ସହରରେ ବିଜେଡିର ଦୁଇ ଗୋଷ୍ଠୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନ ଅବସରରେ ପୃଥକ ପୃଥକ ଭାବେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କ ଗୋଷ୍ଠୀର ଜିଲା ବିଜେଡି ସମ୍ପାଦକ ଫିରୋଜ ଖାନଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ କଣ୍ଟାବାଞ୍ଜି ଲାୟନ୍ସ କ୍ଲବ ଅଧ୍ୟକ୍ଷ ଡାକ୍ତର ଗୋବିନ୍ଦ ଅଗ୍ରୱାଲ ରକ୍ତଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। କିଶୋର ମଜଖଣ୍ଡ, ମନୋଜ ଚଣ୍ଡୀ, ରୂପେଶ ଅଗ୍ରୱାଲ, ପ୍ୟାରେ ଜାଙ୍ଗଡା, ବିଷ୍ଣୁ ଜୁଏଡ, ତାହିର ଖାନ, ନୀଳକଣ୍ଠ ଶତପଥୀ, ସୋନୁ ଯାଦବ, ଅଙ୍କିତ ଜୈସବାଲ, କେଶବ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଅଜୟ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ହରିଭବନରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଲାୟନ୍ସ କ୍ଲବ ଓ ଅଗ୍ରୱାଲ ସଭା ଟ୍ରଷ୍ଟର ସଦସ୍ୟମାନେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ନନ୍ଦକିଶୋର ଅଗ୍ରୱାଲ, ଅରୁଣ ଆର୍ଯ୍ୟ, ବିନୟ ବିଭାଗର, ଅମୂଲ୍ୟ ନାଗ, ଆନନ୍ଦ ଅଗ୍ରୱାଲ, ସରଜୁ ଖାଁ, ଆସାଦୁଲ୍ଲା ଖାନ, ବିଜୟ ବଂଶଲ, ଅମରଚନ୍ଦ ଶର୍ମା, ସଞ୍ଜୟ ଗାନ୍ଧୀ ପ୍ରମୁଖ ସହଯୋଗ କରିଥିଲେ। କଣ୍ଟାବାଞ୍ଜି ରକ୍ତଭଣ୍ଡାରର ଡା.ଦେବାଶିଷ ତ୍ରିପାଠୀ ଉଭୟ ରକ୍ତ ଦାନ ଶିବିରର ପରିଚାଳନା କରିଥିଲେ।

# ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ: କୋରାପୁଟ ବିଜୟୀ

**ଗୁଡ଼ଭେଲା,୧୬।୧୦(ଡି.ଏନ୍.ଏ.)**

ଗୁଡଭେଲା ବ୍ଲକ ଅଧୀନ ମହୀପୁର ଆଶ୍ରମ ଖେଳ ପଡ଼ିଆରେ ଚାଲିଥିବା ତୃତୀୟ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚରେ କୋରାପୁଟ ଆମ୍ବେଡ଼କର କ୍ଲବ ବିଜୟୀ ହୋଇଛି । ଫାଇନାଲ ଖେଳ କୋରାପୁଟ ଅମ୍ବେଡ଼କର କ୍ଲବ ଓ ବଲାଙ୍ଗୀର ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ସୁଦୟ ବାରିକ, ସୁଶାନ୍ତ ନାଗ, ନରସିଂସ୍ୱାମୀ ନାଇଡୁ ଓ ଦେବାଶିଷ ବାଗ ଖେଳ ପରିଚାଳନା କରିଥିବା ବେଳେ ନୀଳାମ୍ବର ବିଶି ଧାରାବାହିକ ବିବରଣୀ ପ୍ରଦାନ କରିଥିଲେ । ବାସୁଦେବ ଭୋଇଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୧୨ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୮ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରିଥିଲେ। ଅବଦୁଲ ମୁଜିଜ, ତ୍ରିନାଥ ଭୋଇ, ସୁଶୀଳ ଭୋଇ, କଳାକାହ୍ନୁ ଭୋଇ, ମାନସ ଭୋଇ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଲୋଇସିଂହା, ୧୬।୧୦(ଡି.ଏନ.ଏ)**

ଆଗଲପୁର ବ୍ଲକ ବିଜୁ ଯୁବବାହନୀ ପକ୍ଷରୁ ସଡ଼କ ସଚେତନତା ତଥା ରକ୍ଷକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରଗଡ-ବଲାଙ୍ଗୀର ୨୬ ନମ୍ବର ଜାତୀୟ ରାଜପଥ ରାମପୁରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ବେନ୍ଦ୍ରା ପଞ୍ଚାୟତ ପିଇଓ ସାଗର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ବେନ୍ଦ୍ରା, ସାଲେଭଟା, ମୁଝୁଣ୍ଡି, ପଟୁଆପାଲି, ଲୁହୁରାମୁଣ୍ଡା, ବକଟି, ଡୁଡକା କୁଟାସିଂହା ଓ ନଅଗାଁ(ଖ) ଓ ବଡଟିକା ପଞ୍ଚାୟତର ବିଜୁ ଯୁବବାହନୀ ସଦସ୍ୟ ସାମିଲ ହୋଇଥିଲେ। ରାଜପଥରେ ଯାଉଥିବା ଯାତ୍ରୀଙ୍କୁ ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଜିପିଓ ଗୋବିନ୍ଦ ଭୋଇ ଯୋଗଦେଇ କହିଥିଲେ, ଗାଡି ଚାଳନା ବେଳେ ଆବଶ୍ୟକ ସୁରକ୍ଷା ପରିଧାନ ଓ ନିରାପଦ ଗାଡି ଚାଳନା ଦିଗରେ ସଚେତନତା ହେବା ଜରୁରୀ ବୋଲି କହିଥିଲେ । ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର, ପୋଗ୍ରାମ ଅଫିସର ପ୍ରଶାନ୍ତ ପଣ୍ଡା, ବଂଶୀଧର ମେହେର ବ୍ଲକ ସଂଯୋଜକ ପ୍ରମୋଦ ବାରିକ, ବ୍ଲକ ସଭାପତି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ଯାତ୍ରୀଙ୍କୁ ସଚେତନ କରିବା ସହ ଯୁବବାହିନୀ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।



ଟିକ୍ରାପଡ଼ାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା।

# ଭସାଣି ସହ ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ

**ଟିକ୍ରାପଡ଼ା,୧୬।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାଠାରେ ୪ ଦିନ ଧରି ଚାଲିଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା ସହ ଭସାଣି ଯାତ୍ରା ବୁଧବାର ସମ୍ପନ୍ନ ହୋଇଯାଇଛି । ପୂଜାରେ ଆକାଶି ରଣା, ଅକ୍ଷୟ ରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗଣେଶ ଠାକୁର ପୂଜକ ଓ କପିଳେନ୍ଦ୍ର ମିଶ୍ର ଜପକ ଦାୟିତ୍ୱ ତୁଲାଇଥିଲେ। ସୁବାସିନୀ ମିଶ୍ର ପୁରାଣ ପାଠ କରିଥିଲେ । ପାରମ୍ପରିକ ବାଦ୍ୟର ତାଳେତାଳେ କୁମ୍ଭାରୀ ଗ୍ରାମର କଳାକାରମାନଙ୍କ ଆଦିବାସୀ ନୃତ୍ୟ ଭସାଣି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣର ରହିଥିଲା। ରାଜକୁମର କଲେତ, ବିରଞ୍ଚି ରଣା, ରାଜୁ ବେହେରା, ସନାତନ ରଣା, ଆନନ୍ଦ ପାତ୍ର, ପ୍ରଦୀପ ପାତ୍ର, ଦୁର୍ବାଦଳ ବିଶ୍ୱାଳ, ଧିରେନ୍ଦ୍ର ପୃଷ୍ଟି, ତ୍ରିନାଥ ରଣା, ଦୁଃଖିଶ୍ୟାମ ରଣା, ଶରତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାଲିଘାଟ ନିଲାମ ପ୍ରସଙ୍ଗ
# ଆନ୍ଦୋଳନକୁ ଓହ୍ଲାଇଲା ଟ୍ରାକ୍ଟର ମାଲିକ ସଂଘ

**ମୁରିବାହାଲ, ୧୬।୧୦ (ଡି.ଏନ.ଏ.)**

- ମୁରିବାହାଲ ବନ୍ଦ ଡାକରା
- ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲିଘାଟ ନିଲାମ ପ୍ରସଙ୍ଗକୁ ନେଇ ବଲାଙ୍ଗୀର ଜିଲା ମୁରିବାହାଲ ଟ୍ରାକ୍ଟର ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବୁଧବାର ସଂଘ ପକ୍ଷରୁ ମୁରିବାହାଲର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରାଯାଇଥିଲା। ଏ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ପୂର୍ବାହ୍ନ ପ୍ରାୟ ୧୦ଟାରେ ମୁରିବାହାଲ ସଦର ଗ୍ରାମର ଦୋକାନ ବଜାର ସାଙ୍ଗକୁ ବ୍ଲକ, କୋର୍ଟ, ଶିକ୍ଷା ବିଭାଗ ସାଙ୍ଗକୁ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନକୁ ବାଇକ ରାଲି ମାଧ୍ୟମରେ ବନ୍ଦର ଡାକରା ଦିଆଯାଇଥିଲା। ପରେ ତହସିଲ କାର୍ଯ୍ୟାଳୟଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ସଂଘ ଦାବି କରିଥିଲା ଯେ, ଇଛାପଡା ଗ୍ରାମ ପଞ୍ଚାୟତର ଅନ୍ତର୍ଭୁକ୍ତ ଲାନ୍ତ ନଦୀରେ ବାଲିଘାଟ କରାଯାଉ ଏବଂ ଏହାକୁ ନିଲାମ ଦିଆଯାଉ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଅବାସ, ବିଜୁ ପକ୍କା ଗୃହ ସାଙ୍ଗକୁ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ବାଲି ଆବଶ୍ୟକ ପଡୁଛି। ହେଲେ ନିଲାମ ଦିଆଯାଇ ନ ଥିବାରୁ ସମ୍ପୃକ୍ତ ଘାଟରୁ ବାଲି ଆଣିଲେ ରାଜସ୍ୱ ବିଭାଗ ପକ୍ଷରୁ ଜରିମାନା କଟାଯାଉଛି।

ଏଥିଯୋଗୁ ଟ୍ରାକ୍ଟର ମାଲିକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ପରେ ଏହି ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ସଂଘ ସଭାପତି ପୂର୍ଣ୍ଣ ମାଝୀ, ସମ୍ପାଦକ ରାଜେଶ କୁମାର ହେର୍ଣ୍ଣାଙ୍କର ନେତୃତ୍ୱରେ ତହସିଲଦାର ଅମୃତଲାଲ ବେହେରାଙ୍କୁ ପ୍ରଦାନ କରାଯାଇଥିଲା । ଏ ନେଇ ତହସିଲଦାର ବେହେରାଙ୍କୁ ପଚାରିବାରୁ ସରକାରଙ୍କର ନିୟମ ଅନୁଯାୟୀ ବାଲିଘାଟ ନିଲାମ। ଅନ୍ତର୍ଲା ନିକଟ ତିଲେଇ ଯୋର ବାଲିଘାଟ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛି ବୋଲି କହିଥିଲେ । ସ୍ମାରପତ୍ର ପ୍ରଦାନ ସମୟରେ ସଂଘର ପ୍ରମୋଦ କୁମାର ମହାକୁର, ବସୁଦେବ ପଧାନ, ଦୀନବନ୍ଧୁ ନାଗ, ବିଦ୍ୟାଧର ସାହୁ, ହୃଷୀକେଶ ବୁଡେକ, ଅନିରୁଦ୍ଧ ମେହେର, ମାନପତି ଷାଣ୍ଡ, ଚୈତନ୍ୟ ହାତୀ, କୃପା କର୍ମୀ, ଦିଲୀପ କୁମାର ମହାନ୍ତି ଓ ବେଣୁଧର ମହାକୁର ପ୍ରମୁଖ ସାମିଲ ହୋଇଥିଲେ ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଟ୍ରାକ୍ଟର ମାଲିକ ସଂଘ ସଦସ୍ୟମାନେ।

## ଫଟୋରେ ଖବର



ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପୁସ୍ତକ ମେଳାରେ ଅତିଥି ବିଧାୟକ ନରସିଂହ ମିଶ୍ର ଓ ଜିଲାପାଳ ଅରିନ୍ଦମ ଡାକୁଆ ମେଳା ପରିଦର୍ଶନ କରୁଛନ୍ତି।




କୋଶଳ କଳାମଣ୍ଡଳଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପୁସ୍ତକ ମେଳାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକ କରୁଛନ୍ତି। (ଫଟୋ- ସୁନୀଲ)

# ଜମିବାଡ଼ି ବିବାଦକୁ ନେଇ ଯୁବକଙ୍କୁ ହତ୍ୟା

**ଖପ୍ରାଖୋଲ,୧୬।୧୦(ଡି.ଏନ୍.ଏ.)**

- ଥାନାରେ ବାପା,ପୁଅଙ୍କ ଆତ୍ମସମର୍ପଣ
- ପୋଲିସ ତଦନ୍ତ ଜାରି

ଜମିବାଡି ବିବାଦକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କଟାପାଲି ଗାଁରେ ବୁଧବାର ସକାଳେ ଜଣେ ଯୁବକଙ୍କୁ ସଂଘବଦ୍ଧଭାବେ ହତ୍ୟା କରାଯାଇଛି। ମୃତକ ହେଲେ ଗାଁର ନିତ୍ୟାନନ୍ଦ ପୁଟେଲ (୩୬)। ହତ୍ୟାକାଣ୍ଡ ପରେ ଗାଁର କ୍ଷମାନିଧି ପୁଟେଲ(୪୦) ଏବଂ ତାଙ୍କ ନାବାଳକ ପୁଅ ଖପ୍ରାଖୋଲ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଜମିବାଡି ବିବାଦ କାରଣରୁ ନିତ୍ୟାନନ୍ଦଙ୍କୁ ଜୀବନରେ ମାରି ଦେବାକୁ ସେମାନେ ଯୋଜନା କରିଥିଲେ। ବୁଧବାର ସକାଳେ ନିତ୍ୟକର୍ମ ପାଇଁ ଗାଁ ପାଖ ସୁରମା ଖାଦାନ ପୋଖରୀକୁ ନିତ୍ୟାନନ୍ଦ ଯାଇଥିଲେ। ଏହି ସମୟରେ ତାଙ୍କୁ ସେଠାରେ ଏକୁଟିଆ ପାଇ ସେମାନେ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପାଟଣାଗଡ ଏସ୍‌ଡିପିଓ ସୁରେଶ କୁମାର ନାଏକ, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଆକ୍ରମଣରେ ମୃତକଙ୍କ ମୁହଁରେ ଗଭୀର କ୍ଷତ ଲାଗିଛି। ହତ୍ୟାକାଣ୍ଡରେ ବ୍ୟବହୃତ ବାଡିକୁ ପୋଲିସ ଜବତ କରିଛି। ମୃତକଙ୍କ ଭାଇ ସଦାନନ୍ଦ ପୁଟେଲଙ୍କ ଏତଲାକୁ ଭିତ୍ତି କରି ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୧୯୧/୧୯) ରୁଜୁ ହୋଇଛି। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ହତ୍ୟା ଘଟଣାର ବାପ ଓ ପୁଅଙ୍କ ସହ ଆଉ କାହାର ସମ୍ପୃକ୍ତ ରହିଛି ତାହାର ତଦନ୍ତ ଚାଲିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଏସଆଇ ପଞ୍ଚାନନ ନେଗୀ ପ୍ରକାଶ କରିଛନ୍ତି।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବରଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋକସରା,୧୬।୧୦ (ଡି.ଏନ.ଏ.)**- କଳାହାଣ୍ଡି ଜିଲା କୋକସରା ଥାନା ମୋଟେର ଫାଣ୍ଡି ଅନ୍ତର୍ଗତ ଡହଗାଁ ପଞ୍ଚାୟତ ଝାରବନ୍ଧ ଗ୍ରାମରେ ଏକ ବରଗଛରୁ ବୁଧବାର ସକାଳୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ କରାଯାଇଛି। ଯୁବକ ଜଣକ ସେହି ଗ୍ରାମର ଲବରାମ ପୂଝାରୀ (୨୬)। ଏ ନେଇ ଯୁବକଙ୍କ ଘର ଲୋକେ ମୋଟେର ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଶେଖର ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗଛରୁ ଓହ୍ଲାଇବ ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ଗତ ମଙ୍ଗଳବାର ରାତିରେ ଯୁବକ ଘରେ ଖାଇ ଶୋଇବା ପରେ କେତେବେଳେ ଆସି ଆତ୍ମହତ୍ୟା କରିଛି ନା ଘଟଣା ପଛରେ କିଛି ରହସ୍ୟ ଅଛି ତାହା ସ୍ପଷ୍ଟ ହୋଇ ନ ଥିବା ମୋଟେର ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଡେଙ୍ଗୁରେ ଯୁବ ଇଞ୍ଜିନିୟର ମୃତ

**ଭବାନୀପାଟଣା,୧୬।୧୦(ଡି.ଏନ.ଏ.)**- କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମୃଦିଙ୍ଗ ଗ୍ରାମର ଶୋଭାକର ତାଣ୍ଡି (୩୦) ଗତ ଦୁଇବର୍ଷ ତଳେ ଗୁଜୁରାଟସ୍ଥିତ ଓମନିଟେକ୍ କମ୍ପାନୀରେ ମେକାନିକାଲ ଇଞ୍ଜିନିୟର ଭାବେ କାମ କରି ଆସୁଥିଲେ। କିନ୍ତୁ ଗତ କିଛିଦିନ ହେଲା ତାଙ୍କ ଦେହ ଖରାପ ହେବାରୁ ପରିବାରର ଭାଇଭଉଣୀ ଯାଇ ସେଠାରେ ତାଙ୍କ ଚିକିତ୍ସା କରୁଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ସେଠାରେ ଶୋଭାକରଙ୍କ ମୃତ୍ୟୁ ଘଟିଛି। ସେ ଡେଙ୍ଗୁରେ ଆକ୍ରାନ୍ତ ଥିଲେ ବୋଲି ଜଣାଯାଇଛି । ତାଙ୍କ ମୃତଦେହ ଗାଁକୁ ଆସୁଥିବା ତାଙ୍କ ବଡ ଭଉଣୀ ସୁନୀତା ତାଣ୍ଡି ସୂଚନା ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜିଲା ମାରୱାଡି ସମାଜର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ଜୁନାଗଡ,୧୬।୧୦(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନରେ ବୁଧବାର ସନ୍ଧ୍ୟାରେ ଜିଲା ମାରୱାଡି ସମାଜର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ବଜରଙ୍ଗ ଖେମକାଙ୍କ ସଭାପତିତ୍ୱରେ ଅତିଥି ଭାବେ ଜିଲା ସଭାପତି ସୁବାସ ଅଗ୍ରୱାଲ, ଜୁନାଗଡ ଅଗ୍ରସେନ ଭବନ କମିଟି ସଭାପତି ଲଳିତ ଅଗ୍ରୱାଲ, ମହିଳା ସମିତି ସଭାପତି ରେଖା ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚ ସଭାପତି ଅମିତ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜୁନାଗଡ ମାରୱାଡି ସମାଜ ନୂତନ ସଭାପତି ଭାବେ ମୁକେଶ ଅଗ୍ରୱାଲ, ସମ୍ପାଦକ ଚମ୍ପକ ଅଗ୍ରୱାଲ ଓ କୋଷାଧକ ସୁରେନ ଗୋଏଲ ଶପଥ ପାଠ ନେଇଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଥିବା ସମାଜର ସଦସ୍ୟାସଦସ୍ୟଙ୍କ ଜନଗଣନା ଓ ସମାଜର ବିକାଶ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସଭାପତି ସୁବାଷ ଅଗ୍ରୱାଲ ପରିଚାଳନା କରିଥିବାବେଳେ କୁଞ୍ଜ ବିହାରୀ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସମ୍ପାଦକ ଶଙ୍କର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

### ଆର୍ଥିକ ସଙ୍କଟ, ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପ୍ରତିବାଦ

# ମିଳିତ ବାମପନ୍ଥୀ ଦଳର ଗଣଧାରଣା

### ■ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୧୬।୧୦ (ଡି.ଏନ.ଏ.)**

ବୁଧବାର ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେଶନ୍‌ର ମିଳିତ ବାମପନ୍ଥୀ ଦଳ ପକ୍ଷରୁ ଆର୍ଥିକ ସଙ୍କଟ ଓ ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପ୍ରତିବାଦରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ରହିଛି ସର୍ବନିମ୍ନ ମାସିକ ମଜୁରୀ ୧୮ ହଜାର ଟଙ୍କା ଏବଂ ନିଯୁକ୍ତି ହରାଇଥିବା ବ୍ୟକ୍ତିଙ୍କୁ ମାସିକ ଭତ୍ତା ଦିଆଯାଉ। ସରକାର ପୁଞ୍ଜିନିବେଶ ବୃଦ୍ଧି କରି ନିଯୁକ୍ତି ସୃଷ୍ଟି କରାଯାଉ ଏବଂ ସେ ପର୍ଯ୍ୟନ୍ତ ବେକାରୀ ଭତ୍ତା ଦିଆଯାଉ। ସମସ୍ତ ପ୍ରକାର ଛଟେଇ ଓ କାମ ବନ୍ଦକୁ ରୋକାଯାଉ। ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇ କରଣ, ପ୍ରତିରକ୍ଷା ଓ କୋଇଲା କ୍ଷେତ୍ରରେ ୧୦୦ ଶତକଡା ବିଦେଶୀ ପୁଞ୍ଜି ନିବେଶ ବନ୍ଦ ହେଉ। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ବୃଦ୍ଧି କରି ଗ୍ରାମୀଣ ବେକାରୀଙ୍କ ସର୍ବନିମ୍ନ ୨୦୦ ଦିନର କାମ ଯୋଗାଇ ଦିଆଯାଉ। କୃଷକମାନଙ୍କ ଉପରୁ ଋଣ ଛାଡ ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ କରି ଦେଢଗୁଣା କରାଯାଉ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବାମପନ୍ଥୀ ଦଳର ଗଣଧାରଣା ।

ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୩ ହଜାର ଟଙ୍କା କରାଯାଉ। ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ କାର୍ଯ୍ୟ ତୁରନ୍ତ ଆରମ୍ଭ କରି ଏକ ବର୍ଷ ଭିତରେ ଶେଷ କରାଯାଉ। ଜିଲାର ସମସ୍ତ ଚାଷଜମିକୁ କେନାଲ ମାଧ୍ୟମରେ ଜଳସେଚିତ କରାଯାଉ। ଜିଲାର ମୁଖ୍ୟ ଡାକ୍ତରଖାନା ସମେତ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନିଯୁକ୍ତି ଦିଆଯାଉ। ଭୂମିହୀନଙ୍କୁ ଦଖଲ ଜମିର ପଟ୍ଟା ଓ ଦଖଲ ଜଙ୍ଗଲ ଜମିର ଅଧିକାର ଦେବା ସହିତ ବିକାଶ ପାଇଁ ଆଦିବାସୀ ଅଧ୍ୟୁଷିତ ଗାଁଗୁଡିକୁ ନୀତି ଆୟୋଗର ପରିସରଭୁକ୍ତ କରାଯାଉ। ମଣ୍ଡି ଜରିଆରେ କପା କୁଇଣ୍ଟାଲ ପ୍ରତି ୭ ହଜାର ଧାର୍ଯ୍ୟ କରି କପାକ୍ରୟ କରାଯାଉ। ହରଡ, ମୁଗ, ବିରିର ଉଚିତ ମୂଲ୍ୟ ଧାର୍ଯ୍ୟ କରାଯାଉ। କଳାହାଣ୍ଡି ଜିଲାରେ କୃଷି ଆଧାରିତ ଶିଳ୍ପ ପ୍ରତିଷ୍ଠା କରିବା ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଆଦି ରହିଛି।

ସିପିଆଇର ସଭାପତି ନବ ପଟ୍ଟନାୟକ, ସିପିଆଇର ଜିଲା ସମ୍ପାଦକ ବିଶ୍ୱଜିତ ଚାଟାର୍ଜୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସିପିଆଇ (ଏମ୍ଏଲ୍)ର ଉଦ୍ଧବ ସାହୁ (ଲିବରେଶନ), ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଦାମୋଦର ବେହେରା, ସିପିଆଇ ଜିଲା କମିଟି ସଭ୍ୟ ପଦ୍ମନାଭ ବିଶ୍ୱାଳ, ସତ୍ୟଜିତ ଚାଟାର୍ଜୀ, ନରସିଂହ ଥାପା, ଦେବାଧି ମାଝି, ସିପିଆଇର ଭବାନୀପାଟଣା ଜୋନ୍ ସମ୍ପାଦକ ସୁରେନ୍ଦ୍ର ମାଝି, ସିପିଆଇର ଧର୍ମଗଡ ଜୋନ୍ ସମ୍ପାଦକ ଜଗଦିଶ ଦୁର୍ଗା, ସିପିଆଇର ଜିଲା ପରିଷଦ ସଭ୍ୟ ଅକ୍ଷୟ ମେହେର, ସିପିଆଇ (ଏମ୍ଏଲ୍)ର ଜିଲା କମିଟି ସଭ୍ୟ ଦୁର୍ଯ୍ୟୋଧନ ଦାଶ, ଗଙ୍ଗାରାମ ସୁନା, ରାଧାମୋହନ ଗଡଡ, ଅଖିଳ ଭାରତ କୃଷକ ସଭା ଜିଲା କମିଟି ସଭ୍ୟ ନୃପେନ୍ଦ୍ର ଗଙ୍ଗଦେବ, ସିପିଆଇର ଜୁନାଗଡ ଜୋନ୍ ସମ୍ପାଦକ ବାନାମ୍ବର ମେହେର ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଗଣଧାରଣାରେ ଯୋଗଦେଇଥିଲେ।





ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗୌଡ ବିଶ୍ୱ ଖାଦ୍ୟ ଦିବସ ଉପରେ ଆଲୋଚନା କରୁଛନ୍ତି।

### ବିଶ୍ୱ ଖାଦ୍ୟ ଦିବସ

# ଭଲରେ ଖାଇବା, ଭଲରେ ରହିବାକୁ ପରାମର୍ଶ

**କର୍ଲାମୁଣ୍ଡା,୧୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ତେରେକେଲା ଦେବୀପୀଠଠାରେ ବୁଧବାର ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି କର୍ଲାମୁଣ୍ଡା ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍ଲାମୁଣ୍ଡା ଭାରପ୍ରାପ୍ତ ଏଏଓ ଅରୁଣଚନ୍ଦ୍ର ପାଢୀ, ଉଦ୍ୟାନ ବିଭାଗ ଓଭରସିଅର ବନଦୁର୍ଗା ହରିଜନ, ସ୍ୱାସ୍ଥ୍ୟକର୍ମୀ ଶଙ୍କର ନନ୍ଦ, ଅଙ୍ଗନୱାଡି କର୍ମୀ ମଞ୍ଜୁଲତା ଭୋଇ, ଗ୍ରାମବିକାଶ କମିଟି ସଭାପତି ଯଶୋଶ୍ରୀ ଧରୁଆ, ସମ୍ପାଦକ କ୍ଷୀରମଣୀ ଧରୁଆ, ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗୌଡ ଯୋଗଦେଇ କ୍ଷୁଧାମୁକ୍ତ ଓ ସ୍ୱାସ୍ଥ୍ୟଯୁକ୍ତ ଖାଦ୍ୟ ଉତ୍ପାଦନ ତଥା ବ୍ୟବହାର ପାଇଁ ସ୍ଥାନୀୟ ପଦକ୍ଷେପ ହିଁ ଆମର ଭବିଷ୍ୟତ ଉପରେ ଆଲୋଚନା କରିବା ସହିତ ଦୈନନ୍ଦିନ ଖାଦ୍ୟରେ ଫ୍ରେସ ବିଷମୁକ୍ତ ଖାଦ୍ୟ ଖାଇବା ସହିତ ନିରାପଦ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାଗୁଡିକ ଗୁରୁତ୍ୱ ଦେବା ଉପରେ ଅଂଶ ଗ୍ରହଣକାରୀମାନେ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାକର୍ମୀ ଜଗଦୀଶ ପ୍ରସାଦ ରଣା, ସମାଜିକ କର୍ମୀ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କଲେ ସ୍ତ୍ରୀ

**ଭବାନୀପାଟଣା,୧୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପୁରୁଣାଗୁମାଠାରେ ଟ୍ରକ୍ ଓ ବାଇକ ଦୁର୍ଘଟଣାରେ ଜଣେ ମୃତ ଓ ଜଣେ ଗୁରୁତର ହେବା ଘଟଣା ଏବେ ନୂଆମୋଡ ନେଇଛି। ସ୍ୱାମୀଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ନେଇ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୧୨ ତାରିଖରେ ପବିତ୍ର ବାଗ କାଣିଗୁମା ସାପ୍ତାହିକ ବଜାରକୁ ଚପଲ ବିକ୍ରି କରିବାକୁ ଯାଇଥିଲେ। ସେଠାରୁ ଅପରାହ୍ନ ୪ଟାରେ ୨୦ ହଜାର ଟଙ୍କା ଧରି ଘରକୁ ବାହାରିଥିଲେ। ସନ୍ଧ୍ୟା ସାଢେ ୬ଟାରେ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପୁରୁଣାଗୁମା ବୁଲାଣିଠାରେ ଏକ ଟ୍ରକ ସହ ପବିତ୍ରଙ୍କ ବାଇକ୍ ଧକ୍କା ହେବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଘଟଣା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।



ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଅଭିଯୋଗ କରିବାକୁ ଆସିଛନ୍ତି ।

ପରେ ପବିତ୍ରଙ୍କ ସ୍ତ୍ରୀ ଦୁଆର ଦେଈ ଦୁର୍ଘଟଣା ହୋଇଥିବା ସ୍ଥଳକୁ ଯାଇଥିବା ବେଳେ ପବିତ୍ରଙ୍କ ମୃତଦେହ କିମ୍ବା ସେ ଚଳାଉଥିବା ବାଇକ ମିଳି ନ ଥିଲା। ପରେ ଗୁଣପୁର ଫାଣ୍ଡିକୁ ଆସି ପୋଲିସରେ ପଚାରିବାରୁ ମଧ ପବିତ୍ରଙ୍କ ମୃତଦେହକୁ ଦେଖାଇଲେ ନାହିଁ ବୋଲି ସ୍ତ୍ରୀ ଦୁଆର ଦେଈ ଅଭିଯୋଗ କରିଛନ୍ତି। ପବିତ୍ର ଟଙ୍କା ଧରି ଥିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଗାଡି ମଡାଇ ହତ୍ୟା କରିଥିବା ଦୁଆର ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଥୁଆମୂଳ ରାମପୁର ଥାନାରେ ସେ ଗତ ସୋମବାର ଲିଖିତ ଅଭିଯୋଗ କରିଛନ୍ତି ।

### କଳାହାଣ୍ଡି ଜିଲା ଆଦିବାସୀ ସଂଘ ବୈଠକ

**ଭବାନୀପାଟଣା,୧୬।୧୦ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ସାର୍କିଟ ହାଉସଠାରେ କଳାହାଣ୍ଡି ଜିଲା ଆଦିବାସୀ ସଂଘ ଏକ ବୈଠକ ଜିଲା ସଭାପତି କିଶୋର ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନକଲି ଆଦିବାସୀଙ୍କୁ ପ୍ରଶାସନ ପକ୍ଷରୁ ଜାତି ପ୍ରମାଣପତ୍ର ପ୍ରଦାନକୁ ବିରୋଧ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ ନେଇ ଆଲୋଚନା କରାଯାଇ ଆଗାମୀ ଦିନରେ ଜନଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମାଝି ପରିଚାଳନା କରିଥିଲେ। ଉପସଭାପତି ପ୍ରକାଶ ଚନ୍ଦ୍ର ମାଝି, ଜଏନ ଶବର, କନ୍ଧମାଳ ଜିଲା ଆଦିବାସୀ ସଂଘ ସଭାପତି ରାଜେନ୍ଦ୍ର ଭୋଇ, ସଦର ବ୍ଲକ ସଭାପତି ପାଣ୍ଡବ ମାଝି, କର୍ଲାମୁଣ୍ଡା ବ୍ଲକ ସଭାପତି ସୁରେନ୍ଦ୍ର ଭୋଇ, ଲାଞ୍ଜିଗଡ ବ୍ଲକ ସବାପତି ଶୁକ୍ରୁ ମାଝି, କେସିଙ୍ଗା ବ୍ଲକ ସଭାପତି ରମେଶ ମାଝି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଂଘ ଜିଲା ସହ ସମ୍ପାଦକ ସାଗର ମାଝି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପରମେଶ୍ୱର ମାଝି, ରାଜୁ ମାଝି, କୃଷ୍ଣଚନ୍ଦ୍ର ମାଝି, ଅଭିମନ୍ୟୁ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମ

**କୋକସରା,୧୬।୧୦ (ଡି.ଏନ.ଏ.)**

କୋକସରା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ପର୍ଶୁରାମ ପ୍ରଧାନି, ଧର୍ମଗଡ ବିଧାୟକ ମୌଷଧି ବାଗଙ୍କ ପୁଅ ମାନସ ରଞ୍ଜନ ବାଗ, ବ୍ଲକ ସମ୍ପାଦକ ପଙ୍କଜ ପୋଡ, ଜିତେନ୍ଦ୍ର ପ୍ରଧାନୀ, ପ୍ରମୋଦ କୁମାର ପ୍ରଧାନୀ, ଯାଦବ ସମା କୋକସରା ବ୍ଲକ ସଭାପତି ବିନୋଦ ରାଉତ, ମହେଶ କୁମାର ଗୁପ୍ତା, ଆଶୁତୋଷ ପୁରୋହିତ ପ୍ରମୁଖଙ୍କ ଉପସ୍ଥିତିଥିଲେ । ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶ୍ୱାତୀରାଣୀ ପ୍ରଧାନୀ, ବିଶାଲ ପ୍ରଧାନୀ, ଆଶୁତୋଷ ପୁରୋହିତ, ମହେଶ ଗୁପ୍ତା, ମାନସ ବାଗ, ନରେଶ ଗୁପ୍ତା, ମୋହନ ବାଗ ସମେତ ବିଜୁ ଯୁବବାହିନି

**କୋକସରା ବ୍ଲକ**

ଯୁବକମାନେ ରକ୍ତଦାନ କରିଥିଲେ। ବିଜୁ ଯୁବବାହିନି ବ୍ଲକ ସଂଯୋଜକ ରୋହିତ କୁମାର ଗୋପାଳ, ସୁନିଲ କୁମାର ପ୍ରଧାନୀ, ବସନ୍ତ ପଟ୍ଟନାୟକ, ଅଭିମନ୍ୟୁ ଗୋପାଳ, ବିନୋଦ ସିଂ, ତାପସ ରନ ରାୟ, ବିଶ୍ୱନାଥ ପଟ୍ଟନାୟକ, ମୁକ୍ତେଶ୍ୱର ନାଗ, ସଶାଙ୍କ ଶେଖର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ଧର୍ମଗଡ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।



ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତ ସଂଗ୍ରହ କରାଯାଉଛି।

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୧୬।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଭବାନୀପାଟଣା-ରାୟଗଡ଼ା ୬ ନଂ. ରାଜ୍ୟ ରାଜପଥ କଦଳିଘାଟି ଛକରେ ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଆୟୋଜିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ଯୁବବାହିନୀ ଏହି କାର୍ଯ୍ୟକ୍ରମ ପାଇଁ ଗୋବର୍ଦ୍ଧନପୁର ଗ୍ରା.ପ ବିଜୁ ଯୁବବାହିନୀ ସଦସ୍ୟମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ସେହିପରି ବିଶିଷ୍ଟ ଅତିଥି ଭାବେ ଟ୍ରାଫିକ୍ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର ଯୋଗଦେଇ କଳାହାଣ୍ଡିରୁ ରାୟଗଡ଼ା ଆନ୍ତଃ ଜିଲା ତଥା ରାୟପୁରରୁ ରାଞ୍ଚିକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଓ ବ୍ୟସ୍ତବହୁଳ ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଭାରିଯାନ ଓ ବାଇକ୍ ତଥା କାର୍ ଯାତାୟାତ କରୁଛି। ବିଜୁ ଯୁବବାହିନୀ ପକ୍ଷରୁ ଏହି ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ସହିତ ଲୋକଙ୍କୁ ସଚେତନ କରିବା ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିଲା । କିନ୍ତୁ ବିଜୁ ଯୁବବାହିନୀ ସ୍ୱେଚ୍ଛାସେବୀମାନଙ୍କ ଉଦ୍ୟମ ଯୋଗୁ ଏହା ଫଳପ୍ରଦ ହୋଇପାରିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବିଜୁ



ହେଲ୍‌ମେଟ୍ ପିନ୍ଧିଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଉଛି।

ଯୁବବାହିନୀ ଲାଞ୍ଜିଗଡ ବ୍ଲକ ସଂଯୋଜକ ଜକ୍‌ସନ ସାହୁ, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତିସଦସ୍ୟ ଚିତ୍ରସେନ ମାଝି, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗୋବର୍ଦ୍ଧନପୁର ଗ୍ରା.ପ. ବିଜୁ ଯୁବବାହିନୀର ସଭାପତି ତୀର୍ଥ ଗହିର ଓ ସମ୍ପାଦକ ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ଆୟୋଜିତ ବୃହତ ସଚେତନତା କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭବାନୀପାଟଣାର କର୍ମକର୍ତ୍ତା କାହ୍ନୁଚରଣ ହଂସ, ରତ୍ନାକର ବେଶ୍ରା, ଚନ୍ଦୁଲାଲ ରଣା, ଭାନୁ ବେଗମ, ମିଳନ ଜାଲ, ନର୍ଲା ପୋଲିସ ପକ୍ଷରୁ କନ୍‌ଷ୍ଟେବଳ ଭୁବନେଶ୍ୱର ସାହୁଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଗୋବର୍ଦ୍ଧନପୁର ଗ୍ରା.ପ ବିଜୁ ଯୁବବାହିନୀ ସଦସ୍ୟ ବିନୟ ସାହୁ, ହୃଷୀକେଶ ବଗର୍ତ୍ତି, ଅମିତ ପଧାନ, ଅଜିତ ମାଝି, ଜୟନ୍ତ ବାଗ, ଶୋଭାକର ବାଗଙ୍କ ସମେତ ସମସ୍ତ ପରିଚାଳନାରେ ସହଯୋଗ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ହେଲମେଟ୍ ଓ ସିଟବେଲ୍ଟ ପିନ୍ଧିଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଉଥିବା ବେଳେ ହେଲମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧି ନ ଥିବା ଗାଡ଼ି ଚାଳକଙ୍କୁ ଶପଥ ପତ୍ର ପାଠ ସହ ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଅବଗତ କରାଇଥିଲେ।

### ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ଦ୍ୱିତୀୟ ସୁପର ଲିଗ୍

# ଆଇଆରବି ନାଇନଥ ବାଟାଲିୟନ ବିଜୟୀ

**ଭବାନୀପାଟଣା,୧୬।୧୦ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ବୁଧବାର ଦ୍ୱିତୀୟ ସୁପରଲିଗ୍ ମ୍ୟାଚ ଆଇଆରବି ନାଇନଥ୍ ବାଟାଲିୟନ୍ ବନାମ ମର୍ନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଆଇଆରବି ନାଇନଥ୍ ବାଟାଲିୟନ୍ ୨ ଗୋଲ ଦେଇଥିବା ବେଳେ ମର୍ନିଂ କ୍ଲବ ଗୋଟିଏ ବି ଗୋଲ ଦେଇପାରି ନ ଥିଲା। ଫଳରେ ଆଇଆରବି ନାଇନଥ୍ ବାଟାଲିୟନ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିଶିଷ୍ଟ ସନ୍ତୋଷ ଟ୍ରଫି ଫୁଟବଲ ଖେଳାଳି ସତ୍ୟନାରାୟଣ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ରେଫରୀ ଭାବେ ସନ୍ତୋଷ କୁମାର ପ୍ରଧାନ, ପିଭି ରାଓ, ରଞ୍ଜନ କୁମାର ଦାସ, ହରପ୍ରସାଦ ପଟେଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍‌ର ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରୀପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଏଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ସନତ୍ କୁମାର ମହାପାତ୍ର ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ।



ଫୁଟବଲ ଲିଗ୍‌ର ଦ୍ୱିତୀୟ ସୁପର ଲିଗ୍ ମ୍ୟାଚ୍‌ରେ ଖେଳାଳିଙ୍କ ସହ ଅତିଥି ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ବ୍ରଜରାଜନଗର, ୧୬।୧୦ (ଡି.ଏନ.ଏ): ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ୭୪ତମ ଜନ୍ମ ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ବିଶ୍ୱନାଥ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୨ଶହରୁ ଅଧିକ ବିଜେଡି କର୍ମୀଙ୍କ ସହିତ ବିଭିନ୍ନ ସେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଟାଉନ ବିଜେଡି ସଭାପତି ଜୟନ୍ତ ଦୀକ୍ଷିତ, କୁଳମଣି ଦାସ, ପ୍ରସନ୍ନ ଚୌଧୁରୀ, ରୁନୁ ବାଗ, ଶେଷଦେବ ସାହୁ ପ୍ରମୁଖ ସହାୟତା କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ଖଣି ସମ୍ପ୍ରସାରଣକୁ ଉବୁଡ଼ାବାସୀଙ୍କ ବିରୋଧ

# ଗ୍ରାମବାସୀଙ୍କ ସହ ଆଲୋଚନା କରିବେ ଜିଲାପାଳ

ଝାରସୁଗୁଡା ଅଫିସ୍/ଲଖନପୁର,୧୬।୧୦(ଡି.ଏନ୍.ଏ.)

ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବିରୋଧ ଯୋଗୁ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ର ଖଣି ସମ୍ପ୍ରସାରଣ କାର୍ଯ୍ୟ ଆଗକୁ ବଢ଼ିପାରୁନାହିଁ। ଏଥିପାଇଁ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଦୀର୍ଘ ୨ ବର୍ଷ ପରେ ମଙ୍ଗଳବାର କମ୍ପାନୀର ୧୪ତମ ଆର୍‌ପିଡିଏସି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସପକ୍ଷରେ ବହୁ ଆଲୋଚନା ହୋଇଥିଲା। ସବ୍‌କମିଟି ଜରିଆରେ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ଜିଲା ପ୍ରଶାସନ ଏହାର ତଦାରଖ କରିବ ବୋଲି କୁହାଯାଇଥିଲା। ଏହା ପୂର୍ବରୁ ମଧ୍ୟ ଅନେକ ଆର୍‌ପିଡିଏସି ବୈଠକ ବସିଛି, କିନ୍ତୁ ଲୋକଙ୍କ ସମସ୍ୟା ସମାଧାନ ହୋଇପାରି ନାହିଁ ବୋଲି ଅଭିଯୋଗ ହୋଇଛି। ଆର୍‌ପିଡିଏସି ବୈଠକର ମାତ୍ର ଗୋଟିଏ ଦିନ ପରେ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ମିଳିତଭାବେ ଖଣି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲଖନପୁର ଖୋଲାମୁହାଁ କୋଇଲାଖଣି ୬ନଂ କ୍ୱାଆଁରୀ ସମ୍ପ୍ରସାରଣକୁ ଉବୁଡ଼ା ଗ୍ରାମବାସୀ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଏନେଇ ଖଣି କର୍ତ୍ତୃପକ୍ଷ ଅନେକଥର ଚେଷ୍ଟାକରି ବିଫଳ ହୋଇଛନ୍ତି। ଏଭଳି ସ୍ଥିତିରେ ଖଣି କର୍ତ୍ତୃପକ୍ଷ ବୁଧବାର ସକାଳେ ପୁନର୍ବାର ପୋଲିସ ନେଇ ଖଣି ସମ୍ପ୍ରସାରଣ କାମ ଆରମ୍ଭ କରିବା ପାଇଁ ପହଞ୍ଚିଥିଲେ। ଏହା ଜାଣିବାପରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଉପସ୍ଥିତିରେ ବଳପୂର୍ବକ ଖଣି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବର ପାଇ ଉପଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ,ଏସ୍‌ପି ଅଶ୍ୱିନୀ ମହାନ୍ତି, ଅତିରିକ୍ତ ଏସ୍‌ପି ଏନ୍.ସି. ଦଣ୍ଡସେନା, ଡିଏସ୍‌ପି ରୋହିତ ହେଟ୍, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା, ଲଖନପୁର କ୍ଷେତ୍ର ଜିଏମ୍ ଅନିଲ କୁମାର ସିଂ, ପ୍ରୋଜେକ୍ଟ ଅଫିସର ଅବୋଧ କୁମାର ପାଣ୍ଡେ, ସୁନିଲ ଶର୍ମା ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଘନଶ୍ୟାମ ବାରିକ, ଇନ୍ଦ୍ରବିଳାଶ ସା,ଏକାନ୍ତ ସା, ଅମିତ ସା, ଟିକାରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏସମ୍ପର୍କରେ ଉପଜିଲାପାଳ ଟପ୍ପୋ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କୁ ଭେଟି ନିଜ ନିଜ ସମସ୍ୟା ସମ୍ପର୍କରେ ଅବଗତ କରିବେ ବୋଲି ନିଷ୍ପତ୍ତି ହୋଇଛି। ପରେ ଗ୍ରାମବାସୀଙ୍କ ସମସ୍ୟାନେଇ ଜିଲାପାଳ ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି। ଗ୍ରାମବାସୀଙ୍କ କହିବାନୁସାରେ ପ୍ରସ୍ତାବିତ ୬ନଂ କୋଇଲା ଖଣି ଅଞ୍ଚଳରେ ଶତାଧିକ ଏକର ଜମି ଗ୍ରାମର ୫୨ଜଣଙ୍କ ନାମରେ ଲିଜ୍‌ପଟ୍ଟା ରହିଛି। ଏହି ଲିଜ୍‌ପଟ୍ଟା ଲଖନପୁର ତହସିଲ ତରଫରୁ ଗତ ୨୦୦୧ ମସିହାରେ ଲୋକଙ୍କୁ ପ୍ରଦାନ କରାଯାଇଛି। ଏନେଇ ଉପଜିଲାପାଳ ଟପ୍ପୋ କହିଛନ୍ତି ଜମିକୁ ଖଣି କର୍ତ୍ତୃପକ୍ଷ କୋଇଲା ଖଣି ଉଦ୍ଦେଶ୍ୟରେ ସିବିଆକ୍ଟ ଜରିଆରେ ଗତ ୧୯୮୪ମସିହାରେ ୪/୧ନୋଟିସ୍ ବଳରେ ଅଧିଗ୍ରହଣ କରିଥିଲେ।


କମ୍ପାନୀ ପକ୍ଷରୁ କୋଇଲା ଖଣି ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି।

## ଯୁବ ଆଷ୍ଟ୍ରୋନୋମର ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା


କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ପରୀକ୍ଷକଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି।

ବେଲପାହାଡ଼,୧୬।୧୦(ଡି.ଏନ୍.ଏ.)- ଟାଟା ଷ୍ଟିଲ୍ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲାସ୍ଥିତ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟରେ ବୁଧବାର ଯୁବ ଆଷ୍ଟ୍ରୋନୋମର ପ୍ରତିଭା ଅନ୍ୱେଷଣ ପାଇଁ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୧୧୦ ଜଣ ଛାତ୍ରୀଛାତ୍ର ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ନବମ ଓ ଦଶମ ଶ୍ରେଣୀର ୧୨୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଗିରୀଶ ଚନ୍ଦ୍ର ତ୍ରିପାଠୀ ଓ ବିଶ୍ୱଜିତ ମହାରଣା ପ୍ରତିଯୋଗିତା ପରିଚାଳନା କରିଥିଲେ। କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାତ୍ର ପ୍ରବନ୍ଧ ପ୍ରତିଯୋଗିତା ଫଳାଫଳକୁ ଘୋଷଣା କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ରାଜ୍ୟର ପ୍ରତ୍ୟେକ ଜିଲାରେ ଏତାଦୃଶ ପ୍ରତିଯୋଗିତା ଅନୁଷ୍ଠିତ ହେଲା ପରେ ପ୍ରତି ଜିଲାରୁ ୨ ଜଣ ଲେଖାଏଁ ଶ୍ରେଷ୍ଠ ପ୍ରବନ୍ଧ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବ।

■କୋଇଲା ଲୋଡିଂରେ ଅବ୍ୟବସ୍ଥା

# କ୍ଷତି ସହୁଛନ୍ତି ପରିବହନକାରୀ ସଂସ୍ଥା

ବ୍ରଜରାଜନଗର, ୧୬।୧୦(ଡି.ଏନ୍.ଏ.)

ବ୍ରଜରାଜନଗର ଓ ଲଖନପୁର ଅଞ୍ଚଳରେ ମହାନଦୀ କୋଇଲା କମ୍ପାନୀର ବିଭିନ୍ନ ଖଣିରେ ନିୟୋଜିତ ଥିବା କୋଇଲା ଲୋଡିଂ କମ୍ପାନୀର ମନମୁଖି ନୀତି ଯୋଗୁଁ କୋଇଲା ଲୋଡିଂ ଠିକ୍ ଭାବରେ ହୋଇପାରୁ ନାହିଁ। ଫଳରେ କୋଇଲା ପରିବହନକାରୀ ସଂସ୍ଥାମାନେ କ୍ଷତିରେ ଚାଲିଛନ୍ତି। ଏନେଇ ବ୍ରଜରାଜନଗର କୋଲ୍ ମୁଭରସ୍ ଆସୋସିଏଶନ୍‌ର ସଭାପତି ଅଜିତ ଧଳ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। କୋଲ୍ ମୁଭରସ୍ ଆସୋସିଏଶନର ଅଭିଯୋଗ ଅନୁଯାୟୀ ଲଖନପୁର ଖଣିରେ ଦୈନନ୍ଦିନ କୋଇଲା ଉତ୍ପାଦନ ଅନୁଯାୟୀ କୋଇଲା ଉତ୍ପାଦନ ଠିକ୍ ରହିଛି। ମହାନଦୀ କୋଇଲା କମ୍ପାନୀ ତରଫରୁ ଉତ୍ପାଦିତ କୋଇଲାକୁ ରୋଡସେଲରେ ନିୟୋଜିତ ଥିବା ଟ୍ରକ ଗୁଡ଼ିକୁ ଲୋଡର ମାଧ୍ୟମରେ ଲୋଡ କରିବା କଥା। ଏହି ଲୋଡିଂ ପାଇଁ ମହାନଦୀ କୋଇଲା କମ୍ପାନୀ ତରଫରୁ ଟେଣ୍ଡର ମାଧ୍ୟମରେ କାମ ଦିଆଯାଇ ଥାଏ। ହେଲେ ଲୋଡିଂ ପାଇଁ ଟେଣ୍ଡର ନେଇଥିବା କମ୍ପାନୀ ଜାଣିଶୁଣି ଖଣିରେ ଲୋଡର ମେଶିନ ନ ଦେବାରୁ ରୋଡସେଲ ମାଧ୍ୟମରେ ଯେତିକି ପରିମାଣର କୋଇଲା ବିଭିନ୍ନ କମ୍ପାନୀକୁ ଯିବା କଥା ତାହା ଯାଇପାରୁ ନାହିଁ। ଫଳରେ କମ୍ପାନୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋଇଲା ନ ପାଇ କାମ ବନ୍ଦ କରି ଦେଉଛନ୍ତି। ଏହା ଦ୍ୱାରା ପରିବହନକାରୀ ସଂସ୍ଥାଠାରୁ କମ୍ପାନୀମାନେ ଅର୍ଥକାଟ କରୁଛନ୍ତି। ଫଳରେ ଲାଭ ଆଶାରେ ଡିଓ ଭରି ଠିକ୍ ସମୟରେ କୋଇଲା ନ ଉଠାଇ ପାରିବାରୁ ପରିବହନକାରୀ ସଂସ୍ଥା ଏମ୍‌ସିଏଲ୍ ପଟୁ କ୍ଷତି ସହୁଥିବା ବେଳେ କମ୍ପାନୀ ପଟୁ ମଧ୍ୟ କ୍ଷତି ସହିବାକୁ ପଡୁଛି। ଏ ନେଇ ପରିବହନକାରୀ ସଂସ୍ଥା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ଏମସିଏଲ କର୍ତ୍ତୃପକ୍ଷ ଲୋଡିଂ ସଂସ୍ଥାକୁ କେବଳ ଚିଠି ଲେଖି ଚୁପ୍‌ଚୁପା ବସୁଛି।

୮ ଦିନ ମଧ୍ୟରେ ମୋଟ ୮୬୬୯୯ ଟନ କୋଇଲା କମ୍ପାନୀକୁ ଯୋଗାଇବା କଥା, କିନ୍ତୁ ଲୋଡିଂ ଅବ୍ୟବସ୍ଥା ଯୋଗୁ ୩୪୯୬୯ ଟନ୍ କୋଇଲା ଯୋଗାଯାଇ ପାରିଲା। ବଳକା ୫୩୭୫୬ ଟନ୍ କୋଇଲା ଯୋଗାଇ ଦିଆଯାଇ ପାରିଲା ନାହିଁ। ଫଳରେ ଏମସିଏଲ ଏହି ନିଅଣ୍ଟ ୫୩୭୫୬ ଟନ୍ କୋଇଲା ପର ଟନ୍ ୨ ଶହ ହିସାବରେ କମ୍ପାନୀଠାରୁ କାଟିବେ। କମ୍ପାନୀ କର୍ତ୍ତୃପକ୍ଷ ସମ ପରିମାଣର ରେଟ ପରିବହନକାରୀଠାରୁ କାଟିବେ। ଫଳରେ ଏଠାରେ ପରିବହନକାରୀ ସଂସ୍ଥାକୁ ଲାଭ ବଦଳରେ କ୍ଷତି ସହିବାକୁ ପଡୁଛି। ପରିବହନକାରୀ ସଂସ୍ଥା ଅଭିଯୋଗ ଅନୁଯାୟୀ ୧୫।୧୦।୨୦୧୯ରେ ୪ ଗୋଟି ପରିବହନକାରୀଙ୍କ ଡିଓ ଶେଷ ତାରିଖ ଥିଲା। ହେଲେ ଲୋଡିଂ କମ୍ପାନୀ କୋଇଲା ଲାଡିଂ ପାଇଁ ଗୋଟିଏ ହେଲେ ଲୋଡର ଖଣି ସାଇଡ୍‌କୁ ପଠାଇ ପାରିଲା ନାହିଁ। ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପରିବହନକାରୀ ସଂସ୍ଥା କିପରି କୋଇଲା ଯୋଗାଇ ପାରିବ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ଘଟଣା ସମ୍ବନ୍ଧରେ ଲଖନପୁର ପିଆରଓ ବିନାୟକ ଜାମୱାଲଙ୍କୁ ପଚାରିବାରେ ଘଟଣାକୁ ସ୍ୱୀକାର କରିବା ସହ ତଦନ୍ତ କରି ଲୋଡିଂ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

**ଆଠ ଦିନର ପରିବହନ ସାରଣୀ**

| ତାରିଖ | ଦୈନିକ କୋଟା | ପ୍ରେରଣା | ନିଅଣ୍ଟ |
|---|---|---|---|
| ୧।୧୦।୧୯ | ୯୮୮୨.୫୦ ଟନ | ୭୬୧.୦୨ ଟନ | ୭୯୦୧.୪୮ ଟନ |
| ୨।୧୦।୧୯ | ୯୩୩୯.୦୦ | ୩୩୩୪.୧୦ | ୬୦୦୪.୯୦ |
| ୩।୧୦।୧୯ | ୧୦,୧୩୧.୦୦ | ୩୮୭୯-୫୫ | ୬୨୩୩,୪୫ |
| ୪।୧୦।୧୯ | ୧୦,୮୦୭.୫୦ | ୪୯୬୨.୪୧ | ୬୧୧୫.୦୯ |
| ୫।୧୦।୧୯ | ୧୧,୫୬୬.୫୦ | ୬୭୫୪.୬୩ | ୬୮୦୧.୮୭ |
| ୬।୧୦।୧୯ | ୧୧,୦୮୮.୦୦ | ୫୦୫୬.୯୩ | ୬୦୩୧୬୭ |
| ୭।୧୦।୧୯ | ୧୦,୫୬୦.୦୦ | ୪୧୮୭.୩୭ | ୬୭୩୨.୬୩ |
| ୮।୧୦।୧୯ | ୧୩,୧୭୬.୦୦ | ୫୬୬୨.୭୪ | ୭୫୦୪.୨୬ |

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୫ ଗିରଫ

ଲଖନପୁର,୧୬।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ତିଲିଆ ଅଞ୍ଚଳରୁ ମଙ୍ଗଳବାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ବୋଝେଇ କରି ସୁନ୍ଦରଗଡ଼କୁ ବେଆଇନ୍‌ଭାବେ ଚାଲାଣ କରାଯାଉଥିଲା। ଏହି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ସନ୍ଧ୍ୟାରେ ଫଟାପାଲି ଛକରେ ସ୍ଥାନୀୟ ଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଏନେଇ ଘଟଣାସ୍ଥଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବନହରପାଲି ଥାନା ଓ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ଥାନାକୁ ନେଇଥିଲା। ଏ ନେଇ ଫଟାପାଲି ଗ୍ରାମର ଆକାଶ କୁମାର ଗୁପ୍ତାଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ପୋଲିସ କେସ୍ ନଂ୧୩୦/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ୫ଜଣଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତେଲେନପାଲି ବଜାରପଡ଼ାର ମନ୍‌ସୁର୍ ଅହମ୍ମଦ (୫୨), ସୋନୁ ଅହମ୍ମଦ(୨୫), ରେମଣ୍ଡା ଗ୍ରାମର ମକରଧ୍ୱଜ ପେରେ(୩୯), ସୁନ୍ଦରଗଡ଼ ରାଇବାହାଲର ସୁଜିତ ବରୁଆ(୨୩), ଖଡକୁରବାହାଲର ଜଗନ୍ନାଥ ତୁରୁବାର(୨୨) ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୋଲିସ୍ ଓଡି୧୪ ସି ୫୯୬୬ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଭ୍ୟାନ୍‌ରେ ସମୁଦାୟ ୭ ଗୋଟି ବଳଦ ବୋଝେଇ ହୋଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ୩ ଗୋଟି ବଳଦକୁ ଖୋଲି ମୁକ୍ତ କରିଦେଇଥିଲେ। ଅବଶିଷ୍ଟ ୪ ବଳଦକୁ ପୋଲିସ ଥାନାରେ ଅଟକ ରଖିଛି। ଏହି ବଳଦ ସବୁକୁ ଗୋଶାଳାରେ ଛଡ଼ାଯିବ ବୋଲି ପୋଲିସ୍ କହିଛି।


ପୋଲିସ୍ ଜବତ କରିଥିବା ପିକ୍‌ଅପ୍ ଭ୍ୟାନ୍ ସହ ବଳଦ।

## ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଲଇକେରା, ୧୬।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନରେ ଜଣେ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ସାଙ୍କୋବାହାଲ ଗ୍ରାମର ମନୋଜ ଭଗରା (୩୦) କିଛି ଦିନ ତଳେ ଅପହରଣ କରି ନେଇଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରି ବୁଧବାର ଡାକ୍ତରୀମାଇନା ପରେ ଅପହରଣକାରୀ ମନୋଜକୁ ପୋଲିସ ଗିରଫ କରି କୋର୍ଟ ଚଲାଣ କରିଥିବା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
*(AN AUTONOMOUS INSTITUTE OF GOVERNMENT OF ODISHA)*
SIRIPUR, BHUBANESWAR-751003, ODISHA
Ph. (0674) 2562151, Fax-2561879, E-mail:imagebbsr@rediffmail.com
Letter No. 4062 Dated: 16.10.2019
**CORRIGENDUM to Advt. dated 04.10.2019**
With reference to the Advertisement dated **04.10.2019** for **"PRI Lines and support Services"**, the last date for submission of the EOI has been extended to **25.10.2019.** All other activities scheduled on **18.10.2019** in the EOI document has been rescheduled to **25.10.2019** without any change of time. The rest of the terms & conditions remain unchanged.
**DIRECTOR, IMAGE**

**ODISHA UNIVERSITY OF AGRICULTURE AND TECHNOLOGY**
Department of Agricultural Biotechnology, College of Agriculture, Bhubaneswar
Advertisement No. 748/ ABT, Dated 15/10/2019
Applications are invited from young interested candidates to work under R & D research project entitled "An integrated genomics/ genetics approach for development of mungbean varieties with improved disease resistance" funded by DBT, Govt. of India. Candidates with minimum qualification 60% in M.Sc. Biotechnology/M.Sc (Ag). Agricultural Biotechnology from recognized institutes/University with minimum two years research experience in genomics / proteomics / molecular pathology. The consolidated remuneration of Rs.25,000/- per month + 20% HRA. The post is purely temporary, co-terminus with the project. Preference will be given the candidate having DBT-NET/CSIR-NET qualified. Submit the bio-data along with attested copy of all testimonials and experience certificate with one pass-port size photograph by speed post to Prof. & Head, Department of Agril. Biotechnology, College of Agriculture, Bhubaneswar-3, Odisha within 15 days of advertisements. Authority has right to cancel the advertisement at any stage.
Sd/-
(Prof. & Head)
ABT, CA

**The Odisha State Co-operative Milk Producers' Federation Limited**
omfed
www.omfed.com
D-2, Sahid Nagar, Bhubaneswar, Phone : 0674-2546030, 2540273, 2540417, Fax No.: 0674-2540974, Website:www.omfed.com
Bid Identification No. PROJ/DKL/18
**TENDER FOR BOUNDARY WALL WORK AT DHENKANAL DAIRY**
OMFED invites sealed Tenders from experienced civil contractors ("C" and above class of contractor) for execution of the **"CIVIL, STRUCTURAL & ELECTRICAL WORK FOR CONSTRUCTION OF BOUNDARY WALL WITH SECURITY CABIN AT-DHENKANAL DAIRY, DIST-DHENKANAL, ODISHA".** Tender Document along with all other information may be downloaded from the OMFED website : **www.omfed.com.** Addendum, Corrigendum if any shall only be published in OMFED website. Management reserves the right to accept or reject any or all the bid documents or part thereof without assigning any reason.
**Managing Director**

■ଗୁଣସାଗର ଦାସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ୨ ଗିରଫ, ହତ୍ୟାରେ ବ୍ୟବହୃତ ଛୁରି ଜବତ

ଝାରସୁଗୁଡା ଅଫିସ୍/ଲଖନପୁର, ୧୬।୧୦(ଡି.ଏନ୍.ଏ.)

ଗତ ୭ତାରିଖ ପୁଡ଼ାମାଲ ଗ୍ରାମ ରାସ୍ତାପାର୍ଶ୍ୱସ୍ଥ ଏକ ବୁଦାମୂଳରୁ ଜଣେ ଯୁବକଙ୍କ ମୃତଦେହ ଝାରସୁଗୁଡ଼ା ପୋଲିସ ଜବତ କରିଥିଲା। ପରେ ଏହି ମୃତଦେହ ତିହାଡ଼ିପାଲି ଗ୍ରାମର ଗୁଣସାଗର ଦାସ (୪୮)ଙ୍କର ବୋଲି ଜଣାପଡିଥିଲା। ଦୁର୍ବୃତ୍ତମାନେ ତାଙ୍କ ପେଟକୁ କାଚ ବୋତଲରେ ଭୁସିବା ସହିତ ଏକ ଧାରୁଆଅସ୍ତ୍ରରେ ଗଳାକାଟି ହତ୍ୟା କରିଥିଲେ। ଏନେଇ ଗୁଣସାଗରଙ୍କ ସାନଭାଇ ବିଭୀଷଣ ଦାସଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ୧୦ଦିନ ପରେ ପୋଲିସ ଗୁଣସାଗର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରି ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କହ୍ନେଇଯୋର ଖମାନଡ଼ିପା ଗ୍ରାମର ଜଗନ୍ନାଥ ଧରୁଆ (୩୫) ଓ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଚକ୍ରଧରପୁରର ଚନ୍ଦ୍ର ମୋହନ କୁଜୁର (୩୬)ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଦ୍ୱୟ ଜଣେ କଣ୍ଟ୍ରାକ୍ଟରଙ୍କ ନିକଟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ଗୁଣସାଗରଙ୍କ ସହିତ ଜଗନ୍ନାଥଙ୍କ ପୂର୍ବଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ରକରି ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ପ୍ରତିଶୋଧ ପରାୟଣ ହୋଇ ଜଗନ୍ନାଥ ଓ ସାଥୀ ସୁରକ୍ଷାକର୍ମୀ ଚନ୍ଦ୍ର ମୋହନ ମିଶି ଗୁଣସାଗରଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଗୁଣସାଗର ଗତ ୬ ତାରିଖ ନିକଟସ୍ଥ ସାରସମାଲ ଗ୍ରାମକୁ କରମାନାଚ ଦେଖିବା ପାଇଁ ଯାଇଥିଲେ। ଏହି ସମୟରେ ୨ଜଣ ସାଥୀ ଗୁଣସାଗରଙ୍କୁ ରାସ୍ତାରେ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟ ଗୁଣସାଗରଙ୍କୁ ଛୁରୀ ଓ ଭଙ୍ଗା ବିଅର ବୋତଲରେ ହତ୍ୟାକରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରେ ଏକ ଛୁରି, ଭଙ୍ଗା ବିଅର ବୋତଲ ଓ ଚପଲ ଛାଡ଼ି ଯାଇଥିଲେ। ଏହାକୁ ଆଧାରକରି ସାଇଣ୍ଟିଫିକ୍ ଟିମ୍ ଜରିଆରେ ପୋଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ଶେଷରେ ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇଛି। ଏନେଇ ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ୨ଅଭିଯୁକ୍ତ।

**ICAR-AINP ON MARICULTURE PROJECT**
**College of Fisheries (OUAT), Rangailunda, Berhampur-7, Ganjam**
**WALK-IN-INTERVIEW**
Candidates interested to contractual engagement in the ICAR-AINP funded project operating in the College of Fisheries, OUAT, Rangailunda, Berhampur-7, Ganjam may avail the opportunity through the walk-in-interview. The activities of the post relates to the fish cage fabrication, cage maintenance, water quality analysis, feeding, disease management etc. The essential qualification, remuneration and time of interview are specified below. The post is purely temporary and co-terminus with completion of the project period. Notwithstanding the duration of the scheme, engagement of SRF can be discontinued owing to administrative reasons at any time. The SRF may also leave the assignment on his own violation by giving one month notice. At the end of the contract period, the SRF will have no right to claim any employment or engagement in the OUAT. No TA and DA will be provided for appearing the interview. Candidates appearing interview are requested to produce a set of attested photocopies of the original certificates indicating educational qualification and experience along with Bio-data at the time of interview which will be held in the Conference Room of the Dean of Research, Odisha University of Agriculture and Technology, Bhubaneswar-751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of the post | No. of the post | Essential educational qualification | Age limit on date of interview | Remuneration / month | Duration on the project | Place of posting | Date & time of interview |
|---|---|---|---|---|---|---|---|---|
| 1. | SRF | 01 | Master degree in Fisheries science/ Marine Biology/ Zoology/ Environmental science | 35 years for men and 40 years for women (relaxation as per rules) | SRF @ 31,000/- per month + HRA for 1st year & 2nd year and @ 35,000/- per month + HRA for 3rd year (As per ICAR rule) | March 2020 | College of Fisheries, OUAT, Rangailunda, Berhampur-7, Ganjam | Dt.13-11-19 at 11:00 A.M Committee Room of the Dean of Research, OUAT, Bhubaneswar. For details visit OUAT website **ouat.ac.in** |

**Principal Investigator**
**AINP-Mariculture**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଅଭିନବ ବିଡାନାସୀ , କଟକ ( ମର୍କତ ନଗର ) ସେକ୍ଟର – 8 ରେ ପ୍ଲଟ ନଂ – 8-3B/700 ଟିକୁ ଶ୍ରୀ ସୁନୀଲ ମହାନ୍ତି, ପିତା – ସମରେନ୍ଦ୍ର ନାଥ ମହାନ୍ତି, ସା – ହାଉସ ନଂ – ୩, ରବୀନ୍ଦ୍ର ନିବାସ, ଭବାନୀ ଏନକ୍ଲେଭ – II, ସେକ୍ଟର – ୮, ସି.ଡି.ଏ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁନୀଲ ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜଷ୍ଟିସ ଯତୀନ୍ଦ୍ର ପ୍ରସାଦ ଦାସ, ପିତା – ସ୍ୱ ଜାନକୀ ପ୍ରସାଦ ଦାସ, ସା/ପୋ – ଗଡିଜଙ୍ଗ, ଥା – ନେମାଳୋ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲୁଟ୍

**ରାଉରକେଲା ଅଫିସ,୧୬। ୧୦**
ସିଭିଲ ଟାଉନଶିପ ବାସିନ୍ଦା ଜଣେ ମହିଳାଙ୍କଠାରୁ ବୁଧବାର ଅପରାହ୍ନ ୧ଟାରେ ୨୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ପାଇବା ପରେ ରଘୁନାଥପାଲ୍ଲୀ ପୋଲିସ ସିସି ଟିଭି କ୍ୟାମେରା ଯାଞ୍ଚ କରି ଖୋଳତାଡ ଆରମ୍ଭ କରିଛି। ପାନପୋଷ ଅଞ୍ଚଳର ସୁଷମା ସାହୁ ନାମ୍ନୀ ଜଣେ ମହିଳା ସିଭିଲ ଟାଉନଶିପଠାରେ ଥିବା ଏକ ଘରୋଇ ବ୍ୟାଙ୍କରୁ ଟଙ୍କା ଧରି ସ୍ୱାମୀ ସୁମନ୍ତ ସାହୁଙ୍କ ସହ ଘରକୁ ଫେରୁଥିଲେ। ହେଲେ ଶନି ମନ୍ଦିର ନିକଟରେ ଏକ ପଲସରରେ ଦୁଇ ଜଣ ଯୁବକ ଆସି ହଠାତ୍ ତାଙ୍କଠାରୁ ଟଙ୍କା ବ୍ୟାଗ ଛଡାଇ ଫେରାର ହୋଇ ଯାଇଥିଲେ।

### ଆନନ୍ଦ ବଜାରରେ ଅସାମାଜିକଙ୍କ ଦୌରାତ୍ମ୍ୟ

**ରାଉରକେଲା ଅଫିସ,୧୬। ୧୦**
ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ଆନନ୍ଦ ବଜାରଠାରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ନେଇ ମାର୍କେଟ କମିଟି କର୍ମକର୍ତ୍ତା ଥାନାରେ ଫେରାଦ ହୋଇଛନ୍ତି। ଗତ କିଛି ଦିନ ହେବ ଦଳେ ସମାଜ ବିରୋଧୀ ଯୁବକ ସଞ୍ଜ ନଇଁବା ପରେ ମାର୍କେଟରେ ଆଡ୍ଡା କରୁଛନ୍ତି। ରାସ୍ତା ଉପରେ ବାଇକ୍ ରଖି ହୋ ହାଲ୍ଲା କରୁଛନ୍ତି। ଆପତ୍ତି କଲେ ଦୋକାନୀଙ୍କୁ ମାରଧର କର ହତ୍ୟା ଧମକ ଦେଉଛନ୍ତି। ଏହା ଦ୍ୱାରା ବ୍ୟବସାୟ ମାନ୍ଦା ପଡିବା ସହ ମହିଳା ଗ୍ରାହକ ଭୟରେ ବଜାରକୁ ଆସୁ ନାହାନ୍ତି। ଗତ ୨ ଦିନ ପୂର୍ବେ ଜଣେ ମହିଳା ଅଣ୍ଡା ବିକାଳିଙ୍କୁ ସମ୍ପୃକ୍ତ ଯୁବକ ଟଣାଓଟରା କରିବା ସହ ତଳେ କଚାଡି ଦେଇଥିଲେ। ଦୁଇ ଜଣ ସ୍ଥାନୀୟ ବାସିନ୍ଦା ସମାଧାନ ଲାଗି ଚେଷ୍ଟା କରିବାରୁ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇ ଥିଲା। ପରେ ପୋଲିସ ପହଞ୍ଚି ମହିଳା ଜଣଙ୍କୁ ଡାକ୍ତରଖାନା ପଠାଇଥିଲା।

### ରେଳ ଚଳାଚଳ କ୍ଷେତ୍ରରେ ୭ ଜିଲାବାସୀ ଉପେକ୍ଷିତ

**ରାଉରକେଲା ଅଫିସ,୧୬। ୧୦**
ଉତ୍ତର ଓଡ଼ିଶାକୁ ପଶ୍ଚିମ ଓଡିଶାରୁ କୌଣସି ସିଧାସଳଖ ରେଳ ସେବା ଆଜି ପର୍ଯ୍ୟନ୍ତ ହୋଇପାରିନି। ରାଉରକେଲାରୁ ଉତ୍ତର ଓଡିଶାକୁ ସିଧାସଳଖ ରେଳ ଚଳାଚଳ ପାଇଁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଛି। ଏ ନେଇ ଉତ୍ତର ଓଡିଶା ରେଳ ସମନ୍ୱୟ ସମିତି ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଦାବି କରାଯାଇଛି। ପ୍ରତିବଦଳରେ କେବଳ ପ୍ରତିଶ୍ରୁତି ଓ ଆଶ୍ୱାସନା ମିଳିଛି। ହେଲେ ଫଳ ଶୂନ। ଏଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟରୁ ଉତ୍ତର ଓଡ଼ିଶାକୁ ପଶ୍ଚିମ ଓଡିଶାରୁ ସିଧାସଳଖ ଏକ ଟ୍ରେନ୍ ଚାଲୁ କରିବା ଜରୁରି ବୋଲି ଉତ୍ତର ଓଡିଶା ରେଳ ସମନ୍ୱୟ ସମିତି ଦାବି କରିଛି।

# ସ୍ମାର୍ଟ ସିଟିରେ ଟ୍ରାଫିକ ସମସ୍ୟା

## ■ ଏସ୍‌ଟିଆଇ ଓ ବାସନ୍ତୀ ଫ୍ଲାଏ ଓଭର ବ୍ରିଜରେ ବିପଦସଙ୍କୁଳ ଯାତ୍ରା

**ରାଉରକେଲା ଅଫିସ, ୧୬।୧୦**

ସ୍ମାର୍ଟ ସିଟି ରାଉରକେଲାରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସହରର ଗୋଟିଏ ଦୁଇଟି ସ୍ଥାନକୁ ଛାଡ଼ି ଦେଲେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଟ୍ରାଫିକ ସମସ୍ୟା ଉତ୍କଟ ହୋଇଛି। ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ତଥା ଚାଳକମାନଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏହି ସମସ୍ୟା ଦିନକୁଦିନ ଗୁରୁତର ହେବାରେ ଲାଗିଛି। ରାଉରକେଲାବାସୀଙ୍କ ଦୀର୍ଘ ଦିନର ଦାବି ପରେ ସହରରେ ଗୋଟିଏ ପରେ ଗୋଟିଏ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨ଟି ଫ୍ଲାଏଓଭର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଉ ଗୋଟିଏ ଫ୍ଲାଏଓଭର କୌଣସି କାରଣବଶତଃ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେବେ ଏସ୍‌ଟିଆଇ ଓ ବାସନ୍ତୀ କଲୋନୀ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ଫଳରେ ଲୋକଙ୍କୁ ଆଉ ରେଳଫାଟକ ଖୋଲିବା ପାଇଁ ଅପେକ୍ଷା କରିବାକୁ ପଡୁନାହିଁ। କିନ୍ତୁ ଫ୍ଲାଏ ଓଭର ବ୍ରିଜ୍‌ରେ ଯାତାୟାତ ବେଳେ ଗାଡ଼ିଚାଳକମାନେ ନିଜ ମନମୁତାବକ ଗାଡି ଚଳାଉ ଥିବାରୁ ବିପଦ ସୃଷ୍ଟି ହେଉଛି। କହିବାକୁ ଗଲେ ଏଠାରେ ଟ୍ରାଫିକ ନିୟମ ପାଳନ ହେଉନାହିଁ। ଯାହାଫଳରେ ଏହି



ଏସ୍‌ଟିଆଇ ଫ୍ଲାଏ ଓଭର ବ୍ରିଜ୍ ନିକଟରେ ଗାଡ଼ି, ବାଇକ୍ ଯାଉଛି।

ରାସ୍ତାରେ ଯିବାଆସିବା ଦ୍ୱାରା ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି। ଏସ୍‌ଟିଆଇ ଫ୍ଲାଏଓଭର କାର୍ଯ୍ୟକ୍ଷମ ହେବା ପରେ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ଏସଟିଆଇ ଛକ ସହରର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏଠାରେ ରାଉରକେଲା ସରକାରୀ ଡାକ୍ତରଖାନା, ହାଇଟେକ ମେଡିକାଲ କଲେଜ ସମେତ ବିଭିନ୍ନ କ୍ଲିନିକ ଓ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଫଳରେ ଏହି ରାସ୍ତା ସବୁବେଳେ ଜନଗହଳିପୂର୍ଣ୍ଣ ରହିଥାଏ। ଏସ୍‌ଟିଆଇ ଫ୍ଲାଏଓଭର ନିର୍ମାଣ ପରେ ରିଂରୋଡ, ଏସ୍‌ଟିଆଇ, ସିଭିଲ ଟାଉନଶିପ ପ୍ରଭୃତି ଅଞ୍ଚଳର ଲୋକେ ସୁବିଧାରେ ଯାତାୟାତ କରିପାରୁଛନ୍ତି। ହେଲେ ଏହି ସୁବିଧା କେତେବେଳେ ଯେ କାହା ପାଇଁ ବିପଦ ସୃଷ୍ଟି କରିବ ତାହା କହିହେବନାହିଁ। ଏହି କ୍ରମରେ ହାଇଟେକ୍ ମେଡିକାଲ କଲେଜ ରାସ୍ତାରୁ ଏସ୍‌ଟିଆଇ ଆଡକୁ ବିଶେଷକରି ଆର୍‌ଜିଏଚ୍‌କୁ ଯାତାୟାତ କରିବା ପାଇଁ ବାମପାର୍ଶ୍ୱରେ ସର୍ଭିସ ରୋଡ ରହିଥିଲେ ମଧ୍ୟ ଲୋକେ ମନଇଚ୍ଛା ଡାହାଣ ପଟେ ଯିବାଆସିବା କରୁଛନ୍ତି। ସେହିପରି ଏସ୍‌ଟିଆଇରୁ ଫ୍ଲାଏଓଭରକୁ ଉଠିବା ପାଇଁ ଆର୍‌ଜିଏଚ୍ ସମ୍ମୁଖ ଦେଇ ସର୍ଭିସ ରୋଡରେ ଆସି ଗୋଲେଇ ହୋଇ ଯିବାକୁ ଟ୍ରାଫିକ ନିୟମ ରହିଥିଲେ ମଧ୍ୟ ଏହାକୁ କେହି ପାଳନ କରୁ ନ ଥିବା ଦେଖାଯାଉଛି। ଏସ୍‌ଟିଆଇ ଛକ ଏବଂ ଆମ୍ବେଡକର ଛକରେ ପୋଲିସ ବିଭାଗ ପକ୍ଷରୁ କନଷ୍ଟେବଲ ଓ ହୋମଗାର୍ଡ ମୃତୟନ କରାଯାଉଥିଲେ ମଧ୍ୟ ସେମାନେ ଏହି ଟ୍ରାଫିକ ସମସ୍ୟା ପ୍ରତି ଆଖି ବୁଜିଦେଇଛନ୍ତି। ଅନୁରୂପ ଭାବେ ଫ୍ଲାଏଓଭରରୁ ଓହ୍ଲାଇବା ଓ ଉଠୁଥିବା ଗାଡିଗୁଡ଼ିକ ମୁହାମୁହିଁ ହେଉଛନ୍ତି। ଏହାଦ୍ୱାରା କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଟ୍ରାଫିକ ନିୟମ ଅନୁସାରେ ଲୋକଙ୍କ ଯାତାୟାତ ପାଇଁ ଫ୍ଲାଏ ଓଭର ନିକଟରେ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ସୂଚିତ କରାଯାଇନାହିଁ। ଏହାସହ ଟ୍ରାଫିକ ବିଭାଗ ପକ୍ଷରୁ ବିଶୃଙ୍ଖଳିତ ଯାତାୟାତକୁ ନିୟନ୍ତ୍ରଣ କରିବା ପାଇଁ ଫ୍ଲାଏଓଭର ନିକଟରେ କୌଣସି କର୍ମଚାରୀ ମୃତୟନ କରାଯାଉନାହିଁ। ତେଣୁ ଏଠାରେ ବିଭିନ୍ନ ସମୟରେ ଶୃଙ୍ଖଳିତ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟା କେବଳ ଏସ୍‌ଟିଆଇ ନୁହେଁ, ବରଂ ବାସନ୍ତୀ ଫ୍ଲାଏଓଭର ବ୍ରିଜ୍‌ସ୍ଥିତ ଆମ୍ବେଡକର ଛକରେ ମଧ୍ୟ ଦେଖିବାକୁ ମିଳିଛି। ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# ୩ ଶହ ମହିଳା କୋଏଲ ନଦୀରେ ବୋଇତ ବନ୍ଦାଇବେ



ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

**ରାଉରକେଲା ଅଫିସ, ୧୬। ୧୦**

**ନଭେମ୍ବର ୧୧ରେ ସେକ୍ଟର- ୨ ଦୁର୍ଗା ପୂଜା ପଡ଼ିଆରେ ବୋଇତ ବନ୍ଦାଣ ଉତ୍ସବ**

ନଭେମ୍ବର ୧୧ ସନ୍ଧ୍ୟା ୬ଟାରେ ସେକ୍ଟର– ୨ ଦୁର୍ଗାପୂଜା ପଡିଆରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ୩ଶହ ମହିଳା କୋଏଲ ନଦୀରେ ବୋଇତ ବନ୍ଦାଇବେ। ଅନ୍ୟପକ୍ଷେ ବିଭିନ୍ନ ସ୍ଥାନରୁ କଳାକାରମାନେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ସେକ୍ଟର– ୨ କମ୍ୟୁନିଟି ସେଣ୍ଟରଠାରେ ବୁଧବାର ସନ୍ଧ୍ୟାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ତଥା ଖବରଦାତା ସମ୍ମିଳନୀରେ ଆୟୋଜକ ଜୟଦେବ ନଗରସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏଥିରେ ଦେବେନ୍ଦ୍ର ସାମନ୍ତରାୟ, ଶଙ୍କର ଜେନା, ସନ୍ତୋଷ ସ୍ୱାଇଁ, ନୀଳାମ୍ବର ପୁହାଣ, ସୁନୀଲ କାୟଲ, କୁନବିହାରୀ ଦାସ, ରଞ୍ଜନ ବାରିକ, ପ୍ରଦୀପ ମହାକୁଡ, ପ୍ରଭାତ ବାରିକ, ବୀରେନ୍ଦ୍ର ସ୍ୱାଇଁ ଓ ଗଣେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଆସନ୍ତା ୧୯ ଓ ୨୦ରେ ସିଭିକ ସେଣ୍ଟରରେ ହେବାକୁ ଥିବା ହେମନ୍ତ ଉତ୍ସବ ସମାରୋହ ପାଇଁ ସେକ୍ଟର–୨ ଠାରେ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆ ଯାଉଛି।

# ୧୯ରେ ହେମନ୍ତ ଉତ୍ସବ

**ରାଉରକେଲା ଅଫିସ,୧୬। ୧୦**

ଆସନ୍ତା ୧୯ ଓ ୨୦ରେ ସିଭିକ ସେଣ୍ଟରରେ ହେମନ୍ତ ଉତ୍ସବ ସମାରୋହରେ ପାଳନ କରାଯିବ। ଏଥିପାଇଁ ଆର୍ଟ ଅଫ ଲିଭିଂ ଓ ସିଦ୍ଧି ଏକାଡେମି ଅଫ ଆର୍ଟ ପକ୍ଷରୁ ସେକ୍ଟର–୨ଠାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ କର୍ମକର୍ତ୍ତା କହିଛନ୍ତି ଯେ, ଯେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ଯୋଗଦେଇ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ଅବସରରେ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏଥିରେ ଏକାଡେମି ଅଧ୍ୟକ୍ଷ ସୁନୀଲ କାୟଲ, ରଶ୍ମିରଞ୍ଜନ ଦାସ, ପ୍ରଫୁଲ୍ଲ ମଙ୍ଗଳ, ଶୁଭେନ୍ଦୁ ପଟ୍ଟନାୟକ, ରମେଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ସିଂହଭୂମ ସାଂସ୍କୃତିକ ପରିଷଦର ଶୋକସଭା

**ରାଉରକେଲା ଅଫିସ, ୧୬।୧୦:** ସିଂହଭୂମ ସାଂସ୍କୃତିକ ପରିଷଦ ରାଉରକେଲାର କାର୍ଯ୍ୟକାରୀ ସଭାପତି ରବିନ୍ଦ୍ରନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ବରୁଣ ପାଣିଙ୍କ ଅକାଳ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ପାହାଡି ସ୍ୱର୍ଗତ ପାଣିଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପାଣି ଆମେରିକାର ମିସିସିପି ଠାରେ ରହି ମଧ ଓଡିଶା ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ସର୍ବଦା ଚେଷ୍ଟିତ ଥିଲେ। ଅବିଭକ୍ତ ସିଂହଭୂମ ଜିଲାର ଚକ୍ରଧରପୁର ଠାରେ ଜନ୍ମ ହୋଇଥିଲେ ମଧ ତାଙ୍କ କର୍ମଭୂମି ଆମେରିକାରେ ଥିଲା। ସ୍ୱର୍ଗତ ପାଣିଙ୍କ ବିୟୋଗରେ ଜନ୍ମ ଓ କର୍ମ ସ୍ଥାନରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁତ୍ର, କନ୍ୟା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଶୋକସଭାରେ ପରିଷଦର ମୁଖ୍ୟ ପୃଷ୍ଠପୋଷକ ଡା.ପଙ୍କଜ ନନ୍ଦ, ଉପଦେଷ୍ଟା ଜଗନ୍ନାଥ ନାୟକ, ଉପସଭାପତି ଗୁରୁଦତ୍ତ ଶତପଥି, କୁଞ୍ଜବିହାରି ଶତପଥି, ସୁବୋଧ ମିଶ୍ର, ରାମ ବିନୋଦ ମିଶ୍ର, ଧିରେନ ଚନ୍ଦ୍ର କବି, ସନ୍ତୋଷ ନନ୍ଦ, ମୁରଲୀଧର ମିଶ୍ର, ଅଜିତ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଷଦର କୋଷାଧ୍ୟକ୍ଷ ଭାସ୍କର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁର୍ଶିଦାବାଦରେ ହିନ୍ଦୁ ପରିବାରକୁ ହତ୍ୟା ଘଟଣା
# ଦୁର୍ଗାବାହିନୀ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଉରକେଲା ଅଫିସ, ୧୬।୧୦**

ପଶ୍ଚିମବଙ୍ଗରେ ହିନ୍ଦୁଧର୍ମର ଲୋକମାନଙ୍କୁ ବିନା କାରଣରେ ହତ୍ୟା କରାଯାଉଛି। ଯାହାର ସଦ୍ୟତମ ଉଦାହରଣ ପଶ୍ଚିମବଙ୍ଗ ମୁର୍ଶିଦାବାଦରେ ଘଟିଛି। ୧୦ ଅକ୍ଟୋବରରେ ବନ୍ଧୁପ୍ରକାଶ ପାଲ , ତାଙ୍କ ସ୍ତ୍ରୀ ଓ ପୁଅକୁ ନୃଶଂସ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା। ଏହି କ୍ରମରେ ବୁଧବାର ସନ୍ଧ୍ୟାରେ ରାଉରକେଲା ଦୁର୍ଗାବାହିନୀର ମହିଳା ସଦସ୍ୟଙ୍କ ପକ୍ଷରୁ ୭/୧୭ ଛକରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ପୂର୍ବୀ ପାଲ, ବାସନ୍ତୀ ସେଠୀ, ଅନୀତା ସାହୁ, ରେଶମା କୁମ୍ଭାର, ତନୁଶୀ ନାଏକ ପ୍ରମୁଖଙ୍କ ସମେତ ବହୁସଂଖ୍ୟାରେ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ।




କ୍ୟାଣ୍ଡେଲ ଶୋଭାଯାତ୍ରାରେ ଉପସ୍ଥିତ ଦୁର୍ଗାବାହିନୀର ମହିଳା ଓ ଯୁବତୀ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହର ବ୍ୟାଡ୍‌ମିଣ୍ଟନ ଓ ଚେସ୍ ପ୍ରତିଯୋଗିତା

**ରାଉରକେଲା ଅଫିସ, ୧୬।୧୦**

ରାଉରକେଲା ସରକାରୀ ଏନ୍‌ଏସି(ଏସଟି) ଉଚ୍ଚବିଦ୍ୟାଳୟ ସେକ୍ଟର–୨୦ ପ୍ରାଙ୍ଗଣରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହର ବ୍ୟାଡମିଣ୍ଟନ ଓ ଚେସ ପ୍ରତିଯୋଗିତା ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ସିଂ ମାନକୀ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶୁଭକାଂକ୍ଷା ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାହାଡି ଯୋଗଦେଇ ବିଦ୍ୟାଳୟରେ ଅନେକ ଜିଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଆମ ଜିଲାର ପିଲାମାନେ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଆଣନ୍ତୁ ବୋଲି କହିଥିଲେ। ଜିଲା ଶାରିରୀକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଖେଳାଳିମାନଙ୍କୁ ଉଚିତ ପ୍ରଶିକ୍ଷଣ ଦେଇ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ ସହ ଜିଲାକୁ ଏକ ନମ୍ବର କରିବାକୁ ନିବେଦନ କରିଥିଲେ। ଉକ୍ତ ସଭାରେ କ୍ରୀଡ଼ା ଶିକ୍ଷକ ସହଦେବ ସାମଲ, ଅଜୟ ରାଉତ, ଅଶ୍ୱିନୀ ମିଶ୍ର, ନରହରି ପଣ୍ଡା, ନିରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ସଞ୍ଜୟ କେରକେଟା, ଶିକ୍ଷୟିତ୍ରୀ ମୌସୁମୀ ମିତ୍ର, ସୁମିତ୍ରା ବଡାଇକ, ଶକୁନ୍ତଳା ତ୍ରିପାଠୀ, ପଲ୍ଲବିକା ପଟ୍ଟନାୟକ ପ୍ରମୁଖଙ୍କ ସହ କର୍ମଚାରୀ ଶକଦେବ ପଣ୍ଡା, ସାଗର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

# ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳୁନି

## ■ ଆଞ୍ଚଳିକ କେନ୍ଦ୍ରୀୟ ଶ୍ରମ ଅଧିକାରୀଙ୍କୁ ଭେଟିଲେ କଂଗ୍ରେସ କର୍ମକର୍ତ୍ତା

**ରାଉରକେଲା ଅଫିସ,୧୬।୧୦**

ଷ୍ଟିଲ୍‌ସିଟିର ବେକାରଙ୍କୁ ସବୁ କ୍ଷେତ୍ରରେ ଅବହେଳା କରାଯାଉଛି। ବିଶେଷକରି ନିଯୁକ୍ତି କ୍ଷେତ୍ରରେ ଏମାନଙ୍କୁ ଆଦୌ ଅଗ୍ରାଧିକାର ଦିଆଯାଉନି। ସେକ୍ଟର– ୫ରେ ଥିବା ଗୋଲଘର ନିକଟ ଆଞ୍ଚଳିକ କେନ୍ଦ୍ରୀୟ ଶ୍ରମ ଅଧିକାରୀଙ୍କ ନିକଟରେ ରଘୁନାଥପାଲ୍ଲୀ କଂଗ୍ରେସ ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି। ଏନ୍‌ଏସ୍‌ପିସିଏସ୍ ଭଳି ବୃହତ ଶିଳ୍ପାନୁଷ୍ଠାନ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କୁ ଅଣଦେଖା କରି ଆସୁଛି। ପଡୋଶୀ ରାଜ୍ୟରୁ ବହୁ ସଂଖ୍ୟାରେ ଶ୍ରମିକ ଅଣାଯାଇ ଏଠାରେ ନିଯୁକ୍ତି ଦିଆଯାଉଛି। ଏମିତି ଅବସ୍ଥାରେ ସହର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବେକାର ଯୁବକ ଜଳକା ପାଲଟିଛନ୍ତି। ଏହା ଦ୍ୱାରା ଆଞ୍ଚଳିକ ଭେଦଭାବ ସୃଷ୍ଟି କରାଯାଉଛି। ଶିକ୍ଷିତ ବେକାରଙ୍କ ପ୍ରତି ଏକ ପ୍ରକାର ଉପହାସ କରାଯାଉଛି। ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଉଛି। ଶ୍ରମିକଙ୍କୁ କେନ୍ଦ୍ରୀୟ ହାରରେ ବେତନ ଦେବାକୁ କୁହାଯାଇଛି। ତଥାପି ପରିସ୍ଥିତିରେ ସୁଧାର ଆସୁନି। ସ୍ଥାନୀୟ ଆଦିବାସୀଙ୍କ ଜମି ଉପରେ କାରଖାନା ଗଢି ଉଠୁଛି। ହେଲେ କଳ କାରଖାନାରେ ଏମାନଙ୍କୁ ନିଯୁକ୍ତି ମିଳୁ ନାହିଁ। କିନ୍ତୁ ରାଜ୍ୟ ବାହାର ଶ୍ରମିକଙ୍କୁ ଅଗ୍ରାଧିକାର ଦିଆଯାଉଛି। ଏଣୁ ଏମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। କାମ ଧନ୍ଦା ବା ନିଯୁକ୍ତି ଅଭାବରୁ ସ୍ଥାନୀୟ ଯୁବକ ବିପଥଗାମି ହେଉଛନ୍ତି। ମାଓବାଦୀଙ୍କ ଶିବିରରେ ଯୋଗ ଦେଉଛନ୍ତି। ନିଜ ଭବିଷ୍ୟତ ଉଜାଡି କୁପଥରେ ଯାଉଛନ୍ତି। ଏମାନଙ୍କ ନିଯୁକ୍ତି ପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ। ଯେଉଁ କେତେଜଣ ଏଭଳି ସଂସ୍ଥାରେ କାମ କରୁଛନ୍ତି ସେମାନଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ବର୍ଷ ବର୍ଷ ଧରି କାମ କରୁଥିବା ଶ୍ରମିକଙ୍କୁ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରାଯାଉନି। ଅଭିଯୋଗ କଲେ କାମରୁ ବାହାର କରି ଦିଆଯାଉଛି। ଶ୍ରମ ଦପ୍ତର ଓ କର୍ମ ନିୟୋଜନ ସଂସ୍ଥାର ଅଗୋଚରରେ ଏ ସବୁ ଚାଲିଛି। ବାହାର ରାଜ୍ୟର ଶ୍ରମିକ ଆସି ଏଠାରେ କାମ କରୁଛନ୍ତି। ହେଲେ ସେମାନଙ୍କ ସମ୍ପର୍କରେ କାହା ପାଖରେ ତଥ୍ୟ ନାହିଁ । ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଉ। ନ ହେଲେ ସ୍ଥାନୀୟ ବେକାରଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ର ରୂପ ନେବ ବୋଲି ଅଭିଯୋଗ କରି ଦାବି ଉପସ୍ଥାପନ କରାଯାଇଛି। ବରିଷ୍ଠ ଯୁବ ନେତା ପ୍ରଶାନ୍ତ ସେଠିଙ୍କ ନେତୃତ୍ୱରେ ଏକ ପ୍ରତିନିଧିବ ଦଳ ଆଞ୍ଚଳିକ କେନ୍ଦ୍ରୀୟ ଶ୍ରମ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ।



ସ୍ଥାନୀୟ ନିଯୁକ୍ତି ନେଇ ଆଞ୍ଚଳିକ କେନ୍ଦ୍ରୀୟ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେବା ଅବସରରେ କଂଗ୍ରେସ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



**ସଂକ୍ଷେପରେ**

## ଛେଣ୍ଡ ଫେଜ୍-୩ ଅଷ୍ଟପ୍ରହରୀ ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ, ୧୬।୧୦**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଛେଣ୍ଡ ଫେଜ-୩ ରେ ରହୁଥିବା ଲୋକମାନଙ୍କ ଦ୍ୱାରା ଅନୁଷ୍ଠିତ ୧୨ତମ ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗତବର୍ଷର ଆୟବ୍ୟୟର ହିସାବ ଆଲୋଚନା ହୋଇଥିଲା। ଏଥିରେ ନଭେମ୍ବର ୧୧ରେ ଅଧିବାସ, ୧୨ରେ ନାମଯଜ୍ଞ ଓ ୧୩ରେ ନଗର କୀର୍ତ୍ତନ ଅନୁଷ୍ଠିତ ହେବ। ଏହି ଧାର୍ମିକ କାର୍ଯ୍ୟରେ ଅଞ୍ଚଳବାସୀ ତଥା ଅନ୍ୟମାନେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଇଂ ଅଭୟ ଦାସ ଅଧକ୍ଷତା କରିଥିଲେ। ବିରଞ୍ଚି ପାଣିଗ୍ରାହୀ, ରାଧାକାନ୍ତ ପୁରୋହିତ, ଗୌରାଙ୍ଗ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।



କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏସପି ସୌମ୍ୟା ମିଶ୍ରା ତଦନ୍ତ କରୁଛନ୍ତି।

■ ବନ୍ଧୁକ ଦେଖାଇ ୧୧.୩୫ ଲକ୍ଷ ଭଡ଼ାଟଙ୍କା ଲୁଟ୍ ଘଟଣା

## ଘଟଣାସ୍ଥଳରେ ତଦନ୍ତ କଲେ ସୁନ୍ଦରଗଡ଼ ଏସ୍‌ପି

**କୁଆଁରମୁଣ୍ଡା,୧୬।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ମଙ୍ଗଳବାର ସକାଳ ୭ଟା୨୦ରେ ୫ଟି ପଞ୍ଚାୟତର ଭଡ଼ା ବାବଦକୁ ୧୧ଲକ୍ଷ ୩୫ ହଜାର ୬ଶହ ଟଙ୍କା ଥିବା ଏକ ବାକ୍ସକୁ ଲୁଟେରାମାନେ ଲୁଟି ନେଇଥିଲେ। ଘଟଣା ଘଟିବାର ଦିନକ ପରେ ମଧ୍ୟ ପୋଲିସ ଲୁଟେରାମାନଙ୍କର କୌଣସି ସନ୍ଧାନ ପାଇପାରି ନାହିଁ। ଉକ୍ତ ୫ ଜଣ ଲୁଟେରାଙ୍କୁ ଧରିବା ପାଇଁ ଏବେ ସୁନ୍ଦରଗଡ଼ ଏସପି ସୌମ୍ୟା ମିଶ୍ରା ବୁଧବାର କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି। ଏହି ସମୟରେ ଏସ୍‌ପି ମିଶ୍ରା କ୍ୟାଶଭ୍ୟାନର କ୍ୟାଶିୟର, ସୁରକ୍ଷା କର୍ମୀ ଓ ଭ୍ୟାନ ଚାଳକଙ୍କୁ ବିଭିନ୍ନ କଥା ପଚାରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ମାଝି, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ପ୍ରମୁଖ ଉପସ୍ଥିତ ରହି ଏସ୍‌ପି ମିଶ୍ରାଙ୍କୁ ତଦନ୍ତ ପ୍ରକ୍ରିୟାରେ ସହାୟତା କରିଛନ୍ତି। ମାତ୍ର ସକାଳ ସମୟରେ କୁଆଁରମୁଣ୍ଡାର କେନ୍ଦ୍ରସ୍ଥଳ କୁହାଯାଉଥିବା ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ନିକଟରୁ ଲୁଟେରାମାନେ କିଭଳି କ୍ୟାଶଭ୍ୟାନରୁ ଭଡ଼ାଟଙ୍କା ଲୁଟ୍ କରି ଫେରାର୍ ହୋଇଗଲେ ତାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭିନ୍ନ ଭିନ୍ନ ଆଲୋଚନା କରୁଛନ୍ତି। ଏପରିକି ଭଡ଼ାଟଙ୍କା ରାଉରକେଲାରୁ କୁଆଁରମୁଣ୍ଡା ପଞ୍ଚାୟତକୁ ଏକ ନିର୍ଦ୍ଦିଷ୍ଟ ସମୟରେ ଆସୁଥିବା ନେଇ ପୂର୍ବରୁ ଲୁଟେରାମାନେ ଜାଣିଥିବା ନେଇ ମଧ୍ୟ ସାଧାରଣରେ ଆଲୋଚନା ଜୋର ଧରିଛି। ତେବେ ଲୁଟେରାମାନଙ୍କୁ ଧରିବାରେ ପୋଲିସ କେବେ ସଫଳ ହେଉଛି ତାହା ଦେଖିବାକୁ ସ୍ଥାନୀୟ ଅଞ୍ଚଳବାସୀ ଚାହିଁ ରହିଛନ୍ତି।

## ଏଏମ୍‌ଏସ୍ ପକ୍ଷରୁ ସେଲ୍ କର୍ମଚାରୀଙ୍କ ବେତନ ବୃଦ୍ଧି ନେଇ ଇସ୍ପାତ ମନ୍ତ୍ରୀଙ୍କୁ ଦାବିପତ୍ର

**ରାଉରକେଲା ଅଫିସ, ୧୬।୧୦**

ନୂତନ ବେତନ ଚୁକ୍ତିନାମା ବାବଦରେ ସେଲ କର୍ତ୍ତୃପକ୍ଷ କର୍ମଚାରୀଙ୍କ ବେତନରେ ଯାହା ବୃଦ୍ଧି କରିବାକୁ ଚାହୁଁଛନ୍ତି ତାହା ଶୀଘ୍ର କରନ୍ତୁ ବୋଲି ରାଉରକେଲା ବାସନ୍ତୀ କଲୋନୀ ଠାରେ ଥିବା ଆମ୍ ମଜଦୁର ସଙ୍ଗଠନ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି। ଏହାସହ ସଙ୍ଗଠନ ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ଓ ସେଲ ଅଧକ୍ଷ ଅନୀଲ ଚୌଧୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏପରିକି ଏ ବାବଦରେ ସଂସଦରେ ପ୍ରଶ୍ନ ଉଠାଇବା ପାଇଁ ୟୁନିୟନ ତରଫରୁ ଆମ ଆଦମୀ ପାର୍ଟିର ନେତା, ରାଜ୍ୟ ସଭା ସଦସ୍ୟ ତଥା ଇସ୍ପାତ ଓ ଖଣି ବିଭାଗ ପାଇଁ ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ସଦସ୍ୟ ସଞ୍ଜୟ ସିଂଙ୍କୁ ଅନୁରୋଧ କରାଯାଇଛି। ସେପ୍ଟେମ୍ବର ୨୯ ତାରିଖ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଉରକେଲା ଗସ୍ତ ସମୟରେ ସଙ୍ଗଠନର ସାଧାରଣ ସମ୍ପାଦକ ବିନୟ ତିୱାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ତେବେ କେନ୍ଦ୍ରମନ୍ତ୍ରୀ ଏହି ବିଷୟକୁ ଗୁରୁତ୍ୱ ଦେଇନଥିବାରୁ ସଙ୍ଗଠନ ତରଫରୁ ଅନୁଷ୍ଠିତ ଏକ ଜରୁରି ବୈଠକରେ ଆସନ୍ତା ସଂସଦୀୟ ଅଧିବେସନରେ ପ୍ରଶ୍ନ ଉଠାଇବା ସହିତ ହାଇକୋର୍ଟରେ କେସ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କୁହାଯାଇଛି। ସେଲ କର୍ମଚାରୀଙ୍କ ବେତନ ଚୁକ୍ତିନାମା ଗତ ଜାନୁଆରୀ ୨୦୧୭ରୁ ଲାଗୁ ହୋଇନି। ଏନଜେସିଏସ ବୈଠକରେ ଭାଗ ନେଉଥିବା ୟୁନିୟନର ନେତୃତ୍ୱ ଓ ସେଲ କର୍ତ୍ତୃପକ୍ଷଙ୍କ ଭିତିରି ବୁଝାମଣା ଯୋଗୁ ଶ୍ରମିକ କର୍ମଚାରୀ ମାନଙ୍କ ନୂତନ ବେତନ ଚୁକ୍ତିନାମା ହୋଇପାରୁନାହିଁ। ତେଣୁ ଆମ ମଜଦୁର ସଙ୍ଗଠନ ତରଫରୁ ସେଲ କର୍ତ୍ତୃପକ୍ଷ ଯେଉଁ ପ୍ରସ୍ତାବ ଦେଉଛନ୍ତି ସେହି ଅନୁସାରେ କେନ୍ଦ୍ର ସରକାର ଜାନୁଆରୀ ୨୦୧୭ରୁ ନୂତନ ବେତନ ବୃଦ୍ଧି କରିବା ସହ ଏରିଅର ପ୍ରଦାନ କରାଯିବାକୁ ଦାବି କରାଯାଇଛି। ନୂତନ ବେତନ ଚୁକ୍ତିନାମାରେ ହେଉଥିବା ବିଳମ୍ବ ଯୋଗୁ କର୍ମଚାରୀ ମାନଙ୍କ ବର୍ଦ୍ଧିତ ଦରମା ଉପରେ ପିଏଫ ଜମା ହେଉନାହିଁ। ଫଳରେ ଶ୍ରମିକ କର୍ମଚାରୀମାନେ ଆର୍ଥିକ କ୍ଷତି ସହିବେ। ଅନୁଷ୍ଠିତ ବୈଠକରେ ସଙ୍ଗଠନର ସଭାପତି ଭରତ ଚନ୍ଦ୍ର ବାଇ, ବାସିଲ ଏକ୍କା, ନବୀନ ବାଙ୍କରା, ଲମ୍ବୋଦର ମହାନ୍ତ, ସଞ୍ଜିବ ଖାଲକୋ, ରତିକାନ୍ତ ମାଝୀ,ସଞ୍ଜୟ ପାତ୍ର, ମାର୍ଟିନ ଏକ୍କା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୧୧୧ ୟୁନିଟ ରକ୍ତ ସଂଗ୍ରହ

**ସୁନ୍ଦରଗଡ଼, ୧୬।୧୦ (ଡି.ଏନ୍.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୪ତମ ଜନ୍ମଦିବସ ଅବସରରେ ସ୍ଥାନୀୟ ବିଜୁ ଜନତା ଦଳ (ବିଜେଡ଼ି) ତରଫରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଓ ଡାକ୍ତରଖାନାରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ଜିଲା ରେଡକ୍ରସ ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଜନତା ଦଳ କର୍ମୀମାନେ ୧୧୧ୟୁନିଟ ରକ୍ତଦାନ କରିଥିଲେ।



ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ କରାଯାଉଛି।

ବିଜେଡି ନେତ୍ରୀ ସୁନିତା ବିଶ୍ୱାଳ ଓ ବରିଷ୍ଠ ନେତାମାନେ ଏହି ଜୀବନବିନ୍ଦୁ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ହରଜେନ୍ଦ୍ର ସିଂ, ଜୟନାରାୟଣ ତ୍ରିପାଠୀ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ଆଡଭୋକେଟ ଅଶୋକ ସ୍ୱାଇଁ, ସୁରେନ୍ଦ୍ର ଭିତ୍ରିଆ, ଗୋବିନ୍ଦ ପଟେଲ, ପଞ୍ଚା ବାର୍ଲା, କାର୍ତ୍ତିକ ରକ୍ସା, ଶାହବାଜ୍ ହୁସେନ, ସୁନୀଲ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଡିଆର୍‌ଏମ୍‌ଙ୍କୁ ୯ଦଫା ଦାବିପତ୍ର ପ୍ରଦାନ

**ରାଉରକେଲା ଅଫିସ, ୧୬।୧୦**

ବିଏମ୍‌ଏସ୍ ଓ ଜି.ଇଏନସିର ଆହ୍ୱାନକ୍ରମେ ଭାରତୀୟ ରେଳ ମଜଦୁର ସଂଘ ରାଉରକେଲା କାର୍ଯ୍ୟାଳୟରେ ସଂଘର କେନ୍ଦ୍ରୀୟ ଉପାଧକ୍ଷ ସୁଭାଷ ଲେଙ୍କାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଆରଏମଏସ ଦ୍ୱାରା ପ୍ରସ୍ତୁତ ୯ଦଫା ଦାବିପତ୍ର ଚକ୍ରଧରପୁର ଡିଆର୍‌ଏମ୍‌ଙ୍କୁ ପ୍ରଦାନ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହି ଦାବିକୁ ବିଆରଏମଏସର ସେକ୍ରେଟାରୀ ଜେନେରାଲ ଅଶୋକ ଶୁକ୍ଳା, ଡିପିଆରଏମଏସର ମହାମନ୍ତ୍ରୀ ପବନ କୁମାର, ଅଧକ୍ଷ ପ୍ରହ୍ଲାଦ ସିଂ, ଚକ୍ରଧରପୁର ମଣ୍ଡଳ ସଂଯୋଜକ ଏ.କେ.ଝା, ଏସ. କେ. ସୂତାର, ରାଜା ରାଓ, ଭୀମସେନ ପାଣ୍ଡେ ପ୍ରମୁଖ ସମର୍ଥନ କରିଥିଲେ। ଏହାସହ ଗତ ୧୪ ତାରିଖ ଦିଲ୍ଲୀଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ସମାଧିସ୍ଥଳରେ ବିଆରଏମଏସର ୧୦ରୁ ୧୧ ହଜାର କର୍ମଚାରୀ ଅନୁଷ୍ଠିତ ବିକ୍ଷୋଭ ହଡତାଳରେ ସାମିଲ ହୋଇଥିଲେ। ଏଥିରେ ଡିପିଆରଏମଏସର ସୁଭାଷ ଲେଙ୍କା ଏହି ହଡତାଳକୁ ସମର୍ଥନ କରିଥିଲେ। ପ୍ରଦାନ କରାଯାଇଥିବା ଦାବିପତ୍ରରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଦୁର୍ନିତୀମୁକ୍ତ କରିବା, ବେକାରୀ ସମସ୍ୟାକୁ ତୁରନ୍ତ ଦୂର କରିବା, ନୂତନ ପେନସନ ସ୍କିମ ବନ୍ଦ କରି ପୁରୁଣା ସ୍କିମ ଲାଗୁ କରିବା, ରେଳୱେ ଓ ପାର୍ସଲ ବିଭାଗର ଘରୋଇକରଣ ବନ୍ଦ କରିବା, କେନ୍ଦ୍ର, ରାଜ୍ୟ ଓ ସ୍ୱୟଂଶାସିତ ବିଭାଗରେ ଠିକାଦାରୀ, ଆଉଟସୋର୍ସିଂପ୍ରଥାସମ୍ପୂର୍ଣ୍ଣ ବନ୍ଦ କରିବା ସହ ଅଭିଜ୍ଞତା ସମ୍ପନ୍ନ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଇତ୍ୟାଦି ୯ ଦଫା ଦାବି ପ୍ରଦାନ କରାଯାଇଛି।


# Directorate of Mines
# Steel & Mines Department
# Government of Odisha

**Email: directormines1@orissaminerals.gov.in**

**Date: October 14, 2019**

**Notice Inviting Tender**

**"Invitation of bids for grant of Mining Lease for Iron Ore and Manganese Minerals"**

**No.16-G:-** In exercise of the powers conferred by Section 10 (B) of the Mines and Minerals (Development and Regulation) Act, I957 and in accordance with the Mineral (Auction) Rules, 2015 as amended from time to time notified thereunder, the Government of Odisha has identified 10 (ten) Minerals Blocks [5 (Five) blocks of Iron Ore, 3 (Three) blocks of Iron Ore and Manganese and 2 (Two) blocks of Manganese] for electronic auction and hereby invites tenders for the purposes of grant of Mining Lease.

Accordingly, financial bids are invited in digital format only and technical bids are invited both in digital and physical format from eligible bidders.

Eligibility conditions, date and time for participating in the electronic auction are provided in the Tender Document. Detailed Tender Documents alongwith timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited **(https://www.mstcecommerce.com/auctionhome/mlcl/index.jsp).**

Last date for purchase of Tender Document after payment of a tender fee on website of e-auction platform provider is Friday, November 22, 2019 and the last date for submission of the bid is Thursday, November 28, 2019 on or before 12.00 Noon (IST).

**List of Mineral Blocks for Auction**

| Sl. No. | Block Name | Mineral | Type of Concession | Tender Fee (In. Rs) |
|---|---|---|---|---|
| 1 | Gorumahisani Iron Ore Block | Iron Ore | Mining Lease | 5,00,000 |
| 2 | Badampahar Iron Ore Block | Iron Ore | Mining Lease | 5,00,000 |
| 3 | Jajang Iron Ore Block | Iron Ore | Mining Lease | 5,00,000 |
| 4 | Nadidih Iron Ore Block (BICO) | Iron Ore | Mining Lease | 5,00,000 |
| 5 | Balda Iron Ore Block | Iron Ore | Mining Lease | 5,00,000 |
| 6 | Katasahi Manganese Block | Manganese | Mining Lease | 5,00,000 |
| 7 | Kanther-Koira Manganese Block | Manganese | Mining Lease | 5,00,000 |
| 8 | Nadidih Iron Ore & Manganese Block (FEEGRADE) | Iron Ore & Manganese | Mining Lease | 5,00,000 |
| 9 | Teherai Iron Ore & Manganese Block | Iron Ore & Manganese | Mining Lease | 5,00,000 |
| 10 | Kolmong Iron Ore and Manganese Block | Iron Ore | Mining Lease | 5,00,000 |

**Sd./-Director of Mines,**
**Odisha, Bhubaneswar**

**30004/11/0008/1920**


## କ୍ରାନ୍ତିବୀର ବାଜି ରାଉତଙ୍କ ଶହୀଦ ଦିବସ ପାଳନ ସହ ଚାରାରୋପଣ

**ବେଦବ୍ୟାସ, ୧୬।୧୦ (ଡି.ଏନ.ଏ):** ବେଦବ୍ୟାସ ଶହୀଦ ସ୍ମୃତି କମିଟି ପକ୍ଷରୁ କ୍ରାନ୍ତିବୀର ବାଜି ରାଉତଙ୍କ ଶହୀଦ ଦିବସ ପାଳନ ସହ ଏହି ଅବସରରେ ବେଦବ୍ୟାସ ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସ୍ୱାମୀ ରାମାନନ୍ଦ ବାବା ଯୋଗଦେଇ ବାଜି ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ଫୁଲ ଚାରା ରୋପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବେଦବ୍ୟାସ ଶହୀଦ ସ୍ମୃତି କମିଟିର ସଭାପତି ତଥା ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ଜେନା ଯୋଗଦେଇ କ୍ରାନ୍ତିବୀର ବାଜି ରାଉତଙ୍କ ଐତିହ୍ୟ ଜୀବନୀ ଉପରେ ଆଲୋକପାତ କରିବା ସହ ଏକ ଚାରା ରୋପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପଣ୍ଡିତ ସଚିଦାନନ୍ଦ ମିଶ୍ର ଯୋଗଦେଇ ବେଦପାଠ ସହ ବାଜି ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ କ୍ରାନ୍ତିବୀର ବାଜି ରାଉତଙ୍କ ଅବଦାନ ଦେଶ ଓ ରାଜ୍ୟ ପାଇଁ ଅତୁଳନୀୟ। ଏଣୁ ଯୁବ ସମାଜ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି କହିଥିଲେ। ଏହି ଅବସରରେ ସ୍ମୃତି କମିଟିର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ବେଦବ୍ୟାସ ଅଞ୍ଚଳର କୁମାରୀ ସୋନୁ ଧନ୍ୟବାଦ ଅର୍ପଣ କରିଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପ୍ରାୟ ୨୧ଟି ବିଭିନ୍ନ ଚାରା ରୋପଣ କରାଯାଇଥିଲା।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-MBJ-0015-2019/ 15249** **R&DM, dated 28 MAY 2019**

**No.XXI-48:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାଟୁଣୀ ମାଇନର ଓ ଶଶା ସବ-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ଶଶା,** ଥାନା- ମୋରଡ଼ା ନଂ.୧୪୦, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୯.୬୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)**ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାଟୁଣୀ ମାଇନର ଓ ଶଶା ସବ-ମାଇନର ନିର୍ମାଣ ନିମନ୍ତେ।
୨- **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ଜମିରା କେନାଲ ଡିଭିଜନ, ମୋରଡ଼ା, **ମୟୂରଭଞ୍ଜ।**
୩- **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪- **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବାରିପଦା।
୬- **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଶଶା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୧.୫୭ | ଏ. ୯.୬୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ, ଅଧିକାରୀ ନଂ-୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୪୮/୨୦୧୮
ଏ.୯.୬୭ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାଟୁଣି ମାଇନର ଓ ଶଶା ସବ-ମାଇନର ନିମନ୍ତେ**
**ମୌଜା-ଶଶା, ଥାନା-ମୋରଡ଼ା, ନଂ-୧୪୦, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯ | ୮୬୪ | ୦.୩୩ | ୦.୨୩ | ଡାହି ଦୁଇ | କନ୍ଦା ମାଝୀ, ମକରା ମାଝୀ, ପି: ଟୁପା ମାଝୀ, ନିମାଇଁ ମାଝୀ, ପି: କେଶର ମାଝୀ, ସୁକୁଲ ମାଝୀ, ସିଦ ମାଝୀ, ଟୁପା ମାଝୀ, ପି: ନିମାଇଁ ମାଝୀ, ଠୁମ୍ପୁ ମାଝୀ, ପି: ହିନ୍ଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୬୮ | ୦.୫୭ | ୦.୧୨ | ଡାହି ଦୁଇ | |
| | ୮୭୦ | ୦.୭୫ | ୦.୦୯ | ଡାହି ଦୁଇ | |
| ୧୧ | ୬୯୯ | ୨.୨୨ | ୧.୦୮ | ଡାହି ଦୁଇ | କାରୁ ମାଝୀ, ପି: ଛୋଟରାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୫ | ୭୭୯ | ୦.୮୭ | ୦.୪୪ | ଡାହି ଦୁଇ | ଚାନ୍ଦରାଏ ମାଝୀ, କିଶୁନ ମାଝୀ, ପି: ଭାଗୀରଥି ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୬ | ୮୩୦ | ୨.୪୯ | ୦.୦୩ | ଡାହି ଏକ | ଚାନ୍ଦରାୟ ମାଝୀ, ଲୁସ୍କୁ ମାଝୀ, ପି: ମାଟିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୮ | ୧.୨୬ | ୦.୨୪ | ଡାହି ଦୁଇ | |
| ୨୭ | ୮୨୮ | ୦.୬୨ | ୦.୩୨ | ଡାହି ଦୁଇ | ଚାନ୍ଦା ମାଝୀ, ପି: କାନ୍ଦା ମାଝୀ, ଲସ ମାଝୀ, ପି: ପାରାଭ ମାଝୀ, ଲୁସକୁ ମାଝୀ, ପି: ତୁମୁକା ମାଝୀ, ମଙ୍ଗଲା ମାଝୀ, କାରୁ ମାଝୀ, ପି: ପ୍ରଧାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୦ | ୦.୫୯ | ୦.୪୦ | ଡାହି ଦୁଇ | |
| ୩୦ | ୬୮୧ | ୧.୪୦ | ୦.୨୦ | ଡାହି ଦୁଇ | ଛୋଟା ମାଝୀ, ଠୁମ୍ପୁ ମାଝୀ, ପି: ଚନ୍ଦ୍ରାଏ ମାଝୀ, ନେଢା ମାଝୀ, ମନୁଆ ମାଝୀ, ପି: ଛୋଟରାଏ ମାଝୀ, କଙ୍କା ମାଝୀ, ଚେର ମାଝୀ, ପି: ରାମ ମାଝୀ, କୁଆଁର ମାଝୀ, ପି: ଉଦୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୩ | ୮୬୧ | ୦.୩୬ | ୦.୦୯ | ଘରବାରୀ ବାରି | ଟୁକୁରୁ ମାଝୀ, ଗୁଜା ମାଝୀ, ପି: ଝର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୬୩ | ୦.୬୨ | ୦.୨୦ | ଡାହି ଦୁଇ | |
| | ୮୬୪ | ୦.୬୨ | ୦.୦୭ | ଡାହି ଦୁଇ | |
| ୩୬ | ୮୬୨ | ୦.୫୪ | ୦.୨୪ | ଘରବାରୀ ଘର | ଠୁମ୍ପୁ ମାଝୀ, ପି: ହିନ୍ଦୁ ମା ଝୀ, କନ୍ଦା ମାଝୀ, ଲବ ମାଝୀ, ପି: ଟୁପା ମାଝୀ, ନିମାଇଁ ମାଝୀ, ପି: କେଶର ମାଝୀ, ସୁକୁଲ ମାଝୀ, ବଡ଼ା ମାଝୀ, ଟୁପା ମାଝୀ, ପି: ନିମାଇଁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୯ | ୭୦୧ | ୨.୫୯ | ୦.୫୦ | ଡାହି ଏକ | ଡମାନ ମାଝୀ, ପି: ଅନନ୍ତ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୪ | ୮୬୬ | ୧.୬୮ | ୦.୩୪ | ଡାହି ଦୁଇ | ଥୁବୁଡୁ ମାଝୀ, ପି: ବଳିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୫ | ୬୮୯ | ୦.୮୫ | ୦.୧୮ | ଡାହି ଦୁଇ | ଥୁବୁଡୁ ମାଝୀ, ପି: ବଳିଆ ମାଝୀ, ଦରଗା ଚରଣ ମାଝୀ, ପି: ଭାଇଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୬ | ୬୮୬ | ୦.୪୮ | ୦.୦୮ | ଡାହି ଦୁଇ | ଥେଙ୍ଗ୍ରା ମାଝୀ, ପି: ରାଗୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୭ | ୬୮୧ | ୦.୫୭ | ୦.୦୬ | ଡାହି ଦୁଇ | ଦରଗା ମାଝୀ, ପି: ବୁଧୁରାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୨୭ | ୦.୯୩ | ୦.୨୯ | ଡାହି ଦୁଇ | |
| ୫୮ | ୮୧୨ | ୦.୬୨ | ୦.୨୦ | ଶାରଦ ଦୁଇ | ଦୁଲା ମାଝୀ, ଦାସ ମାଝୀ, ପି: ପିରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୨୫ | ୧.୧୫ | ୦.୧୬ | ଶାରଦ ଦୁଇ | |
| | ୮୦୯ | ୦.୭୫ | ୦.୩୦ | ଘରବାରୀ ଘର | |
| | ୮୧୧ | ୦.୧୯ | ୦.୦୮ | ମାହାରା | |
| ୫୯ | ୮୨୬ | ୧.୦୦ | ୦.୨୦ | ଶାରଦ ଦୁଇ | ଦୁଲା ମାଝୀ, ଦାସ ମାଝୀ, ପି: ପିରୁ ମାଝୀ, ପିରୁ ମାଝୀ, କାଲା ମାଝୀ, ପି: ଲେଟୁକୁ ମାଝୀ, ଭୁଟା ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୩ | ୬୯୮ | ୩.୮୪ | ୦.୫୩ | ଘରବାରୀ ଘର ଓ ବାରୀ | ଦୁଲା ମାଝୀ, ପି: ବଡାଣ ମାଝୀ, ବସେନ ମାଝୀ, ସାନ ବୁଡ଼ାଣ ମାଝୀ, ପି: ଭଞ୍ଜ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୧ | ୭୭୮ | ୧.୪୩ | ୦.୦୫ | ଡାହି ଦୁଇ | ନାରଣ ମାଝୀ, ପି: ବାରଷା ମାଝୀ, ଜା: ସାନ୍ତାଳ, ବା: ବାହାଗଡ଼ିଆ |
| ୯୦ | ୬୮୭ | ୦.୬୭ | ୦.୦୨ | ଘରବାରୀ ଘର ଓ ବାରୀ | ବିରା ମୁର୍ମୁ, ଶଂରାୟ ମୁର୍ମୁ, ସୁଗଦା ମୁର୍ମୁ, ନାଛି ମୁର୍ମୁ, ପି: ବୁଡ଼ା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୮୫ | ୧.୦୩ | ୦.୬୦ | ଡାହି ଦୁଇ | |
| ୯୧ | ୮୩୨ | ୧.୮୧ | ୦.୪୬ | ଡାହି ଏକ | ଭରତ ମାଝୀ, ପି: ଖାଣ୍ଡ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦୫ | ୮୩୧ | ୧.୫୩ | ୦.୨୫ | ଡାହି ଏକ | ମାଧୁ ମାଝୀ, ପି: ମହନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨୬ | ୫୪୩ | ୦.୪୫ | ୦.୧୪ | ଶାରଦ ଦୁଇ | ସମ୍ବାରୀ ମାଝୀ, ପି: ବାଲିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୪ | ୫୪୭ | ୦.୪୪ | ୦.୨୮ | ଘରବାରୀ ବାରି | ଶାଙ୍ଗ ମାଝୀ, ପି: ଦୁଃଖିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୩ | ୮୬୫ | ୦.୪୯ | ୦.୧୩ | ଡାହି ଦୁଇ | ବାଘରାଏ ମାର୍ଣ୍ଡି, ପି: ମେଘରାଏ ମାର୍ଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୭ | ୫୫୧ | ୧.୧୬ | ୦.୩୬ | ଘରବାରୀ ଘର | ସୁରାଏ ମାଝୀ, ସାନ ଗୋପି ମାଝୀ, ପି: ମେଘରାଏ ମାଝୀ, ଗୋପିଆ ମାଝୀ, ପି: ସୁରାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୪୯ | ୫୪୯ | ୦.୫୩ | ୦.୧୮ | ଘରବାରୀ ବାରୀ | ଜବା ମାଝୀ, ସ୍ୱା: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୫୭ | ୮୨୯ | ୧.୯୦ | ୦.୩୬ | ଡାହି ଦୁଇ | ସାଗରାମ ହାଁସଦା, ରାମଦାସ ହାଁସଦା, କହ୍ନେଇ ହାଁସଦା, ଭୀମ ହାଁସଦା, ପି: ଦୁର୍ଗା ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୧୪୮/୬୮ | ୬୮୩ | ୧.୮୩ | ୦.୧୬ | ଡାହି ଦୁଇ | ରାବଣ ମାଝୀ, ହେମନ୍ତ ମାଝୀ, ଭଗାନ ମାଝୀ, ପି: ଡମାନ ମାଝୀ, ବିଜ ମାଝୀ, ସ୍ୱା: ଡମାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୩୮ ପ୍ଲଟ୍ | ଏ.୪୧.୫୭ ଡେ.ମି. | ଏ.୯.୬୭ ଡେ.ମି. | | |

**24001/14/0218/1920**



ଭଗବାନଙ୍କୁ ନିଜଠାରୁ ଆପଣାର ବୋଲି ଜାଣି ଯିଏ ତାଙ୍କ ପାଇଁ ଜୀବନର ସମସ୍ତ ସୁଖ, ଭୋଗ, ବାସନା ତ୍ୟାଗ କରିଛି, ସେ ତାଙ୍କର ଅତି ନିକଟତର ହୋଇଛି।
-ବ୍ରହ୍ମାନନ୍ଦ ସ୍ୱାମୀ



**ସଂକ୍ଷେପରେ**

## ମଦ୍ୟପାନ କରି ଗାଡି ଚାଳନା, ଡ୍ରାଇଭର ଗିରଫ

**ଲେଫ୍ରିପଡା,୧୬।୧୦(ଡି.ଏନ.ଏ)** ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ସୁର୍ଗୁଡାଛକ ଠାରେ ବୁଧବାର ଲେଫ୍ରିପଡା ପୋଲିସ, ଏମ୍‌ଭିଆଇ ମିଳିତ ଭାବେ ଗାଡ଼ିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଜଣେ ଯୁବକ ମଦ୍ୟପାନ କରି ବାଇକ୍ ଚଳାଇଯାଉଥିଲେ। ଏହି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ଅଭିଯୁକ୍ତ ଜଣକ ସେହି ଲେଫ୍ରିପଡା ଥାନା ଅଧିନସ୍ଥ ଚଉଁରାମହୁଲ ଗ୍ରାମର ଲୁକେଶ ବାଗ୍(୧୯)। ସୂଚନା ଅନୁଯାୟୀ ଯୁବକ ଜଣକ ମଦପିଇ ଗାଡି ଚଳାଉଥିବା ସମୟରେ ପୋଲିସ ତାଙ୍କୁ ଧରିଥିଲା। ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କ ବାଇକ୍ (ଓଡି-୧୬ଏଫ୍-୩୮୦୨) ଜବତ୍ କରି ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏମ୍‌ଭିଆଇ ଯାଞ୍ଚରେ ଲେଫ୍ରିପଡା ଥାନା ଅଧିକାରୀ କାଶୀନାଥ ବାରିକ,ଏଏସ୍‌ଆଇ ଜୟନ୍ତ ପଟେଲ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ।

■ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଅର୍ଥନୀତିର ପ୍ରତିବାଦ

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ଗଣଧାରଣା

ସୁନ୍ଦରଗଡ଼, ୧୬।୧୦ (ଡି.ଏନ୍.ଏ)

କେନ୍ଦ୍ର ସରକାରଙ୍କ ଭୂଲ ଏବଂ ବିପଦଜନକ ଅର୍ଥନୀତି ଯୋଗୁ ଦେଶ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଛ। କେନ୍ଦ୍ର ସରକାରଙ୍କ ଏହି ଜନବିରୋଧୀ ଅର୍ଥ ନୀତି ବିରୁଦ୍ଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ, ଜିଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ପୁରବୀ ନାଏକ, ରାଜେନ୍ଦ୍ର ନାଏକ, ସୁନୀଲ ନାଏକ, ଶୁକଦେବ ପ୍ରଧାନ, ଯଶୋଦା ରୋହିଦାସ, ଅନିମା ପଟେଲ, ଯଶୋଦା ଷଣ୍ଡ, କମଲ ଷଣ୍ଡ, ଦେବାନନ୍ଦ ବାଦଲ, ଦେଓକରଣ ବାଗ୍, କବିତା ଦାସ, ମାଧବ ରୋହିଦାସ, ଶୋଭାକର ମାଝି, ବଂଶୀଧର କଉଡି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଭୂଲ ଅର୍ଥନୀତି ଯୋଗୁ ଦେଶର ବିଭିନ୍ନ କ୍ଷେତ୍ରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ କରିଥିଲେ।




ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ଧାରଣା ଦିଆଯାଇଛି।

ଦେଶର କୃଷି ଓ କୃଷକ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଥିବା ବେଳେ ଦେଶର ଶିଳ୍ପ କ୍ଷେତ୍ରରେ ମଧ୍ୟ ପ୍ରବଳ କ୍ଷତି ହୋଇଛି। ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି । କ୍ଷୁଦ୍ର, ଲଘୁ ଓ ମଧ୍ୟମ ଶିଳ୍ପ ସବୁ ବନ୍ଦ ହୋଇ ଯାଉଥିବାରୁ ଦେଶର ଲକ୍ଷଲକ୍ଷ ଯୁବକ ବେକାର ହେଉଛନ୍ତି। ଏଣୁ ତୁରନ୍ତ କେନ୍ଦ୍ର ସରକାରଙ୍କ ପୁଞ୍ଜିପତି ପୋଷଣ ଅର୍ଥନୀତି ବନ୍ଦ କରିବାକୁ ଏହି ନେତୃବୃନ୍ଦ ଦାବି କରିଥିଲେ। ଶ୍ରମିକମାନଙ୍କୁ ମାସିକ ସର୍ବନିମ୍ନ ମଜୁରି ୧୮ହଜାର ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ସହ ମାସିକ ୩ହଜାର ଟଙ୍କା ଭତ୍ତା, ବେକାର ଯୁବତୀ, ଯୁବକଙ୍କ ମାସିକ ୫ହଜାର ଟଙ୍କା ଭତ୍ତା, ଧାନଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩ହଜାର ଟଙ୍କା ସହ ପେନସନ୍ ବ୍ୟବସ୍ଥା, ବିସ୍ଥାପନ ସମସ୍ୟାର ସ୍ଥାୟୀ ସମାଧାନ, ନୂତନ ଜମିଅଧିଗ୍ରହଣ ଆଇନ୍ -୨୦୧୩ କାର୍ଯ୍ୟକାରୀ କରିବା, ଜଙ୍ଗଲ ଅଧିକାର ଆଇନ୍ -୨୦୦୬ ଅନୁସାରେ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଶିରୋନାମା ପ୍ରଦାନ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିପକ୍ଷରୁ ଦାବିକରାଯାଇଥିଲା।

## ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ବଡଗାଁ, ୧୬।୧୦ (ଡି.ଏନ.ଏ)

ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ବଡଗାଁ ବ୍ଲକ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ବିଜେଡିର ଜିଲା ପର୍ଯ୍ୟବେକ୍ଷକ ପ୍ରିତିରଞ୍ଜନ ଘଡେଇ ଉଦ୍‌ଘାଟନ କଲା ପରେ ରକ୍ତ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି କର୍ମୀ, ଛାତ୍ର ଓ ଅଞ୍ଚଳର ଯୁବକମାନେ ରକ୍ତଦାନ କରିଥିଲେ। ମୋଟ ୯୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୁନ୍ଦରଗଡ ଡାକ୍ତରଖାନାର ବ୍ଲଡ ବ୍ୟାଙ୍କ କର୍ମଚାରୀ ରଶ୍ମିତ କୁମାର ପ୍ରଧାନ, ସୁବ୍ରତ ପଟ୍ଟନାୟକ, ଦୁଷ୍ମନ୍ତ ପଟେଲ, ବିଜୟ ରକ୍ସା ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ସୁନ୍ଦରଗଡ ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ବଡଗାଁ ବ୍ଲକ ବିଜେଡି ସଭାପତି ତୁଳାରାମ ହୋତା, ତଳସରା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ଉତ୍କଳ ମହାପାତ୍ର, ଓକିଲ ଦେବାଶିଷ ମିଶ୍ର, ଧରଣୀଧର ସା, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ରାଜୁ ଦାସ, ଆଲୋକ ପଟ୍ଟନାୟକ, ଭୋଳାନାଥ ଦାସ, ଏମଡି ଜ୍ୟାଉଲହକ୍ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ବିଜେଡି କର୍ମୀମାନଙ୍କ ସହିତ ଅଧ୍ୟକ୍ଷ ଟପ୍ପୋ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ ।



ରକ୍ତ ସଂଗ୍ରହ କରାଯାଉଛି।

## ବନାଞ୍ଚଳର ସୁରକ୍ଷା ବନକର୍ମଚାରୀଙ୍କ ଦାୟିତ୍ୱ

**ବିଶ୍ରା, ୧୬।୧୦ (ଡି.ଏନ.ଏ):** ରାଉରକେଲା ବନ ମଣ୍ଡଳ ଅଧିନସ୍ଥ ବିଶ୍ରା ବନାଞ୍ଚଳ ଅଧିକାରୀ ଭାବରେ ନୂତନ ଅଧିକାରିଣୀ ମାଣିକେଶ୍ୱରୀ ହାଂସଦା ଯୋଗଦାନ କରିଥିବାରୁ ତାଙ୍କୁ ବନାଞ୍ଚଳ ପକ୍ଷରୁ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ମନୋଜ କୁମାର ତିଗ୍ଗା ଓ ସମସ୍ତ ବନପାଳ, ବନରକ୍ଷୀ ସ୍କ୍ୱାର୍ଡ ମିଶି ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ମନୋଜ କୁମାର ତିଗ୍ଗାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ନୂତନ ଭାବରେ ଯୋଗଦାନ କରିଥିବା ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦା ଯୋଗଦେଇ ବିଶ୍ରା ବନାଞ୍ଚଳ ଏକ ବନାଞ୍ଚଳ । ଏହାର ଆଖପାଖରେ ଝାଡଖଣ୍ଡ ସୀମାନ୍ତକୁ ଲାଗି ରହିଛି । ବନାଞ୍ଚଳର ସୁରକ୍ଷା ପ୍ରତି ଜନସାଧାରଣଙ୍କ ସହଯୋଗରେ ବନ କର୍ମଚାରୀ କର୍ତ୍ତବ୍ୟ ନିଷ୍ଠା ଭାବରେ ଦାୟୀତ୍ୱ ନିର୍ବାହ କରି ପାରିଲେ ବନାଞ୍ଚଳର ସୁରକ୍ଷା ହେବା ସହ ନୂତନ ଜଙ୍ଗଲ ସୃଷ୍ଟି ହୋଇପାରିବ, ଏଥିପ୍ରତି ସମସ୍ତ ବନ କର୍ମଚାରୀଙ୍କ ଦାୟୀତ୍ୱ ବୋଲି କହିଥିଲେ । ଏହି ଅବସରରେ ଭାରପ୍ରାପ୍ତ ଡେପୁଟି ବନାଞ୍ଚଳ ଅଧିକାରୀ ମନୋଜ କୁମାର ତିଗ୍ଗା ସମସ୍ତ ଦାୟୀତ୍ୱ ଗୁଡିକ ନୂତନ ଅଧିକାରୀ ହାଂସଦାଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ବିଶ୍ରା ସେକ୍ସନ ବନପାଳ ଯଦୁନାଥ ସେଠ, ମନୋଜ କୁମାର ସାହୁ, ପ୍ରଦୀପ କୁମାର ନନ୍ଦ, ପରିବେଶବିତ ବଟକୃଷ୍ଣ ସ୍ୱାଇଁ, ଗାର୍ଡ ବାସୁମତୀ ମିଞ୍ଜ, ଅର୍ଣ୍ଣପୂର୍ଣ୍ଣା ଭୋଇ, କିଶୋର କୁମାର ଦିକ୍ଷିତ, ବିଶ୍ୱଜିତ ପଣ୍ଡା, ରଜତ ମହାନ୍ତି, ଜେଜେ ତିର୍କୀ ସମେତ ସମସ୍ତ କମଚାରୀ, ଡିଇଓ ପ୍ରିୟଦର୍ଶନୀ ମହାନନ୍ଦିଆ, କ୍ଷୀତିଭୂଷଣ ପ୍ରଧାନ ସ୍ୱାଗତ କରିଥିବା ବେଳେ ସ୍କ୍ୱାର୍ଡ ପକ୍ଷରୁ ପ୍ରଭୁ ସଏ, ସଞ୍ଜୟ ସିଂ, ଡିଲେଶ୍ୱର ଲାକ୍ରା, ଶୁକ୍ରା ଓରାମ, ବିଶ୍ୱନାଥ ଓରାମ, ବୁଦ୍ଧେଶ୍ୱର ସିଂ, ବିପିନ ମୁଣ୍ଡା ସମସ୍ତ ସ୍କ୍ୱାର୍ଡ ସ୍ୱାଗତ କରିଥିଲେ ।

**ଜଣକୁ ଜାତି ପ୍ରମାଣପତ୍ର ପ୍ରଦାନ ବେଳେ ଅନ୍ୟକୁ ମନା**

## ତହସିଲ କାର୍ଯ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

**କୁତ୍ରା, ୧୬।୧୦ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲରେ ଆଇନକୁ ଅଣଦେଖା କରି ଇଚ୍ଛା ମୁତାବକ କାମ କରାଯାଉଥିବା ଅଭିଯୋଗ ହେଉଛି। କୁତ୍ରା ତହସିଲ ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ସରଳ ଆଦିବାସୀଙ୍କୁ ନାନାମତେ ହଇରାଣ କରାଯାଉଥିବା ଜଣାପଡିଛି। ତହସିଲରେ ମନଇଛା କାମ କରାଯାଉଥିବା ଅଭିଯୋଗ କରି ଜଣେ ବ୍ୟକ୍ତି ପ୍ରକାଶ କରିଛନ୍ତି ଯେ, ସେ କିଛି ଦିନ ପୂର୍ବେ ଏକ ଜମି ବିକ୍ରି କରିବା ପାଇଁ ରାଜଗାଙ୍ଗପୁର ତହସିଲଦାରଙ୍କଠାରେ ଆବେଦନ କରିଥିଲେ । ତାଙ୍କ ଆବେଦନକୁ ନେଇ କୁତ୍ରା ତହସିଲରେ ଏକ ଲ୍ୟାଣ୍ଡ ହୋଲ୍ଡିଂ ସାର୍ଟିଫିକେଟ ପାଇଁ ଆବେଦନ କରି ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ଓ କୃଷିନାମା ମୁତାବକ ତାଙ୍କ ନାମରେ ୬ ଏକରରୁ ଅଧିକ ଜମିଥିବା ନେଇ ପୂର୍ବତନ ତହସିଲଦାର ଏକ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ପ୍ରମାଣପତ୍ର ଆଧାରରେ ଉକ୍ତ ବ୍ୟକ୍ତି ନିଜ ଜମିକୁ ବିକ୍ରି କରି ରେଜିଷ୍ଟ୍ରି କରିଥିଲେ । ପରେ ପଟ୍ଟା ପାଇଁ କୁତ୍ରା ତହସିଲଦାରଙ୍କ ପାଖରେ ଆବେଦନ କରିଥିଲେ। ହେଲେ ବର୍ତ୍ତମାନର ତହସିଲଦାର ଏହି କେସର ଫାଇଲକୁ ଧାର୍ଯ୍ୟ ସମୟରୁ ଅଧିକ ଦିନ ରଖିବା ପରେ କେସଟିକୁ ପାସ କରିବା ବଦଳରେ ଡ୍ରପ କରି ଦେଇଥିଲେ। ଅଭିଯୋଗ ପରେ କୁତ୍ରା ଖବରଦାତା ତହସିଲଦାରଙ୍କୁ ଲ୍ୟାଣ୍ଡ ହୋଲ୍ଡିଂ ପ୍ରମାଣପତ୍ର ବଳରେ ଉକ୍ତ ଜମି ବିକ୍ରି ହୋଇଥିବା ବେଳେ ଉକ୍ତ ଲ୍ୟାଣ୍ଡ ହୋଲ୍ଡିଂ ସାର୍ଟିଫିକେଟକୁ ମଞ୍ଜୁରୀ ଦେଲେ ନାହିଁ। କେଉଁ କାରଣରୁ ଅଧିକ ଦିନ ଫାଇଲକୁ ନିଜ ପାଖରେ ରଖିଥିଲେ ବୋଲି ପଚାରିବାରୁ ତହସିଲଦାର କମ ଜମିଥିବା କଥା କହି କଥାକୁ ଏଡାଇ ଦେବା ପାଇଁ ଚେଷ୍ଟା କରିଥିଲେ। ହେଲେ କମ ଜମିଥିବା ବେଳେ କେମିତି ଲ୍ୟାଣ୍ଡ ହୋଲ୍ଡିଂ ସାର୍ଟିଫିକେଟ ଦିଆଗଲା ବୋଲି ପଚାରିବାରୁ ସେ ସେହି ସମୟରେ କାର୍ଯ୍ୟରତ ତହସିଲଦାରଙ୍କ ଉପରେ ଦୋଷ ଲଦି ଦେଇଥିଲେ। ଖବରଦାତା ଏହି କେସ ବିଷୟରେ ଜାଣିବା ପାଇଁ ମ୍ୟୁଟେସନ ଦାୟୀତ୍ୱରେ ଥିବା କିରାଣୀଙ୍କୁ ପଚାରିବାରୁ ଫାଇଲ ୧୫ ଦିନ ହେବ ମିଳୁ ନ ଥିବା କିରାଣୀ ଜଣକ ପ୍ରକାଶ କରିଥିଲେ । କୁତ୍ରା ତହସିଲରେ ଏହି କେସ ପ୍ରଥମ ନୁହେଁ, ବହୁ ସଂଖ୍ୟାରେ ମ୍ୟୁଟେସନ କେସ ଗୁଡିକୁ ଡ୍ରପ କରି ଦିଆଯାଉଥିବାରୁ ଜମି କିଣାବିକା କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏବାବଦରେ ତହସିଲର ଜଣେ କର୍ମଚାରୀଙ୍କୁ ପଚାରିବାରୁ ଅତିରିକ୍ତ ତହସିଲଦାରଙ୍କଠାରେ ସବୁ ଠିକ ଠାକ ଚାଲିଥିବା ବେଳେ ତହସିଲଦାରଙ୍କ ପାଖରେ ବହୁ ମ୍ୟୁଟେସନ କେସ୍ ଡ୍ରପ ହେଉଥିବା କଥା କହିଥିଲେ। ଏହାଛଡା ପାଉଲୁମ ସରୋନିଆ ନାମକ ଜଣେ ଭୁକ୍ତା ଲୋକ ଜାତି ପ୍ରମାଣପତ୍ର ପାଇଁ ୨୮ ଅଗଷ୍ଟ, ୨୦୧୯ରେ ଆବେଦନ କରିଥିଲେ। ତାଙ୍କୁ ପ୍ରଥମେ ଜାତି ପ୍ରମାଣପତ୍ର ଦେବା ପାଇଁ ତହସିଲ କର୍ମଚାରୀ ବାରଣ କରୁଥିଲେ। କିନ୍ତୁ ଧାର୍ଯ୍ୟ ସମୟଠାରୁ ୧୩ ଦିନ ବିଳମ୍ବରେ ଅର୍ଥାତ ୧୧ ଅକ୍ଟୋବର, ୨୦୧୯ରେ ପାଉଲୁମଙ୍କୁ ଆଦିବାସୀ ଭାବରେ ଜାତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସେହି ଭୁକ୍ତା ଜାତିର ଶ୍ୟାମ ସୁନ୍ଦର କୁଅଁରଦାର ତାଙ୍କ ଝିଅ ଜ୍ୟୋସ୍ନା କୁଅଁରଦାରଙ୍କ ପାଇଁ ଆଦିବାସୀ ଜାତି ପ୍ରମାଣପତ୍ର ପାଇଁ ୨୫ ସେପ୍ଟେମ୍ବର, ୨୦୧୯ରେ କୁତ୍ରା ତହସିଲରେ ଆବେଦନ କରିଥିଲେ। ତାଙ୍କୁ ଆଦିବାସୀ ଭାବେ ପ୍ରମାଣପତ୍ର ଦିଆଯିବା ପାଇଁ ତହସିଲ କର୍ମଚାରୀ ମନା କରିଥିବା ଶ୍ୟାମସୁନ୍ଦର ପ୍ରକାଶ କରିଛନ୍ତି । ଭୁକ୍ତା ଜାତି ପାଇଁ ଜଣଙ୍କୁ ୧୧ ଅକ୍ଟୋବର, ୨୦୧୯ରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଜଣକୁ ମନା କରାଯିବା ତହସିଲ ଅଧିକାରୀଙ୍କ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଏବାବଦରେ ତଦନ୍ତ ପରେ ଏହି କେସଟି ତହସିଲଦାରଙ୍କ ପାଖରେ ପେଣ୍ଡିଂ ଅବସ୍ଥାରେ ଥିବା ଜଣାପଡିଥିଲା । ଏଭଳି କୁତ୍ରା ତହସିଲରେ ମ୍ୟୁଟେସନଠୁ ନେଇ ଜାତିପ୍ରମାଣ ପତ୍ର ପ୍ରଦାନ ଭଳି ବିଭିନ୍ନ କାର୍ଯ୍ୟ ପାଇଁ ସାଧାରଣ ଜନତାଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗ କରିବାକୁ ପଡୁଛି । ଏହି ତହସିଲରେ ନିୟମକୁ ଅଣଦେଖା କରି କେଉଁ କାରଣରୁ ଇଚ୍ଛା ମୁତାବକ କାର୍ଯ୍ୟ କରାଯାଉଛି ତାହା ତଦନ୍ତ ସାପେକ୍ଷ ।

## ବଡଗାଁ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା

ବଡଗାଁ, ୧୬।୧୦ (ଡି.ଏନ.ଏ)

ବଡଗାଁ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ବଡଗାଁ ଦେବ ମଣ୍ଡପଠାରେ ପଣ୍ଡିତ ଆରୁଣୀ ନାୟକଙ୍କ ଦ୍ୱାରା ପୂଜାକାର୍ଯ୍ୟ ହୋଇଥିଲା ବେଳେ ଶରତ ସାହୁ କର୍ତ୍ତା ହୋଇଥିଲେ। ପୂଜା ଉପଲକ୍ଷେ ସୋମବାର ହାସ୍ୟରସାତ୍ମକ ନାଟକ 'ଭାଲୁଗଡର ଅବୁଝା ରାଜା' ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ମଙ୍ଗଳବାର ରାତିରେ ହାସ୍ୟ ଅଭିନେତା ଯୋଗେଶ ଯୋଯୋ ଓ ବେଣୁଙ୍କ ଦ୍ୱାରା କମେଡି ପରିବେଷଣ କରାଯାଇଥିଲା। ସେହିପରି ସାହାଜବାହାଲ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ହର୍ଷ ଉଲ୍ଲାସରେ ପାଳିତ ହୋଇଛି। ପୂଜାରେ ସ୍ୱପ୍ନେଶ୍ୱର ନାୟକ ପୂଜକ ଓ ହରିହର ଗିରି କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। ପୂଜା ଅବସରରେ ୧୪ ତାରିଖ 'ନବୀନ ବାବୁଙ୍କ ଚଉଠି କେବେ' ନାଟକ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ୧୫ ତାରିଖ ବୁଗିବୁଗି ନୃତ୍ୟ ଛୋଟ ପିଲାମାନେ ପରିବେଷଣ କରିଥିଲେ। ଏଥିରେ ସାଂସଦ ପ୍ରତିନିଧି ବସନ୍ତ ସାହୁ ଓ ସରପଞ୍ଚ ବିକ୍ରମ ଟପ୍ପୋ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରୁନଗାଁ ପଞ୍ଚାୟତ ରେଙ୍ଗାଲମାଲ ଗ୍ରାମରେ ସ୍ଥାନୀୟ ମା' ଲକ୍ଷ୍ମୀ ୟୁଥ କ୍ଲବ ପକ୍ଷରୁ ପୂଜା ହୋଇଥିଲା । ଏହି ଅବସରରେ ସମ୍ବଲପୁରର ବୁଲୁ ମହାନ୍ତି ଓ ବରଗଡର ଗୌରବ ନର୍ଦ୍ଦୀଙ୍କ ମଧ୍ୟରେ ତୁମୁଳ ବୈଠକି କିର୍ତ୍ତନ ହୋଇଥିଲା। ୧୪ ତାରିଖ ଛୋଟ ପିଲାଙ୍କ ଡ୍ୟାନ୍ସ ଧମକା ହୋଇଥିଲା । ସୀମା କମାର, ଜନନୀ ଆପଟ, ଅଙ୍କିତା ଏବଂ ବେବି ସେଠୀ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇଥିଲା। ପୂଜାରେ ବିଷ୍ଣୁ ଧର ବାରିକ ଓ ତାଙ୍କ ପତ୍ନୀ ମିଥିଳା କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। କ୍ଲବ ସଭାପତି ଜୟମଙ୍ଗଳ ବାରିକ, ୱାର୍ଡ ମେମ୍ବର ବୈକୁଣ୍ଠ ରାଉତ, ସନ୍ତୋଷ ରାଉତ, ପ୍ରଭାକର ବେହେରା, ଅଶ୍ୱିନୀ ରାଉତ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ।



ସାହାଜବାହାଲ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

## ସୁନ୍ଦରଗଡ଼ କ୍ଲବର ନୂଆଁଖାଇ ୨୦୧୯ ପତ୍ରିକା ଉନ୍ମୋଚିତ

■ ସଂସ୍କୃତିର ସମ୍ବର୍ଦ୍ଧନା ଆମର ପ୍ରାଥମିକତା ହେବା ଆବଶ୍ୟକ -ରାଜ୍ୟପାଳ

ସୁନ୍ଦରଗଡ , ୧୬।୧୦ (ଡି.ଏନ୍.ଏ)

ସୁନ୍ଦରଗଡ କ୍ଲବ ରଙ୍ଗାଢିପାର ସାଂସ୍କୃତିକ ମୁଖପତ୍ର ନୁଆଁଖାଇ -୨୦୧୯ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କରକମଳରେ ଉନ୍ମୋଚିତ ହୋଇଛି। ମଙ୍ଗଳବାର ରାଜ୍ୟପାଳ ସୁନ୍ଦରଗଡ ଗସ୍ତ ଅବସରରେ ଏହି ସାଂସ୍କୃତିକ ପତ୍ରିକାର ଶୁଭ ଉନ୍ମୋଚନ କରି ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ ଏଭଳି ଉଦ୍ୟମକୁ ପ୍ରଶଂସା କରି ସଂସ୍କୃତିର ସମ୍ବର୍ଦ୍ଧନ ଆମର ପ୍ରାଥମିକତା ହେବା ଆବଶ୍ୟକ ବୋଲି କହିଥିଲେ। ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବା ଶୁଭଙ୍କର ବୋଲି ନିଜର ଖୁସି ବ୍ୟକ୍ତ କରିଥିଲେ। ଏମ୍‌ପି, ପ୍ରତିରକ୍ଷା ସଂସଦୀୟ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏହି ଅବସରରେ କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସ୍ଥାନୀୟ ବିଧାୟିକା କୁସୁମ ଟେଟେ, ଏମ୍‌ପି ପ୍ରତିନିଧି ବଟକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି କ୍ଲବର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପତ୍ରିକାର ଶୁଭ ଉନ୍ମୋଚନ ଅବସରରେ ସୁନ୍ଦରଗଡ କ୍ଲବର କାର୍ଯ୍ୟକାରୀ ସଭାପତି ଆଶୀଷ ପଟେଲ, ଉପସଭାପତି ରୁପେଶ ପଟେଲ, ସାଧାରଣ ସମ୍ପାଦକ ଇଂ. ଅମୀୟ ପଟ୍ଟନାୟକ, ଉପଦେଷ୍ଟା ଆଡଭୋକେଟ ସ୍ନେହଲତା ପଟେଲ, ସହସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ, ସାଗର ସାହୁ, ଆଲୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସୁନ୍ଦରଗଡ କ୍ଲବର ସାଂସ୍କୃତିକ ମୁଖପତ୍ର ନୁଆଁଖାଇର ଉନ୍ମୋଚନ ଅବସରରେ ରାଜ୍ୟପାଳଙ୍କ ସହିତ କ୍ଲବର କର୍ମକର୍ତ୍ତା।

**ଫଟୋରେ ଖବର**









ବୁଧବାର ସୁନ୍ଦରଗଡ଼ ଜିଲା ଲହୁଣୀପଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ପାଠାଗାର, ପ୍ରେକ୍ଷାଳୟ ଓ ପାଚେରୀ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ରାଜ୍ୟପାଳ ଗଣେଶୀ ଲାଲ ଓ ଅନ୍ୟମାନେ।(ବାମ) କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ରାଜ୍ୟପାଳ ଏବଂ ଏମପି(ମଝି) ସୁନ୍ଦରଗଡ଼ ସଦର ବ୍ଲକ କିରେଇ କୃଷିବିଜ୍ଞାନ କେନ୍ଦ୍ରଠାରେ କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥି।